# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୩/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, July 23/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 239 | ମୂଲ୍ୟ₹୭/-




**ଗ୍ୟାଙ୍ଗଷ୍ଟର ଭୂମିକାରେ ମୋନା**

ଅଭିନେତ୍ରୀ ମୋନା ସିଂଙ୍କୁ 'ହାପି ପଟେଲ ଖତରନାକ୍ ଜାସୁସ୍' ଫିଲ୍ମରେ ଗ୍ୟାଙ୍ଗଷ୍ଟର ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

୦୨

୧୪

**ଶ୍ରୀଜେସ୍‌ଙ୍କ ଅବସର ସୂଚନା**

ପ୍ୟାରିସ ଅଲିମ୍ପିକ୍ସ ପରେ ଅବସର ନେବେ ବୋଲି ସୂଚନା ଦେଇଛନ୍ତି ଭାରତୀୟ ପୁରୁଷ ହକି ଦଳର ଭେଟେରାନ ଗୋଲକିପର ପି.ଆର୍. ଶ୍ରୀଜେସ୍।



# ଜିଡିପି ଅଭିବୃଦ୍ଧି ୬.୫ରୁ ୭% ରହିବ

## ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ

ନୂଆଦିଲ୍ଲୀ,୨୨।୭(ପି.ଟି.)

ପାର୍ଲାମେଣ୍ଟରେ ମୋଦି ୩.୦ ସରକାରଙ୍କ ପ୍ରଥମ ବଜେଟ ଉପସ୍ଥାପନର ଦିନକ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ୨୦୨୩-୨୪ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ରୁ ୭ ପ୍ରତିଶତ ରହିବ ବୋଲି ଏଥିରେ ଆକଳନ କରାଯାଇଛି। ପୂର୍ବ ଆର୍ଥିକ ବର୍ଷରେ ଅଭିବୃଦ୍ଧି ଆକଳନ ୮.୨ ପ୍ରତିଶତ ରହିଥିଲା। ତେବେ ବିଭିନ୍ନ ବୈଶ୍ୱିକ ଚ୍ୟାଲେଞ୍ଜ ଭାରତର ରପ୍ତାନିକୁ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ୨୦୨୪-୨୫ରେ ଅଭିବୃଦ୍ଧି ହ୍ରାସ ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭.୨ ପ୍ରତିଶତ ରହିବ ବୋଲି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପୂର୍ବରୁ ଆକଳନ କରିଥିବାବେଳେ ଆଇଏମ୍ଏଫ୍ ଏବଂ ଏଡିବି ଭଳି ସଂସ୍ଥା ୭ ପ୍ରତିଶତ ଆକଳନ କରିଥିଲେ।

ଗତ ୬ ବର୍ଷରେ ଶ୍ରମ ବଜାର ସୂଚକାଙ୍କରେ ଉନ୍ନତି ଦେଖାଦେଇଛି। ଆବର୍ତ୍ତି ଶ୍ରମଶକ୍ତି ସର୍ଭେ (ପିଏଲ୍ଏଫ୍ଏସ୍) ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ବେରୋଜଗାରି ହାର ୩.୨ ପ୍ରତିଶତକୁ ହ୍ରାସ ପାଇଛି। ତଥ୍ୟ ଅନୁଯାୟୀ ଯୁବବର୍ଗଙ୍କ ମଧ୍ୟରେ ବେରୋଜଗାରି ୨୦୧୭-୧୮ରେ ୧୭.୮ ପ୍ରତିଶତ ରହିଥିବାବେଳେ ୨୦୨୨-୨୩ରେ ଏହା ୧୦ ପ୍ରତିଶତକୁ ହ୍ରାସ ପାଇଥିଲା। ଗତ ୬ ବର୍ଷ ମଧ୍ୟରେ ମହିଳା ଶ୍ରମଶକ୍ତି ଭାଗୀଦାରିତା ହାର ବୃଦ୍ଧି ପାଇଛି। ବିଶେଷକରି କୃଷିକ୍ଷେତ୍ରରେ ସେମାନଙ୍କ ଯୋଗଦାନ ବଢ଼ିଛି। ଯୁବବର୍ଗଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଦେବାକୁ ହେଲେ ଅଣକୃଷି କ୍ଷେତ୍ରରେ ୨୦୩୦ ପର୍ଯ୍ୟନ୍ତ ବାର୍ଷିକ ୭.୮୫ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଆବଶ୍ୟକ ବୋଲି ସର୍ଭେରେ କୁହାଯାଇଛି।

କୃଷି ସେକ୍ଟରରେ ଜରୁରୀ ସଂସ୍କାର ଅଣାଯିବାକୁ ସର୍ଭେ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ସଂରଚନାତ୍ମକ ପ୍ରସଙ୍ଗ ଦେଶର ମୋଟାମୋଟି ଆର୍ଥିକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିପାରେ ବୋଲି ଏଥିରେ ସତର୍କ କରିଦିଆଯାଇଛି। କୃଷି ସେକ୍ଟରକୁ ନେଇ ଦେଶବ୍ୟାପୀ ଆଲୋଚନା ପାଇଁ ମୁଖ୍ୟ ଅର୍ଥନୈତିକ ☞ପୃଷ୍ଠା-୪





# ଏଏସ୍‌ଓଙ୍କୁ ମାଡ଼: ଗୃହରେ ହଙ୍ଗାମା

## ରାଜ୍ୟପାଳଙ୍କ ଅଭିଭାଷଣକୁ ବର୍ଜନ କଲେ ବିରୋଧୀ



ଭୁବନେଶ୍ୱର,୨୨।୭
(ଅନିଲ ଦାସ)

ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ ଦାସ ଗତ ୭ ତାରିଖରେ ପୁରୀରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ବୈକୁଣ୍ଠନାଥ ପ୍ରଧାନଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ସୋମବାର ବିଧାନସଭା ହୁଲସ୍ଥୁଲ୍ ହୋଇଛି। ଏହାକୁ ନେଇ

### ରାଜ୍ୟ ସରକାର ଆଇନ ଅନୁଯାୟୀ କାର୍ଯ୍ୟ କରନ୍ତୁ: ନବୀନ

ଉଭୟ ବିଜେଡି ଓ କଂଗ୍ରେସ ବିଧାନସଭାରେ ପ୍ରବଳ ହଙ୍ଗାମା କରିବା ସହ ରାଜ୍ୟପାଳଙ୍କ ଅଭିଭାଷଣକୁ ବର୍ଜନ କରିଛନ୍ତି।

### କାର୍ଯ୍ୟାନୁଷ୍ଠାନ ନ ହେବା ଯାଏ ଆନ୍ଦୋଳନ ଚାଲିବ: ତାରା ପ୍ରସାଦ

ବିରୋଧୀ ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ଆଇନ ଶଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ସରକାର ତୁରନ୍ତ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି।

ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାରର ସୋମବାର ଥିଲା ବିଧାନସଭାର ପ୍ରଥମ ଅଧିବେଶନର ପ୍ରଥମ ଦିନ। ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳ ରଘୁବର ଦାସଙ୍କ ଅଭିଭାଷଣରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟପାଳ ହିନ୍ଦୀରେ ଅଭିଭାଷଣ ରଖିବା କ୍ଷଣି କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଗୃହର ମଧ୍ୟଭାଗକୁ ☞ପୃଷ୍ଠା-୪

## ତଦନ୍ତ ପାଇଁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି: ହରିଚନ୍ଦନ

ଭୁବନେଶ୍ୱର, ୨୨।୭
(ସୁନିତ୍ ମିଶ୍ର)

ବିଧାନସଭାରେ ସୋମବାର ରାଜ୍ୟପାଳ ରଘୁବର ଦାସ ଅଭିଭାଷଣ ଆରମ୍ଭ କରିବାବେଳେ ଉଭୟ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି। ଜଣେ ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ନେଇ ଆସିଥିବା ଅଭିଯୋଗ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ



ଆଇନ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟପାଳ ଉପସ୍ଥାପନା କରିଥିବା ଅଭିଭାଷଣରେ ନୂତନ ସରକାରଙ୍କ ☞ପୃଷ୍ଠା-୪

## ଆଜି କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୨୨।୭

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲୋକ ସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ଏହା ନିର୍ମଳାଙ୍କର କ୍ରମାଗତ ସପ୍ତମ ବଜେଟ ହୋଇଥିବାବେଳେ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରର ପ୍ରଥମ ବଜେଟ। ଏନ୍‌ଡିଏ ସରକାରଙ୍କ ବିକଶିତ ଭାରତ ସ୍ୱପ୍ନକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ ବଜେଟରେ ଅର୍ଥନୀତିର ବିଭିନ୍ନ କ୍ଷେତ୍ରକୁ ପ୍ରାଧାନ୍ୟ ଦେଇପାରନ୍ତି। ବିଶେଷ କରି ଆୟକର ଛାଡ଼ ଏବଂ ଷ୍ଟାଣ୍ଡାର୍ଡ ଡିଡକ୍ସନ ସୀମା ବଢ଼ାଇବା ଲାଗି ସେ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ରିଏଲ୍ ଇଷ୍ଟେଟ୍ ସେକ୍ଟର ମଧ୍ୟ ବଜେଟରୁ ଟିକସ ରିହାତି ପାଇବା ପାଇଁ ଆଶା ରଖିଛି।

# ଶାବଳରେ ଭୁସି ସ୍ତ୍ରୀ, ଶାଶୁଙ୍କୁ ହତ୍ୟା

## ଦେଢ଼ବର୍ଷର ଶିଶୁଙ୍କୁ ନେଇ ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

ରେଢାଖୋଲ, ୨୨।୭
(ଅଚ୍ୟୁତାନନ୍ଦ ପୁରୋହିତ)

ଘରୋଇ କଳିର ପରିଣାମ କେତେ ଭୟଙ୍କର ହୋଇପାରେ ତାହା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ରେଢାଖୋଲ ଏନଏସିର ୫ନମ୍ବର ୱାର୍ଡ ପୋଡାବଲଣ୍ଡାରେ। ମାନସିକ ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଓ ଶାଶୁଙ୍କୁ ଶାବଳରେ ଭୁସି ହତ୍ୟା କରିଛନ୍ତି ଜଣେ ଯୁବକ। ହତ୍ୟା କରିବା ପରେ ଅଭିଯୁକ୍ତ ମିଥୁନ ସାହୁ(୨୫) ଦେଢବର୍ଷର ଶିଶୁପୁତ୍ରକୁ ଧରି ସୋମବାର ରେଢାଖୋଲ ଥାନାରେ ଆତ୍ମସମର୍ପଣ କରିବା ପରେ ଘଟଣା ସାମ୍ନାକୁ ଆସିଛି। ମୃତା ହେଲେ ଅଭିଯୁକ୍ତ ମିଥୁନଙ୍କ ସ୍ତ୍ରୀ ଗାୟତ୍ରୀ ସାହୁ(୨୨) ଓ ଶାଶୁ ରୁକ୍ମିଣୀ ସାହୁ (୫୦)। ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରୁଛି। ପୋଲିସ ସୂଚନାମତେ, ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଜାମୁଡାଲି ଗ୍ରାମର ମିଥୁନ ରେଢାଖୋଲ ସହର ପୋଡାବଲଣ୍ଡା ଗ୍ରାମର ଗାୟତ୍ରୀଙ୍କୁ ୩ବର୍ଷ ତଳେ ବିବାହ କରିଥିଲେ। ବିବାହ ପରେ ସେ ବାହାର ରାଜ୍ୟକୁ କାମ କରିବାକୁ ଯାଉଥିଲେ ଓ ମଝିରେ ମଝିରେ ଆସୁଥିଲେ। ତେବେ ଘର ଚଳାଇବା ପାଇଁ ଟଙ୍କା ଦେଉ ନ ଥିବା ଯୋଗୁ କଳହ ଲାଗି ରହୁଥିଲା। ଏପରିକି ମିଥୁନଙ୍କୁ ନିଜ ଗାଁରେ ଥିବା ଜମିବାଡି ବିକ୍ରିକରି ପୋଡାବଲଣ୍ଡାରେ ରହିବାକୁ ଶାଶୁ ଓ ସ୍ତ୍ରୀ ବାଧ୍ୟ କରୁଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ସମୟରେ ମାନସିକ ନିର୍ଯାତନା ଦେଉଥିବା ମିଥୁନ ଥାନାରେ ପ୍ରକାଶ କରିଛନ୍ତି। ରବିବାର ରାତିରେ ଏ ଘଟଣାକୁ ନେଇ ଘରେ ବଚସା ହୋଇଥିଲା। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ପୁଣି ସେହି ଘଟଣାକୁ ନେଇ ତାଙ୍କର ସ୍ତ୍ରୀ ଓ ଶାଶୁଙ୍କ ସହ ପାଟିତୁଣ୍ଡ ହୋଇଥିଲା। ରାଗରେ ଘରେ ଥିବା ଏକ ଶାବଳରେ ଭୁସି ଶାଶୁ ଓ ସ୍ତ୍ରୀଙ୍କୁ ମାରିଦେଇଥିଲେ। ପରେ ପୁଅକୁ ଧରି ଥାନାରେ ଆତ୍ମସମର୍ପଣ କରିବା ଅବସରରେ ମିଥୁନ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି। ଘଟଣା ସମ୍ପର୍କରେ ମୃତା ଗାୟତ୍ରୀଙ୍କ ସମ୍ପର୍କୀୟ କାକା ବୀରବର ସାହୁ ଅଭିଯୋଗ କରିବା ପରେ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଜବତ କରିଛି। ମୃତଦେହ ଜବତ କରି ରେଢାଖୋଲ ଡାକ୍ତରଖାନାରେ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି।

## ସରୋଜ ପ୍ରଧାନ ସରକାରୀ ଦଳ ମୁଖ୍ୟ ସଚେତକ

### ଗୋବିନ୍ଦ ଚନ୍ଦ୍ର ଦାସ ଉପମୁଖ୍ୟ ସଚେତକ ନିଯୁକ୍ତ



ସରୋଜ ପ୍ରଧାନ



ଗୋବିନ୍ଦ ଚନ୍ଦ୍ର ଦାସ

ଭୁବନେଶ୍ୱର, ୨୨।୭(ସୁନିତ୍ ମିଶ୍ର)

ସପ୍ତଦଶ ବିଧାନସଭା ଅଧିବେଶନର ସୋମବାର ପ୍ରଥମ ଦିନ କାର୍ଯ୍ୟକାଳ ସରିବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନଙ୍କୁ ନିଯୁକ୍ତ କରାଯାଇଥିବା ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ସରକାରୀ ଦଳ ଉପମୁଖ୍ୟସଚେତକ ଭାବେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ନିଯୁକ୍ତ କରାଯାଇଥିବା ସଂସଦୀୟ ବ୍ୟାପର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି।

**ଆଜିର ସମ୍ପାଦକୀୟ**

ନାମ ନୁହେଁ ମାନ

# ଖାଦ୍ୟ ପାଇଁ ସୈନ୍ୟଙ୍କୁ ଦେହଦାନ କରୁଛନ୍ତି ସୁଦାନ ମହିଳା

ନୂଆଦିଲ୍ଲୀ,୨୨।୭

ଯୁଦ୍ଧ କ୍ଷତିଗ୍ରସ୍ତ ସୁଦାନର ଜନସାଧାରଣ ଉତ୍କଟ ଖାଦ୍ୟାଭାବର ସମ୍ମୁଖୀନ ହୋଇଛନ୍ତି। ସେଠାର ମହିଳାମାନେ ପରିବାର ସଦସ୍ୟଙ୍କୁ ଖାଦ୍ୟ ଯୋଗାଇବାକୁ ଯାଇ ସୈନ୍ୟମାନଙ୍କୁ ଦେହଦାନ କରିବାକୁ ବାଧ୍ୟ ହେଉଥିବା ଏକ ରିପୋର୍ଟ ବିଦେଶୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ବହୁସଂଖ୍ୟାରେ ମହିଳା ସେମାନଙ୍କ ଦୁଃଖ କାହାଣୀ ବଖାଣିଛନ୍ତି। ସୁଦାନର ଓମଡୁରମାନ ସହର ଛାଡ଼ି ପଳାଇଆସିଥିବା କେତେଜଣ ମହିଳାଙ୍କ କହିବା ଅନୁଯାୟୀ, ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇବା ପାଇଁ ସେମାନଙ୍କ ନିମନ୍ତେ ଏକମାତ୍ର ଉପାୟ ହେଲା ସୈନ୍ୟମାନଙ୍କ ସହ ଯୌନ ସମ୍ପର୍କ ରକ୍ଷା କରିବା। ଖାଦ୍ୟ ଗଚ୍ଛିତ ଥିବା ଫ୍ୟାକ୍ଟ୍ରିଗୁଡ଼ିକରେ ଉକ୍ତ ମହିଳାଙ୍କୁ ସୈନ୍ୟମାନେ ଯୌନ ଉତ୍ପୀଡ଼ନ ଦେଇଥାନ୍ତି। ଗତବର୍ଷ ଏପ୍ରିଲ ୧୫ରେ ସୁଦାନରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ମହିଳାମାନେ ଖାଦ୍ୟ ପାଇଁ ଦେହ ବ୍ୟବସାୟ କରିବା ଆରମ୍ଭ କରିଥିଲେ। ସୁଦାନ ଯୁଦ୍ଧରେ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ କୋଟିଏରୁ ଊର୍ଦ୍ଧ୍ୱ ବିସ୍ଥାପିତ ହୋଇଛନ୍ତି। ରହିଯାଇଥିବା ଲୋକମାନେ ଘୋର ଦୁର୍ଭିକ୍ଷ ମଧ୍ୟରେ କାଳାତିପାତ କରୁଛନ୍ତି।






# ପ୍ରଶ୍ନପତ୍ର ଲିକ୍‌କୁ ନେଇ ଶିକ୍ଷାମନ୍ତ୍ରୀଙ୍କୁ ରାହୁଲଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୨୨।୭(ପି.ଟି.)

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରୁ ବିରୋଧୀ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୃହରେ ଏହି ପ୍ରସଙ୍ଗ ଉଠାଇବା ସହ ଏହା ଦେଶର ଶିକ୍ଷା ବ୍ୟବସ୍ଥାରେ ଅତ୍ୟନ୍ତ ଗମ୍ଭୀର ସମସ୍ୟା ବୋଲି କହିଥିଲେ। ଏହି ତ୍ରୁଟି ପାଇଁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜକୁ ଦୋଷ ନ ଦେଇ ଅନ୍ୟମାନଙ୍କ ଉପରେ ଦୋଷ ଲଦିବାକୁ କଂଗ୍ରେସ ନେତା ସମାଲୋଚନା କରିଛନ୍ତି। ତେବେ ଗତ ୭ ବର୍ଷ ମଧ୍ୟରେ ପ୍ରଶ୍ନପତ୍ର ଲିକ୍‌ର କୌଣସି ପ୍ରମାଣ ନ ଥିବା ଶିକ୍ଷାମନ୍ତ୍ରୀ କହିବାରୁ ଗୃହରେ ଉତ୍ତେଜନା ଦେଖାଦେଇଥିଲା। ବିରୋଧୀମାନେ ସରକାରଙ୍କୁ ଘେରିବା ବେଳେ ସବୁ ପରୀକ୍ଷା ଉପରେ ପ୍ରଶ୍ନ ଉଠାଇବା ଠିକ୍ ନୁହେଁ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥା ବିକଶିତ କରିବାର ଆବଶ୍ୟକତା ଉପରେ ସଦସ୍ୟମାନେ ଆଲୋଚନା କରିବା ଉଚିତ ବୋଲି ସେ କହିଥିଲେ।

ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିରେ ପ୍ରଶ୍ନପତ୍ର ଲିକ୍ ସମେତ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା।


ରାହୁଲ ଗାନ୍ଧୀ


ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହାର ତଦନ୍ତ ଚଳାଇଥିବାବେଳେ ୬ଟି ଏତଲା ଦାଏର କରିଛି। କେବଳ ଏନ୍‌ଇଇଟି ନୁହେଁ, ସମସ୍ତ ବଡ଼ ପରୀକ୍ଷାରେ ଅନିୟମିତତା ଦେଖାଦେଇଛି। ଶିକ୍ଷା ବ୍ୟବସ୍ଥାରେ ଏହା ସବୁଠୁ ବଡ଼ ସମସ୍ୟା ବୋଲି ରାହୁଲ କହିଥିଲେ। ଦେଶର ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଏନେଇ ଚିନ୍ତିତ। ଯଦି ଆପଣ ଧନୀ ଏବଂ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ଅଛି, ତେବେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ କିଣିପାରିବେ ବୋଲି କଂଗ୍ରେସ ନେତା କହିଥିଲେ। ବ୍ୟବସ୍ଥାଗତ ସମସ୍ୟାକୁ ରୋକିବାରେ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ରାହୁଲ ଶିକ୍ଷାମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଧର୍ମେନ୍ଦ୍ର କହିଥିଲେ, ଶିକ୍ଷା ବ୍ୟବସ୍ଥାକୁ ବେକାର ବୋଲି ବର୍ଣ୍ଣନା କରାଯିବା ଦୁର୍ଭାଗ୍ୟଜନକ।

ଗତ ୭ ବର୍ଷରେ ୭୦ ପ୍ରଶ୍ନପତ୍ର ଲିକ୍ ହୋଇଛି ବୋଲି କଂଗ୍ରେସ ସଦସ୍ୟ ମନିକମ୍ ଟାଗୋର ଅଭିଯୋଗ କରିବା ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ତେବେ ପ୍ରଶ୍ନପତ୍ର ଲିକ୍‌ର କୌଣସି ପ୍ରମାଣ ନ ଥିବା ଶିକ୍ଷାମନ୍ତ୍ରୀ କହିଥିଲେ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସ୍ଥାପନ ହେବା ଦିନରୁ ୨୪୦ରୁ ଅଧିକ ପରୀକ୍ଷା ପରିଚାଳନା କଲାଣି। ଏହି ପରୀକ୍ଷା ପାଇଁ ୫ କୋଟିରୁ ଊର୍ଦ୍ଧ୍ୱ ପିଲା ଆବେଦନ କରିଥିବାବେଳେ ୪.୫ କୋଟିରୁ ଅଧିକ ପରୀକ୍ଷା ଦେଇଛନ୍ତି। ଧର୍ମେନ୍ଦ୍ର କହିଥିଲେ, ଉତ୍ତରଦାୟିତ୍ୱ ଆସିଲେ, ସରକାର ମିଳିତ ଭାବେ ତାହାର ଜବାବ ରଖିଥାନ୍ତି। ପରୀକ୍ଷା ଅନିୟମିତତାକୁ ନେଇ ଯେଉଁ ଅଭିଯୋଗ ଉଠୁଛି, ସେଥିରେ ଆମେ କିଛି ଲୁଚାଉ ନାହୁଁ, ସବୁକିଛି ରେକର୍ଡରେ ରହିଛି ବୋଲି ଧର୍ମେନ୍ଦ୍ର କହିଥିଲେ। ଯଦି ଦେଶର ପରୀକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠୁଛି, ତେବେ ଏହା ଉପରେ ଗଠନମୂଳକ ଆଲୋଚନା ହେବା ଆବଶ୍ୟକ ବୋଲି ବାଚସ୍ପତି କହିଥିଲେ। ସିବିଆଇ ମାମଲାର ତଦନ୍ତ କରୁଛି ଏବଂ ସୁପ୍ରିମକୋର୍ଟରେ ଏହା ବିଚାରାଧୀନ ରହିଛି। ତେଣୁ ସବୁ ପରୀକ୍ଷା ଉପରେ ପ୍ରଶ୍ନ ନ ଉଠାଇ କିପରି ପରୀକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ, ତାହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ବାଚସ୍ପତି କହିଥିଲେ।

## ଏନ୍‌ଇଇଟି ପରୀକ୍ଷାରେ ଗୋଟିଏ ପ୍ରଶ୍ନକୁ ୨ ଉତ୍ତର

### ଆଇଆଇଟି ପ୍ୟାନେଲକୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଶ୍ନର ଦୁଇଟି ଠିକ୍ ଉତ୍ତର ରହିଥିବାରୁ ଏହା ଉପରେ ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ମତାମତ ଜଣାଇବାକୁ ସୁପ୍ରିମକୋର୍ଟ ଆଇଆଇଟି ଦିଲ୍ଲୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ବିଶେଷଜ୍ଞ କମିଟି ଦ୍ୱାରା ଏହାର ଅନୁଧ୍ୟାନ କରାଇବାକୁ କୁହାଯାଇଛି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସୋମବାର ଏନ୍‌ଇଇଟି-ୟୁଜି ଅନିୟମିତତା ସମ୍ପର୍କିତ ପିଟିଶନଗୁଡ଼ିକର ଶୁଣାଣି କରିବା ଅବସରରେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ୭୧୧ ନମ୍ବର ରଖିଥିବା ଜଣେ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଗୋଟିଏ ପ୍ରଶ୍ନର ୨ଟି ଠିକ୍ ଉତ୍ତର ରହିଥିବା ପ୍ରଶ୍ନପତ୍ରକୁ ଚ୍ୟାଲେଞ୍ଜ କରାଯାଇଥିଲା। ସେ ଦର୍ଶାଇଛନ୍ତି, ସଂଶୋଧିତ ଏନ୍‌ସିଇଆର୍‌ଟି ସଂସ୍କରଣ ଅନୁଯାୟୀ ପ୍ରଶ୍ନର ୪ ନମ୍ବରରେ ରହିଥିବା ଉତ୍ତର ଠିକ୍। କିନ୍ତୁ ଯେଉଁମାନେ ଅପ୍‌ସନ ୨କୁ ବାଛିଛନ୍ତି, ଏନ୍‌ସିଇଆର୍‌ଟି ପୂର୍ବ ସଂସ୍କରଣ ଅନୁଯାୟୀ ତାହା ଠିକ୍ ଉତ୍ତର ହୋଇଥିବାରୁ ସେମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି। ଆବେଦନକାରୀ କହିଛନ୍ତି, ବିଯୁକ୍ତ ମାର୍କ ଭୟରେ ସେ ଉକ୍ତ ପ୍ରଶ୍ନର ଉତ୍ତର ଦେଇ ନ ଥିଲେ। ତେବେ ଯେଉଁମାନେ ୨ କିମ୍ବା ୪ ଅପ୍‌ସନରୁ ଗୋଟିଏକୁ ବାଛିଛନ୍ତି, ସେମାନଙ୍କୁ ପୂରା ନମ୍ବର ଦିଆଯାଇଛି। ମୁଖ୍ୟ ବିଚାରପତି ଏନେଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିବାରୁ ଉଭୟ ସମ୍ଭାବ୍ୟ ଉତ୍ତର ହୋଇଥିବାରୁ ପୂରା ନମ୍ବର ଦିଆଯାଇଥିବା ସେ କହିଥିଲେ। ଅପ୍‌ସନ ୨କୁ ମାର୍କ ଦେଇ ଏନ୍‌ଟିଏ କର୍ତ୍ତୃପକ୍ଷ ନିଜ ନିୟମର ଉଲ୍ଲଂଘନ କରିଥିବା ସିଜେଆଇ କହିବା ସହ ଏହା ଉପରେ ଆଇଆଇଟି ପ୍ୟାନେଲର ମତାମତ ଲୋଡ଼ିଥିଲେ।

## ବିହାରକୁ ସ୍ୱତନ୍ତ୍ର ପାହ୍ୟା ଦାବିକୁ କେନ୍ଦ୍ରର ଅଗ୍ରାହ୍ୟ

ନୂଆଦିଲ୍ଲୀ,୨୨।୭(ପି.ଟି.)

ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପାଇଁ ଜେଡିୟୁର ଦାବିକୁ କେନ୍ଦ୍ର ସରକାର ସୋମବାର ଅଗ୍ରାହ୍ୟ କରିଦେଇଛନ୍ତି। ରବିବାର ସର୍ବଦଳୀୟ ବୈଠକରେ ଭାଜପା ସହଯୋଗୀ ଜେଡିୟୁ ଉପରୋକ୍ତ ଦାବିକୁ ଦୋହରାଇଥିଲା। ବର୍ତ୍ତମାନ ସ୍ଥିତିରେ କୌଣସି ନୂଆ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ ନାହିଁ। ଭାରତୀୟ ସମ୍ବିଧାନ ଏହାକୁ ଗ୍ରହଣ କରେନାହିଁ ବୋଲି କେନ୍ଦ୍ର ସରକାର ଲୋକ ସଭାକୁ ଜଣାଇଛନ୍ତି। ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଲୋକ ସଭାରେ ଲିଖିତ ଉତ୍ତର ରଖି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ କହିଥିଲେ, ପୂର୍ବରୁ ରାଷ୍ଟ୍ରୀୟ ଉନ୍ନୟନ ପରିଷଦ (ଏନ୍‌ଡିସି) କେତେକ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରଦାନ କରିଥିଲା। ପାର୍ବତ୍ୟାଞ୍ଚଳ ତଥା ଦୁର୍ଗମ ଅଞ୍ଚଳ, ସ୍ୱଳ୍ପ ଜନସଂଖ୍ୟା ବା ଆଦିବାସୀ ଜନସଂଖ୍ୟା ଭାଗ ଅଧିକ ହୋଇଥିଲେ। ସୀମାନ୍ତ ରାଜ୍ୟ, ଆର୍ଥିକ ଏବଂ ଭିତ୍ତିଭୂମି ଦୃଷ୍ଟିରୁ ପଛୁଆ ଆଦି ବିଭିନ୍ନ କାରଣକୁ ବିଚାରକୁ ନିଆଯାଇ ଏହି ମାନ୍ୟତା ଦିଆଯାଉଥିଲା ବୋଲି ଜେଡିୟୁ ସଦସ୍ୟ ରାମପ୍ରୀତ ମଣ୍ଡଳଙ୍କ ପ୍ରଶ୍ନର ଜବାବରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଥିଲେ। ପୂର୍ବରୁ ବିହାର ସରକାରଙ୍କ ଏହି ଅନୁରାଧ ଆନ୍ତଃମନ୍ତ୍ରଣାଳୟ ଗ୍ରୁପ୍ ୨୦୧୨ ମାର୍ଚ୍ଚରେ ବିଚାରକୁ ନେଇଥିଲେ। କିନ୍ତୁ ଉକ୍ତ ପ୍ରସ୍ତାବ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଆବଶ୍ୟକ ଏନ୍‌ଡିସି ମାନଦଣ୍ଡ ପୂରଣ କରୁ ନ ଥିବା ଜଣାପଡ଼ିଥିଲା। ସେତେବେଳେ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଥିଲା। ଜେଡିୟୁ ନେତା ସଞ୍ଜୟ ଝାଙ୍କ ସମେତ ଭାଜପା ସହଯୋଗୀ ଏଲ୍‌ଜେପି(ରାମବିଳାସ) ଏବଂ ବିରୋଧୀ ଆର୍‌ଜେଡି ମଧ୍ୟ ସର୍ବଦଳୀୟ ବୈଠକରେ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିଥିଲେ। ବିହାରର ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦାବି ପୂରଣ କରାଯିବ ବୋଲି ମେଣ୍ଟ ଗଠନ ବେଳେ ଏନ୍‌ଡିଏ ସରକାର ପ୍ରତିଶ୍ରୁତି ଦେଇଥିବା କଥା ଜେଡିୟୁ ସ୍ମରଣ କରାଇଦେଇଛି।

## ସାଇନ୍‌ବୋର୍ଡରେ ନାମ ଲେଖିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟଙ୍କ ରୋକ

ନୂଆଦିଲ୍ଲୀ,୨୨।୭(ପି.ଟି.)

ବୋଲ୍‌ବମ୍ ଶ୍ରଦ୍ଧାଳୁମାନେ ଯିବାକୁ ଥିବା ମାର୍ଗରେ ସମସ୍ତ ଖାଦ୍ୟ ବିକ୍ରେତାଙ୍କୁ ସାଇନ୍‌ବୋର୍ଡରେ ସେମାନଙ୍କ ନାଁ ଲେଖିବା ପାଇଁ ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ସରକାର ଦେଇଥିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ସୋମବାର ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ମଧ୍ୟପ୍ରଦେଶର ଉଜ୍ଜୟିନୀ ମ୍ୟୁନିସିପାଲିଟି ପକ୍ଷରୁ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଧର୍ମୀୟ ପକ୍ଷପାତିତା ବଢ଼ାଇବା ଉଦ୍ଦେଶ୍ୟରେ ଭାଜପା ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ବିରୋଧୀ ଅଭିଯୋଗ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ୩ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଖାଦ୍ୟ ପରିବେଷଣ କରୁଥିବା ହୋଟେଲ, ଢାବାଗୁଡ଼ିକ ସାଇନ୍ ବୋର୍ଡରେ ନିରାମିଷ କି ଆମିଷ ଖାଦ୍ୟ ତାହା ଲେଖିବା ଆବଶ୍ୟକ ହୋଇପାରେ, ମାଲିକ ଓ କର୍ମଚାରୀମାନଙ୍କ ନାଁ ଲେଖିବା ନୁହେଁ ବୋଲି ଜଷ୍ଟିସ୍ ହୃଷୀକେଶ ରାୟ ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କ ଖଣ୍ଡପୀଠ କହିଛନ୍ତି। ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳାଭିଷେକ ପାଇଁ ଗଙ୍ଗାନଦୀରୁ ପବିତ୍ର ଜଳ ନେଇ ବହୁସଂଖ୍ୟାରେ କାଉଡ଼ିଆ ବିଭିନ୍ନ ଶିବମନ୍ଦିରକୁ ଯାଇଥାନ୍ତି। ତେବେ ଖାଦ୍ୟ ବିକ୍ରେତାମାନେ ସାଇନ୍‌ବୋର୍ଡରେ ନାଁ ଓ ଠିକଣା ଲେଖିବା ପାଇଁ ୟୁପି ଏବଂ ଉତ୍ତରାଖଣ୍ଡ ସରକାର ନିର୍ଦ୍ଦେଶ ଦେବା ପରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଏଭଳି ନିର୍ଦ୍ଦେଶନାମା ସାମ୍ପ୍ରଦାୟିକ ଏବଂ ବିଭେଦ ସୃଷ୍ଟିକାରୀ ବୋଲି ବିରୋଧୀ ଅଭିଯୋଗ କରିଥିଲେ।

ସୁପ୍ରିମକୋର୍ଟଙ୍କ ରହିତାଦେଶ ପରେ ହୋଟେଲ ଏବଂ ଢାବାଗୁଡ଼ିକ ନୂଆ ନେମ୍‌ପ୍ଲେଟ୍‌ରେ ଏଣିକି 'ସଦ୍ଭାବର ବିଜୟ' ଲେଖିବା ଆବଶ୍ୟକ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ମୁଖ୍ୟମନ୍ତ୍ରୀମାନଙ୍କୁ ସେମାନଙ୍କ ରାଜଧର୍ମ ସମ୍ପର୍କରେ ସଚେତନ କରାଇବା ଆଶା କରୁଛୁ ବୋଲି କଂଗ୍ରେସ କହିଛି। ଦୋକାନୀମାନଙ୍କୁ ସାଇନ୍‌ବୋର୍ଡରେ ନାଁ ଲେଖିବାକୁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଅସାମ୍ବିଧାନିକ। ସମସ୍ତ ବିରୋଧୀ ଦଳ ଏହାର ପ୍ରତିବାଦ କରନ୍ତି ବୋଲି କଂଗ୍ରେସ ମିଡିଆ ସେଲ୍ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି।

## ସୁରଜ ରେଭନ୍ନାଙ୍କୁ ଜାମିନ

ନୂଆଦିଲ୍ଲୀ, ୨୨।୭

ଜଣେ ପୁରୁଷଙ୍କୁ ଯୌନ ନିର୍ଯାତନା ଦେବା ମାମଲାରେ ଧର୍ମନିରପେକ୍ଷ ଜନତା ଦଳ(ଜେଡିଏସ୍) ଏମ୍‌ଏଲ୍‌ସି ସୁରଜ ରେଭନ୍ନାଙ୍କୁ ସୋମବାର ବେଙ୍ଗାଲୁରୁର ପିପୁଲ୍ସ ରିପ୍ରେଜେଣ୍ଟେଟିଭ୍ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପାସ୍‌ପୋର୍ଟ ଆତ୍ମସମର୍ପଣ, ବିନା ଅନୁମତିରେ ରାଜ୍ୟ ବାହାରକୁ ଗସ୍ତ, ତଦନ୍ତ ଅଧିକାରୀଙ୍କୁ ସହଯୋଗ ଆଦି ଅନେକ ସର୍ତ୍ତ ସହ ତାଙ୍କୁ ଜାମିନ ମିଳିଛି। ମାମଲାରେ ଅଭିଯୋଗକାରୀ ଏବଂ ସାକ୍ଷୀଙ୍କୁ ଧମକାଇପାରିବେ ନାହିଁ ବୋଲି ବେଙ୍ଗାଲୁରୁର ଏହି ସ୍ୱତନ୍ତ୍ର କୋର୍ଟ ସୁରଜଙ୍କ ନିକଟରେ ସର୍ତ୍ତ ରଖିଛନ୍ତି।


ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ କାଉଡ଼ିଆମାନେ ହରିଦ୍ୱାରଠାରେ ଗଙ୍ଗା ନଦୀରୁ ପାଣି ଉଠାଇ ଶିବମନ୍ଦିର ଅଭିମୁଖେ ଯାଉଛନ୍ତି।

## ହାସିନା ସରକାରଙ୍କୁ ୪୮ ଘଣ୍ଟିଆ ମହଲତ ଦେଲେ ବିକ୍ଷୋଭକାରୀ

ଢାକା, ୨୨।୭

ବାଂଲାଦେଶରେ କର୍ଫ୍ୟୁ ଜାରି ରହିଥିବାବେଳେ ବିକ୍ଷୋଭକାରୀ ଛାତ୍ର ସଙ୍ଗଠନ ସେମାନଙ୍କର ନୂତନ ଦାବି ପୂରଣ ନେଇ ସରକାରଙ୍କୁ ୪୮ ଘଣ୍ଟିଆ ମହଲତ ଦେଇଛନ୍ତି।

ରବିବାର ବାଂଲାଦେଶ ସୁପ୍ରିମକୋର୍ଟ ସରକାରୀ ନିଯୁକ୍ତି କ୍ଷେତ୍ରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଦିଆଯାଉଥିବା ବିବାଦୀୟ କୋଟାକୁ ୫%କୁ କମାଇ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ରାୟକୁ ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟକାରୀ କରିବା ଓ ଗିରଫ ବିକ୍ଷୋଭକାରୀ ଛାତ୍ରଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ସଙ୍ଗଠନ ଦାବି କରିଛି।

# ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ସରକାରୀ କର୍ମଚାରୀ

ନୂଆଦିଲ୍ଲୀ, ୨୨।୭

- ୫୮ ବର୍ଷର ପୁରୁଣା ପ୍ରତିବନ୍ଧକ ହଟାଇଲେ କେନ୍ଦ୍ର ସରକାର
- କଂଗ୍ରେସର ବିରୋଧ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ବିଭିନ୍ନ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀମାନେ ଭାଗ ନେଇପାରିବା ନେଇ ରହିଥିବା ୫୮ ବର୍ଷର ପୁରୁଣା ପ୍ରତିବନ୍ଧକକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି। ଫଳରେ ଆର୍‌ଏସ୍‌ଏସ୍ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମରେ ଏବେ ସରକାରୀ କର୍ମଚାରୀମାନେ ସାମିଲ ହୋଇପାରିବେ। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତିକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମଗୁଡ଼ିକରେ ସରକାରୀ କର୍ମଚାରୀଙ୍କୁ ବାରଣ ନେଇ ୧୯୬୬ରେ ନିଆଯାଇଥିବା ପୁରୁଣା ନିଷ୍ପତ୍ତି ଠିକ୍ ଥିବା ନେଇ ସୋମବାର କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ଆର୍‌ଏସ୍‌ଏସ୍ କେବେ ମଧ୍ୟ ନିଜ ନାଗପୁରସ୍ଥିତ କାର୍ଯ୍ୟାଳୟରେ ତ୍ରିରଙ୍ଗା ଉଡ଼ାଇ ନ ଥିବା ଜୟରାମ ଅଭିଯୋଗ କରିଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ୬ ବର୍ଷର ସରକାର ସମୟରେ ମଧ୍ୟ ଏହି ପ୍ରତିବନ୍ଧକ ଉଠାଯାଇ ନ ଥିଲା। ଲୋକ ସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆରଏସ୍‌ଏସ୍ ଅଧ୍ୟକ୍ଷ ମୋହନ ଭାଗବତଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିବାରୁ କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଇଥିବା ଜୟରାମ ନିଜ ଏକ୍ସ' ହ୍ୟାଣ୍ଡେଲରେ କହିଛନ୍ତି। ତେବେ ୫୮ ବର୍ଷର ଏହି ପୁରୁଣା ପ୍ରତିବନ୍ଧକ ଅଣସାମ୍ବିଧାନିକ ହୋଇଥିବାବେଳେ ଏହାକୁ ହଟାଇବା ନେଇ ନିଆଯାଇଥିବା ନିଷ୍ପତ୍ତିକୁ ଯଥାର୍ଥ କହିଛନ୍ତି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ। ୧୯୬୬ ବେଳକୁ ଆର୍‌ଏସ୍‌ଏସ୍ ଓ ଭାରତୀୟ ଜନସଂଘର ଲୋକପ୍ରିୟତା ବୃଦ୍ଧି ପାଉଥିବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭୟଭୀତ ହୋଇ ଆର୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀଙ୍କ ଯୋଗଦାନ ଉପରେ ପ୍ରତିବନ୍ଧକ ଲଗାଇଥିବା ମାଲବ୍ୟ କହିଛନ୍ତି।

# ରାଷ୍ଟ୍ରପତି ଦୌଡ଼ରୁ ବାଇଡେନ୍ ଓହରିଲେ

ୱାଶିଂଟନ,୨୨।୭

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର ହ୍ୱାଇଟ୍ ହାଉସ୍ ଦୌଡ଼ରୁ ଓହରିଯାଇଥିବାରୁ ବିଶ୍ୱ ନେତାମାନେ ତାଙ୍କୁ ପ୍ରଶଂସା କରିଛନ୍ତି। ଆମେରିକା ଓ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ବାଇଡେନ୍ ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥିତ୍ୱରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିବା ଜଣାଇଥିଲେ। ରାଷ୍ଟ୍ରକୁ ଭଲ ପାଉଥିବା ବାଇଡେନ୍ ମହାନ ବ୍ୟକ୍ତି ବୋଲି ବିଶ୍ୱନେତାମାନେ କହିବା ସହ ତାଙ୍କର ବଳିଷ୍ଠ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟିରୁ ବାଇଡେନ୍ ଲଢ଼ିବେ ନାହିଁ ବୋଲି ରବିବାର ରାତିରେ ଘୋଷଣା କରିଥିଲେ। ଏଥିସହ ସେ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ଶାସକ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସମର୍ଥନ ଜଣାଇଥିଲେ। ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆମେରିକା ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇଛନ୍ତି। ଆମେରିକାବାସୀଙ୍କ ଭଲ ପାଇଁ ବାଇଡେନ୍ ଏଭଳି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ସହ ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ଏକାଠି


ଜୋ ବାଇଡେନ୍

### ବିଶ୍ୱ ନେତାଙ୍କ ପ୍ରଶଂସା

କାର୍ଯ୍ୟ କରିବେ ବୋଲି ଷ୍ଟାର୍ମର କହିଛନ୍ତି। ସେହିପରି ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ ଏକ୍ସ'ରେ ଲେଖିଛନ୍ତି, ବାଇଡେନ୍ ଆମେରିକାକୁ ବହୁତ ଭଲ ପାଆନ୍ତି ଏବଂ ଏହାର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ସେହିପରି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିସ୍ ବାଇଡେନ୍‌ଙ୍କ ନେତୃତ୍ୱ ଏବଂ ସେବା ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ମଧ୍ୟ ଦୁଇଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ପାଇଁ ବାଇଡେନ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି।

ସୂଚନାଯୋଗ୍ୟ, ଦ୍ୱିତୀୟ ପାଳି ରାଷ୍ଟ୍ରପତି ରହିବାକୁ ଆଗ୍ରହୀ ଥିବା ବାଇଡେନ୍ ସ୍ୱାସ୍ଥ୍ୟଗତ ଅସୁବିଧା ଓ ମତିଭ୍ରମ ଯୋଗୁ ବାରମ୍ବାର ଭୁଲ୍ କଥା କହୁଥିବା ନେଇ ସମାଲୋଚିତ ହୋଇଥିଲେ। ଜୁନ୍ ୨୭ରେ ଅନୁଷ୍ଠିତ ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ୍ ବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଅନେକ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ମୁହଁତୋଡ଼ ଜବାବ ଦେଇଥିଲେ। ୮୧ ବର୍ଷୀୟ ବାଇଡେନ୍ ଟ୍ରମ୍ପଙ୍କ ମୁକାବିଲା କରି ନ ପାରି ଅନେକ ଦୁର୍ବଳ ମନ୍ତବ୍ୟ ଦେଇଥିବା ଦେଖିବାକୁ ମିଳିଥିଲା। ବାରମ୍ବାର ଭୁଲ୍ କରୁଥିବା ବାଇଡେନ୍ ୮୫ ବର୍ଷରେ ଉପନୀତ ହେବା ପରେ ଆମେରିକାକୁ କିପରି ଚଳାଇବେ ବୋଲି ଟ୍ରମ୍ପ ପ୍ରଶ୍ନ କରିଥିଲେ। ଏହିସବୁ ବିଷୟକୁ ନେଇ ଡେମୋକ୍ରାଟିକ୍ ପାର୍ଟିରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ପାଇଁ ବାଇଡେନ୍‌ଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ଶେଷରେ ସେ ପ୍ରବଳ ଚାପ ଆଗରେ ମୁଣ୍ଡ ନୁଆଁଇ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଥିଲେ।

ଫୁର୍‌ସତ୍

# ସାଂସ୍କୃତିକ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରେ

## ଜାତୀୟ ପ୍ରସାରଣ ଦିବସ

ପ୍ରତିବର୍ଷ ଜୁଲାଇ ୨୩ରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଇଥାଏ। ୧୯୨୭ରେ ବମ୍ବେ (ମୁମ୍ବାଇ)ଷ୍ଟେଶନରୁ ପ୍ରସାରିତ ପ୍ରଥମ ରେଡିଓ ପ୍ରସାରଣକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଏହିଦିନ ଭାରତୀୟ ପ୍ରସାରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି। ଏହାକୁ ସ୍ମରଣୀୟ କରିବା ପାଇଁ ଜାତୀୟ ପ୍ରସାରଣ ଦିବସ ଭାବରେ ପାଳନ କରାଯାଏ।

ଜାତୀୟ ପ୍ରସାରଣ ଦିବସ ୨୦୨୪ ଲୋକଙ୍କୁ ରେଡିଓର ସମାଜ ଉପରେ ଅବିଶ୍ୱସନୀୟ ପ୍ରଭାବ ମନେପକାଇବ ଏବଂ ଭାରତର ଇତିହାସରେ ଯୋଗାଯୋଗ ଏବଂ ସାଂସ୍କୃତିକ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବାରେ




ପ୍ରସାରଣକାରୀଙ୍କ ଅବଦାନକୁ ସମ୍ମାନିତ କରିବ। ଜାତୀୟ ପ୍ରସାରଣ ଦିବସ ୨୦୨୪ ଏକ ନିର୍ଦ୍ଦିଷ୍ଟ ଥିମ୍ ପାଳନ କରେ ନାହିଁ ଏବଂ ଏହା ପ୍ରତିବର୍ଷ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଥିମ୍ ଅନୁସରଣ କରେ ନାହିଁ । ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଏହା ସମୃଦ୍ଧ ଇତିହାସକୁ ପାଳନ କରିଥାଏ ଏବଂ ଭାରତରେ ରେଡିଓ ପ୍ରସାରଣର ସ୍ଥାୟୀ ଗୁରୁତ୍ୱକୁ ଚିହ୍ନିତ କରିଥାଏ।

ପ୍ରସାରଣ ଚ୍ୟାନେଲ ଏବଂ ରେଡିଓ ଷ୍ଟେଶନଗୁଡିକ ସାଧାରଣତଃ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି ଏବଂ ରେଡିଓର ବିବର୍ତ୍ତନ ଏବଂ ସମାଜ ଉପରେ ଏହାର ପ୍ରଭାବ ଉପରେ ଧ୍ୟାନ ଦେଇଥାଏ।

ଗଣମାଧ୍ୟମ ଏବଂ ଯୋଗାଯୋଗ ଅଧ୍ୟୟନରେ ପ୍ରସାରଣର ଭୂମିକା ଉପରେ ଅନେକ ଶିକ୍ଷାନୁଷ୍ଠାନ ମଧ୍ୟ ସେମିନାର ଏବଂ କର୍ମଶାଳା ଆୟୋଜନ କରନ୍ତି। ପ୍ରସାରଣକାରୀ ଏବଂ ଶ୍ରୋତାମାନେ ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସୂଚନା, ମନୋରଞ୍ଜନ ଏବଂ ଏକୀକରଣ କରିବାରେ ରେଡିଓର କ୍ଷମତା ଦ୍ୱାରା ଗୌରବମୟ ବନ୍ଧନକୁ ପାଳନ କରିବା ପାଇଁ ସ୍ମୃତି ଏବଂ କାହାଣୀଗୁଡିକ ଶେୟାର କରନ୍ତି।

ଜୁଲାଇ ୨୩ରେ ପାଳନ କରାଯାଉଥିବା ଜାତୀୟ ପ୍ରସାରଣ ଦିବସ, ଭାରତରେ ରେଡିଓ ପ୍ରସାରଣର ଆରମ୍ଭ । ଏହି ଦିନର ଇତିହାସ ୧୯୨୭ରୁ ଆରମ୍ଭ ହୋଇଥିଲା ଯେତେବେଳେ ଭାରତୀୟ ବ୍ରଡ୍‌କାଷ୍ଟିଂ କମ୍ପାନୀ (ଆଇବିସି) ବମ୍ବେ (ମୁମ୍ବାଇ)ଷ୍ଟେଶନରୁ ଏହାର ପ୍ରଥମ ଅଫିସିଆଲ ପ୍ରସାରଣ କରିଥିଲା। ଏହି ପ୍ରାରମ୍ଭିକ ପ୍ରସାରଣ ଦେଶରେ ଯୋଗାଯୋଗର ମାଧ୍ୟମ ହେବା ପାଇଁ ଏକ ମୂଳଦୁଆ ସୃଷ୍ଟି କଲା।

## ଗ୍ୟାଙ୍ଗଷ୍ଟର ଭୂମିକାରେ ମୋନା

ମୁମ୍ବାଇ

ଅଭିନେତ୍ରୀ ମୋନା ସିଂ କେବଳ ଟିଭି ପରଦାରେ ନୁହେଁ ବରଂ ବଲିଉଡ୍‌ରେ ମଧ୍ୟ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ନିକଟରେ ତାଙ୍କୁ ଗୋଟିଏ ପରେ ଗୋଟିଏ ବଡ଼ ପ୍ରଡକ୍ସନ୍ ହାଉସ୍‌ର ଫିଲ୍ମରେ ମଧ୍ୟ କାର୍ଯ୍ୟ କରିବାକୁ ସୁଯୋଗ ମିଳିଛି। ହରର କମେଡି ଫିଲ୍ମ 'ମୁଞ୍ଜ୍ୟା'ରେ ନିଜର ଚମତ୍କାର ଅଭିନୟ ଦ୍ୱାରା ମୋନା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ଏହି ଫିଲ୍ମ ବକ୍ସ ଅଫିସରେ ୧୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରି ହିଟ୍ ସାବ୍ୟସ୍ତ ହୋଇଛି।

ମୋନାଙ୍କୁ ଆଗାମୀ ଦିନରେ ଅଭିନେତା ଆମିର୍ ଖାନ୍‌ଙ୍କ ଦ୍ୱାରା ପ୍ରଯୋଜିତ 'ହାପି ପଟେଲ ଖତରନାକ୍ ଜାସୁସ୍' ଫିଲ୍ମରେ ଦେଖିବାକୁ ମିଳିବ। ଏହି ଫିଲ୍ମ ଯୋଗେ ମୋନାଙ୍କୁ ତୃତୀୟ ଥର ପାଇଁ ଆମିର୍‌ଙ୍କ ସହ କାର୍ଯ୍ୟ କରିବାକୁ ସୁଯୋଗ ମିଳୁଛି, ଯାହାକୁ ନେଇ ସେ ବହୁତ ଉତ୍ସାହିତ ଅଛନ୍ତି। ଫିଲ୍ମ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଚଳିତ ବର୍ଷ ଦୀପାବଳି ଉପଲକ୍ଷେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ମୋନା ଜଣେ ଗ୍ୟାଙ୍ଗଷ୍ଟର ଭୂମିକାରେ ନଜର ଆସିବେ। ନିକଟରେ ଏହି ଆଡ୍‌ଭେଞ୍ଚର କମେଡି ଫିଲ୍ମରେ ମୋନାଙ୍କ ଶୁଟିଂ ଶେଷ ହୋଇଛି। 'ଜସ୍ସିଜେସିକୋଇନେହିଁ (୨୦୦୩-୨୦୦୬)' ଧାରାବାହିକରୁ ମୋନା ଛୋଟ ପରଦାରେ ନିଜ ପରିଚୟ ସୃଷ୍ଟି କରିପାରିଥିଲେ। ଏହାପରେ ସେ ଛୋଟ ପରଦାର ଅନେକ ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିବାରେ ସଫଳ ହୋଇଥିଲେ। ପରେ ସେ ବଲିଉଡ୍‌ରେ ମଧ୍ୟ କେତେକ ଫିଲ୍ମରେ ଅଭିନୟ କରି ନିଜ ଜଲ୍‌ୱା ଦେଖାଇଛନ୍ତି।





ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ଗୃହକୁ ଯାଉଛନ୍ତି ବାମରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

# ‘ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର’ ନାଁ ନ ବଦଳିବା ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୨୨।୭(ସୁନିତ୍ ମିଶ୍ର)

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ ପରିବର୍ତ୍ତନ ହେବ ନାହିଁ ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେବା ପରେ ସୋମବାର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗକୁ ଏହା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାଁରେ ହିଁ ରାଜ୍ୟରେ ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯିବା ସହିତ ପୂର୍ବ ବିଜ୍ଞପ୍ତିକୁ ରଦ୍ଦ କରିଦିଆଯାଇଛି। ପ୍ରକାଶ ଯେ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାଁ ପରିବର୍ତ୍ତନ ହୋଇ ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ ରଖାଯିବ ବୋଲି ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ଜାରି କରି କୁହାଯାଇଥିଲା। ହେଲେ ଏହାର ଦିନକ ପରେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଅବଗତ ନ ଥିବା କହିବା ସହ ନାମ ପରିବର୍ତ୍ତନ ହେବ ନାହିଁ ବୋଲି କହିବା ପରେ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ୨ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ

## ରାଜ୍ୟପାଳଙ୍କ ମୁହଁରେ ୨୦୩୬ ବିକଶିତ ଓଡ଼ିଶାର ଚିତ୍ର

- ରାଜ୍ୟରେ ୩ ହଜାର ନୂଆ ଡାକ୍ତର ନିଯୁକ୍ତ ହେବେ
- ପ୍ରଚଳନ ହେବ ରାଜ୍ୟସ୍ତରୀୟ ଶିକ୍ଷାନୀତି, ନୂଆ କ୍ରୀଡ଼ା ନୀତି
- ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି

ଭୁବନେଶ୍ୱର,୨୨।୭ (ଅନିଲ ଦାସ)

୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସ୍ୱପ୍ନ ପୂରଣ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏଥିରେ କୃଷକଙ୍କ ଉନ୍ନତି ସହିତ ଯୁବତୀଯୁବକଙ୍କୁ ରୋଜଗାର ଓ ମହିଳାଙ୍କୁ ସଶକ୍ତ କରାଯିବ। ଓଡ଼ିଶାକୁ ପୂର୍ବଭାରତର ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରାଯିବ। ବଜେଟ ଅଧିବେଶନର ସୋମବାର ପ୍ରଥମ ଦିବସରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟ ସରକାରଙ୍କ ଭିଜନକୁ ବିଧାନସଭାରେ ଏଭଳି ଢଙ୍ଗରେ ଉପସ୍ଥାପନ କରିଛନ୍ତି।

ରାଜ୍ୟପାଳ କହିଛନ୍ତି, ୨ ବର୍ଷରେ ୬୫ ହଜାର ନିଯୁକ୍ତି ସୃଷ୍ଟି କରାଯିବ। ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତିକୁ ପ୍ରୋତ୍ସାହିତ କରି ୨୦୨୯ ସୁଦ୍ଧା ରାଜ୍ୟରେ ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ। ଏଥିସହିତ ନିରପେକ୍ଷ ଓ ସ୍ୱଚ୍ଛ ଭାବରେ ଖାଲି ପଡ଼ିଥିବା ୧.୫ ଲକ୍ଷ ସରକାରୀ ନିଯୁକ୍ତି ସୁନିଶ୍ଚିତ ହେବ। ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ ପାଇଁ ରାଜ୍ୟରେ ୩ ହଜାର ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ଜିଲା ମେଡିକାଲରେ ପ୍ରସୂତି, ଶିଶୁ ରୋଗ ବିଶେଷଜ୍ଞ ନିଶ୍ଚିତ ରହିବେ। ଉପକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନାଁ ‘ଆରୋଗ୍ୟ ମନ୍ଦିର’ କରାଯିବ। ପ୍ରତି ସିଏଚ୍‌ସିକୁ ଏକ ଭ୍ରାମ୍ୟମାଣ ୟୁନିଟ୍ ସହିତ ସଂଯୋଗ କରାଯିବ। ୨୦୩୦ ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆ ମୁକ୍ତ କରାଯିବ। ଓଡ଼ିଶାରେ ଲାଗୁ କରାଯିବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଏହା ସମସ୍ତ ଯୋଗ୍ୟ ଓଡ଼ିଶାବାସୀଙ୍କ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବ। ଗର୍ଭବତୀଙ୍କ ପୁଷ୍ଟିକର ଆବଶ୍ୟକତା ପୂରଣ ପାଇଁ ଆର୍ଥିକ ସହାୟତା ମିଳିବ ବୋଲି ରାଜ୍ୟପାଳ କହିଛନ୍ତି।

କୃଷକଙ୍କୁ ସଶକ୍ତ କରିବା ପାଇଁ ପିଏମ୍ କିଷାନ ଲାଗୁ କରାଯିବ। ସମୃଦ୍ଧ କୃଷି ନୀତି ପ୍ରଚଳନ କରି କୃଷି କ୍ଷେତ୍ରରେ ପରିବର୍ତ୍ତନ ଅଣାଯିବ। ଏହି ନୀତି ଅଧୀନରେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଦିଆଯିବ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ। ବାଜରା ଜାତୀୟ ଶସ୍ୟ ଉତ୍ପାଦନ ଓ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ଜନଜାତି ବହୁଳ ଅଞ୍ଚଳରେ ଏହାକୁ ଚାଷ କରାଯିବ। ବାଜରା ପ୍ରକ୍ରିୟାକରଣ କାରଖାନା ପାଇଁ ରିହାତି ବ୍ୟବସ୍ଥା ହେବ। ସରକାରୀ କ୍ୟାଣ୍ଟିନ, ସ୍କୁଲ ଓ ବିଭିନ୍ନ ଅନୁଷ୍ଠାନରେ ବାଜରା ପ୍ରଚଳନ କରିବାକୁ ସରକାର ଯୋଜନା କରିଛନ୍ତି। କୃଷକଙ୍କ ଆୟ ବୃଦ୍ଧି ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ। ଶୀତଳଭଣ୍ଡାର ସୁବିଧା, ପ୍ରକ୍ରିୟାକରଣ ୟୁନିଟ, ଯୋଗାଣ ଶୃଙ୍ଖଳିତ ହେବ। ମଣ୍ଡିରେ ଶସ୍ୟ ଭଣ୍ଡାର, କୃଷକ ବିଶ୍ରାମ ଗୃହ ରହିବ। ବାଜରା ଜାତୀୟ ଶସ୍ୟ ଉତ୍ପାଦନ, ବ୍ୟବହାର ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବ।

ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଶିଳ୍ପ କ୍ଲଷ୍ଟର ପ୍ରତିଷ୍ଠା ସହ ଆସନ୍ତା ୨୦୨୭ ମଧ୍ୟରେ ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରର ମହିଳା କର୍ମଚାରୀମାନଙ୍କ ପାଇଁ କର୍ମଜୀବୀ ମହିଳା ହଷ୍ଟେଲ ଖୋଲାଯିବ।



ରାଜ୍ୟପାଳ ରଘୁବର ଦାସଙ୍କ ଅଭିଭାଷଣ।

ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଶିକ୍ଷକ ପ୍ରଶିକ୍ଷଣ, ଗ୍ରାମାଞ୍ଚଳରେ ଡିଜିଟାଲ ଭିତ୍ତିଭୂମି ସମ୍ପ୍ରସାରଣ ହେବ ବୋଲି ରାଜ୍ୟପାଳ କହିଛନ୍ତି। ୨୦୩୦ ସୁଦ୍ଧା ସମସ୍ତ ଅଙ୍ଗନୱାଡିକୁ ନୂତନ ପିଢ଼ିର ସକ୍ଷମ ଅଙ୍ଗନୱାଡିରେ ପରିଣତ କରାଯିବ। ରାଜ୍ୟର ୮୦୦ ସରକାରୀ ସ୍କୁଲକୁ ପିଏମ୍-ଶ୍ରୀ ସ୍କୁଲରେ ପରିଣତ କରାଯିବ। ସାମଗ୍ରିକ ଶିକ୍ଷା ସଂସ୍କାର ଦିଗରେ ଦ୍ରୁତ ଅଗ୍ରଗତି ପାଇଁ ସରକାର ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ରାଜ୍ୟସ୍ତରୀୟ ଶିକ୍ଷାନୀତି ପ୍ରଚଳନ କରିବେ। ଏନ୍‌ଇପି-୨୦୨୦ ଅନୁଯାୟୀ ଷଷ୍ଠ ଶ୍ରେଣୀରୁ କୋଡିଂ କ୍ଲାସ୍ ଆରମ୍ଭ ହେବ। ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ନୂତନ କ୍ରୀଡ଼ାନୀତି ଆଣିବେ। ୮ରୁ ୧୭ ବର୍ଷର କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ପାଇଁ କ୍ରୀଡ଼ା ଏକାଡେମୀ ନିର୍ମାଣ କରାଯିବ।

ବେଳାଭୂମି ପର୍ଯ୍ୟଟନକୁ ବଢ଼ାଇବା ପାଇଁ ସମସ୍ତ ବେଳାଭୂମିକୁ ସଂଯୋଗ କରାଯିବା ସହ ଏକ କୋଷ୍ଟାଲ ସର୍କିଟ ପ୍ରତିଷ୍ଠା ହେବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ରାଜ୍ୟ ସରକାର ଭାଷା ପ୍ରୟୋଗଶାଳା ସ୍ଥାପନ କରି ଜନଜାତି ଭାଷାର ସଂରକ୍ଷଣ ପାଇଁ କାର୍ଯ୍ୟ କରିବେ। ପ୍ରାଧନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ରାଜ୍ୟର ଗ୍ରାମାଞ୍ଚଳରେ ୧୦ ଲକ୍ଷ ଓ ସହରାଞ୍ଚଳରେ ୫ ଲକ୍ଷ ଗୃହ ନିର୍ମାଣ କରାଯିବ। ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କ କଲ୍ୟାଣ ପାଇଁ ପ୍ରମୁଖ ମେଟ୍ରୋ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସହରରେ ଓଡ଼ିଶା ଭବନ ପ୍ରତିଷ୍ଠା ହେବ। ଏଥିସହିତ ସରକାର ସମସ୍ତ ଯୋଜନାରେ ବରିଷ୍ଠ ନାଗରିକ ପ୍ରଥମ ନୀତି ଗ୍ରହଣ କରିବେ। ଏହାଦ୍ୱାରା ବୟସ୍କ ବ୍ୟକ୍ତିମାନଙ୍କୁ ସେବା ପ୍ରଦାନରେ ପ୍ରାଥମିକତା ଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

# ଝାଡ଼ାବାନ୍ତିରେ ନାବାଳକ ମୃତ, ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ



ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ଚାଲିଛି।

ଚଣ୍ଡିଖୋଲ,୨୨।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତର ତେଲିଗଡ଼ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ରବିବାର ଗ୍ରାମର ରାଜେଶ ଶୁଣ୍ଢି ନାମକ ଜଣେ ୮ବର୍ଷ ବୟସର ନାବାଳକଙ୍କ ମୃତ୍ୟୁ ହୋଇଛି। ଝାଡ଼ାବାନ୍ତି ହେବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଏହି ପଞ୍ଚାୟତ ଅନ୍ତର୍ଗତ ଓଲର ଓ ଚଣ୍ଡିତଳ ଗ୍ରାମର ରିତିକ ମଲିକ, ସୁବାସ ଶୁଣ୍ଢି, ସୁଦାମ ଶୁଣ୍ଢି, ସାଗର ଶୁଣ୍ଢି, ମଳୟ ବାରୋ ଓ ବସନ୍ତ ଦାସ ପ୍ରମୁଖ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଭର୍ତ୍ତି ହୋଇଛନ୍ତି। ୩ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଦଳ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସଚେତନ କରାଇବା ସହ ବ୍ଲିଚିଂ ପାଉଡ଼ର ସିଞ୍ଚନ କରିଛନ୍ତି। କୌଣସି ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେ ତୁରନ୍ତ ତାଙ୍କୁ ମେଡିକାଲ ନେବାକୁ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଗାଁଗାଁ ବୁଲି ଲୋକଙ୍କୁ ବୁଝାଉଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। କିଛି ଦିନ ତଳେ ଏହି ବ୍ଲକ ଅନ୍ତର୍ଗତ ନେଳିଆ ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଥିଲା।

# ବାଛୁରୀକୁ ଖାଇଲା ବାଘ

ଜଗନ୍ନାଥପ୍ରସାଦ,୨୨।୭
(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଉତ୍ତର ଘୁମୁସର ବନଖଣ୍ଡରେ ବାଘ ଆତଙ୍କ ଲାଗି ରହିଛି। ଗତ ୧୮ ତାରିଖରେ ତିରିକୁପାଠାରେ ଏକ ବାଛୁରୀକୁ ବାଘ ମାରିଦେଇଥିଲା। ବାଛୁରୀର କ୍ଷତବିକ୍ଷତ ମୃତଦେହ ଠାବ ହୋଇଥିଲା। ଏହାର ଦୁଇ ଦିନ ପରେ ରବିବାର ରାତିରେ ହଜପଲ୍ଲୀରେ ଏକ ଗାଈ କୁଆଁରରୁ ବାଛୁରୀକୁ ବାଘ ଟାଣି ନେଇଥିବା ବେଳେ ଗୋଟିଏ ଗାଈର ମଧ୍ୟ ସନ୍ଧାନ ମିଳୁ ନ ଥିବା ଗୋପାଳକ ଅଭିଯୋଗ କରିଛନ୍ତି। କୁଆଁର ନିକଟରୁ ବାଘର ପାଦଚିହ୍ନ ଓ ବାଛୁରୀକୁ ଘୋଷାଡି ନେବାର ଚିହ୍ନ ଠାବ କରାଯାଇଛି। ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାଘ କେଉଁ ଦିଗକୁ ଯାଇଛି ତଦନ୍ତ ଆରମ୍ଭ କରିଛନ୍ତି। ସପଙ୍ଗ ଗ୍ରାମର କୈଳାସ ନାୟକ ପ୍ରତିଦିନ ଭଳି ନିଜ ଗାଈଗୋଠକୁ ହଜପଲ୍ଲୀ ଜଙ୍ଗଲ ନିକଟରେ ବାନ୍ଧି ରଖିଥିଲେ। ରବିବାର ରାତିରେ ବର୍ଷା ହେବାରୁ ଗାଈଗୋଠ ପାଖକୁ ଯାଇପାରି ନ ଥିଲେ। ସୋମବାର ସକାଳେ ଯାଇ ଦେଖିବା ବେଳକୁ ଗାଈଗୁଡିକ ପଘା ଛିଡାଇ ବୁଲୁଛନ୍ତି। ଗୋଟିଏ ବାଛୁରୀ ଓ ଗୋଟିଏ ଗାଈର ପତ୍ତା ମିଳି ନ ଥିଲା। ବାଘକୁ ନେଇ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ବାଘର ଗତିବିଧି ଉପରେ ନଜର ରଖାଯିବା ସହ ରାତ୍ରି ପାଟ୍ରୋଲିଂ କଡାକଡି କରାଯାଇଛି। ଗୋପାଳକଙ୍କର ଯାହା ବି କ୍ଷତି ହୋଇଛି ନିୟମ ଅନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର ସୁଜାତା ରାଣୀ ପଣ୍ଡା କହିଛନ୍ତି।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଉଟରିଚ୍ ପକ୍ଷରୁ ନ୍ୟାଶନାଲ ବ୍ରଡକାଷ୍ଟିଙ୍ଗ ଡେ ଇଭେଣ୍ଟ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କେନ୍ଦ୍ରୀୟ ରେଡ୍‌କ୍ରସ୍ ରକ୍ତଭଣ୍ଡାର ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଇଷ୍ଟକୋଷ୍ଟ ରେଲୱେ ପୋର୍ଟରସ୍ ୟୁନିୟନ ପକ୍ଷରୁ ବିକ୍ଷୋଭ, ସ୍ଥାନ: କଟକ ରେଲଷ୍ଟେଶନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ, ସ୍ଥାନ: ପାନ୍ଥ ନିବାସ, ବକ୍ସିବଜାର, ସମୟ: ସନ୍ଧ୍ୟା ୫ଟା।

## ଖୋର୍ଦ୍ଧା

- ହାତୀ ଗବେଷକ(ବିଶେଷଜ୍ଞ)ଙ୍କ ତର୍ଜମା ବୈଠକ, ସ୍ଥାନ: ପାଣ୍ଡଗଡ଼ ସଂରକ୍ଷିତ ଜଙ୍ଗଲ, ପଙ୍କାଳସାହି, ବୋଲଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ମା' ଭୂଧାରଚଣ୍ଡୀ ପାଣି ପଞ୍ଚାୟତ ଚାଷୀ ଭାଇଙ୍କ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ, ସ୍ଥାନ: ଏମ୍‌ଆଇ କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- କୃଷି କର୍ମଶାଳା, ସ୍ଥାନ: କୃଷି ଭବନ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସମସ୍ତ ସରକାରୀ ବିଦ୍ୟାଳୟ ଖୋଲିବା ଦାବି ନେଇ ଭୋଗରାଇ ବିଇଓ କାର୍ଯ୍ୟାଳୟରେ ଛାତ୍ର ଓ ଅଭିଭାବକଙ୍କ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଇଓ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଷ୍ଟେଶନ କ୍ଲବ ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିଏସ୍‌କେ କ୍ଲବ ଓ ମିଶନ ଏଭେଞ୍ଜର କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଗାନ୍ଧୀବାଦୀ ନେତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ସପ୍ତାହ ପାଳନ, ସ୍ଥାନ: କୁଞ୍ଜକାଳିକା ହାଇସ୍କୁଲ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ୭ ଦିନ ବ୍ୟାପୀ ହରିବଂଶ ପାଠ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସକାଳ ୮ ଟା।
- ନିତାଇ ଗୌର ରାଧା ରମଣଙ୍କ ପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଖଇରିମରା, ସମୟ: ସନ୍ଧ୍ୟା ୬ ଟ ୩୦।
- ମା' ଭୂଆସୁଣୀଙ୍କ ମନ୍ଦିରରେ ପୂଜା ଏବଂ ଭଜନ, ସ୍ଥାନ: ମଠ ଗୋବିନ୍ଦପୁର, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନର ପ୍ରସ୍ତୁତି ବୈଠକ, ସ୍ଥାନ:ଜିଲାପାଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ଅବସରରେ ଏଫଏଲଏନ ଦିବସ ପାଳନ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ପୁର୍ନବାସ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ପୁସ୍ତକ ଉନ୍ମୋଚନ, ସ୍ଥାନ: ଦ ଡେଷ୍ଟିନେସନ, ଗଣାମାହାଲ, କେନ୍ଦ୍ରାପଡ଼ା ସହର, ସମୟ– ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହିପୁର, ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ମହାଭାରତର ନାଟକ ସିନ୍ଦୁର ହଜିଲା ଅଧା ବାଟରେ, ସ୍ଥାନ: ସିଦ୍ଧେଶ୍ୱରଙ୍କ ପୀଠ, ସୋଲପଟା, ଓଡଗାଁ, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- କୌଶଳ ରଥକୁ ସ୍ୱାଗତ ଅବସରରେ ରାହାଗିରି କାର୍ଯ୍ୟକ୍ରମ, ସ୍ଥାନ: ବାଇପାସ ଛକ, ଗୁଣପୁର, ସମୟ: ସକାଳ ୮ ଟା।
- ଭାରତୀୟ ମଜଦୁର ସଂଗଠନ ପକ୍ଷରୁ ପଦଯାତ୍ରା, ସ୍ଥାନ: ଗାନ୍ଧୀ ପାର୍କରୁ ଟାଉନ ହଲ ପର୍ଯ୍ୟନ୍ତ, ରାୟଗଡ଼ା, ସମୟ: ସକାଳ ୯ଟା ୩୦ ।
- ରକ୍ତଦାନ ଶିବିର, ସ୍ଥାନ: ନିୟୁ ଟାଉନ ପୂଜା କମିଟି ହଲ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଟାଉନ ହଲ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଗ୍ରାମ୍ୟ ନିର୍ମାଣ ଓ ଗୃହ ନିର୍ମାଣ ବିଭାଗ ନବରଙ୍ଗପୁର ଓ ଉମରକୋଟର ବିଭାଜନର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଦକ୍ଷତା ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା
- ସରକାରୀ ଜମି ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଆଲୋଚନା, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦।

## କୋରାପୁଟ

- ଭାରତୀୟ ମଜଦୂର ସଂଘର ୭୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ ଟାଉନସିପସ୍ଥିତ ନାଲକୋ ମଜଦୂର ସଂଘ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନାବାର୍ଡ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: କୋଟପାଡ଼ସ୍ଥିତ ଆଦିବାସୀ ଭତରା ବିକାଶ ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଖରିଫ ୨୦୨୪ ନେଇ ଷ୍ଟାର୍ଟର୍ଜି କମିଟି ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର

- ଜ୍ଞାନ ମନ୍ଦିର ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ, ସମୟ : ସକାଳ ୮ଟା ।
- ସମ୍ବଲପୁର ନନୀ ପ୍ରସ୍ତୁତି ବୈଠକ, ସ୍ଥାନ : ସାକ୍ଷୀଗୋପିନାଥ ପଡା ବୁକ୍ସହିଲ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଏକତା ମଞ୍ଚର ସମ୍ବଲପୁରୀ ଦିନ ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସକାଳ ୯ଟା ।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆର୍‌ଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା

- ବଜେଟ୍‌କୁ ନେଇ ବଣିକ ସଂଘରେ ଅଧିବେଶନ,ସ୍ଥାନ: ଚେମ୍ବର ଅଫ କମର୍ସ, ସମୟ: ପୂର୍ବାହ୍ନ ୧୧ଟା।
- ଡେଙ୍ଗୁ ସଚେତନତା ଶିବିର,ସ୍ଥାନ: ଧାମରା ବସ୍ତି, ଛେଣ୍ଡ, ସମୟଶ ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ବିଜ୍ଞାନ ଶିକ୍ଷକଙ୍କୁ ପ୍ରଶିକ୍ଷଣ (ମେକର୍‌ୟାଟ୍), ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଟୁକୁର୍ଲା, ବରଗଡ଼, ସମୟ: ପୂର୍ବାହ୍ନ ସକାଳ ୯ଟା।
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ, ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ, ସ୍ଥାନ: ଗ୍ରାମପଞ୍ଚାୟତ ହାଇସ୍କୁଲ, ପତ୍ରାପାଲି, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ, ସ୍ଥାନ: ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିର, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ସରକରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଇଁସର, ପେଣ୍ଡ୍ରୋଖୋଲ ପ୍ରାଥମିକ, ଧୋଉରାଗୋଠ ପ୍ରାଥମିକ ସ୍କୁଲ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ମା' ସୁରେଶ୍ୱରୀ ମନ୍ଦିର ସୋନପୁର, ସମୟ: ସନ୍ଧ୍ୟା ୬ଟା ୩୦।
- ମଙ୍ଗଳ ଆଳତୀ, ସ୍ଥାନ: ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ମଙ୍ଗଳା ପାଠ, ସ୍ଥାନ: ସହରସ୍ଥିତ ବେହେରାମାଳ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ଗ୍ରାମ ଉନ୍ନୟନ କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ଭାଗିପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଗାମୀ କାଲିର ଆନୁଷ୍ଠାନିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହେବ। ସହକର୍ମୀଙ୍କ ସାହାଯ୍ୟରେ ଅଟକିଥିବା କାମକୁ ସମ୍ପନ୍ନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟମ ରହିଲେ ମଧ୍ୟ କ୍ରନିକ୍ ରୋଗରେ ପୀଡ଼ା ଅନୁଭବ କରିବେ। ଅଶ୍ୱିନୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ସଙ୍ଗୀତରେ ସମସ୍ୟା ହଟିଯିବ।

**ବୃଷ**
କୃତ୍ତିକା ନକ୍ଷତ୍ର ଆତ୍ମୀୟଙ୍କ ସହାୟତାରେ ରହିଥିବା କାମ ସମ୍ପନ୍ନ କରିବେ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁ କାମରେ ଆଗୁଆ ରହିବା ହେତୁ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ପାରିବାରିକ ବ୍ୟୟ ବୃଦ୍ଧି ଯୋଗୁ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ**
ଅନ୍ୟମାନଙ୍କ କଥାରେ ଭାସିଯାଇ ଯେଉଁ କାମ କରିବେ ପରେ ଅନୁତାପ କରିବାକୁ ପଡ଼ିପାରେ। ଅଧିକାଂଶ କ୍ଷେତ୍ରରେ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନାହିଁ। ଆରଦ୍ରା ନକ୍ଷତ୍ର ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସପାଇବ।

**କର୍କଟ**
ମନ ବିକ୍ଷିପ୍ତ ରହିବା ସହ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ମିଳିବ ନାହିଁ। ପୁନର୍ବସୁ ନକ୍ଷତ୍ରର ପ୍ରଶାସନ, ଶିଳ୍ପ, ବ୍ୟବସାୟ ଓ ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟିହେବାରୁ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ସିଂହ**
ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ପୁରାତନ ଗୃହ, ଗାଡ଼ି କିମ୍ବା ଜମିଜମା ବିକ୍ରିକରିବାର ମସୁଧା କରିପାରନ୍ତି। ଆକସ୍ମିକ କାରଣରୁ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହୋଇଯିବ। କୌଣସି ଲୋକର ଚାପର ପ୍ରଭାବରୁ କାର୍ଯ୍ୟପଦ୍ଧତିକୁ ବଦଳାଇପାରନ୍ତି।

**କନ୍ୟା**
ସକାଳୁ ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଚିତ୍ରା ନକ୍ଷତ୍ରର ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ବନ୍ଧୁଙ୍କ ଭିନ୍ନ ଚିନ୍ତାଧାରା ଯୋଗୁ ବ୍ୟବସାୟ କ୍ଷେତ୍ରରେ କ୍ଷତିରେ ପଡ଼ିବାର ଆଶଙ୍କା ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁମାନଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ।

**ତୁଳା**
ଆଜି ଏକାଧିକ କାମରେ ନିୟୋଜିତ ରହି ମଧ୍ୟ ପାରିବାରିକ ଜୀବନକୁ ସରସ ସୁନ୍ଦର ରଖିବେ। ବନ୍ଧୁଙ୍କ ବାଧିଲା ଭଳି କଥା ଶୁଣି ସବୁ ଆନନ୍ଦ ମିଳାଇଯିବା ସୂଚନା ରହିଛି। ଦୁର୍ବଳ ଆର୍ଥିକ ସ୍ଥିତି ଆପଣଙ୍କ ଇଚ୍ଛା ଓ ଆଶାକୁ ପୂର୍ଣ୍ଣ କରିବାରେ ଅସମର୍ଥ ହେବ। ସ୍ୱାତୀ ନକ୍ଷତ୍ର କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ପ୍ରଶଂସିତ ହେବା ସମ୍ଭାବନା ରହିଛି।

**ବିଛା**
ସମ୍ପର୍କୀୟମାନେ ଦୂରେଇ ରହୁଥିବା ଅନୁଭବକରି ମନ ଭଲ ରହିବ ନାହିଁ। ପାରିବାରିକ ସମସ୍ୟାରେ ପଡ଼ି ବିଚଳିତ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ଆଦୃତ ହେବେ। ନିର୍ମାଣ, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବେ, କିନ୍ତୁ ଅଯଥା ଟଙ୍କା ଖର୍ଚ୍ଚ ଯୋଗୁ ଦୁଃଖିତ ମଧ୍ୟ ହେବେ।

**ଧନୁ**
ଅଭାବ ନ ଥିଲେ ମଧ୍ୟ ବିଭିନ୍ନ ସମସ୍ୟାକୁ ନେଇ ମନ ଭାରାକ୍ରାନ୍ତ ରହିବ। ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ିବାକୁ ଚେଷ୍ଟାକରି ବିଫଳ ହେବେ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ଯାତ୍ରା ସମୟରେ ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ମକର**
ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ବିରାଗର କାରଣ ହୋଇପାରେ। ଶ୍ରବଣା ନକ୍ଷତ୍ର ସତର୍କତା ଅବଲମ୍ବନ ନ କଲେ ଯେକୌଣସି ଦିଗରେ ଅର୍ଥହାନି ଘଟିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ,ମାତ୍ର ବହୁ ତକଲିଫ ସହିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**କୁମ୍ଭ**
ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ର ପାଇଁ ଆଜି କୌଣସି ଅସୁବିଧା ରହିବ ନାହିଁ। ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଅସୁସ୍ଥତାଜନିତ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହେବେ। ବିବାଦୀୟ ଘଟଣାରେ, କର୍ମକ୍ଷେତ୍ରରେ ଅଥବା ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ମୀନ**
ସମ୍ପର୍କୀୟଙ୍କ ସାହାଯ୍ୟ, ସହଯୋଗ ଲାଭକରି ଅଭିଳଷିତ କାମକୁ ସମ୍ପନ୍ନ କରିପାରିବେ। ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ଦୂରେଇଯିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଭୁଲ୍ ବୁଝାମଣା ଜନିତ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିବ। ରେବତୀ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ତଥାପି ରହିବ।

ଆଜି ଜୁଲାଇ ୨୩ ତାରିଖ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କ ଜନ୍ମଦିବସ, ଶ୍ରାବଣ କୃଷ୍ଣ ଦ୍ୱିତୀୟାଯୁକ୍ତ ତୃତୀୟା ମଙ୍ଗଳବାର। ରାଶିନକ୍ଷତ୍ର–ଧନିଷ୍ଠା/ମକର, ଦିବା ଘ.୦୯।୨୦ ଗତେ କୁମ୍ଭଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୮।୩୮ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୧୧ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩। ୦୮ଗତେ, ଘ. ୦୪। ୪୫ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ଜିଡିପି ଅଭିବୃଦ୍ଧି ...

ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ ପରାମର୍ଶ ଦେଇଛନ୍ତି। ଭାରତୀୟ କୃଷି ଏବେ ସଙ୍କଟରେ ନ ଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନ ଆଦି କାରଣକୁ ଦୃଷ୍ଟିରେ ରଖି ଏଥିରେ ଢାଞ୍ଚାଗତ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ସରକାରଙ୍କ ସବ୍‌ସିଡି ଏବଂ କୃଷକମାନଙ୍କୁ ସହାୟତା ପାଇଁ ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ପ୍ରଚଳିତ ନୀତିଗୁଡ଼ିକର ପୁନଃ ଆକଳନ ହେବା ସପକ୍ଷରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଯୁକ୍ତି ବାଢ଼ିଛନ୍ତି।

କେନ୍ଦ୍ର ସ୍ତରରେ ବ୍ୟାପକ ଉଦ୍ୟମ ସତ୍ତ୍ୱେ ଶିକ୍ଷା ବିଶେଷ କରି ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ପାଇଁ ରାଜ୍ୟ ଏବଂ ସ୍ଥାନୀୟ ପ୍ରଶାସନ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଦେଶର ବିକାଶ ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାର ମାନ ବୃଦ୍ଧି ପାଇଁ ଉତ୍ତମ ଡିଜାଇନ ତଥା ଭଲ ଉଦ୍ଦେଶ୍ୟମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯିବାକୁ ପରାମର୍ଶ ଦିଆଯାଇଛି। ରେଲୱେରେ ପୁଞ୍ଜି ବ୍ୟୟ ଗତ ୫ ବର୍ଷରେ ୭୭ ପ୍ରତିଶତ ବୃଦ୍ଧି ପାଇଛି। ନୂଆ ଲାଇନ, ଗଜ୍ ପରିବର୍ତ୍ତନ ଓ ରେଳଲାଇନ୍ ଦୋହରୀକରଣରେ ଉଲ୍ଲେଖନୀୟ ଭାବେ ପୁଞ୍ଜି ବିନିଯୋଗ ହୋଇଥିବା ଇକୋନୋମିକ୍ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ୨୦୧୯–୨୦ରେ ରେଲୱେରେ ପୁଞ୍ଜି ବ୍ୟୟ ୧.୪୮ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୩–୨୪ରେ ତାହା ୨.୬୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା।

ଚାଇନା ସହ ଦ୍ୱିପାକ୍ଷିକ ସମ୍ପର୍କ ଭଲ ନ ଥିଲେ ମଧ୍ୟ ସ୍ଥାନୀୟ ଉତ୍ପାଦନ ସେକ୍ଟରକୁ ବଢ଼ାଇବା ସହ ରପ୍ତାନି ବଜାରର ଅଭିବୃଦ୍ଧି ନିମନ୍ତେ ଭାରତକୁ ବେଜିଂରୁ ଅଧିକ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ (ଏଫ୍‌ଡିଆଇ)ର ସୁଯୋଗ ରହିଥିବା ସର୍ଭେ ରିପୋର୍ଟରେ କୁହାଯାଇଛି। ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକ ବେଜିଂଠାରୁ ଦୂରେଇ ଯାଉଥିବାରୁ ଚାଇନା କମ୍ପାନୀଗୁଡ଼ିକ ଭାରତରେ ଅଧିକ ପୁଞ୍ଜିନିବେଶ କରିବେ। ସେହିସବୁ ଉତ୍ପାଦ ଆମଦାନୀ ହେବା ପରିବର୍ତ୍ତେ ପଡୋଶୀ ଦେଶଗୁଡ଼ିକୁ ରପ୍ତାନି କରାଯିବ। ଏହା ଭାରତର ରପ୍ତାନି ବୃଦ୍ଧିରେ ସହାୟକ ହେବ।

### ଏଏସ୍‌ଓଙ୍କୁ ମାଡ଼...

ମାଡ଼ିଆସି ହଟ୍ଟଗୋଳ କରିଥିଲେ। ରାଜ୍ୟପାଳ ଗୋ ବ୍ୟାକ୍ କହିବା ସହ ଓଡ଼ିଆ ଅସ୍ମିତା ଆମର ଦାବି ବୋଲି ସ୍ଲୋଗାନ ଦେଇଥିଲେ। ଏଥିସହିତ ଜଣେ ସରକାରୀ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଭିଯୋଗ କରି ହୋହଲ୍ଲା କରିଥିଲେ। ବିଜେଡି ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରିଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବାର ମାତ୍ର ୨ ମିନିଟ୍ ପରେ ଉଭୟ ବିଜେଡି ଓ କଂଗ୍ରେସ ରାଜ୍ୟପାଳଙ୍କ ଅଭିଭାଷଣକୁ ବର୍ଜନ କରି ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ରାଜ୍ୟପାଳ ୨୬ ପୃଷ୍ଠାର ଅଭିଭାଷଣ ପଢ଼ିଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ପରେ ବିରୋଧୀ ଦଳ ସଦସ୍ୟମାନେ ଗୃହକୁ ଫେରିଥିଲେ।

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ବିଧାନସଭା ବାହାରେ ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି । ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିଥିଲେ ମଧ୍ୟ ତାଙ୍କ ବିରୋଧରେ ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ମୋତେ ଓ ମୋ ଦଳକୁ ଚକିତ କରିଛି । ମୋ ସରକାର ସମୟରେ ଯେତେବେଳେ ବି କୌଣସି ମନ୍ତ୍ରୀ, ବିଧାୟକ, ଏମ୍‌ପି କିମ୍ବା ସରକାରୀ ଅଧିକାରୀଙ୍କ ବିରୋଧରେ ଆଇନ ଭଙ୍ଗର ଅଭିଯୋଗ ଆସୁଥିଲା ସେତେବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା । ରାଜ୍ୟ ସରକାର ଆଇନ ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ ବୋଲି ନବୀନ କହିଛନ୍ତି।

କଂଗ୍ରେସ ବିଧାୟକ ତାରା ବାହିନୀପତି ଗଣମାଧ୍ୟମକୁ କହିଛନ୍ତି ଯେ, ଭାଜପା ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଛି । ହେଲେ ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ବାଡ଼େଇଛନ୍ତି। ତାଙ୍କ ବିରୋଧରେ କେସ୍ ହୋଇନାହିଁ। ରାଜ୍ୟପାଳ ଆସି ହିନ୍ଦୀରେ ଅଭିଭାଷଣ ଦେଲେ। ଆଜି ଓଡ଼ିଆଙ୍କ ପାଇଁ ପଦାଘାତ ହୋଇଛି । ଓଡ଼ିଆ ଅସ୍ମିତାକୁ ବଞ୍ଚାଇବାକୁ ପଡ଼ିବ। ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ କରାଯାଉ। ନଚେତ୍ ଆନ୍ଦୋଳନ ଜାରି ରହିବ ବୋଲି ତାରା କହିଛନ୍ତି ।

### ତଦନ୍ତ ପାଇଁ ପୁରୀ ଜିଲାପାଳଙ୍କୁ ...

ଆଗାମୀ ଦିନର ଯୋଜନା ଏବଂ ଓଡ଼ିଶା ବିକାଶର ଚିତ୍ର ପ୍ରତିଫଳିତ ହୋଇଛି। ଏହା ନ ଶୁଣି ବିଭିନ୍ନ ବାହାନା ଦେଖାଇ ବିଧାନସଭା କକ୍ଷ ପରିତ୍ୟାଗ କରିବା ଦୁର୍ଭାଗ୍ୟଜନକ। ଗତ ୭ ତାରିଖରେ ଏଏସ୍‌ଓଙ୍କୁ ଆକ୍ରମଣ କରାଯାଇଥିବା ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଏହି ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଯାଞ୍ଚ କରିବାକୁ ପୁରୀ ଜିଲାପାଳଙ୍କୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ୧୫ ଦିନ ଭିତରେ ଦାଖଲ କରିବାକୁ କୁହାଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତ ବିଜେଡି ସରକାର ସମୟରେ ସ୍ଥାନ, କାଳ ଓ ପାତ୍ର ଅନୁଯାୟୀ ଆଇନକୁ ତା' ବାଟରେ ଯିବାକୁ ଦିଆଯାଉ ନ ଥିଲା। ମାତ୍ର ବର୍ତ୍ତମାନ ମୋହନ ମାଝୀ ସରକାରରେ ଆଇନକାନୁନକୁ ତା'ବାଟରେ ଯିବା ପାଇଁ ସମ୍ପୂର୍ଣ୍ଣ ଅଗ୍ରାଧିକାର ଦିଆଯିବା ଏବଂ କୌଣସି ପ୍ରତିବନ୍ଧକ ସୃଷ୍ଟି ନ କରିବାକୁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ଭାଜପା ସରକାର ଉପରେ ରାଜ୍ୟବାସୀଙ୍କ ଭରପୂର ଭରସା ରହିଛି। ଏଣୁ ବିରୋଧୀ ଦଳ ମଧ୍ୟ ରାଜ୍ୟ ସରକାରଙ୍କୁ ଅସହଯୋଗ କରିବାର ମାନସିକତା ଛାଡ଼ି ଧୈର୍ଯ୍ୟ ଧରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପୃଥ୍ୱୀରାଜ ଆହୁରି କହିଛନ୍ତି ଯେ, ରାଜ୍ୟବାସୀଙ୍କ ଆଶୀର୍ବାଦରୁ ରାଜ୍ୟରେ ଭାଜପା ଏକାକୀ ସରକାର ଗଠନ କରିଛି। ବିକଶିତ ଓଡ଼ିଶା ଗଠନ ପାଇଁ ଏହି ସରକାର ପ୍ରତିଶ୍ରୁତିବଦ୍ଧ। ଗତ ୨୪ ବର୍ଷରେ ପୂର୍ବ ବିଜେଡି ସରକାର ନିଜର ଅକର୍ମାପଣିଆ ଯୋଗୁ ଯାହା କରି ପାରି ନ ଥିଲା, ଭାଜପା ସରକାର ମାତ୍ର ମାସକ ଭିତରେ ତା'ଠାରୁ ଯଥେଷ୍ଟ ଅଧିକ କାମ କରିଛି। ଓଡ଼ିଶାର ବିକାଶ, ଅସ୍ମିତା ବଜାୟ ରଖିବାକୁ ଏକାଧିକ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର ପ୍ରଶଂସିତ ହୋଇଛି। ସେଥିପାଇଁ ପ୍ରଥମ ଥର ପାଇଁ ବିରୋଧୀ ଦଳ ହୋଇଥିବା ବିଜେଡି ବର୍ତ୍ତମାନ ଅସହିଷ୍ଣୁ ହୋଇପଡ଼ିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

# ବିଧାନସଭାରେ ଶୋକ

**ଭୁବନେଶ୍ୱର,୨୨।୭(ଅନିଲ ଦାସ)**

ପୂର୍ବତନ ରାଜ୍ୟପାଳ ଓ ସଦସ୍ୟଙ୍କ ବିୟୋଗରେ ସୋମବାର ବିଧାନସଭାରେ ଶୋକ କରାଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୋକ ପ୍ରସ୍ତାବ ଆଗତ କରିଥିଲେ। ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ, ପୂର୍ବତନ ଉପବାଚସ୍ପତି ସୁରେନ୍ଦ୍ର ନାଥ ନାୟକ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ଡମ୍ବରୁଧର ଉଲ୍ଲାକା, କମଳା ଦାସ, ପୂର୍ବତନ ସଦସ୍ୟ ଭି. ସୁଜ୍ଞାନ କୁମାରୀ ଦେଓ, ଆଦିତ୍ୟ ମାଢ଼ୀ, ପଦ୍ମଶ୍ରୀ କମଳା ପୂଜାରୀ ଏବଂ ଓଡ଼ିଶା ପୋଲିସର ପୂର୍ବତନ କନଷ୍ଟେବଲ ହିମାଂଶୁ ଶେଖର ରଥଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିବା ସହ ସେମାନଙ୍କର ସଂକ୍ଷିପ୍ତ ଜୀବନୀ ବିଷୟରେ ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜ୍ୟପାଳ, ବିଧାନସଭାର ସଦସ୍ୟ ଓ ଅନ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗୃହ ପକ୍ଷରୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସିପିଆଇ (ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିବା ସହ ପରଲୋକଗତ ରାଜ୍ୟପାଳ, ବିଧାନସଭା ସଦସ୍ୟ, କମଳା ପୂଜାରୀ ଏବଂ ଓଡ଼ିଶା ପୋଲିସର ପୂର୍ବତନ କନଷ୍ଟେବଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ଓ ଦଳର ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହିତ ସ୍ୱର୍ଗତ ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଜୟ ଜଗନ୍ନାଥ, ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ବିଧାନସଭା

**ଭୁବନେଶ୍ୱର,୨୨।୭(ଅନିଲଦାସ)**

ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନର ପ୍ରଥମ ଦିବସରେ ବିଧାନସଭା ଜୟ ଶ୍ରୀରାମ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଛି। ରାଜ୍ୟରେ ପ୍ରଥମ ଥର କ୍ଷମତାକୁ ଆସିଥିବା ଭାଜପା ସରକାରର ସୋମବାର ଥିଲା ପ୍ରଥମ ଅଧିବେଶନ। ଅଧିକାଂଶ ନୂଆ ବିଧାୟକ ପ୍ରଥମ କରି ଗୃହକୁ ପ୍ରବେଶ କରୁଥିବାରୁ ଉତ୍ସାହିତ ଓ ପ୍ରଫୁଲ୍ଲିତ ଥିବା ଭଳି ଜଣାପଡୁଥିଲେ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ନବ ନିର୍ବାଚିତ ବିଧାୟକମାନେ କେଉଁଠି ବସିବେ ସେ ନେଇ କିଛି ସମୟ ପାଇଁ ଦ୍ୱନ୍ଦ୍ୱରେ ପଡିଥିଲେ। ନିଜ ସିଟ୍ କେଉଠି ଖୋଜିଥିଲେ। ତେବେ ସିଟ୍ ଆଲଟମେଣ୍ଟ ଦାୟିତ୍ୱରେ ଥିବା ଅଧିକାରୀମାନେ ବିଧାୟକମାନଙ୍କୁ ସେମାନଙ୍କର ଆସନ ଚିହ୍ନଟ କରି ଦେଉଥିଲେ। ସିଟ୍ ପାଇବା ପରେ ଭାଜପା ବିଧାୟକମାନେ ଗୃହରେ ଜୟ ଶ୍ରୀରାମ ଧ୍ୱନି ଆରମ୍ଭ କରିଥିଲେ। ଏହାକୁ ଦେଖି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଜୟ ଜଗନ୍ନାଥ କହିଥିଲେ। ତାଙ୍କ ସହିତ ବିରୋଧୀ ଦଳର ସଦସ୍ୟମାନେ ପାଳି ଧରିଥିଲେ। ଜୟ ଜଗନ୍ନାଥ ଓ ଜୟ ଶ୍ରୀରାମ ଧ୍ୱନିରେ ଗୃହ ପ୍ରକମ୍ପିତ ହୋଇଥିଲା। ଗୃହରେ କିଛି ସମୟ ପାଇଁ ଏକ ରୋମାଞ୍ଚକର ପରିବେଶ ସୃଷ୍ଟି ହୋଇଥିଲା।

# ବିଷାକ୍ତ ଛତୁ ଖାଇ ପରିବାରର ୬ ଗୁରୁତର



ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି ।

**ନୂଆପଡ଼ା,୨୨।୭ (ମକାରୁ ବେମାଲ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ନାଗପଡ଼ା ଗାଁରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୬ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ ଶନିବାର ଗାଁର ଦୟା ମାଝି ନିଜ ଜମିରେ କୀଟନାଶକ ପକାଇଥିଲେ। ରବିବାର ଉକ୍ତ ଜମିରେ ଫୁଟିଥିବା ଛତୁକୁ ଆଣି ତାଙ୍କ ପରିବାର ରୋଷେଇ କରି ଖାଇଥିଲେ। ଛତୁ ତରକାରି ଖାଇବା ପରେ ପରିବାରର ୬ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ମୁଣ୍ଡ ବ୍ୟଥା ସହ ଝାଡାବାନ୍ତି ଭଳି ସମସ୍ୟା ଦେଖାଦେଇଥିଲା। ପରିବାରର ଶୋଭା ମାଝି, ପ୍ରେମ ସିଂ ମାଝି, ଶତ୍ରୁଘନ ମାଝି, ପ୍ରହଲ୍ଲାଦ ମାଝି, ସୋମାବାରୀ ମାଝି ଓ ଅନ୍ୟଜଣେ ଆକ୍ରାନ୍ତ ହୋଇଥିଲେ। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଚିକିତ୍ସିତ ହେବା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ୱାଭାବିକ ଥିବା ଡାକ୍ତର ସିଦ୍ଧାର୍ଥ ଶଙ୍କର ମିଶ୍ର ପ୍ରକାଶ କରିଛନ୍ତି।




# ଆହୁରି ୪ଦିନ ବର୍ଷିବ

ଭୁବନେଶ୍ୱର, ୨୨।୭(ଅସମାପିକା ସାହୁ)

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ସୋମବାର ପୁରୀରେ ସର୍ବାଧିକ ୪୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଅଧିକାଂଶ ଜିଲାରେ ପ୍ରବଳ ବର୍ଷିଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଜାରି ରହିବ। ଦୁଇଦିନ କିଛି ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ଏସବୁ ଜିଲାଗୁଡ଼ିକୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁସାରେ, ମଙ୍ଗଳବାର ବରଗଡ଼, ବୌଦ୍ଧ, ସୋନପୁର, ସମ୍ବଲପୁର ଆଦି ୪ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ନୟାଗଡ଼, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ବୁଧବାର କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଏବଂ ଅନୁଗୋଳରେ ପ୍ରବଳରୁ ଅତି ବର୍ଷା ଓ ଜଗତ୍‌ସିଂହପୁର, ଖୋର୍ଦ୍ଧା, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ଯାଜପୁର, ସମ୍ବଲପୁର, ମୟୂରଭଞ୍ଜ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଭିଜିଲାନ୍ସ ଜାଲରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ

## ସରକାରୀ ତହବିଲରୁ ୧.୦୫ କୋଟି ଟଙ୍କା ଆତ୍ମସାତ୍ ଅଭିଯୋଗ

କଟକ/ବାସୁଦେବପୁର,୨୨।୭
(କାର୍ତ୍ତିକ ସାହୁ/ନାରାୟଣ ପ୍ରସାଦ ବାରିକ)

ସରକାରୀ ତହବିଲରୁ ୧.୦୫ କୋଟି ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ କଟକସ୍ଥିତ ମତ୍ସ୍ୟ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ବସନ୍ତ କୁମାର ଦାଶ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଉପନିର୍ଦ୍ଦେଶକ ଦାଶ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରୀ ଆକାଉଣ୍ଟରୁ ପ୍ରାୟ ୧.୦୫ କୋଟି ଟଙ୍କା ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଭିଜିଲାନ୍ସକୁ ଖବର ମିଳିଥିଲା। ଏନେଇ ଭିଜିଲାନ୍ସ ତଦନ୍ତ କରିଥିଲା। ଉପନିର୍ଦ୍ଦେଶକ ଦାଶ ମତ୍ସ୍ୟ ନିର୍ଦ୍ଦେଶାଳୟର ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର (ଡିଡିଓ) ଥିବାରୁ ଉପରୋକ୍ତ ପରିମାଣର ଅର୍ଥ ସେ ଆତ୍ମସାତ୍ କରିଥିବା ଭିଜିଲାନ୍ସକୁ ପ୍ରମାଣ ମିଳିଥିଲା। ସେ ସରକାରୀ ବ୍ୟାଙ୍କ ଆକାଉଣ୍ଟରୁ ପୁରୀ ଷ୍ଟେଟ୍‌ବ୍ୟାଙ୍କରେ ଥିବା ନିଜର ବ୍ୟକ୍ତିଗତ ଆକାଉଣ୍ଟକୁ ୧.୦୫ କୋଟି ଟଙ୍କା ଟ୍ରାନ୍ସଫର କରିଥିବା ଓ ପୁଣି ସେହି ଟଙ୍କାକୁ ହେର୍‌ଫେର କରିଥିବା ତଦନ୍ତରୁ ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଫଳରେ ଅଭିଯୁକ୍ତ ଉପନିର୍ଦ୍ଦେଶକ ଦାଶଙ୍କ ଅଫିସ, ବାସଭବନ ମିଶି ମୋଟ୍ ୫ଟି ଜାଗାରେ ସୋମବାର ଏକକାଳୀନ ଚଢ଼ାଉ କରାଯାଇଛି। ଉକ୍ତ ଅର୍ଥକୁ ସେ ବିଭିନ୍ନ ଭାବରେ ବିନିଯୋଗ କରିବା ସହ ସମ୍ପତ୍ତି କ୍ରୟ କରିଥିବା ସଂକ୍ରାନ୍ତୀୟ କାଗଜପତ୍ର ଚଢ଼ାଉବେଳେ ଭିଜିଲାନ୍ସର ହସ୍ତଗତ ହୋଇଛି। ଭିଜିଲାନ୍ସର ୫ ଜଣ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର, ୯ ଜଣ ଏଏସ୍‌ଆଇଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ୫ଟି

### ଏକକାଳୀନ ୫ ଜାଗାରେ ଚଢ଼ାଉ

ଟିମ୍‌ରେ ସାମିଲ ହୋଇ ଚଢ଼ାଉ କରିଥିଲେ। ଭୁବନେଶ୍ୱର ମହତାବ ରୋଡ୍ ଓଲ୍ଡଟାଉନ୍ କେଉଟସାହି ଶାସନପଡ଼ିଆସ୍ଥିତ ପ୍ଲଟ୍ ନଂ. ୧୪୨୬/୪୦୮୫ରେ ଭଡ଼ା ନେଇଥିବା ବାସଗୃହ, ପୁରୀ ପୌରପାଳିକାର ୩୦ ନମ୍ବର ୱାର୍ଡ ତୋଟା ମହାବୀର ଲେନ୍‌ରେ ଥିବା ନିଜସ୍ୱ ବାସଗୃହ, ପୁରୀର ଗୋରୁଆଳ ନିକଟ ପିଳିପିଳାଠାରେ ଥିବା ଫାର୍ମ ହାଉସ, ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଗୋବିନ୍ଦପୁରସ୍ଥିତ ପୈତୃକ ଗୃହ ଏବଂ କଟକସ୍ଥିତ ମତ୍ସ୍ୟ ନିର୍ଦ୍ଦେଶାଳୟର ଅଫିସ୍ ଚାମ୍ବରରେ ଏକକାଳୀନ ଏହି ଚଢ଼ାଉ କରାଯାଇଛି। ଏନେଇ ଭିଜିଲାନ୍ସରେ ଦାଶଙ୍କ ନାମରେ ଏକ ମାମଲା(ନଂ.୫/୨୪) ରୁଜୁ ହୋଇଛି। ଏଥିସହ ଚଢ଼ାଉ ଓ ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

ସେ ୨୦୨୪ ମେ' ୨୧ରୁ ଜୁନ୍ ୬ ତାରିଖ ମଧ୍ୟରେ ୮ଟି ଆର୍‌ଟିଜିଏସ୍ କାରବାର ମାଧ୍ୟମରେ ୧.୦୫ କୋଟି ଟଙ୍କା ସରକାରୀ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଛନ୍ତି। ସେହି ଟଙ୍କାରୁ ୨୮୧ଟି କାରବାର ଏଟିଏମ୍, ଚେକ୍ ଓ ୟୁପିଆଇ ଆଦି ମାଧ୍ୟମରେ କରାଇ ମୋଟ୍ ୯୯.୩୭ ଲକ୍ଷ ଟଙ୍କା ସେ ଉଠାଣ କରିଛନ୍ତି। ସେ ଉଠାଇ ଥିବା ଟଙ୍କାରୁ ୭୨ ଲକ୍ଷ ଟଙ୍କା ଦେଇ ଭୁବନେଶ୍ୱରରେ ପ୍ଲଟ୍ ଓ ୨୭ ଲକ୍ଷ ଟଙ୍କାରେ ସୁନାଅଳଙ୍କାର କିଣିଛନ୍ତି। ଏଥିସହ ସେ ଗତ ଏପ୍ରିଲ ୨୨ରୁ ଛୁଟିରେ ଥିବାବେଳେ ଅଦ୍ୟାବଧି ଚାକିରିରେ ଯୋଗଦେଇ ନ ଥିବା ତଦନ୍ତବେଳେ ଜଣାପଡିଛି।

# ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡ

ଆସିକା,୨୨।୭ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଏନ୍‌ଏସିର ବାଣୀବିହାରଠାରେ ଥିବା ଏକ ଘରୋଇ ନର୍ସିଂହୋମରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅସ୍ତ୍ରୋପଚାର ଗୃହ (ଓଟି)ରେ ପଡିଥିବା ଗୋଟିଏ ବେଡ୍, ବହୁ ସରଞ୍ଜାମ ଓ ଔଷଧ ପୋଡିଯାଇଛି। ସୌଭାଗ୍ୟବଶତଃ କାହାରି କିଛି ହୋଇନାହିଁ। ଆସିକା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଓଟିରେ ଏକ ଗ୍ୟାସ ଚୁଲା ଲଗାଇବା ବେଳେ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ତେବେ ନର୍ସିଂହୋମରେ ଅଗ୍ନି ନିରାପତ୍ତା ଲାଗି କୌଣସି ବ୍ୟବସ୍ଥା ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ଆସିକା ସରକାରୀ ଡାକ୍ତରଖାନା ପଛପଟେ ଥିବା ଏକ ବଡ କୋଠାରେ ଏହି ନର୍ସିଂହୋମ ସାଙ୍ଗକୁ ଗୋଟିଏ ଘରୋଇ ବିଦ୍ୟାଳୟ, ଔଷଧ ଦୋକାନ ଓ ବହୁ ପରିବାର ଭଡାରେ ରହୁଛନ୍ତି। ନିଆଁଲାଗିଥିବା ଜଣାପଡିବା ପରେ ସମ୍ପୃକ୍ତ କୋଠାରେ ଚାଲିଥିବା ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଭଡ଼ାରେ ରହୁଥିବା ଲୋକେ ମଧ୍ୟ ଭୟରେ ରାସ୍ତା ଉପରକୁ ଚାଲି ଆସିଥିଲେ।

# ନିର୍ମାଣ ହେବ ଆଉ ଦୁଇ ମିନି ଟୁଲ୍ ରୁମ୍



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଡିଟିଇଟି ନିର୍ଦ୍ଦେଶକ ରେଘୁ ଜି, ସିଟିସି ସାଧାରଣ ପରିଚାଳକ ଏଲ୍. ରାଜଶେଖର ଓ ଅନ୍ୟମାନେ।

ଭୁବନେଶ୍ୱର, ୨୨।୭(ଅସମାପିକା ସାହୁ)

## ସିଟିସି ସହ ଡିଟିଇଟିର ବୁଝାମଣାପତ୍ର ସ୍ୱାକ୍ଷରିତ

ଦେବଗଡ଼ ଜିଲାର ସରକାରୀ ବାରକୋଟ୍ ଆଇଟିଆଇ ଓ ଯାଜପୁର ଜିଲାର ସରକାରୀ ପଲିଟେକ୍ନିକଠାରେ ମିନି ଟୁଲ୍ ରୁମ୍ ନିର୍ମାଣ ହେବ। ଏଥିପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ (ଡିଟିଇଟି) ଏବଂ କେନ୍ଦ୍ରୀୟ ଯାନ୍ତ୍ରିକ ଓ ପ୍ରଶିକ୍ଷଣ କେନ୍ଦ୍ର(ସିଟିସି) ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଡିଟିଇଟି ନିର୍ଦ୍ଦେଶକ ରେଘୁ ଜି ଏବଂ ସିଟିସି ସାଧାରଣ ପରିଚାଳକ ଏଲ୍. ରାଜଶେଖର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଓମ୍‌ବାଡ୍‌ସି) ଏଥିପାଇଁ ୫ କୋଟି ଟଙ୍କା ଅନୁଦାନ ଦେଇଛି। ଏହି ଦୁଇ ମିନି ଟୁଲ୍ ରୁମ୍‌ରେ ମେଶିନେରି ଓ ଟ୍ରେନିଂ ସୁବିଧା ରହିବ। ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରଶିକ୍ଷଣ ପାଇପାରିବେ। ଯୁବପିଢ଼ିଙ୍କ ଦକ୍ଷତା ବିକାଶ ହେବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ହୋଇ ସେମାନେ ନିଜକୁ ରୋଜଗାରକ୍ଷମ କରିପାରିବେ। ଏତଦ୍‌ବ୍ୟତୀତ ପ୍ରଶିକ୍ଷକଙ୍କ ଉଚ୍ଚତର ଦକ୍ଷତା କ୍ଷମତା ମଧ୍ୟ ହାସଲ ହୋଇପାରିବ। ମେଶିନେରି ଟ୍ରେନିଂ, ଆଧୁନିକ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଦ୍ୱାରା ଦକ୍ଷ ମାନବସମ୍ବଳ ସୃଷ୍ଟି ହୋଇପାରିବ ବୋଲି ଲକ୍ଷ୍ୟ ରହିଛି।

କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସିଟିସି ଓମ୍‌ବାଡ୍‌ସି ଅଧୀନ ସରକାରୀ ପଲିଟେକ୍ନିକ ଯାଜପୁର ଓ ଦେବଗଡ଼ର ବାରକୋଟ ସରକାରୀ ଆଇଟିଆଇକୁ ଅଧିସ୍ୱୀକୃତି ପ୍ରଦାନ କରିବ। ଏହାଛଡ଼ା କମ୍ପ୍ୟୁଟର ନ୍ୟୁମରିକାଲ କଣ୍ଟ୍ରୋଲ ମିଲିଂ ଓ ଟର୍ନିଂ ପାଇଁ ଯେଉଁ ପ୍ରଶିକ୍ଷଣ ଦିଆଯାଏ ତାହାର ସାର୍ଟିଫିକେଟ ପ୍ରଦାନ କରିବ। ଏମ୍‌ଏସ୍‌ଏମ୍‌ଇ ଓ ବୃହତ୍ ଶିଳ୍ପ ମଧ୍ୟରେ ଥିବା ସମସ୍ତ ସୁବିଧାସୁଯୋଗ ସୁଦକ୍ଷ ମାନବସମ୍ବଳ ସହ ଯଥେଷ୍ଟ ନୁହେଁ। ସେଥିପାଇଁ ଓଡ଼ିଶା ସରକାର ପୂର୍ବରୁ ଅନେକ ଟୁଲ୍ ରୁମ୍ ସହ ବର୍ତ୍ତମାନ ୨ଟି ଟୁଲ୍ ରୁମ୍‌ର ସମ୍ପ୍ରସାରଣ କରିଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୧,୦୨୨ ନର୍ସିଂ ଅଫିସର ନିୟମିତ

ଭୁବନେଶ୍ୱର, ୨୨।୭(ଅସମାପିକା ସାହୁ)

ରାଜ୍ୟ ସରକାର ୧,୦୨୨ଜଣ ନର୍ସିଂ ଅଧିକାରୀଙ୍କୁ ନିୟମିତ କରିଛନ୍ତି। ଅନୁଗୋଳ, ବରଗଡ଼, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୁଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଆଦି ଜିଲାରେ କାର୍ଯ୍ୟରତ ଏହି ନର୍ସିଂ ଅଫିସରଙ୍କୁ ନିୟମିତ କରିବା ପାଇଁ ଗତ ୧୨ ତାରିଖରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ପରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୮ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏମାନଙ୍କ ମଧ୍ୟରେ କଟକରେ ସର୍ବାଧିକ ନର୍ସିଂ ଅଫିସର ନିୟମିତ ହୋଇଥିବା ଉକ୍ତ ଚିଠିରୁ ଜଣାପଡିଛି।

# ନୂତନ ଆଡ୍‌ଭୋକେଟ୍ ଜେନେରାଲ ଦାୟିତ୍ୱ ନେଲେ ପୀତାମ୍ବର ଆଚାର୍ଯ୍ୟ



ଆଡ୍‌ଭୋକେଟ୍ ଜେନେରାଲ ଭାବେ ଦାୟିତ୍ୱ ନେବା ପରେ ପୀତାମ୍ବର ଆଚାର୍ଯ୍ୟ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ନିକଟରେ ଅଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

କଟକ,୨୨।୭ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ନୂତନ ଆଡ୍‌ଭୋକେଟ୍ ଜେନେରାଲ(ଏଜି) ଭାବେ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ। ସେ କାର୍ଯ୍ୟରେ ଯୋଗଦେବା ପରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ସବୁ ବର୍ଗର ଲୋକଙ୍କୁ ସୁରୁଖୁରୁରେ ନ୍ୟାୟ ପ୍ରଦାନ ସହ ସାମାଜିକ ଓ ରାଜନୈତିକ ନ୍ୟାୟ ଦିଗରେ କାର୍ଯ୍ୟ କରିବି। ଯେଉଁଠି ଭୁଲ୍ ବା ତ୍ରୁଟି ପରିଲକ୍ଷିତ ହେବ ଜନସାଧାରଣ ଏହାର ବାଟ ଦେଖାଇବେ। ନିରପେକ୍ଷ ଭାବେ ନିଜ ଦାୟିତ୍ୱ ତୁଲାଇବି। ରାଜ୍ୟବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ହେଉଛି ମୋହନ ସରକାରଙ୍କ ପ୍ରାଥମିକତା।

ଉଲ୍ଲେଖଯୋଗ୍ୟ, ଦୀର୍ଘ ୩ ଦଶନ୍ଧି ଧରି ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଜଣେ ଦକ୍ଷ ଆଇନଜୀବୀ ଭାବରେ ପୀତାମ୍ବର କାର୍ଯ୍ୟ କରିଛନ୍ତି। ତାଙ୍କୁ ଆଡ୍‌ଭୋକେଟ୍ ଜେନେରାଲ ଭାବେ ନିଯୁକ୍ତି ପ୍ରଦାନ ନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେ ସାମ୍ବିଧାନିକ, ଫୌଜଦାରି, ଦେୱାନି, ସମବାୟ, ଶିକ୍ଷା, ଜନପ୍ରତିନିଧି ଆଇନ ଆଦି ବିଭିନ୍ନ ବିଭାଗରେ ଦକ୍ଷତାର ସହ ବହୁ ଜଟିଳ ମକଦ୍ଦମା ପରିଚାଳନା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ୨୦୧୭ରୁ ଭାଜପା ସହ ସକ୍ରିୟ ରାଜନୀତିରେ ପାଦ ଥାପି ଏପର୍ଯ୍ୟନ୍ତ ରହିଆସିଛନ୍ତି।

# ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପରଲୋକ



ଭୁବନେଶ୍ୱର,୨୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ଷୀୟାନ ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ରବିବାର ଭୁବନେଶ୍ୱର ଝାରପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଚିକିତ୍ସିତ ହେଉଥିଲେ। ଅନ୍ତିମ ଶଯ୍ୟା ନିକଟରେ କନିଷ୍ଠ ଭ୍ରାତା ଇଂ. ପ୍ରଭାତ କୁମାର ଦାସ, ଡାକ୍ତର ପ୍ରତାପ ଚନ୍ଦ୍ର ଦାସ, କନ୍ୟା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, କନିଷ୍ଠ ପୁତ୍ର ସମ୍ବିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ସୁବ୍ରତ ଦାସ ମୁଖାଗ୍ନି ଦେଇଥିଲେ।

୧୯୩୫ ଜୁଲାଇ ପହିଲାରେ ପୁରୀ ଜିଲା ସତ୍ୟବାଦୀରେ ଜନ୍ମଗ୍ରହଣ କରିଥିବା ଦାସ ସତ୍ୟବାଦୀ ବନ ବିଦ୍ୟାଳୟରେ ପାଠପଢ଼ିଥିଲେ। ଏକାଧାରରେ ନାଟ୍ୟକାର, ମଞ୍ଚ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ଓ ସୁବକ୍ତା ଭାବେ ୮୦ ଦଶକରେ ବେଶ୍ ଲୋକପ୍ରିୟ ଥିଲେ। ପି. ସି. ଦାସ ଭାବେ ନାଟ୍ୟ ମହଲରେ ସୁପରିଚିତ ଥିଲେ। ତାଙ୍କ ରଚିତ ଓ ନିର୍ଦ୍ଦେଶିତ ଶତାଧିକ ବେତାର ନାଟକ ଆକାଶବାଣୀ ସମ୍ବଲପୁର ଓ କଟକରୁ ପ୍ରସାରିତ ହୋଇଛି। ଅନୁରୂପ ଭାବେ ଏକାଧିକ ମଞ୍ଚ ନାଟକ ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଷିତ ହୋଇ ପ୍ରଶଂସିତ ହୋଇଥିଲା। ଏହି ନାଟକଗୁଡିକ ମଧ୍ୟରେ ରହିଛି ନିଷିଦ୍ଧ ନଗରୀ, ମହାନଗରୀରେ ବନ୍ୟା, ଆହତ ଅରଣ୍ୟ, ଶେଷ ପାହାଚ, ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ, ସେ ଏବଂ ଆମେ ଆଦି ଅନ୍ୟତମ। ବଡିଘର, ପ୍ରତିଧ୍ୱନି ଆଦି କଳାତ୍ମକ ଚଳଚ୍ଚିତ୍ରର ସଂଳାପକାର ଏବଂ ସହ ନିର୍ଦ୍ଦେଶକ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ମଞ୍ଚ ଓ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ବହୁ ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ପାଇଥିଲେ। ତାଙ୍କ ପରଲୋକରେ କଳାଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

# ରାଜ୍ୟରେ ଆଉ ୫ ନିଶା ନିବାରଣ କେନ୍ଦ୍ର ଖୋଲିବ

ଭୁବନେଶ୍ୱର, ୨୨।୭(ଅସମାପିକା ସାହୁ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିଶା ନିବାରଣ କେନ୍ଦ୍ରଗୁଡ଼ିକର ପରିଚାଳନା ନିମନ୍ତେ ଦିନିକିଆ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦିଶା ଯୋଜନା ଅଧୀନରେ କେନ୍ଦ୍ରଗୁଡ଼ିକର ସୁପରିଚାଳନାକୁ ନେଇ କ୍ୟାପିଟାଲ ହସ୍ପିଟାଲ ପରିସର ଏସ୍‌ଆଇଡିଆର୍ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ରହି ଚଳିତ ୨୦୨୪-୨୫ ବର୍ଷରେ ରାଜ୍ୟରେ ଆଉ ୫ଟି ନିଶା ନିବାରଣ କେନ୍ଦ୍ର ଖୋଲାଯିବାର ଯୋଜନା ରହିଥିବା ପ୍ରକାଶ କରିଛନ୍ତି। କେନ୍ଦ୍ରଗୁଡ଼ିକର ସୁପରିଚାଳନା, ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରାଯିବା ସହ ନିଶା ନିବାରଣ ପ୍ରକ୍ରିୟା, ଗୋଷ୍ଠୀ ସହଭାଗିତା, ସମାଜରେ ପୁନଃଏକୀକରଣ ବିଷୟରେ ବ୍ୟାପକ ପର୍ଯ୍ୟାଲୋଚନା କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଫେଥ୍ ଚାରିଟେବଲ୍ ଟ୍ରଷ୍ଟ, ଖୋର୍ଦ୍ଧାର ମୁକ୍ତି ଫାଉଣ୍ଡେଶନ୍, ବାଲେଶ୍ୱରର ପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ, ପୁରୀର ଭେଦିକ୍ ଗ୍ରୁପ୍, ବ୍ରହ୍ମପୁରର ପିପୁଲ୍ସ ଫୋରମ୍, କଟକର ପିକକ୍ ଫାଉଣ୍ଡେଶନର ସଂଯୋଜକ ତାଲିମ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ସାମାଜିକ କର୍ମୀ ଓ କାଉନସିଲର୍ ତାଲିମ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଉପ ଶାସନ ସଚିବ ବସନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ହ୍ରାସ ପାଉଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର,୨୨।୭
(ପ୍ରମୋଦ ବହିଦାର)

- ମହାନଦୀ ଜଳ ବଣ୍ଟନରେ ସମନ୍ୱୟର ଅଭାବ
- ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା

ବହୁମୁଖୀ ନଦୀବନ୍ଧ ପ୍ରକଳ୍ପ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଏବେ ହ୍ରାସ ପାଇବାରେ ଲାଗିଛି। ଜଳସ୍ତର ହ୍ରାସ କୃଷି, ବିଦ୍ୟୁତ୍ ଉତ୍ପାଦନ ସହ ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଛି। ଆଷାଢ଼ ଯାଇ ଶ୍ରାବଣ ହେଲାଣି, ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ କେବେ ଛଡାଯିବ ସେ ସମ୍ପର୍କରେ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୂଚନା ମିଳୁନାହିଁ।

ଉପରମୁଣ୍ଡ ମହାନଦୀ ଅବବାହିକାରେ ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ ଛତିଶଗଡ଼ରେ ନିର୍ମିତ ଏକାଧିକ ବ୍ୟାରେଜ ଯୋଗୁ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଥିବା କୁହାଯାଉଛି। ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ମହାନଦୀର ଜଳ ବଣ୍ଟନକୁ ନେଇ ରୁଲକର୍ଭ ନିୟମ ଲାଗୁ କରାଯାଇଥିଲା। ସାଧାରଣତଃ ଜୁଲାଇ ମାସରେ ମହାନଦୀରେ ଜଳ ପ୍ରବାହ ବୃଦ୍ଧି ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟ ବୃଦ୍ଧି ପାଇଥାଏ। ମାତ୍ର ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ୨୦୨୩ ମସିହା ଆଜିର ଦିନ ଜୁଲାଇ ୨୨ରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪.୧୫ଫୁଟ୍ ରହିଥିବା ବେଳେ ଚଳିତବର୍ଷ ଜଳପତ୍ତନ ୬୦୦.୭୭ ଫୁଟ୍ ରହିଛି। ଯାହା ଗତ ବର୍ଷ ତୁଳନାରେ ହାରାହାରି ୧୩.୩୮ ଫୁଟ୍ କମ୍। ଖାଲି ସେତିକି ନୁହେଁ, ଜଳଭଣ୍ଡାରରେ ଜଳସ୍ତର ଗତ ୭ ଦିନ ହେଲା ହ୍ରାସ ପାଇବାରେ ଲାଗିଛି। ଜୁଲାଇ ୧୬ତାରିଖରେ ୬୦୧.୨୫ ଫୁଟ, ୧୭ରେ ୬୦୦.୯୭ଫୁଟ୍, ୧୮ରେ ୬୦୦.୭୧ଫୁଟ ଓ ୧୯ ତାରିଖରେ ୬୦୦.୪୧ଫୁଟ୍‌ରେ ପହଞ୍ଚିଥିଲା। ମାତ୍ର ୨୦ ତାରିଖରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇ ୬୦୦.୯୫ ଫୁଟ୍‌ରେ ପହଞ୍ଚିବା ପରେ ପୁଣି ଲଗାତର ହ୍ରାସ ପାଇ ୨୧ ତାରିଖରେ ଜଳସ୍ତର ୬୦୦.୮୩ ଫୁଟ୍ ଓ ୨୨ ତାରିଖ ଜଳସ୍ତର ହ୍ରାସପାଇ ୬୦୦.୭୭ଫୁଟ୍ ରହିଛି। ଏଭଳିସ୍ଥିତି ବଜାୟ ରହିଲେ ଆଗକୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହ୍ରାସ ପାଇବା ସହ ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିପାରେ।

ବନ୍ୟା ନିୟନ୍ତ୍ରଣ, ଜଳସେଚନ, ବିଦ୍ୟୁତ୍ ଶକ୍ତି ଉତ୍ପାଦନ ସହିତ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ନିର୍ମାଣ ହୋଇଥିବା ଏହି ବହୁମୁଖୀ ପ୍ରକଳ୍ପରେ ବର୍ତ୍ତମାନ ଶିଳ୍ପାନୁଷ୍ଠାନକୁ ଜଳଯୋଗାଣ ପ୍ରକ୍ରିୟା ମଧ୍ୟ ଯୋଡ଼ି ହୋଇଛି। ଜଳଭଣ୍ଡାରର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ରୁଲକର୍ଭ ନିୟମ ଅନୁସାରେ ଜୁଲାଇ ମାସରେ ଜଳ ପତ୍ତନକୁ ୬୦୫ ଫୁଟ୍‌ରେ ବଜାୟ ରଖିବା ପାଇଁ ଜଳଭଣ୍ଡାରରୁ ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ମାତ୍ର ଚଳିତବର୍ଷ ଜଳଭଣ୍ଡାରରେ ଜଳସ୍ତର ସ୍ୱାଭାବିକଠାରୁ ହାରାହାରି ୫ ଫୁଟ୍ କମ୍ ରହିଛି। ହେଲେ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ ତୁଳନାରେ ଜଳସେଚନ, ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଓ ଶିଳ୍ପ ପ୍ରତିଷ୍ଠାନ ପାଇଁ ବିଭିନ୍ନ କେନାଲ ମାଧ୍ୟମରେ ଅଧିକ ଜଳ ନିଷ୍କାସନ କରାଯାଉଥିବାରୁ ଜଳଭଣ୍ଡାରର ଜଳସ୍ତର ନିୟମିତ ଭାବେ ହ୍ରାସ ପାଇବାରେ ଲାଗିଛି। ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୬ ହଜାର ୯୦୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ବିଭିନ୍ନ କେନାଲ ମାଧ୍ୟମରେ ପ୍ରତି ସେକେଣ୍ଡରେ ୨୨ ହଜାର



ହୀରାକୁଦ ଜଳଭଣ୍ଡାର

୭୩୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

ଏ ନେଇ ଚାଷୀନେତା ଆଲୋକ ପ୍ରଧାନ କହିଛନ୍ତି ଯେ, ଜଳଭଣ୍ଡାରରେ ଜଳସ୍ତର ହ୍ରାସ ବର୍ତ୍ତମାନ ଚାଷ ପାଇଁ କୌଣସି ସମସ୍ୟା ସୃଷ୍ଟି କରି ନ ପାରେ। ଜଳସ୍ତର ହ୍ରାସ ସତ୍ତ୍ୱେ ଜଳସେଚନ ପାଇଁ କେନାଲଗୁଡ଼ିକରେ ପାଣି ଛଡ଼ା ଯାଇଛି। ତେବେ ଜଳସ୍ତର ହ୍ରାସ ବିଦ୍ୟୁତ୍ ସଙ୍କଟ ସୃଷ୍ଟି କରିବା ଆଶଙ୍କା ରହିଛି। ଏହାଦ୍ୱାରା ବିଭିନ୍ନ ସ୍ଥାନରେ ଜଳସେଚନ ପାଇଁ ଲାଗିଥିବ ଲିଫ୍ଟ ପଏଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ନ ପାରି ଚାଷକାର୍ଯ୍ୟ ପ୍ରଭାବିତ ହେବ ବୋଲି ସେ କହିଛନ୍ତି। ପରିବେଶବିତ୍ ତଥା ଜଳମାନବ ରଞ୍ଜନ ପଣ୍ଡା କହିଛନ୍ତି, ହୀରାକୁଦ ଜଳଭଣ୍ଡାରରେ ଜୁଲାଇ ମାସରେ ଧାର୍ଯ୍ୟ ଜଳସ୍ତରକୁ ବଜାୟ ରଖାଯାଇ ପାରିନାହିଁ। ସରକାର ଏହାକୁ ନେଇ ତର୍ଜମା କରିବା ଆବଶ୍ୟକ। ଅଳ୍ପବୃଷ୍ଟି ସତ୍ତ୍ୱେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ଚାଷକାର୍ଯ୍ୟରେ ଚଳିତ ମୌସୁମୀରେ ତତ୍‌କ୍ଷଣାତ୍ ପ୍ରଭାବିତ କରି ନ ପାରେ। ମାତ୍ର ବିଦ୍ୟୁତ୍ ଉତ୍ପାଦନକୁ ନିଶ୍ଚିତଭାବେ ପ୍ରଭାବିତ କରିବ। ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବରୁ ଉପଯୁକ୍ତଭାବେ ମହାନଦୀର ଜଳ ବଣ୍ଟନ ହୋଇ ପାରୁନାହିଁ। ଫଳରେ ହୀରାକୁଦ ଜଳଭଣ୍ଡାରରେ ଏଭଳି ସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି। ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ହ୍ରାସକୁ ନେଇ ଭାରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ମହାନଦୀ ବେସିନ ଇଂ. ସୁଶୀଲ କୁମାର ବେହେରା କହିଛନ୍ତି ଯେ, ରୁଲକର୍ଭ ନିୟମ ଅନୁସାରେ ଜୁଲାଇ ଶେଷ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୫ ଫୁଟ୍ ରହିବା କଥା। ଆଗକୁ ଉପମୁଣ୍ଡରେ ବର୍ଷାର ସମ୍ଭାବନା ରହିଛି। ସେହି ଅନୁସାରେ ଜଳଭଣ୍ଡାରକୁ ମହାନଦୀ ଓ ଅନ୍ୟାନ୍ୟ ନଦୀରେ ଜଳ ପ୍ରବେଶର ପରିମାଣ ମଧ୍ୟ ବୃଦ୍ଧି ପାଇବାର ଆଶା ରହିଛି। ତେଣୁ ଜଳସ୍ତରକୁ ବଜାୟ ରଖିବା ପାଇଁ ଆବଶ୍ୟକ ଅନୁସାରେ ବିଭିନ୍ନ କେନାଲ ମାଧ୍ୟମରେ ଜଳ ନିଷ୍କାସନ କରାଯାଉଛି। ଜୁଲାଇ ଶେଷ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୫ ଫୁଟ୍ ମଧ୍ୟରେ ସୀମିତ ରଖାଯିବ। ଜଳଭଣ୍ଡାରକୁ ଅଧିକ ଜଳ ପ୍ରବେଶ କଲେ ପୁଣି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଜଳ ନିଷ୍କାସନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ଇଂ.ବେହେରା।

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ନାମ ନୁହେଁ ମାନ

ଆସିଲା ବର୍ଷା ଏବଂ ମୁଖ୍ୟତଃ ଉତ୍ତରଭାରତରେ ଆରମ୍ଭ ହେଲା ବୋଲବମ୍ ଯାତ୍ରା। ଓଡ଼ିଶାରେ ଆମେ ଯାହାକୁ ବୋଲବମ୍ କହୁ ସେମାନଙ୍କୁ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ କାଉଡ଼ିଆ ଡାକନ୍ତି। ଏହି ଧାର୍ମିକ ଯାତ୍ରାରେ ସାଧାରଣତଃ ଗୋଟିଏ ନଦୀ କିମ୍ବା ପୋଖରୀରୁ ଜଳ ନେଇ କିଛି ଦୂରରେ ଥିବା ଶୈବପୀଠକୁ ଯାଇ ସେଠାରେ ଶିବଲିଙ୍ଗ ଉପରେ ପାଣି ଢଳାଯାଇଥାଏ। ଏଭଳି କରୁଥିବା ଯୁବତୀଯୁବକ ସବୁବେଳେ ନିଜର ଧାର୍ମିକ ବିଶ୍ୱାସ ପାଇଁ ଏହି ଯାତ୍ରା କରନ୍ତି ନାହିଁ। ଓଡ଼ିଶା ଭଳି ରାଜ୍ୟରେ ଆମେ ଦେଖିଛୁ ଯେ ଧନୀ ଲୋକମାନେ ଭଡ଼ାରେ ଅନେକ ଲୋକଙ୍କୁ ଏହି ଯାତ୍ରା କରାଉଥିବା ବେଳେ ଆହୁରି ଅନେକେ ନିଜ ଇଚ୍ଛାରେ ମଧ୍ୟ କାଉଡ଼ିଆ ଭାବେ ପଦଯାତ୍ରା କରିଥାନ୍ତି। ଏବେ ଏହି ଯାତ୍ରା ପାଇଁ ଉତ୍ତର ପ୍ରଦେଶ ସରକାର ଏକ ଅଦ୍ଭୁତ ନିୟମାବଳୀ ଘୋଷଣା କରିଥିଲେ। ପ୍ରଥମେ କାଉଡ଼ିଆ ଭକ୍ତମାନେ ଯାଉଥିବା ମୁଜାଫର ନଗର ରାସ୍ତାକଡ଼ରେ ଥିବା ସମସ୍ତ ଢାବା, ହୋଟେଲ ଓ ଠେଲାଗାଡ଼ିରେ ଦୋକାନୀଙ୍କ ନାମ ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ଆଦେଶ କେବଳ ମୁଜାଫରନଗର ନୁହେଁ, ସାରା ରାଜ୍ୟରେ ଲାଗୁ କରିଥିଲେ। ଏହାପରେ ଉତ୍ତରାଖଣ୍ଡ ସରକାର ସମାନ ପ୍ରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଦୁଇ ରାଜ୍ୟ ପରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ମ୍ୟୁନିସିପାଲିଟି ସହରର ସମସ୍ତ ଖାଦ୍ୟ ବିକ୍ରେତାଙ୍କୁ ସାଇନବୋର୍ଡରେ ସେମାନଙ୍କ ନାମ ଓ ମୋବାଇଲ ଫୋନ୍ ନମ୍ବର ଲେଖିବାକୁ ନିର୍ଦ୍ଦେଶ ଦେବା ସହ ଏହାକୁ ଉଲ୍ଲଂଘନ କଲେ ଜରିମାନା ଲାଗୁ କରାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ ମଧ୍ୟପ୍ରଦେଶ ସରକାର ଜୁଲାଇ ୨୨ରେ କାଉଡ଼ିଆ ଯାତ୍ରା ପଥରେ କୌଣସି ଦୋକାନୀଙ୍କୁ ବାଧ୍ୟତାମୂଳକ ଭାବେ ସେମାନଙ୍କ ନାମ ଲେଖିବାକୁ ନିର୍ଦ୍ଦେଶ ଜାରି କରାଯାଇ ନ ଥିବା ସ୍ପଷ୍ଟ କରିଥିଲେ। କିନ୍ତୁ ଏହି ଦିନ ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସରକାରଙ୍କ ନିର୍ଦ୍ଦେଶ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଶୀର୍ଷ ଅଦାଲତ ଜଣାଇଛନ୍ତି ଯେ, ଦୋକାନଗୁଡ଼ିକରେ ପରଷା ଯାଉଥିବା ଖାଦ୍ୟଗୁଡ଼ିକର ନାମ ପ୍ରକାଶ କରାଯାଇପାରେ, କିନ୍ତୁ ଦୋକାନୀ, କର୍ମଚାରୀ କିମ୍ବା ଅନ୍ୟସବୁ ବିବରଣୀ ଲେଖିବା ଆବଶ୍ୟକ ନୁହେଁ। ଏଭଳି ନିଷ୍ପତ୍ତି ଧର୍ମନିରପେକ୍ଷତା ଓ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରୁଛି ବୋଲି ଯେଉଁସବୁ ଅଭିଯୋଗ କରାଯାଇଛି ତାହା ଉପରେ ପ୍ରତିକ୍ରିୟା ରଖିବାକୁ କୋର୍ଟ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉଲ୍ଲେଖନୀୟ ଯେ, ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଅପୂର୍ବାନନ୍ଦ ଝା, ସ୍ତମ୍ଭକାର ଆକାର ପଟେଲ ଏବଂ ଆସୋସିଏଶନ ଅଫ୍ ପ୍ରୋଟେକଶନ ଅଫ୍ ସିଭିଲ ରାଇଟ୍ସ(ଏପିସିଆର୍) ଏହା ବିରୋଧରେ କୋର୍ଟରେ ଆବେଦନ କରିଥିଲେ।

ଯେଉଁମାନେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଛନ୍ତି ସେମାନଙ୍କର ହୁଏତ ଉତ୍ତମ ଧର୍ମନିରପେକ୍ଷ ଉଦ୍ଦେଶ୍ୟ ରହିଥାଇପାରେ। ଅନ୍ୟପଟେ ସମ୍ପୃକ୍ତ ରାଜ୍ୟରେ ଭାଜପା ସରକାର ଥିବାରୁ କେତେକ ମହଲରେ ସମାଲୋଚନା ହୋଇପାରେ ଯେ, ଏଭଳି ନିର୍ଦ୍ଦେଶ ପଛରେ ରାଜନୈତିକ ଉଦ୍ଦେଶ୍ୟ ଲୁକ୍କାୟିତ ରହିଛି। କୌତୂହଳରେ ଅନ୍ୟ କେତେକ ମହଲରେ ଆଲୋଚନା ହେଉଛି ଯେ, ଅର୍ଦ୍ଧନିର୍ମିତ ରାମମନ୍ଦିର ସହିତ ରାଜନୀତି କରିଥିବା ସତ୍ତ୍ୱେ ଭାଜପା ତାହାର ଲାଭ ଉଠାଇ ପାରିଲା ନାହିଁ। କିନ୍ତୁ ଏସବୁ ରାଜନୈତିକ ପେଞ୍ଚ ଆଲୋଚନାକୁ ଗୋଟିଏପଟେ ରଖି ଜନସାଧାରଣଙ୍କ ହିତ ସମ୍ପର୍କିତ ଆଲୋଚନା କୌଣସିଠାରୁ ଶୁଣାଯାଉନାହିଁ। ସାମାଜିକ ଗଣମାଧ୍ୟମ ହେଉ କିମ୍ବା ମୁଖ୍ୟ ଟେଲିଭିଜନ ଚ୍ୟାନେଲ, କେହି ଗୋଟେ କହୁନାହାନ୍ତି ଯେ ଏଭଳି ଅନେକ ହୋଟେଲ କିମ୍ବା ଢାବା ଥାଇପାରେ ଯେଉଁଠାରେ ମାଲିକ ମୁସଲମାନ ହୋଇଥିବା ବେଳେ ରୋଷେୟା ଏବଂ ପରଷିବା ପିଲା ହିନ୍ଦୁ ହୋଇଥିବେ। ଯଦି ସେଭଳି ସଂସ୍ଥାଟିଏ ବନ୍ଦ ହୋଇଯାଏ ତେବେ ମୁସଲମାନ ମାଲିକର କ୍ଷତି ପ୍ରବଳ ହୋଇଥିବା ବେଳେ ହିନ୍ଦୁ କର୍ମଚାରୀ ମଧ୍ୟ ଅର୍ଥନୈତିକ କଷ୍ଟ ସହିବ। ଅନ୍ୟଏକ ଦିଗରୁ ଏକ ଭିନ୍ନ ପରିସ୍ଥିତି ମଧ୍ୟ ଉପୁଜିପାରେ, ଯେଉଁଥିରେ ମାଲିକ ହୋଇଥିବେ ହିନ୍ଦୁ କିନ୍ତୁ ରୋଷେୟା ହୋଇଥିବେ ମୁସଲମାନ। ଏହି ଢାବା ଚାଲିବାକୁ ଦିଆଯାଇପାରେ କିନ୍ତୁ ତାହାଦ୍ୱାରା ଧାର୍ମିକ କାଉଡ଼ିଆଙ୍କର ଅଜାଣତରେ ଅତ୍ୟଧିକ 'ଅଧର୍ମୀୟ' ଖାଦ୍ୟ ଖାଇବାକୁ ପଡ଼ିବ। ଚିନ୍ତାକଲେ ଏହିଭଳି ଆହୁରି ଅନେକ ପରିସ୍ଥିତି ସୃଷ୍ଟି ହୋଇପାରେ, ଯାହାଦ୍ୱାରା ଗରିବ ଖଟିଖିଆ ହିନ୍ଦୁ କର୍ମଚାରୀ ବିନା କୌଣସି କାରଣରେ କ୍ଷତି ସହିବାକୁ ବାଧ୍ୟ ହେବ।

ସରକାରଙ୍କର ଏକମାତ୍ର ଦାୟିତ୍ୱ ହେଉଛି ନାଗରିକର ସୁରକ୍ଷା। ସେହି ସୁରକ୍ଷା ସ୍ୱାସ୍ଥ୍ୟଠାରୁ ଆରମ୍ଭକରି ଅର୍ଥନୀତି ପର୍ଯ୍ୟନ୍ତ ଯାଉଛି। ଅର୍ଥନୈତିକ କ୍ଷତି ଘଟାଇବାକୁ ଉଦ୍ଦେଶ୍ୟ ରଖି ସ୍ୱାସ୍ଥ୍ୟ କ୍ଷତି ଘଟାଇବାର କ୍ଷମତା ସରକାରଙ୍କର ନାହିଁ। ସେଥିପାଇଁ କାଉଡ଼ିଆମାନେ ଯାଉଥିବା ପଥରେ ଥିବା ଢାବା ଓ ହୋଟେଲ ଇତ୍ୟାଦିରେ ଖାଦ୍ୟ କେଉଁ ମାନର ପ୍ରସ୍ତୁତ କରାଯାଉଛି ଏବଂ ତାହାର ପୌଷ୍ଟିକ ତଥ୍ୟ ସହିତ ବାସନକୁସନ କେମିତି ସଫା ରଖାଯାଉଛି ତାହା ବୁଝିବା ସରକାରଙ୍କ ଦାୟିତ୍ୱ। ବିଶେଷକରି ବର୍ଷାଦିନରେ ଶୁଦ୍ଧ ପାନୀୟଜଳ ଯୋଗାଇବାର ଦାୟିତ୍ୱ ସରକାରଙ୍କର। ଏହି ରାଜ୍ୟ ସରକାରମାନେ ମାଲିକର ନାମ ଏବଂ ମୋବାଇଲ୍ ନମ୍ବର ପରିବର୍ତ୍ତେ ଯଦି ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଏବଂ ପଥରେ ଥିବା ମ୍ୟୁନିସିପାଲିଟି କିମ୍ବା ପଞ୍ଚାୟତ ଦ୍ୱାରା ଖାଦ୍ୟ ବିକ୍ରି କରୁଥିବା ସଂସ୍ଥାର ମାନ ସମ୍ପର୍କରେ ସାର୍ଟିଫିକେଟ ଦିଆଇ କହିଥାନ୍ତେ ଯେ, ସେଗୁଡ଼ିକ ସର୍ବସାଧାରଣଙ୍କ ପାଇଁ ଦୋକାନ ସାମ୍ନାରେ ଲଗାଯିବା ଦରକାର ତେବେ ଶାସକ ଦଳର ଲୋକପ୍ରିୟତା ବୃଦ୍ଧି ହୋଇଥାନ୍ତା। ଦୁଃଖର ବିଷୟ ଯେ ଭାରତବର୍ଷରେ କୌଣସି ସରକାର ଏହିଭଳି ଚିନ୍ତା କରିବାକୁ ସମୟ ଖୋଜି ପାରନ୍ତି ନାହିଁ।

# ପର ପାଇଁ ଜିଇବାର ସୁଖ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆମେ ସଭିଏଁ ନିଜ ପାଇଁ ଜିଇବାରେ ଏତେ ବ୍ୟସ୍ତ ଓ ଅଭ୍ୟସ୍ତ ଯେ ଆମ ଜୀବନ ପରିସର ବାହାରେ ଅନ୍ୟ କାହା ଜୀବନର ଦୁଃଖଯନ୍ତ୍ରଣା ବୁଝିବାକୁ ନା ଥାଏ ସମୟ ନା ସ୍ପୃହା। ନିଜ ପାଇଁ ବୋଇଲେ ସ୍ୱୟଂ ନିଜେ ଓ ଏହାର ପରିବନ୍ଧିତ ପରିସର, ନିଜ ସ୍ତ୍ରୀ ଓ ପିଲା ପରିବାର। ବିଶାଳ ଦୁନିଆର ଏହି କ୍ଷୁଦ୍ର ପରିସରକୁ ଆମ ଭିତରୁ ବେଶ୍ ଭାଗ ଲୋକ ନିଜ ନିଜର ସଂସ୍କାର ବୋଲି ଚିହ୍ନନ୍ତି। ତଥାପି ସବୁ କଥାରେ କିଛି ନା କିଛି ବ୍ୟତିକ୍ରମ ଥିଲା ଭଳି ଏହି ସ୍ୱାର୍ଥସର୍ବସ୍ୱ ଦୁନିଆରେ ଏମିତି କିଛି ବିରଳ ବ୍ୟତିକ୍ରମ ମିଳନ୍ତି, ଯେଉଁମାନେ ଏକ ନିଆରା ଜୀବନ ଜିଇବାରେ ରୁଚି ରଖନ୍ତି। ସମଗ୍ର ବସୁଧାକୁ ନିଜ କୁଟୁମ୍ବ ମନେକରୁଥିବା ଏହି ପରାର୍ଥପ୍ରାଣମାନେ ଦୁଃଖୀର ଦୁଃଖମୋଚନ କରି ନ ପାରିଲେ ବା ଅସହାୟକୁ ସହାୟ ହୋଇ ନ ପାରିଲେ ନିଜକୁ ପରିପୂର୍ଣ୍ଣ ମନେକରିପାରନ୍ତି ନାହିଁ। କି ସୁଖ ମିଳେ କେଜାଣି ପର ପାଇଁ ବଞ୍ଚିବାରେ, ଏମାନେ ଅନ୍ୟର ସେବା ପାଇଁ ନିଜର ଧନବଳ, ବାହୁବଳ ବିନିଯୋଗକରି ଅପାର ଆନନ୍ଦ ଲାଭକରନ୍ତି। ସେମିତି କିଛି ଚିହ୍ନା ଚରିତ୍ର ସମ୍ପର୍କରେ ଆଜିର ଉପସ୍ଥାପନା।

କେଇବର୍ଷ ପୂର୍ବରୁ ଅବସର ନେଇ ସାରିଥିବା ନିର୍ମଳବାବୁ ଥିଲେ ଜଣେ ବ୍ୟାଙ୍କ ମ୍ୟାନେଜର। ସ୍ତ୍ରୀଙ୍କ ସହ ୨ କନ୍ୟାଙ୍କୁ ନେଇ ତାଙ୍କ ପରିବାର। ଝିଅ ଦୁହେଁ ବିବାହ କରିବା ସହିତ ନିଜ ନିଜ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠିତ। ନିର୍ମଳବାବୁ ନିଜ ପେନ୍‌ସନ ଟଙ୍କାରେ ବେଶ୍ ଆରାମରେ ଚଳନ୍ତି ସିନା ମାତ୍ର କାହାର କିଛି କାମରେ ଆସିବାର ସୁଯୋଗ ମିଳିଲେ ଭୁଲି ଯାଆନ୍ତି ଯେ ତାଙ୍କର ପରିବାର ବୋଲି କିଛି ଅଛି। ଐଶ୍ୱର୍ଯ୍ୟର ଔଜଲ୍ୟ ପ୍ରତି ମୁହୂର୍ତ୍ତରେ ତାଙ୍କ ଜୀବନକୁ ଉଭାସିତ କରୁଥିଲେ ମଧ୍ୟ ଆଖି ଆଗରେ ଦାରିଦ୍ର୍ୟରେ ବୁଡ଼ିରହିଥିବା ହତଭାଗ୍ୟଙ୍କୁ ଦେଖି ସେ ନିଜକୁ ଦୀପ୍ତିହୀନ ମନେକରନ୍ତି। ସେ ନିଜର ସମ୍ବଳ ସହ ଆଗେଇଆସନ୍ତି ଓ ଲଢ଼ିବାକୁ ତିଆର ହୋଇଯାନ୍ତି ଅଜଣା ଅଚିହ୍ନା ଲୋକମାନଙ୍କ ଦୁର୍ଭାଗ୍ୟ ସହ। ନିଜ ଅର୍ଥର କିଛି ପରିମାଣ ସେ ଅଜାଡ଼ି ଦିଅନ୍ତି କେଉଁଠି ମରିବାକୁ ଯାଉଥିବା ଲୋକଟି ପାଇଁ ନିଃଶ୍ୱାସ କିଣିବାରେ ତ ଆଉ କେଉଁଠି ନିଜ ଭବିଷ୍ୟତ ଗଢ଼ିବାକୁ ଯାଉଥିବା କେଉଁ ମେଧାବୀ ଅଥଚ ଦରିଦ୍ର ଛାତ୍ରଟି ପାଇଁ ବିଶ୍ୱାସ କିଣିବାରେ।

କେବଳ ଅବସର ପରେ ନୁହେଁ, ସେ ଚାକିରିରେ ଥିଲାବେଳେ ବି ବେତନର ଏକ ସିଂହଭାଗ ବ୍ୟୟ କରୁଥିଲେ ଅଭାବୀ ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ। ସ୍ତ୍ରୀଙ୍କଠୁ ଯାହା ତ ଶୁଣିବାକୁ ମିଳୁଥିଲା, ମାଆ କହୁଥିଲେ- "କାହିଁକି ଅନ୍ୟମାନଙ୍କ ପାଇଁ ଏତେ ଟଙ୍କା ଖର୍ଚ୍ଚ କରୁଛୁ। ତୋର ପରା ଦୁଇଟି ଝିଅ। ତାଙ୍କ ପାଇଁ କିଛି ସଞ୍ଚୟ କରୁନୁ କାହିଁକି?"



ମାଆଙ୍କ ଆକଟରେ ମ୍ୟାନେଜରବାବୁ ହସୁଥିଲେ ଓ କହୁଥିଲେ- "ତୁ ଲଗାଇଥିବା ଗଛର ଫଳ ଖାଇବାର ଅଧିକାର ତୋର ଅଛି ମା'! ମାତ୍ର ତୋ ପେଟ ପୂରିଗଲା ପରେ ବଳକା ଫଳଗୁଡ଼ିକ ଖାଇବାକୁ ପାଉ ନ ଥିବା ଲୋକଙ୍କୁ ବାଣ୍ଟିଦେଲେ ତୁ ଆପତ୍ତି କରୁଛୁ କାହିଁକି? ତୋର ତ ବରଂ ଖୁସି ହେବା କଥା ଯେ ତୋ ଗଛର ଫଳ ଅନ୍ୟମାନେ ଖାଇ ଭୋକ ମେଣ୍ଟାଉଛନ୍ତି।" ପ୍ରକୃତରେ ଏମିତି ଏକ ଫଳନ୍ତି ବୃକ୍ଷର ଜନନୀ ହେବାରେ ଯେ କେତେ ଗୌରବ, ଏ କଥା ସେ ସରଳା ମାଆ ବୁଝିଥାନ୍ତେ ସିନା!

ପର ପାଇଁ ଜିଇବାର ସୁଖ ସାଉଁଟିଥିବା ଆମ ନିବନ୍ଧର ଦ୍ୱିତୀୟ ଚରିତ୍ର ହେଲେ ସମ୍ବଲପୁରର ପଞ୍ଚସ୍ତରୀ ବର୍ଷ ବୟସ୍କା ଡାକ୍ତର ନାରାୟଣୀ ପଣ୍ଡା। ପରିଣତ ବୟସରେ ବି ରୋଗୀସେବା କରୁଛନ୍ତି ଡାକ୍ତର ପଣ୍ଡା। ସମ୍ବଲପୁର ମହିଳା କଲେଜ ପାଖରେ ଥିବା ତାଙ୍କ ନିବାସସ୍ଥଳୀର ସୁରମ୍ୟ ପ୍ରାସାଦକୁ ସେ କଲେଜ ହଷ୍ଟେଲ କରିବା ପାଇଁ ସମ୍ପୂର୍ଣ୍ଣ ଦାନ କରିଦେଇଛନ୍ତି। କହିଛନ୍ତି, "ମୁଁ ଏ ସଂସାର ଛାଡ଼ିବା ବେଳେ ତ ନିଜ ଅର୍ଥରେ ଗଢ଼ିଥିବା ଏଇ ଅଟ୍ଟାଳିକାକୁ ସାଙ୍ଗରେ ନେଇଯିବିନି! ବରଂ ମୁଁ ଏକା ରହୁଥିବା ଘରେ ବହୁ ଛାତ୍ରୀ ରହୁଥିବାର ଦେଖି ଆରପୁରରେ ଥାଇ ଖୁସି ହେଉଥିବି।"

ପରାର୍ଥପ୍ରାଣତାର ଅନ୍ୟ ଏକ ମୁଗ୍ଧ ଅନୁଭବ। ଏଇ ଅନୁଭବ ସହ ଜଡ଼ିତ ୨ଜଣ ପରାର୍ଥପ୍ରାଣ ମହାତ୍ମା ବରିଷ୍ଠ ନାଗରିକ। ନିଜେ ସଂସାର ଛାଡ଼ିବା ବେଳ ପାଖେଇ ଆସିଲାଣି, ଅଥଚ ସଂସାରକୁ ପୂରା ଦେଖି ନ ଥିବା ଜଣେ ୨୪ ବର୍ଷର ଯୁବକକୁ ଯେମିତି ଅକାଳରେ ସଂସାରରୁ ବାହୁଡ଼ିଯିବାକୁ ନ ପଡ଼େ, ସେଥିପାଇଁ ଦୁହିଁଙ୍କର କି ପ୍ରାଣମୟ ପ୍ରଚେଷ୍ଟା। ଦୁହିଁଙ୍କ ମଧ୍ୟରୁ ପ୍ରଥମ ଜଣକ ୫ବର୍ଷ ତଳୁ ଅଧ୍ୟାପନା ବୃତ୍ତିରୁ ଅବସର ନେଇଥିବା ବସନ୍ତବାବୁ। ଆଜକୁ ୭ବର୍ଷ ହେଲା କର୍କଟ ରୋଗାକ୍ରାନ୍ତ ନିଜ ସ୍ତ୍ରୀଙ୍କୁ ନେଇ ସେ ଜଞ୍ଜାଳଗ୍ରସ୍ତ। ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଅଜସ୍ର ଅର୍ଥ ବ୍ୟୟ ସାଙ୍ଗକୁ ବମ୍ବେ, ଦିଲ୍ଲୀ ଆଦି ବିଭିନ୍ନ ହସ୍ପିଟାଲ ବୁଲି ବୁଲି ସେ ନୟାନ୍ତ। ଅଥଚ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ସ୍ତ୍ରୀଙ୍କ ଚିକିତ୍ସାଠାରୁ ଯାହା ତାଙ୍କୁ ଏବେ ଅଧିକ ବ୍ୟସ୍ତ ଓ ଭାରାକ୍ରାନ୍ତ କରି ରଖିଛି, ତାହା ହେଉଛି ଦୁଇଟି ଯାକ କିଡ୍‌ନୀ ହରାଇ ଆସ୍ତେ ଆସ୍ତେ ନିଶ୍ଚିତ ମୃତ୍ୟୁ ଆଡ଼କୁ ଆଗେଇଯାଉଥିବା ଯୁବ ଅଧ୍ୟାପକ ରାଧାଶ୍ୟାମଙ୍କ ଅନିଶ୍ଚିତ ଚିକିତ୍ସା।

ମାତ୍ର ବର୍ଷକ ତଳେ ଚାକିରି ଆରମ୍ଭ କରିଥିବା ତଥା ଏକ ଅସ୍ୱଚ୍ଛଳ ପରିବାରରୁ ଆସିଥିବା ଯୁବ ଅଧ୍ୟାପକ ରାଧାଶ୍ୟାମଙ୍କ ପାଖରେ କିଡ୍‌ନୀ ପ୍ରତିରୋପଣ ପାଇଁ ଆବଶ୍ୟକ ଆର୍ଥିକ ସମ୍ବଳ ନାହିଁ। ପିଲାଟି ଦିନରୁ ନିଜ ପିତାଙ୍କୁ ହରାଇଥିବା ରାଧାଶ୍ୟାମଙ୍କ ପାଖରେ ଉଭୟ ଅର୍ଥବଳ ଓ ଲୋକବଳର ଅଭାବ ଲକ୍ଷ୍ୟକରି ବସନ୍ତ ଆଗେଇ ଆସିଛନ୍ତି ତାଙ୍କର ଚିକିତ୍ସା ଦାୟିତ୍ୱ ନିଜ କାନ୍ଧକୁ ନେଇ। ଭଲକରି ଦୁନିଆ ଦେଖି ନ ଥିବା ରାଧାଶ୍ୟାମଙ୍କୁ ଦୁନିଆ ଛାଡ଼ିବାକୁ ସମୟର ତୀବ୍ର ଚେତାବନୀ! ମାତ୍ର ଏତେ ଶୀଘ୍ର ସେଇ ହତଭାଗ୍ୟ ଅଧ୍ୟାପକଙ୍କୁ ବିନା ଚିକିତ୍ସାରେ ମୃତ୍ୟୁ ହାତରେ ଟେକିଦେବା ପାଇଁ ପ୍ରସ୍ତୁତ ନୁହନ୍ତି ବସନ୍ତ। ସେ ନିଜ ପରିଚିତ ବଦାନ୍ୟ ବ୍ୟକ୍ତିମାନଙ୍କୁ ଏକ ଆବେଗ ବିଜଡ଼ିତ ବାର୍ତ୍ତା ପଠାଇ ସେମାନଙ୍କଠୁଁ ଆର୍ଥିକ ସାହାଯ୍ୟ ସଂଗ୍ରହ କରିବାରେ ଲାଗି ପଡ଼ିଛନ୍ତି। ଏହି କ୍ରମରେ ଅନ୍ୟ ଜଣେ ଅବସରପ୍ରାପ୍ତ ଅଧ୍ୟାପକ ନାରାୟଣଙ୍କ ନେତୃତ୍ୱରେ ଦର୍ଶନଶାସ୍ତ୍ର ପଢ଼ିଥିବା ଓ ପଢ଼ାଇଥିବା ବ୍ୟକ୍ତିମାନଙ୍କୁ ନେଇ ଗଢ଼ିଉଠିଥିବା 'ପ୍ରଜ୍ଞା ପ୍ରଣୟ' ନାମକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ବସନ୍ତଙ୍କ ଆବେଗସକ୍ତ ଅନୁରୋଧ ରଙ୍ଗ ଆଣିଛି। ମାନବୀୟ ସଂସ୍କୃତିର ଆବେଗରେ ହେଉ କି ଏକ ଦିବ୍ୟ ମାନବିକତା ଆଧାରରେ ହେଉ ; ଏହି ଗ୍ରୁପ୍‌ର ବହୁ ସଦସ୍ୟଙ୍କଠୁଁ ଅଜାଡ଼ି ହୋଇପଡ଼ିଛି ଲକ୍ଷାଧିକ ଟଙ୍କାର ଅନୁଦାନ।

ସବୁଠୁ ମୋଟା ଅଙ୍କର ସାହାଯ୍ୟ ରାଶି ଆସିଛି 'ପ୍ରଜ୍ଞା ପ୍ରଣୟ' ଗୋଷ୍ଠୀରେ ରାଜୁ ଭାଇନ ନାମରେ ସୁଖ୍ୟାତ ଜଣେ ଅବସରପ୍ରାପ୍ତ ପୋଲିସ ଆଇଜିଙ୍କ ଠାରୁ। ରାଧାଶ୍ୟାମଙ୍କ କିଡ୍‌ନୀ ପ୍ରତିରୋପଣ ପାଇଁ ଲକ୍ଷେ ଟଙ୍କାର ସହଯୋଗ ରାଶି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ରାଜୁ ଭାଇନା ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପୋଲିସ ବୃତ୍ତିରେ ଥାଇ ମଧ୍ୟ ସେ ପଢ଼ିଥିବା ପାଠ ଦର୍ଶନଶାସ୍ତ୍ର ପ୍ରତି ତାଙ୍କ ଅନୁରକ୍ତି କୌଣସି ପ୍ରଫେସରଙ୍କଠାରୁ ମଧ୍ୟ କମ୍ ନୁହେଁ। କେବଳ ରାଜୁବାବୁଙ୍କ ୧ଲକ୍ଷ ଟଙ୍କା ନୁହେଁ, ପ୍ରଜ୍ଞା ପ୍ରଣୟ ଗୋଷ୍ଠୀର ପ୍ରତ୍ୟେକ ସାହାଯ୍ୟକାରୀ ସଦସ୍ୟ, ବସନ୍ତବାବୁଙ୍କ ଆନ୍ତରିକ ଉଦ୍ୟମ ତଥା ନାରାୟଣବାବୁଙ୍କ ପ୍ରାଣମୟ ପ୍ରଚେଷ୍ଟା ମୂଳରେ ଅଛି ସେଇ ଗୋଟିଏ କଥା- ଅନ୍ୟ ପାଇଁ ସମର୍ପିତ ଜୀବନର ଏକ ଅନିର୍ବଚନୀୟ ଅନୁଭବ! ଏକ ବିରଳ ଦିବ୍ୟତାରେ ଭରପୂର ଅନ୍ତରଙ୍ଗ ଆନନ୍ଦ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ:୮୮୯୫୬୨୪୧୦୫

# ପ୍ରେରଣା ଓ ପ୍ରତାରଣା



ବୈକୁଣ୍ଠନାଥ ମିଶ୍ର

ସମାଜରେ ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି ପାଇ ସମାଜକୁ ବିଶୃଙ୍ଖଳିତ କରିଦେଉଛି। ମଣିଷର ଭକ୍ତି ଓ କୃତି ମଧ୍ୟରେ ଭୟଙ୍କର ବ୍ୟବଧାନ। ଗତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବ୍ୟକ୍ତିର ବ୍ୟକ୍ତିତ୍ୱ ମହନୀୟତାରେ ଉଦ୍‌ଭାସିତ ଥିଲା। ସମ୍ପ୍ରତି ବ୍ୟକ୍ତିର ବ୍ୟକ୍ତିତ୍ୱରେ ଦେଖାଦେଇଛି କାଳବୈଶାଖୀର କଳାବାଦଲ। ସମାଜ ସଂସ୍କାରକ ରୂପେ ପରିଚିତ ବ୍ୟକ୍ତିବିଶେଷଙ୍କ ନୈତିକ ଅଧୋପତନ ସମାଜର ସାଧାରଣ ସ୍ତରକୁ ପ୍ରଭାବିତ କରିଛି। ଗୁରୁ ହରାଇଛି ଗୁରୁତ୍ୱ, ନେତା ଆଜି ନୈତିକତାବିହୀନ ଓ ଯୁବଶକ୍ତି ଉଦ୍‌ଭ୍ରାନ୍ତ ଓ ପଥଭ୍ରଷ୍ଟ। ଅନେକ ଧୂର୍ତ୍ତ ନିଜକୁ ସାଧୁସନ୍ଥର ପରିଚୟ ପ୍ରଦାନକରି ପ୍ରବଚନ ମାଧ୍ୟମରେ ଲୋକଙ୍କୁ ଶୋଷଣ କରନ୍ତି। ନୀତିବାଣୀ ସମ୍ବଳିତ ପ୍ରବଚନ ମାଧ୍ୟମରେ ସେମାନେ ଲାଭ କରନ୍ତି ଉଚ୍ଚ ଆସନ, କିନ୍ତୁ ବାସ୍ତବତା ଭିନ୍ନ। ଏ ସମ୍ବନ୍ଧରେ ଏକ ଉଦାହରଣ ପ୍ରାସଙ୍ଗିକ ମନେହୁଏ।

ଥିଲେ ଜଣେ ବାଗ୍ମୀ ପଣ୍ଡିତ ଓ ସେ ଯେଉଁଠାରେ ଶାସ୍ତ୍ରୀୟ ପ୍ରବଚନ ଦେଉଥିଲେ ସେଠାରେ ଲୋକାରଣ୍ୟ ହୋଇ ପଡୁଥିଲା। ଥରେ ଘଟଣାଚକ୍ରରେ ନିଜ ପଡ଼ୋଶୀ ଗ୍ରାମରେ ତାଙ୍କ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସ୍ଥାନଟି ଉତ୍ସବମୁଖର ହୋଇ ଉଠିଥାଏ। ପଣ୍ଡିତଙ୍କ ଧର୍ମପତ୍ନୀ ଭାବିଲେ ଏତେ ଲୋକ ମୋ ସ୍ୱାମୀଙ୍କ ପ୍ରବଚନ ଶୁଣି ଧନ୍ୟଧନ୍ୟ କହୁଛନ୍ତି ; ଅଥଚ ମୁଁ ଦୀପତଳ ଅନ୍ଧାର ଭଳି ପଡ଼ିରହିଛି। ଗ୍ରାମର କିଛି ମହିଳାଙ୍କ ସହ ବୋହୂକୁ ସାଙ୍ଗରେ ନେଇ ପଣ୍ଡିତଙ୍କ ଅଗୋଚରରେ ପ୍ରବଚନ ଶୁଣୁଥାଆନ୍ତି। ସେଦିନ ପ୍ରବଚନର ପ୍ରଥମ ପ୍ରସଙ୍ଗ ଥିଲା ଆମିଷ ଭକ୍ଷଣର କୁପରିଣାମ ଓ ଦ୍ୱିତୀୟଟି ଥିଲା ବଧୂ ନିର୍ଯାତନାର କରୁଣ ଗାଥା। ଆମିଷ ଭକ୍ଷଣ କିପରି ଉଭୟ ସ୍ୱାସ୍ଥ୍ୟ ଓ ଶାସ୍ତ୍ର ବିରୋଧୀ ତାହା ପଣ୍ଡିତେ ପ୍ରାଞ୍ଜଳଭାବେ ବୁଝାଇ ଚାଲିଥିଲେ। ସେହିପରି ବଧୂ ନିର୍ଯାତନା ଉପରେ ପଣ୍ଡିତଙ୍କ ଭାଷଣ ଥିଲା ଏକ ସତର୍କ ବାଣୀ। ବଧୂ ହେଉଛନ୍ତି ଆମର କନ୍ୟା ସଦୃଶ। ତାଙ୍କୁ କନ୍ୟାବତ୍ ସ୍ନେହ ପ୍ରଦାନ କରିବା ପ୍ରତ୍ୟେକ ଶାଶୁ ଶ୍ୱଶୁରଙ୍କ ଦାୟିତ୍ୱ। ପ୍ରବଚନ ଶୁଣି ବୋହୂ ଉତ୍‌ଫୁଲ୍ଲିତ, କିନ୍ତୁ ଶାଶୁ ଆତଙ୍କିତ। ବୋହୂ ବହୁମାତ୍ରାରେ ପ୍ରୀତ ଯେ ଆଜିଠାରୁ ତା'ର ନିର୍ଯାତନାର ଅନ୍ତ ଘଟିବ ଓ ଶ୍ୱଶୁର ଆଉ ଯୌତୁକ କଥା ନ ଉଠାଇ ତାଙ୍କ ଉପରେ ସ୍ନେହ ଅଜାଡ଼ିଦେବେ। ଶାଶୁଙ୍କର ଆତଙ୍କର କାରଣ ଥିଲା ପଣ୍ଡିତେ ଆଉ ଆଜିଠାରୁ ଆମିଷ ଭକ୍ଷଣ କରିବେ ନାହିଁ। ଯଦି ଏକଥା ସତ, ତେବେ ଆଜି ଏକ ବଡ଼ ରୋହିମାଛ ଆଣି ତାକୁ ଯତ୍ନର ସହ ରନ୍ଧନ କରିବା ପାଇଁ ବରାଦ କରିବା ମୂଳରେ କି ଅଭିସନ୍ଧି ଅଛି। ପ୍ରବଚନ ଅଧାରୁ ଶାଶୁ ବୋହୂ ଘରକୁ ଆସି ପ୍ରସ୍ତୁତ ହୋଇଥିବା ଆମିଷ ବ୍ୟଞ୍ଜନକୁ ବାଡ଼ିରେ ଗାତଖୋଳି ପୋତିଦେଲେ। ଶାଶୁ ବୋହୂ ଦୁହେଁ ସ୍ନାନ ଶୌଚ ହୋଇ ହବିଷ୍ୟାନ୍ନ ପ୍ରସ୍ତୁତିରେ ଲାଗିଗଲେ। ପଣ୍ଡିତେ ମଧ୍ୟରାତ୍ରରେ ପ୍ରବଚନରୁ ଫେରି ଖାଇବାକୁ ବସିଲେ। ହବିଷ୍ୟାନ୍ନ ଦେଖି ପଣ୍ଡିତେ ନିଆଁବାଣ। ଆରେ ଏଗୁଡ଼ାକ କ'ଣ? ୟାକୁ କ'ଣ ମଣିଷ ଖାଆନ୍ତି? ମାଛ ତରକାରି କାହିଁ? ଧର୍ମପତ୍ନୀ କହିଲେ- ତୁମର ଯଦି ଆଜିଠାରୁ ଆମିଷ ଖାଇବାର ନାହିଁ, ତେବେ ମୋତେ ଏତେ କଷ୍ଟ କ'ଣ ପାଇଁ ଦେଉଥିଲ? ବୋହୂ ବାହାରିପଡ଼ି କହିଲେ, ବାପା! ଆପଣଙ୍କ ପ୍ରବଚନରେ ମୁଁ ଭାରିଖୁସି। ଆପଣ ଯେ ଏଣିକି ମୋତେ ଝିଅଭଳି ଦେଖିବେ, ଏହାଠାରୁ ବଳି ସୁଖକର କଥା ମୋ ପାଇଁ କ'ଣ ହୋଇପାରେ! ଆମେ ଦୁହେଁ ଅତି ଯତ୍ନରେ ଏ ହବିଷ୍ୟାନ୍ନ ପ୍ରସ୍ତୁତ କରିଛୁ। ପଣ୍ଡିତଙ୍କୁ



ଆଉ ବୁଝିବାକୁ ବାକି ରହିଲାନାହିଁ ଯେ ଶାଶୁ ବୋହୂ ଦୁହିଁଙ୍କ ପ୍ରବଚନ ଶ୍ରବଣର ପ୍ରଭାବ ସିଧା ତାଙ୍କ ଭାତଥାଳି ଓ ବ୍ୟକ୍ତିତ୍ୱ ଉପରେ ପଡ଼ିଛି। କ୍ରୋଧରେ ପଣ୍ଡିତେ କହିଲେ, ଆରେ ନିର୍ବୋଧ! ଏଇ ସାମାନ୍ୟ କଥାଟା ତୁମେ ବୁଝିପାରିଲ ନାହିଁ କିପରି? ଆମେ ପଣ୍ଡିତମାନେ ଯାହା କହୁ ତାହା କେବଳ ପର ପାଇଁ ଉଦ୍ଦିଷ୍ଟ। ସେମାନେ ଏତେ ଖର୍ଚ୍ଚ କରି ଯେତେବେଳେ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି, ତାଙ୍କ ମନ ବୁଝିଲା ପରି ଦୁଇପଦ କଥା ନ କହିଲେ କେମିତି ଚଳିବ? ଆମ ପଣ୍ଡିତମାନଙ୍କର କିଛି ଦୋଷଥିଲେ ମଧ୍ୟ ଆମ ଗୁଣ ଆଢୁଆଳରେ ତାହା ଲୁଚିଯାଏ।

ଉପରୋକ୍ତ ଗଳ୍ପଟିର ଅବତାରଣାର ବିଶେଷତ୍ୱ ଏହି ଯେ, ଆମେ ପ୍ରତ୍ୟହ ଆମ ଚତୁଃପାର୍ଶ୍ୱରେ ଭିନ୍ନ ଚରିତ୍ରଧାରୀ ବ୍ୟକ୍ତିମାନଙ୍କୁ ଦେଖୁ। ଅତ୍ୟନ୍ତ ସରଳ, ସାବଲୀଳ ଓ ହୃଦୟସ୍ପର୍ଶୀ ବଚନର ଅନ୍ତରାଳେ ଏକ ଜଘନ୍ୟ ପ୍ରବୃତ୍ତି ଲୁଚିରହିଥାଏ। ନିଜେ ଆତ୍ମରକ୍ଷାକାରୀ ପୋଷାକ ପରିଧାନ କରି ଓ ଅହୋରାତ୍ର ଜଗୁଆଳି ମେଳରେ କାଳଯାପନ କରୁଥିବା ଜନନେତାମାନେ ଦେଶବାସୀଙ୍କୁ ଦିଅନ୍ତି ନିର୍ଭୀକ ହେବାର ମଧୁର ଉପଦେଶ। ଦେଶର ରାଜସ୍ୱ ଅପହରଣ କରି ଦେଶବାସୀଙ୍କୁ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରିବାର ଉପଦେଶ ଏକ ଛଳନାମାତ୍ର। 'ଦୁଃଖୀ ଅରକ୍ଷିତ ସେବା କାରଣେ - ବଳଦିଅ ମୋର କର ଚରଣେ' ଭଳି ପ୍ରାର୍ଥନାକୁ ସକାଳ ସଞ୍ଜରେ ଗାଇ ଲୋକଦେଖାଣିଆ ଭକ୍ତିଭାବ ମୂଳରେ ଥାଏ ପରର ସର୍ବସ୍ୱ ଅପହରଣ ଅଭୀଲିପ୍ସା। ଦେଶବାସୀ ଏପରିକି ବୁଭୁକ୍ଷୁ ନିରନ୍ନର ଦାନା ଚୋରି କରିବା ପାଇଁ ମନ କେବେ ଆନ୍ଦୋଳିତ କରେ ନାହିଁ।

ଭଣ୍ଡ ସାଧୁ, ଆତ୍ମଘୋଷିତ ମିଥ୍ୟା ବାବା ଓ (ଅ)ପଣ୍ଡିତମାନଙ୍କର ମନ ଭୁଲାଣିଆ ପ୍ରବଚନର ସମ୍ମୋହନରେ ଆକର୍ଷିତ ହୋଇ ନିରୀହ ଜନସାଧାରଣ ପତଙ୍ଗ ପ୍ରଜ୍ୱଳିତ ଅଗ୍ନିଶିଖାକୁ ଲମ୍ଫଦେଲା ପରି ନିଜକୁ ଝାସ ଦେଉଛନ୍ତି। ଗତ କିଛିଦିନତଳେ ଉତ୍ତରପ୍ରଦେଶର ହାଥ୍‌ରସଠାରେ ଭଣ୍ଡସାଧୁ ଭୋଲେବାବାଙ୍କ ପାଦରେଣୁ ପ୍ରାପ୍ତି ଆଶାରେ ଘଟିଥିବା ଦଳାଚକଟାରେ ୧୨୧ଜଣ ମୃତ୍ୟୁବରଣ କଲେ ଓ ଶତାଧିକ ଆହତ ହୋଇ ଚିକିତ୍ସିତ ହେଲେ। ତେବେବି କିଛି ଅକର୍ମଣ୍ୟ ହୋଇ ସାରା ଜୀବନ ହତାଶା ମଧ୍ୟକୁ ଠେଲି ହୋଇଗଲେ। କାହିଁ ସେତେବେଳେ ତ ବାବା ସେମାନଙ୍କ ସାହାଯ୍ୟାର୍ଥେ ଆଗେଇ ଆସିଲେ ନାହିଁ। ଆମେ ସମସ୍ତେ ଭାଗବତରୁ ଜ୍ଞାତ ଅଛୁଯେ ଇନ୍ଦ୍ରଙ୍କ କୋପ କାରଣରୁ ସାତଦିନ ସାତରାତି ନିରବଚ୍ଛିନ୍ନ ବୃଷ୍ଟି ହୋଇ ଗୋପପୁରବାସୀଙ୍କୁ ଦେଲା ଅନବଦ୍ୟ କଷଣ। ସହି ପାରିଲେନି ବାଳୁତ ଶ୍ରୀକୃଷ୍ଣ। ନିଜ ବାମକରରେ ଗିରିଗୋବର୍ଦ୍ଧନକୁ ଧାରଣ କରି ତା'ରି ତଳେ ସମଗ୍ର ଗୋପବାସୀଙ୍କୁ ବଢ଼ାଇଲେ ସୁରକ୍ଷାର ହାତ। ରକ୍ଷା ପାଇଲେ ଗୋପପୁରବାସୀ। ସେ ହେଉଛନ୍ତି ଭଗବାନ। ପ୍ରତାରଣା ଆଜି କିନ୍ତୁ ପ୍ରେରଣା ସ୍ଥାନରେ କେବଳ ପ୍ରତାରଣାର ରାଜୁତି। ଏ ଭଣ୍ଡ, ସାଧୁ ଆତ୍ମଘୋଷିତ ବାବା ତଥା ମିଥ୍ୟା ପ୍ରବଚକମାନଙ୍କ ପ୍ରତି ସାବଧାନ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ଏଇ ଭାରତରେ

ଭି. ସହେଲି, ଲକ୍ଷ୍ୟ ଗୋସ୍ୱାମୀ, ଉଦୟ ସିଂ, ସୌରିଶ ଗ୍ରୋଭର ଏବଂ ଅର୍ମାନ ଶରନ ଏକାବେଳକେ ଦୁଇଟି କାମ କରୁଥିବା ଏକ କୁଲିଂ ଡିଭାଇସ ଆବିଷ୍କାର କରିଛନ୍ତି। ଏହା ମଧ୍ୟ ହିଟର ଭାବେ କାମ କରୁଛି। ଏହି କୁଲରର ନାମ ରଖାଯାଇଛି ଜେଫିରସ୍। ପୁରାତନ ଗ୍ରୀସ୍‌ର ବାୟୁ ଦେବତାଙ୍କ ନାମାନୁସାରେ ଏହାର ଏଭଳି ନାମକରଣ କରାଯାଇଛି। ଏହି ୫ ଜଣ ପିଲାଙ୍କ ନୂତନ ଚିନ୍ତାଧାରା ଏକ ଉଦାହରଣ ସୃଷ୍ଟି କରିଛି। ଦିଲ୍ଲୀର ଶିବନଦାର ସ୍କୁଲରେ ଗତବର୍ଷ ୧୦ମ ଶ୍ରେଣୀରେ ପଢୁଥିଲାବେଳେ ଏଭଳି ଉଦ୍ଭାବନର ନିଷ୍ପତ୍ତି ନେଇଥିଲେ ଏବଂ ପରେ ଏଥିରେ ସଫଳ ହୋଇଛନ୍ତି। ଏହି କୁଲର ମେଶିନରେ ପାରମ୍ପରିକ କୁଲର ତୁଳନାରେ କମ୍ ପାଣିର ବ୍ୟବହାର କରାଯାଉଛି। ସାଧାରଣ କୁଲର ମାସକୁ ହାରାହାରି ୩,୦୦୦ ଲିଟର ପାଣି ଆବଶ୍ୟକ କରୁଥିବାବେଳେ ଜେଫିରସ୍ ୩୦୦ ମିଲିଲିଟର ପାଣି ଦରକାର କରୁଛି। ୨୪ ଇଞ୍ଚ ଚଉଡ଼ା ଓ ୧୨ ଇଞ୍ଚ ଲମ୍ବର ଏହି କୁଲିଂ ମେଶିନକୁ ଆଲୁମିନିୟମ ଶିଟ୍‌ରେ ତିଆରି କରାଯାଇଛି। ଏହାକୁ ନିର୍ମାଣ କରିବାରେ ସ୍କୁଲ ଏମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛି ଓ ଏଥିରେ ମୋଟ ୫,୫୦୦ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବଜାରରେ ଏବେ ଉପଲବ୍ଧ କୁଲରଠାରୁ ଶସ୍ତା। ଏହାକୁ ଏବେ ପରୀକ୍ଷା କରାଯାଇ ମାର୍କେଟକୁ ଛଡ଼ାଯିବାର ପଦକ୍ଷେପ ନିଆଯାଇଛି। ଏହାକୁ ଅଧିକ ଉତ୍ପାଦନ କରାଗଲେ ଏବକାର ମୂଲ୍ୟଠାରୁ ଆହୁରି କମ୍ ହେବ ବୋଲି କହନ୍ତି ଅର୍ମାନ।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଜୁଲାଇ ୧୯୭୫

- ରାଜ୍ୟ ମଧ୍ୟ ଦେଇ ଯାଇଥିବା ବିଭିନ୍ନ ଜାତୀୟ ରାଜପଥ ନିର୍ମାଣ ପାଇଁ ଭାରତ ସରକାର ୨୦୩ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି।
- ଭାରତୀୟ ଜ୍ଞାନପୀଠର ଟ୍ରଷ୍ଟି ତଥା ଅଧ୍ୟକ୍ଷା ରମା ଜୈନଙ୍କ ୫୯ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ଆଇନମନ୍ତ୍ରୀ ଏଚ୍.ଆର୍. ଗୋଖଲେ ଲୋକସଭାରେ ୩୯ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି।

## ଚିରନ୍ତନୀ

ଯୌବନ ତବ ତୋଳି ଧରିଅଛି
ପୂଜାଫୁଲ ସମ ରୂପ
ପୀରତି-ବେଦୀରେ ଜାଳିଦିଅ ସେହି
ସୁବାସିତ ଦେହ-ଧୂପ।
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | 3 |
| | 2 | | | | | 9 | 6 | |
| | 3 | | | | 4 | | | |
| 6 | | | | | | 7 | | |
| | | 2 | 5 | | | | | |
| | 8 | | 9 | 4 | 3 | 2 | | |
| | 6 | | | | 1 | | 4 | |
| 9 | | | | | | | | |
| 1 | | | | 2 | 8 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 3 | 2 | 1 | 9 | 4 | 7 | 6 |
| 1 | 4 | 9 | 6 | 7 | 8 | 2 | 5 | 3 |
| 7 | 2 | 6 | 3 | 4 | 5 | 9 | 8 | 1 |
| 3 | 5 | 1 | 4 | 8 | 2 | 6 | 9 | 7 |
| 6 | 7 | 2 | 5 | 9 | 3 | 1 | 4 | 8 |
| 4 | 9 | 8 | 1 | 6 | 7 | 3 | 2 | 5 |
| 8 | 6 | 7 | 9 | 3 | 4 | 5 | 1 | 2 |
| 2 | 1 | 4 | 8 | 5 | 6 | 7 | 3 | 9 |
| 9 | 3 | 5 | 7 | 2 | 1 | 8 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯକ୍ଷ୍ମା ଔଷଧ ଅଭାବ

ମହାଶୟ,

ରାଜ୍ୟରେ ମୌସୁମୀ ବର୍ଷା ବଢ଼ିଥିବାବେଳେ ଯକ୍ଷ୍ମାର ପ୍ରକୋପ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ କେବଳ ଓଡ଼ିଶାରେ ନୁହେଁ ସାରା ଦେଶରେ ଯକ୍ଷ୍ମାରୋଗର ଔଷଧର ଘୋର ଅଭାବ ପରିସ୍ଥିତିକୁ ସଙ୍ଗିନ କରିଦେବାର ଆଶଙ୍କା ସୃଷ୍ଟି ହେଲାଣି। ସୂଚନାଯୋଗ୍ୟ ଯେ ଯକ୍ଷ୍ମାରୋଗ, ଦୈନିକ ଯକ୍ଷ୍ମାମୃତ୍ୟୁ ଏବଂ ମଲ୍ଟି ଡ୍ରଗ୍ ପ୍ରତିରୋଧ ଟିବିରେ ଆମ ଦେଶ ବିଶ୍ୱରେ ଏକ ନମ୍ବର। ଏହି ସମୟରେ ଯକ୍ଷ୍ମା ଔଷଧର ଅଭାବ କେବଳ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ବଢ଼ାଇବ ତାହା ନୁହେଁ ଏହା ମଧ୍ୟ ଏମ୍‌ଡିଆର୍ ରୋଗୀ ସଂଖ୍ୟା ବହୁଗୁଣିତ କରିବ। ପୂର୍ବରୁ ଏହି ରୋଗର ଲମ୍ବା ସମୟର ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ରୋଗୀଙ୍କୁ ସର୍ବନିମ୍ନ ୧ ମାସ ପାଇଁ ଔଷଧ ପ୍ରଦାନ କରାଯାଉଥିଲା। ବର୍ତ୍ତମାନ କିନ୍ତୁ ଷ୍ଟକ୍ ଅଭାବ ଦର୍ଶାଇ ଏହାଠାରୁ କମ୍‌ଦିନ ପାଇଁ ପ୍ରଦାନ କରାଯାଉଛି। ରୋଗୀମାନେ ବାରମ୍ବାର ଡାକ୍ତରଖାନା ଯିବା ପାଇଁ ଅଯଥା ସମୟ ଓ ଅର୍ଥ ଅପଚୟ କରୁଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ବଡ଼ଡାକ୍ତରଖାନା, ଜିଲାସ୍ତରୀୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏପରିକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ଔଷଧ ପ୍ରଦାନରେ ଅନିୟମିତତା ରହୁଛି। ଏସବୁକୁ ଦୃଷ୍ଟିରେ ରଖି ଯକ୍ଷ୍ମାରୋଗର ସମସ୍ତ ଔଷଧ ସରକାରୀ ଚିକିତ୍ସାଳୟଗୁଡ଼ିକରେ ନିରବଚ୍ଛିନ୍ନ ବିନା ମୂଲ୍ୟରେ ଉପଲବ୍ଧତାକୁ ପୁନଃ ସ୍ଥାପିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ।

-ନାରାୟଣ ଚନ୍ଦ୍ର ବିଶ୍ୱାଳ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୱାର୍ଡ କୋଅର୍ଡିନେଟରଙ୍କ ବିକ୍ଷୋଭ



ୱାର୍ଡ କୋଅର୍ଡିନେଟରମାନେ ବଲାଙ୍ଗୀର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସକୁ ଯାଇ ଦେଲେ ଦାବିପତ୍ର
- ଆଗାମୀ ୨୯ରେ ଭୁବନେଶ୍ୱର ଚାଲ ଡକରା ଦେଲେ

ବଲାଙ୍ଗୀର, ୨୨।୭ (ବୀରେନ୍ଦ୍ର କୁମାର ଝାଙ୍କର)

ନିଖିଳ ଓଡ଼ିଶା ପୌର ୱାର୍ଡ କୋର୍ଡିନେଟର ୟୁନିଅନ୍ ବଲାଙ୍ଗୀର ଶାଖା ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ସୋମବାର ୩ଦଫା ଦାବିପତ୍ର ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୱାର୍ଡ କୋର୍ଡିନେଟର ମାନଙ୍କୁ ତୁରନ୍ତ ନିୟୋଜିତ କରିବା, ବକେୟା ପାରିଶ୍ରମିକ ପ୍ରଦାନ କରିବା ଓ ନିୟମିତ ଦରମା ପ୍ରଦାନ କରିବା ଦାବିରେ ଆଗାମୀ ୨୯ ତାରିଖ ରାଜ୍ୟ ସଂଘ ଭୁବନେଶ୍ୱର ଚାଲ ଡାକରା ଦେଇଛି। ସେଠାରେ ରାଜ୍ୟସ୍ତରୀୟ ଆନ୍ଦୋଳନ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ସଂଘ ସଦସ୍ୟମାନେ କହିଛନ୍ତି ଯେ, ୨୦୨୨ ମସିହାରେ ରାଜ୍ୟର ମ୍ୟୁନିସିପାଲିଟି ଓ ବିଜ୍ଞପିତ ଅଞ୍ଚଳ ପରିଷଦରେ ୱାର୍ଡ କୋର୍ଡିନେଟରମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି କ୍ରମରେ ବଲାଙ୍ଗୀର ମ୍ୟୁନିସିପାଲିଟିର ୨୧ଟି ୱାର୍ଡରେ ୨୧ଜଣ ୱାର୍ଡ କୋର୍ଡିନେଟର ମନୋନୟନ କରାଯାଇଥିଲା। ୨୦୨୩ରୁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ କରିବାକୁ ମଧ୍ୟ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସେମାନଙ୍କୁ ପାରିଶ୍ରମିକ ଦିଆଯାଉ ନ ଥିବା ୱାର୍ଡ କୋର୍ଡିନେଟରମାନେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ତୁରନ୍ତ ନିୟୋଜନ କରିବା, ନିଯୁକ୍ତି ଦିନଠାରୁ ବକେୟା ପାରିଶ୍ରମିକ ପ୍ରଦାନ କରିବା ଏବଂ ନିୟମିତ ଦରମା ଦେବା ଦାବି ନେଇ ଆଜି ୱାର୍ଡ କୋର୍ଡିନେଟରମାନେ ବଲାଙ୍ଗୀର ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ତିନି ଦଫା ଦାବି ଶୀଘ୍ର ପୂରଣ କରିବାକୁ ଅନୁରୋଧ କରିଥିଲେ। ଏହି ଦାବି ପୂରଣ ନ ହେଲେ ରାଜ୍ୟ ସଂଘ ଦେଇଥିବା ଡାକରାରେ ସାମିଲ ହୋଇ ଆନ୍ଦୋଳନ କରିବେ ବୋଲି ୱାର୍ଡ କୋର୍ଡିନେଟରମାନେ କହିଛନ୍ତି।

# ଶ୍ରାବଣ ପ୍ରଥମ ସୋମବାର: ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ, ୨୨।୭(ଅଭୟ ତ୍ରିପାଠୀ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ଶୈବପୀଠ ତଥା ପୁଣ୍ୟକ୍ଷେତ୍ରରେ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଶ୍ରାବଣ ମାସର ପ୍ରଥମ ସୋମବାର ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ ପାଇଁ ଦୂର ଦୁରାନ୍ତରୁ ଜଳ ଆଣି ଢ଼ାଳି ଥିଲେ। ଶ୍ରଦ୍ଧାଳୁଙ୍କ ଶ୍ରାବଣ ମାସରେ ଶିବ ଲିଙ୍ଗ ଉପରେ ଜଳାଭିଷେକ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ଅବସରରେରେ ଭୋର୍ ୪ ଟାରେ ମନ୍ଦିର ଖୋଲିବା ସହିତ ଦୈନନ୍ଦିନ ପୂଜା ନୀତି ଠାକୁରଙ୍କ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ପାପନାଶିନୀ ଝରଣାରେ ବୁଡ଼ ପକାଇ ଝରଣାରୁ ଜଳ ସଂଗ୍ରହ କରି ଲମ୍ବାଧାଡ଼ିରେ ରହି ଠାକୁରଙ୍କ ଜଳାଭିଷେକ କରିଥିଲେ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରି ଗେଟ କରାଯାଇଥିବା ଜଣାଯାଇଛି। ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଜଳାଭିଷେକ କରିଥିଲେ। ମନ୍ଦିର ପ୍ରଶାସନ ତରଫରୁ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା ସମେତ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଲାଙ୍ଗୀର, ୨୨।୭ (ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରତିଷ୍ଠିତ ସ୍ଥପତି ଓ ଶିଳ୍ପୀ ଅର୍ନ୍ତଯାମୀ ମେହେରଙ୍କ ମାତା ତଥା ଧର୍ମପ୍ରାଣା ଡାଲିମ୍ବ ମେହେର (୯୫)ଙ୍କ ପାଟଣାଗଡ ସ୍ଥିତ ବାସଭବନଠାରେ ରବିବାର ପରଲୋକ ହୋଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ କାରଣରୁ ଶଯ୍ୟାଶାୟୀ ଥିଲେ। ମୃତ୍ୟୁବେଳକୁ ପୁଅ ଦାମୋଦର, ଅର୍ନ୍ତଯାମୀ, ରାଧେଶ୍ୟାମ, ବଳରାମ ଓ ସୁଶାନ୍ତ, ବୋହୂ ଶୋଭାଗିନୀ, ସବିତା, ରେଣୁବାଳା, ରୀନା ଓ ସୌଭାଗ୍ୟ ୪ ଝିଅ ଶକୁନ୍ତଳା, ପ୍ରେମଶୀଳା, ଶାନ୍ତି ଓ ସୁକାନ୍ତି, ୪ ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ପୈତୃକ ଗ୍ରାମ ତରଭା ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଅଭିଯୋଗ ଶୁଣିଲେ, ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

ଲୋଇସିଂହା, ୨୨।୭(ସୁଶାନ୍ତ ବାରିକ)


ବୁଢ଼ୀପଦର ଗ୍ରାମୀଣ ପାର୍କ ପରିଦର୍ଶନ ଅବସରରେ ଜିଲାପାଳ,ଏସପି ଏବଂ ବିଭିନ୍ନ ବିଭାଗ ଅଧିକାରୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୋଟ ୨୧୬ ଅଭିଯୋଗ ଦାଖଲ ହୋଇଥିଲା । ସେଥିରୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ପାଇଁ ୧୨୦ ଅଭିଯୋଗ ଏବଂ ଅବଶିଷ୍ଟ ବିଭିନ୍ନ ସମସ୍ୟା ଉପରେ ରହିଥିଲା। ଶିବିରରେ ଜିଲାପାଳ ଗୌରଓ୍ୱ ଶିଓ୍ୱଜୀ ଇସଲଓ୍ୱାର,ଏସପି ରଷିକେଶ ଖିଲାରିଙ୍କ ସମେତ ବ୍ଲକ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଜିଲାପାଳ ଏବଂ ଏସ୍‌ପି ଅଭିଯୋଗ ସମ୍ପର୍କରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୨୦୧୩ ମସିହାରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିୟୋଜିତ କଳା ଓ କ୍ରୀଡା ଶିକ୍ଷକ ସ୍ଥାୟୀ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଲୋୟରସୁକତେଲ ନଦୀବନ୍ଧ ଯୋଜନାରେ ବ୍ଲକ ଅଧୀନସ୍ଥ କୁମିଆପାଲି ସମ୍ପୂର୍ଣ୍ଣ ବୁଡି ଯାଉଛି। ହେଲେ ଅଦ୍ୟାବଧି ଗାଁରେ ସର୍ବେକ୍ଷଣ ହୋଇନାହିଁ। ୨୦୧୩ ଜମି ଅଧିଗ୍ରହଣ ଅନୁଯାୟୀ ସର୍ବେକ୍ଷଣ କରିବାକୁ ଶିବିରରେ ଗ୍ରାମବାସୀ ଦାବି ଜଣାଇଛନ୍ତି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଫିଜିଓ ଥେରା ଫି ୟୁନିଟକୁ ପୁନଃ ଚାଲୁ କରିବାକୁ ଲୋଇସିଂହା ସିନିୟର ସିଟିଜନ ଆସେମ୍ବ୍ଲି ପକ୍ଷରୁ ଦାବି ହୋଇଛି। ଏହା ବ୍ୟତୀତ ଏମ୍‌ଜିଏନଆରଇଜିଏସ୍‌ରେ ବୁଢ଼ୀପଦର ପଞ୍ଚାୟତ ସଦର ଗାଁରେ ୮ ଲକ୍ଷ ବ୍ୟୟ ଅଟକଳରେ ଆବର୍ଜନାକୁଣ୍ଡ ନିର୍ମାଣ ହୋଇଛି। ଅଢେଇ ଲକ୍ଷ ଟଙ୍କା ବିଲ ପୈଠ ହୋଇଥିବାବେଳେ ବାକି ବିଲ୍ ଦେବାରେ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଶୁଣାଣି ଶିବିର ସରିଲା ପରେ ଜିଲାପାଳ ଗୌରଓ୍ୱ ଶିଓ୍ୱଜୀ ଇସଲଓ୍ୱାର ୫ଟିରେ ରୂପାନ୍ତରଣ ଲୋଇସିଂହା ଆମ ହସ୍ପିଟାଲ, ବୁଢ଼ୀପଦର ଗ୍ରାମୀଣ ପାର୍କ ଓ ଯୋଗିସର୍ଡା ନୋଡାଲ ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ବିଡିଓ ଅକ୍ଷୟପାଣି ଉଦ୍ଗୁ, ବ୍ଲକ ସହକାରୀ ଯନ୍ତ୍ରି ସିଦ୍ଧାର୍ଥ ପାଢ଼ି, ବୁଢ଼ୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ଯୋଗୀସର୍ଡ ସରପଞ୍ଚ ବିଜୁଳି ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରଦ୍ଧାଳୁଙ୍କ ପାଇଁ କିଛି ବ୍ୟବସ୍ଥା ନ ଥିବାରୁ ହନ୍ତସନ୍ତ

ଖପ୍ରାଖୋଲ, ୨୨।୭(ଅଭୟ ତ୍ରିପାଠୀ)

ଶ୍ରାବଣ ମାସ ପ୍ରଥମ ସୋମବାରରେ ପୁଣ୍ୟ କ୍ଷେତ୍ର ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲେ ମଧ ବର୍ଷା ଯୋଗୁଁ ହନ୍ତସନ୍ତ ହୋଇଥିଲେ। ବର୍ଷା ସମୟରେ ଅନ୍ୟ ବର୍ଷମାନଙ୍କରେ ପୁରୁଣା ଘର, ମଣ୍ଡପ ଥିଲା, ସେଠାରେ ମୁଣ୍ଡ ଗୁଞ୍ଜୁଥିଲେ ହେଲେ ନୂତନ କାମ ପରେ ମନ୍ଦିର ପରିସର ଖାଲି ଥିବାରୁ ବର୍ଷା ପାଣି ପାଇଁ ହଇରାଣ ହୋଇଥିଲେ। ସେହିପରି ମନ୍ଦିର ପରିସରରେ ଗ୍ରାନାଇଟ ପଥର ଲାଗିଥିବାରୁ ପାଣିରେ ଶ୍ରଦ୍ଧାଳୁମାନେ ଖସିପଡୁଥିବା ଦେଖାଯାଇଥିଲା। ସମସ୍ୟା ର ସମାଧାନ ପାଇଁ ମନ୍ଦିର ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ବଲାଙ୍ଗୀର, ୨୨।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ନାବାଳିକା ବଳାତ୍କାର ମାମଲାର ବିଚାର କରାଯାଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ପୋକ୍‌ସୋ ବିଚାରପତି ଗୋପବନ୍ଧୁ ଗଡନାୟକ ମୁରିବାହାଲ ଥାନା ମୁଖପାଲି ଗାଁର ଅଭିଯୁକ୍ତ ଦୁର୍ଯ୍ୟୋଧନ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟରେ ଅଧିକ ଏକବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଗତ ୨୦୧୯ ଡିସେମ୍ବରରେ ଜଣେ ନାବାଳିକା (୧୪)ଙ୍କୁ ଅଭିଯୁକ୍ତ ସାହୁ ବଳାତ୍କାର କରିଥିବା ମୁରିବାହାଲ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ରାୟରେ ବିଚାରପତି ଗଡନାୟକ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋକ୍‌ସୋ କୋର୍ଟରେ ଏହି ମାମଲାକୁ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ।

# ସ୍କୁଲ ଉନ୍ନତୀକରଣ ଅନୁଦାନ ଆତ୍ମସାତ ଅଭିଯୋଗ

ଲୋଇସିଂହା, ୨୨।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ କୁଟୁରାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ ଅନୁଦାନକୁ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ବିନା କାମ କରି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହାଦେବ ବଡକା ଉକ୍ତ ଅନୁଦାନ ଆତ୍ମସାତ କରିଥିବା ନେଇ ସୋମବାର ଲୋଇସିଂହା ବ୍ଲକ ସଭାଗୃହରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶିବିରରେ ଅଭିଯୋଗ ହୋଇଛି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅଭିଯୋଗ ରୁ ପ୍ରକାଶ ଯେ, ପ୍ରାୟ ୧୦ ବର୍ଷ ହେବ ବଲାଙ୍ଗୀର ଡିପିସିଙ୍କ କାର୍ଯ୍ୟାଳୟରୁ ଉକ୍ତ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଏବଂ ରୋଷେଇ ଗୃହ ପାଇଁ ୯୦ ହଜାର ଏପରି ମୋଟ ୩ ଲକ୍ଷ ୯୦ ହଜାର ଟଙ୍କା ଅନୁଦାନ ମିଳିଥିଲା । ହେଲେ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ଏବଂ ରୋଷେଇ ଗୃହ ନିର୍ମାଣ ନକରି ସବୁତକ ଅନୁଦାନ ଚଞ୍ଚକତା କରି ଉଠାଣ କରାଯାଇଛି। ଏହାବ୍ୟତୀତ ତାଙ୍କ ବିରୋଧରେ ମଧ୍ୟାହ୍ନ ଭୋଜନ ଚାଉଳ ହଡପ ନେଇ ଅଭିଯୋଗ ରହିଛି। ଏ ସଂକ୍ରାନ୍ତରେ ବହୁ ବାର ବିଭାଗୀୟ ଅଧିକାରୀ ଓ ଜିଲାପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ତ ଦୂରେ ଥାଉ ତଦନ୍ତ ମଧ୍ୟ କରାଯାଉନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗରେ ଆହୁରୀ ଉଲ୍ଲେଖ କରାଯାଇଛି ଯେ, ଶିକ୍ଷକ ବଡକା ଉକ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ହେଲା ଶିକ୍ଷକତା କରୁଛନ୍ତି। ଶିକ୍ଷକତା ସହ ବ୍ଲକର ଠିକାକାମ କରିଥାନ୍ତି। ସ୍କୁଲ ନିକଟସ୍ଥ ବଘାପାଲି ଗାଁର ହୋଇଥିଲେ ସୁଦ୍ଧା ସେ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲିରେ ପରିବାର ସହ ରହି ଆସୁଛନ୍ତି। ଏଣୁ ସ୍କୁଲ ଆସିବାରେ ବିଳମ୍ବ କରିଥାନ୍ତି। ଶିକ୍ଷକ ବଡକାଙ୍କ ରାଜନୈତିକ ପ୍ରଭାବ ରହିଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି ।

## ଓଭର ହେଡ୍ ଟାଙ୍କିରେ ବ୍ଲିଚିଂ ପାଉଡର ବ୍ୟବହାର କରାଯାଉ

ଲାଠୋର, ୨୨।୭(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ରହିଥିବା ଦୁଇ ଗୋଟି ଓଭର ହେଡ ଟେଙ୍କ ସଫା କରି ବ୍ଲିଚିଂ ପାଉଡର ପକେଇବାକୁ ଦାବି ହେଉଛି । ଦୀର୍ଘ ବର୍ଷରୁ ଗ୍ରାମର ହାଇସ୍କୁଲ ଖେଳ ପଡିଆରେ ଗୋଟିଏ ଏବଂ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଗୋଟିଏ ଜଳ ଯୋଗାଣ ପ୍ରକଳ୍ପ ରହିଛି। ଉଭୟ ପ୍ରକଳ୍ପରେ ଓଭର ହେଡ ଟେଙ୍କ ନିର୍ମାଣ କରି ପାଇପ ଯୋଗେ ଗ୍ରାମର ପାଖାପାଖି ୧୦ ହଜାର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ବର୍ଷା ଋତୁ ଆସି ଯାଇଛି।



ଗ୍ରାମର ବିଭିନ୍ନ ସ୍ଥାନରେ ଜଳଯୋଗାଣ ଟେଣ୍ଡ ପୋଷ୍ଟମାନ ରହିଛି। ସେସବୁ ଟେଣ୍ଡ ପୋଷ୍ଟଗୁଡ଼ିକର ଚାରି ପାଖ ସଫାସୁତୁରା ରହୁ ନାହିଁ। ଫଳରେ ମଇଳା ଆବର୍ଜନା ବର୍ଷା ପାଣି ଟେଣ୍ଡ ପୋଷ୍ଟ ନିକଟରେ ଜାମ ରହୁଛି। ଅପର ପକ୍ଷରେ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଥିବା ଓଭର ହେଡ ଟେଙ୍କକୁ ପାଣି ଚଢିବା ପାଇଁ ଖଞ୍ଜା ଯାଇଥିବା ପାଇପ ଚାବି ସ୍ଲିପ ହୋଇଥିବା ହେତୁ ସେଠାରୁ ପାଣି ଲିକ କରି ଜାମ ରହୁଛି। ଆଉ ଅନ୍ୟାନ୍ୟ ସ୍ଥାନମାନଙ୍କୁ ମଧ ପାଇପ ଲିକ ରହିଛି। ଫଳରେ ଜଳ ଯୋଗାଣ ବନ୍ଦ କଲା ପରେ ସେ ମଇଳା ଆବର୍ଜନା ପାଇପ ଭିତରକୁ ପଶି ପରବର୍ତ୍ତୀ ଯୋଗାଣ ସମୟରେ ପାଣି ସହ ମଇଳା ଆବର୍ଜନା ଆସୁଛି। ସେହି ପାଣିକୁ ଲୋକ ପାନୀୟ ଭାବେ ବ୍ୟବହାର କରୁଥିବା ହେତୁ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେବେ ଖପ୍ରାଖୋଲ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ସତନ୍ତ୍ର ଦୃଷ୍ଟି ଦେଇ ଓଭର ହେଡ ଟେଙ୍କରେ ବ୍ଲିଚିଂ ପାଉଡର ପକାଇ ସଫା କରିବା ସହ ଲିକ ହେଉଥିବା ପାଇପକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ଜୀବିକା ଉଦ୍ୟୋଗ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ

ଟିଟିଲାଗଡ, ୨୨।୭(ଶରତ ମିଶ୍ର)

ସୋମବାର ଆଶା ଦେଶୀଳ ଠାରେ ସ୍ୱୟଂ ସହାୟକ ଦଳର ସଦସ୍ୟାମାନଙ୍କୁ ନେଇ ମିଲେଟ ଭିତ୍ତିକ ଜୀବିକା ଉଦ୍ୟୋଗ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡିଡିଏମ୍ ନାବାର୍ଡ ବଲାଙ୍ଗିର, ବିବେକ କୁମାର ନାୟକ, ଓଡିଶା ଜୀବିକା ମିଶନ ସଂଯୋଜକ ଏସ.କେ.କମର ଅଞ୍ଜୁମ, ସହକାରୀ ବ୍ଲକ ସଂଯୋଜକ ବିକାଶ ସାହୁ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳିକା ଏସ. ଗନ୍ତାୟତ, ବ୍ୟାଙ୍କ କ୍ଷେତ୍ର ଅଧିକାରୀ ଜୟକୃଷ୍ଣ ବେହେରା ତଥା ଆଶା ଅନୁଷ୍ଠାନର ସଂଯୋଜକ ସଞ୍ଜିବ କୁମାର ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବରେ ପ୍ରଦୀପ୍ତ ମଲ୍ଲିକ, ପରମେଶ୍ୱର ରଣା, ମଧୁମିତା ପଟ୍ଟନାୟକ, ଦେଶିଲ ଗ୍ରାମର ବିଶ୍ୱ ମା ତାରିଣୀ ଏସ.ଏଚ.ଜି, ସରସତୀ ଏସଏଚଜି, ମାତା ସାବିତ୍ରୀ ବିଫୁଲେ ଏସ.ଏଚ.ଜିର ପ୍ରାୟ ୪୦ ଜଣ ମହିଳାଙ୍କୁ ନେଇ ତାଲିମ ପ୍ରଦାନ କରିଥିଲେ।

# ସ୍ୱଚ୍ଛସାଥୀ, ସୁପରଭାଇଜରଙ୍କୁ ବର୍ଦ୍ଧିତ ଦରମା ଦାବି

- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ସଂଘ ସଦସ୍ୟ
- ୨୯ରେ ଭୁବନେଶ୍ୱର ଚାଲ ଡାକରା ଦେଲା ସଂଘ

ବଲାଙ୍ଗୀର, ୨୨।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ ବଲାଙ୍ଗୀର ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବିପତ୍ର ଦିଆଯାଇଛି। ବିନାସର୍ତ୍ତରେ ସମସ୍ତ ସ୍ୱେଚ୍ଛାସେବୀ ଓ ସୁପରଭାଇଜରମାନଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ କରିବା, ଶ୍ରମ ଆଇନ ଅନୁସାରେ ସର୍ବନିମ୍ନ ମଜୁରୀ ଦେବା ଓ ସମାନ କାମକୁ ସମାନ ମଜୁରି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘ ସଦସ୍ୟମାନେ କହିଥିଲେ ଯେ, ସେମାନେ ୬ ବର୍ଷ ହେଲାଣି କାମ କରିଆସୁଥିଲେ ମଧ ସେମାନଙ୍କ ଦରମା ବଢ଼ିନାହିଁ। ସ୍ୱଚ୍ଛସାଥୀଙ୍କୁ ମାସିକ ୪ ହଜାର ଟଙ୍କା ଏବଂ ସୁପରଭାଇଜର ମାନଙ୍କୁ ୮ ହଜାର ଟଙ୍କା ଦିଆଯାଉଛି। ଦୀର୍ଘ ୬ ବର୍ଷ ହେଲା ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ମଧ ବର୍ଦ୍ଧିତ ଦରମା ଲାଗୁ କରାଯାଇନାହିଁ। ସେମାନେ କହିଛନ୍ତି ଯେ, ଏତେ କମ୍ ଦରମାରେ ପରିବାର ପ୍ରତିପୋଷଣ କରିବା ସମ୍ଭବ ହେଉନାହିଁ। ଏଣୁ ତାଙ୍କୁ ତୁରନ୍ତ ବର୍ଦ୍ଧିତ ହାରରେ ଦରମା ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ସୋମବାର ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ଦାବିଗୁଡିକ ସରକାରୀ ନୀତିଗତ ନିଷ୍ପତ୍ତି ହୋଇଥିବାରୁ ସେ ସମ୍ପର୍କରେ ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ଜଣାଇଛନ୍ତି। ଏନେଇ ସେ ଜିଲାପାଳଙ୍କୁ ଅବଗତ କରିବେ ବୋଲି ଏଡିଏମ୍ ଡ. ସେଠୀ କହିଛନ୍ତି।


ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।


**The Odisha State Co-operative Milk Producers' Federation Limited**
omfed
www.omfed.com
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417, 2540974
Email ID: omfed@yahoo.com

Date: 23.07.2024

**E-TENDER FOR EQUIPMENT FOUNDATION AT BALASORE DAIRY**

No. CAD-625: OMFED invites Techno-Commercial tenders from experienced civil contractors for execution of the **"CIVIL-STRUCTURAL WORK FOR CONSTRUCTION OF FOUNDATION FOR DAIRY EQUIPMENTS TO BE INSTALLED AT BALASORE DAIRY"**. Interested bidders may download the Tender Document from the OMFED website **www.omfed.com** only for reference. Bid document will be available in the **https://tendersodisha.gov.in** from **10.00 AM of 23.07.2024 to 5.00 PM of 08.08.2024** for bidding. Tender cost of Rs.6000/- + 18% GST along with E.M.D. of Rs.21,369/- shall be deposited through online portal at **https://tendersodisha.gov.in**.
The technical bid shall be opened at **03.00 PM on 09.08.2024** at the OMFED Corporate Office in the presence of the interested bidders and tender committee members.
Management reserves the right to accept or reject any or all the bid documents or part thereof without assigning any reason.

OIPR-06063/11/0027/2425 — Sd./- Managing Director

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ**
**(ଅବକାରୀ ବିଭାଗ)**
ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ୨୦୨୪-୨୫ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି

ପତ୍ର ସଂଖ୍ୟା: ୧୫୯୫, ୧୫୯୬/ଅ. — ତା୧୬।୦୭।୨୦୨୪ରିଖ

No. F-27: ଆର୍ଥିକ ବର୍ଷ ୨୦୨୪-୨୫ର ଅବଶିଷ୍ଟ ସମୟ ପାଇଁ ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଯଥା (୧) ବୌଦ୍ଧ ନଂ.-୨, (୨) ବଘିଆପଡ଼ା, (୩) ରାଧାନଗର, (୪) ଘଣ୍ଟାପଡ଼ା ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ଯଥା **ତଳଗାଁ**ର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **http://stateexcise.odisha.gov.in** ୱେବ୍‌ସାଇଟ୍‌ରେ ଉପଲବ୍ଧ। Form 'B'ରେ ଅନଲାଇନ୍ ମାଧ୍ୟମରେ ତା୨୯।୦୭।୨୦୨୪ରିଖ (ଅପରାହ୍ନ ୫.୦୦ ଘଟିକା) ମଧ୍ୟରେ ଆବେଦନ କରିପାରିବେ। ଲଟେରି ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୩୧।୦୭।୨୦୨୪ (ବୁଧବାର)ରିଖ ୧୧.୩୦ ଘଟିକାଠାରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧରେ ଆରମ୍ଭ ହେବ।
ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟ୍‌ରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ବୌଦ୍ଧ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ ନୋଟିସ୍ ବୋର୍ଡ଼ରେ ଉପଲବ୍ଧ ଅଟେ।
ବି.ଦ୍ର.: ସେବା ପାଇଁ ଟୋଲ୍ ଫ୍ରି ନମ୍ବର - ୧୮୦୦୩୪୫୬୭୧୩, ସେବା ସମୟ: ସମସ୍ତ କାର୍ଯ୍ୟଦିବସରେ (ସକାଳ ୧୦ରୁ ଅପରାହ୍ନ ୫ ଘଟିକା ମଧ୍ୟରେ)।

OIPR-36024/11/0001/2425 — ସ୍ୱା./- ଜିଲ୍ଲାପାଳ, ବୌଦ୍ଧ

**OFFICE OF THE TREASURY OFFICER**
**DISTRICT TREASURY, DHENKANAL**
NO. - 1274 Dt. - 19.07.2024
**ADVERTISEMENT FOR RE-ENGAGEMENT OF RETIRED GROUP-D EMPLOYEES**

No.S-07 : Applications are invited from the willing retired Group-D employees for re-engagement in the office of the District Treasury Office, Dhenkanal against **02 (two) numbers of group-D** vacant posts of **Peon / Choukidar / Sweeper** on contractual basis for a period of two years. The application dully filled in may be sent to the District Treasury Office, Dhenkanal by Regd. / Speed Post only and should be reached on or before **09.08.2024**. The application forms, details of terms and conditions related Government guidelines etc. will be available in the district website **http//dhenkanal.nic.in till 09.08.2024.**

Sd./- Treasury Officer, Dhenkanal
OIPR-05058/11/0001/2425

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
WORKS DEPARTMENT
**TENDER CALL NOTICE**
E-mail : rbcirclekhurda@gmail.com

Bid Identification No. CCE-Khorda (R&B) Circle-03/2024-25 Memo No. - 1436 Dt. 15.07.2024
No.B-100: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building works as detailed in the table below :

| | | |
|---|---|---|
| 1 | Nature of Work | : Building Works |
| 2 | No of Work | : 4 Nos |
| 3 | Tender Cost | : Rs. 10000.00 (On-Line) |
| 4 | Class of Contractor | : B & A Class |
| 5 | Available of Bid document in the Website | : From 10.00 AM of Dt. 25.07.2024 up to 05.00 PM of Dt.05.08.2024 up to 5.00 PM |
| 6 | Date of opening of Bid | : Dt. 06.08.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | |

OIPR-34127/11/0004/2425 — Sd./- Chief Construction Engineer, Khordha (R&B) Circle, Khordha

प्रपत्र सं0–1
**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, देवघर।**
**ई–प्रोक्योरमेंट सूचना**
अति अल्पकालीन ई–निविदा प्रसंग सं0– NH/Deoghar/JHR/F2/06 दिनांकः– 20/07/2024

| | | |
|---|---|---|
| 1. | कार्य का नाम | Laying of Paver block on both side of road from (Ch152.00) to Ch 155.350 of NH 333 for the year 2024-25. |
| 2. | प्राक्कलित राशि (लाख में) | 184.630 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।
ह0/– कार्यपालक अभियंता, राष्ट्रीय उच्च पथ प्रमंडल, देवघर।
PR 330246 (Deoghar) 24-25 (D)

प्रपत्र सं0–1
**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, देवघर**
**ई–प्रोक्योरमेंट सूचना**
अति अल्पकालीन ई–निविदा प्रसंग सं0– NH/Deoghar/JHR/F2/03 दिनांकः– 20/07/2024

| | | |
|---|---|---|
| 1. | कार्य का नाम | laying of Paver block on both side of Road from km(Ch143.00) to Ch 146.00 of NH 333 for the year 2024-25. |
| 2. | प्राक्कलित राशि (लाख में) | 177.400 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।
ह0/– कार्यपालक अभियंता, राष्ट्रीय उच्च पथ प्रमंडल, देवघर।
PR.NO.330253 Deoghar(24-25):D

# ବର୍ଦ୍ଧିତ ଦରମା କାର୍ଯ୍ୟକାରୀ କରିବା ଦାବି

## ଅଭିଯୋଗ ଶୁଣାଣିରେ ଫେରାଦ ହେଲେ ସ୍ୱଚ୍ଛ ସାଥୀ, ସୁପରଭାଇଜର


ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନେ ଦାବିପତ୍ର ଦେବା ସମୟରେ।

ବୌଦ୍ଧ, ୨୨।୭(ଅଜିତ କୁମାର ବାରିକ)

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ସ୍ୱଚ୍ଛସାଥି ଓ ସୁପରଭାଇଜରମାନେ ବର୍ଦ୍ଧିତ ଦରମା ଦାବିରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଫେରାଦ ହୋଇଛନ୍ତି। ଦୀର୍ଘ ୪ ବର୍ଷରୁ ଅଧିକ ହେଲା ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସାଥି ଓ ସୁପରଭାଇଜରମାନେ ନିୟମିତ ଭାବେ କାମ ସହରର ଅଳିଆ, ପୃଥକୀକରଣ, ଘରକୁ ଘର ଯାଇ ସର୍ଭେ କରିବା ସହ ଅନ୍ୟ କାମ କରିଆସୁଛନ୍ତି। ବର୍ଷ ବର୍ଷ ଧରି ନିୟମିତ କାମ କରିଆସୁଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଆମକୁ ସରକାରୀ ମାନ୍ୟତା ଦିଆଯାଉ ନ ଥିବାବେଳେ ସରକାରୀ ଦରମା କି ସମ୍ମାନ ମିଳୁ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ସ୍ୱଚ୍ଛ ସାଥି ଓ ସୁପରଭାଇଜରମାନଙ୍କୁ ମାସିକ ୮ ହଜାର ଦରମା ଦିଆଯାଉଛି । ସରକାର ଗତ ୧୨।୩।୨୪ରେ ବର୍ଦ୍ଧିତ ଦରମା ପାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ବର୍ଦ୍ଧିତ ଦରମା କାର୍ଯ୍ୟକାରୀ କରିବା ସହ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ। ଦାବିଗୁଡିକ ରାଜ୍ୟର ସମସ୍ତ ପୌର ନିଗମ, ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟରତ ସମସ୍ତ ସ୍ୱଚ୍ଛ ସାଥି ଓ ସୁପରଭାଇଜରମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ, ପାଉଥିବା ଦରମାକୁ ବୃଦ୍ଧି କରି ବଜାରର ଦରଦାମକୁ ଦେଖି ଆମ ପରିବାର ଚଳିବା ପାଇଁ ଆବଶ୍ୟକ ସର୍ବନିମ୍ନ ରାଶି ଦରମା ଆକାରରେ ପ୍ରଦାନ କରାଯାଉ, ସରକାରୀ କର୍ମଚାରୀଙ୍କ ପରି ବାର୍ଷିକ ସାର୍ବଜନୀକ ଛୁଟି ପ୍ରଦାନ କରାଯାଉ, କାର୍ଯ୍ୟ ସମୟରେ ଆମକୁ ଦୁର୍ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ସ୍ୱଚ୍ଛ ସାଥି ଓ ସୁପରଭାଇଜରମାନଙ୍କୁ ବୀମାଭୁକ୍ତ କରିବା ସହ ସାମାଜିକ ସୁରକ୍ଷା ଓ ୟୁନିଫର୍ମ ପ୍ରଦାନ କରାଯାଉ, ସ୍ୱଚ୍ଛ ସାଥି ଓ ସୁପରଭାଇଜରମାନଙ୍କ କାର୍ଯ୍ୟକୁ କାଉନସିଲର ଓ କର୍ପୋରେଟର ମାନଙ୍କ ଦ୍ୱାରା କରା ନ ଯାଉ, ମହିଳା ସ୍ୱଚ୍ଛ ସାଥି ଓ ସୁପରଭାଇଜରମାନଙ୍କୁ ପ୍ରସୂତିକାଳିନ ୬ ମାସ ଛୁଟି ପ୍ରଦାନ କରାଯାଉ ଆଦି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଅର୍ଚ୍ଚନା ନାୟକ, ସୁଷମା ବେହେରା, ଲକ୍ଷ୍ମୀପ୍ରିୟା ଦେହୁରୀ, ଐଶ୍ୱର୍ଯ୍ୟ ମେହେର, ଚାରୁଲତା ରାଜ, ବବିତା ମହାଲିକ, ଅନିତା ସାହୁ, ସୁକାନ୍ତି ବାଘ, ପୁଷ୍ପାଞ୍ଜଳି ଦାସ ଓ ସୌରେନ୍ଦ୍ରି ଖପରଧୁଆ ଆଦି ସାମିଲ ଥିଲେ।

# ଶ୍ରାବଣ ପ୍ରଥମ ସୋମବାର ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

ଅମରପାଲି, ୨୨।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶୈବ ପୀଠରେ ଶ୍ରାବଣ ପ୍ରଥମ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ବ୍ଲକ ଜଟେସିଂହା ପଞ୍ଚାୟତର ପ୍ରସିଦ୍ଧ ଗୋଧାନେଶର ଶିବ ମନ୍ଦିରରେ କ୍ଷୀର ସାଇ ଅନୁଷ୍ଠିତ ହୋଇଥିଲା। ଗାଁ ମୁଣ୍ଡରୁ ଏକ ଶୋଭାଯାତ୍ରାରେ କ୍ଷୀରଗାଡ଼ିକୁ ମନ୍ଦିରକୁ ଅଣାଯାଇଥିଲା। ମନ୍ଦିରରେ ବିଧିମତେ ପୂଜାର୍ଚ୍ଚନା କଲା ପରେ କ୍ଷୀର ସାଇ କରାଯାଇଥିଲା। ପରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ବ୍ଲକର ଚମ୍ପାମାଳ,ପିତାମହୁଲ, ସୁନାରୀବେର୍ଣ୍ଣୀ, ବରପଦର, ବଡବର୍ଡାକଟା, ଗୌଡଗାଡ, କେଶଲଗା, କେନ୍ଝିରିଆପାଲି, ଠେଙ୍ଗୋଡ୍ୟାମ, କୁଞ୍ଜାପାଲି ଆଦି ସ୍ଥାନର ଶୈବ ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁ ଓ ବୋଲବମ ଭକ୍ତମାନେ ପାଣି ଢାଳିଥିଲେ। ବିଭିନ୍ନ ଶିବ ମନ୍ଦିରକୁ ଜିଲା ଏବଂ ଜିଲା ବାହାରରୁ ଶତାଧିକ ବୋଲବମ ଭକ୍ତଙ୍କ ସମାଗମ ହୋଇଥିଲା। ଦିନ ସାରା ଝିପ ଝିପ ବର୍ଷା ଲାଗି ରହିଥିବା ସତ୍ତ୍ୱେ ମନ୍ଦିରମାନଙ୍କରେ ଭକ୍ତଙ୍କ ସମାଗମ ହୋଇଥିଲା। କାଉଡ଼ିଆମାନେ ମହାନଦୀ, ହରିହର ଯୋର, ସୁରବାଲି ଯୋର ସମେତ ବିଭିନ୍ନ ଜଳାଶୟରୁ ପାଣି ଉଠାଇ ବିଭିନ୍ନ ଶୈବ ପୀଠରେ ଢାଳିଥିଲେ।

omfed
www.omfed.com
**The Odisha State Co-operative Milk Producers' Federation Limited**
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417, 2540974
Email ID: omfed@yahoo.com

Date: 23.07.2024

**E-TENDER FOR EQUIPMENT FOUNDATION AT BALASORE DAIRY**

No. CAD-625: OMFED invites Techno-Commercial tenders from experienced civil contractors for execution of the **"CIVIL-STRUCTURAL WORK FOR CONSTRUCTION OF FOUNDATION FOR DAIRY EQUIPMENTS TO BE INSTALLED AT BALASORE DAIRY".** Interested bidders may download the Tender Document from the OMFED website **www.omfed.com** only for reference. Bid document will be available in the **https://tendersodisha.gov.in** from **10.00 AM of 23.07.2024 to 5.00 PM of 08.08.2024** for bidding. Tender cost of Rs.6000/- + 18% GST along with E.M.D. of Rs.21,369/- shall be deposited through online portal at **https://tendersodisha.gov.in**.
The technical bid shall be opened at **03.00 PM on 09.08.2024** at the OMFED Corporate Office in the presence of the interested bidders and tender committee members.
Management reserves the right to accept or reject any or all the bid documents or part thereof without assigning any reason.
OIPR-06063/11/0027/2425 **Sd./- Managing Director**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ**
**(ଅବକାରୀ ବିଭାଗ)**

ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ୨୦୨୪-୨୫ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି

ପତ୍ର ସଂଖ୍ୟା: ୧୫୯୫, ୧୫୯୬/ଅ. ତା୧୬।୦୭।୨୦୨୪ରିଖ

No. F-27: ଆର୍ଥିକ ବର୍ଷ ୨୦୨୪-୨୫ର ଅବଶିଷ୍ଟ ସମୟ ପାଇଁ ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଯଥା (୧) ବୌଦ୍ଧ ନଂ.-୨, (୨) ବଘିଆପଡ଼ା, (୩) ରାଧାନଗର, (୪) ଘଣ୍ଟାପଡ଼ା ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ଯଥା **ତଳଗାଁ**ର ଲଟେରି ମାଧମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **http://stateexcise.odisha.gov.in** ୱେବ୍‌ସାଇଟ୍‌ରେ ଉପଲବ୍ଧ। Form 'B'ରେ ଅନଲାଇନ୍ ମାଧ୍ୟମରେ ତା୨୯।୦୭।୨୦୨୪ରିଖ (ଅପରାହ୍ନ ୫.୦୦ ଘଟିକା) ମଧ୍ୟରେ ଆବେଦନ କରିପାରିବେ। ଲଟେରି ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୩୧।୦୭।୨୦୨୪ (ବୁଧବାର)ରିଖ ୧୧.୩୦ ଘଟିକାଠାରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧରେ ଆରମ୍ଭ ହେବ।
ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟ୍‌ରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ବୌଦ୍ଧ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ ନୋଟିସ୍ ବୋର୍ଡ଼ରେ ଉପଲବ୍ଧ ଅଟେ।
ବି.ଦ୍ର.: ସେବା ପାଇଁ ଟୋଲ୍ ଫ୍ରି ନମ୍ବର - ୧୮୦୦୩୪୫୬୭୧୩, ସେବା ସମୟ: ସମସ୍ତ କାର୍ଯ୍ୟଦିବସରେ (ସକାଳ ୧୦ରୁ ଅପରାହ୍ନ ୫ ଘଟିକା ମଧ୍ୟରେ)।
OIPR-36024/11/0001/2425 ସ୍ୱା./- ଜିଲ୍ଲାପାଳ, ବୌଦ୍ଧ

# ବୌଦ୍ଧ ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର


ଜିଲାପାଳ ଓ ଅନ୍ୟମାନେ ଅଭିଯୋଗ ଶୁଣାଣିରେ।

ବୌଦ୍ଧ, ୨୨।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଜେ.ସୋନାଲଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସମୁଦାୟ ୭୧ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ମାମଲା ଓ ୧୩ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ଏହି ଶିବିରରେ ୧୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଯୁକ୍ତ ୨ କଟଅଫ୍ ମାର୍କ ପ୍ରକାଶ ପରେ ନାମଲେଖା ତତ୍ପରତା

## ୨ଟି କଲେଜରେ ଫର୍ମ ପକାଇ ନାହାନ୍ତି ଛାତ୍ରୀଛାତ୍ର

ଅମରପାଲି,/ଉଲୁଣ୍ଡା,୨୨।୭
(ପୀତାମ୍ବର ସାହୁ/ ଉରୁକ୍ରମ ପାଣ୍ଡିଆ)

ଯୁକ୍ତ ୨ପ୍ରଥମ ପର୍ଯ୍ୟାୟ ନାମ ଲେଖା ପାଇଁ କଟଅଫ ମାର୍କ ପ୍ରକାଶ ହୋଇଛି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ ଏବେ ନାମ ଲେଖାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ବେଶ ତତ୍ପରତା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଉଲୁଣ୍ଡା ବ୍ଲକରେ ସମୁଦାୟ ୧୦ଟି ଯୁକ୍ତ ୨ କଲେଜ ରହିଛି। ସିଣ୍ଢୋଲ କଲେଜରେ କଳା ଓ ବିଜ୍ଞାନ ଉଭୟ ପାଇଁ ୩୨୦ଟି ଲେଖାଏ ସିଟ୍ ଥିବା ବେଳେ କଳାରେ ୪୪.୮୩% ଓ ବିଜ୍ଞାନ ପାଇଁ ୩୩% କଟ ଅଫ ମାର୍କ ରହିଛି। ସେହିପରି ଧର୍ମଶାଳା କଲେଜରେ ୧୯୨ ସିଟ୍ ଥିବା ବେଳେ କଟ୍‌ଅଫ ମାର୍କ ୪୩.୩୩ ପ୍ରତିଶତ ରହିଛି। ଯାଲୋଏ କଲେଜରେ ୯୬ଟି ସିଟ ଥିବା ବେଳେ କଟଅଫ ମାର୍କ ୪୦ ପ୍ରତିଶତ ରହିଛି। ଉଲୁଣ୍ଡା ମା' ମେଟାକାନୀ ମହିଳା କଲେଜ ରେ ୧୨୮ ଟି ସିଟ ଥିବା ବେଳେ ୪୩.୬୭% କଟଅଫ ମାର୍କ ରହିଛି। ଉଭୟ କାଦୋବର କଲେଜ ଓ ଉଲୁଣ୍ଡା ପବିତ୍ର ମୋହନ କଲେଜରେ ୧୨୮ଟି ଲେଖାଏ ସିଟ ଥିବା ବେଳେ ଉଭୟ କଲେଜର କଟଅଫ ମାର୍କ ୩୩% ରହିଛି। ସେହିପରି ଉଲୁଣ୍ଡା ପଞ୍ଚାୟତ ସମିତି କଲେଜରେ କଳାରେ ୧୯୨ ସିଟ ଓ ବାଣିଜ୍ୟରେ ୩୨ଟି ସିଟ ରହିଛି। ଏହି କଲେଜରେ କଳାରେ ୫୫.୫୦% ଓ ବାଣିଜ୍ୟରେ ୪୨.୬୭% କଟଅଫ ମାର୍କ ରହିଛି। କଳାପଥର ସତ୍ୟବାଦୀ କଲେଜରେ ୧୯୨ ସିଟ ଥିବା ବେଳେ ୪୪.୫୦ କଟଅଫ ମାର୍କ ରହିଛି। ଉଲୁଣ୍ଡା ବ୍ଲକ ରେ ସମସ୍ତ ୧୦ ଟି କଲେଜରେ କଳା ପାଇଁ ୧ ହଜାର ୫୦୪ଟି, ବିଜ୍ଞାନ ପାଇଁ ୪୪୮ଟି ଓ ବାଣିଜ୍ୟ ପାଇଁ ୩୨ଟି ସିଟ ରହିଛି। ଉଲୁଣ୍ଡା ସ୍ଥିତ ପୂର୍ଣ୍ଣିମା ହାୟର ସେକେଣ୍ଡାରୀ ସ୍କୁଲରେ ବିଜ୍ଞାନ ଓ ଏସ. ପତ୍ରାପାଲି ସ୍ଥିତ ସୁବର୍ଣ୍ଣପୁର ହାୟର ସେକେଣ୍ଡାରୀ ସ୍କୁଲ (ଆଶା ଏକାଡେମୀ)ରେ କଳାରେ ୧୨୮ ଟି ସିଟ ଥିଲେ ମଧ ଜଣେ ମଧ ଫର୍ମ ଦାଖଲ କରି ନ ଥିବାରୁ କଟଅଫ ମାର୍କ ପ୍ରକାଶ ହୋଇନାହିଁ। ତେବେ କଳା ପାଠ୍ୟକ୍ରମରେ ବ୍ଲକ ଉଲୁଣ୍ଡା ସ୍ଥିତ ପଞ୍ଚାୟତ ସମିତି ହାୟର ସେକେଣ୍ଡାରୀ ସ୍କୁଲରେ ସର୍ବାଧିକ କଟଅଫ ମାର୍କ ରହିଛି।

**OFFICE OF THE TREASURY OFFICER
DISTRICT TREASURY, DHENKANAL**
NO. - 1274 Dt. - 19.07.2024

**ADVERTISEMENT FOR RE-ENGAGEMENT OF RETIRED GROUP-D EMPLOYEES**

No.S-07 : Applications are invited from the willing retired Group-D employees for re-engagement in the office of the District Treasury Office, Dhenkanal against **02 (two) numbers of group-D** vacant posts of **Peon / Choukidar / Sweeper** on contractual basis for a period of two years. The application dully filled in may be sent to the District Treasury Office, Dhenkanal by Regd. / Speed Post only and should be reached on or before **09.08.2024**. The application forms, details of terms and conditions related Government guidelines etc. will be available in the district website **http//dhenkanal.nic.in till 09.08.2024.**

**Sd./- Treasury Officer
Dhenkanal**
OIPR-05058/11/0001/2425

# ଉମା ହାଇସ୍କୁଲରେ ପ୍ରବେଶ ଉତ୍ସବ


ବିଦ୍ୟାଳୟରେ ପ୍ରବେଶ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

ଖୁଣ୍ଟିଗୋରା, ୨୨।୭(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କଷ୍ଟେଶ୍ୱର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ଅଙ୍କିତା ମଲିକ, ଶୁଭସ୍ମିତା ପାତ୍ର, ଫଟାମୁଣ୍ଡା ବିଦ୍ୟାଳୟର ଶିକ୍ଷକ ସ୍ମାରକ ସାହୁ, ରେଘାମୁଣ୍ଡା ବିଦ୍ୟାଳୟର ଶିକ୍ଷକ ରହିତ ଭୋଇ ପ୍ରମୁଖ ଯୋଗଦେଇ ପିଲାଙ୍କ ଚରିତ୍ର ଗଠନ, ସଂସ୍କାର ଓ ଆଦର୍ଶ ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବାସୁଦେବ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀଛାତ୍ର ନବମ ଶ୍ରେଣୀର ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ପରସ୍ପର ମଧ୍ୟରେ ଭେଦଭାବ ନ ରଖି ଭାଇଭଉଣୀ ସମ୍ପର୍କ ରଖିବାକୁ କହିଥିଲେ। ନୂତନ ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ବିଷୟରେ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜର୍ମାନରେ ବୀରମହାରାଜପୁରର ଯୁବ ବୈଜ୍ଞାନିକ ଶିଭାଜିତ

## ଏଆଇ ଉପରେ କରିବେ ଗବେଷଣା


ଶିଭାଜିତ ଚାନ୍ଦ ।

ଅମରପାଲି, ୨୨।୭(ପୀତାମ୍ବର ସାହୁ)

ଇଚ୍ଛାଶକ୍ତି ଥିଲେ ସଂଘର୍ଷ କରିବାକୁ ପଡେ ଏବଂ ସଂଘର୍ଷ କଲେ ସଫଳତାର ଶୀର୍ଷରେ ପହଞ୍ଚିବାର ସୁଯୋଗ ମିଳେ। ପ୍ରତିକୂଳ ପରିସ୍ଥିତିରେ ବି ଯିଏ ସଂଘର୍ଷ କରିଛି ସିଏ ହିଁ ସଫଳତାର ହକଦାର ହୋଇ ପାରିଛି। ଏମିତି କିଛି କରି ଉଦାହରଣ ସୃଷ୍ଟି କରିଛନ୍ତି ବୀରମହରାଜପୁରର ଜଣେ ଯୁବକ। ସଫଳତାର ଶିଖରକୁ ପହଞ୍ଚିବାକୁ ପ୍ରୟାସ କରିଥିବା ଯୁବକ ଜଣକ ହେଉଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଶିଭାଜିତ ଚାନ୍ଦ। ବାପା ଶ୍ରୀନିବାସ ଚାନ୍ଦ ଜଣେ ଓକିଲ ହୋଇଥିବାବେଳେ ମା ମଞ୍ଜୁରାଣୀ ପାଣିଗ୍ରାହୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଅଟନ୍ତି। ଦୁଇ ପୁଅ ଓ ଝିଅ ଙ୍କ ମଧ୍ୟରୁ ବଡ଼ ଶିଭାଜିତ ପିଲାଟି ଦିନରୁ ପ୍ରତିକୂଳ ପରିସ୍ଥିତିରେ ବି କିଛି କରି ଦେଖାଇବାକୁ ପ୍ରୟାସ ଆରମ୍ଭ କରିଥିଲେ। ସେ ଏବେ ସଫଳତାର ଶେଷ ପାହାଚରେ ପହଞ୍ଚି ପାରିଛନ୍ତି। ଶିଭାଜିତଙ୍କ ପ୍ରାଥମିକ ଶିକ୍ଷା ବୀରମହାରାଜପୁରରେ ହୋଇଥିବା ବେଳେ ଗୋଡଭଗା(ବରଗଡ଼) ସ୍ଥିତ କୋଶଳ ସ୍କୁଲରେ ହାଇସ୍କୁଲ ଶିକ୍ଷା ସମାପନ କରିଥିଲେ। ବିଶାଖାପାଟଣାସ୍ଥିତ ଚୈତନ୍ୟ କଲେଜରୁ ଯୁକ୍ତ ୨ବିଜ୍ଞାନରେ କୃତକାର୍ଯ୍ୟ ହେଲା ପରେ ଭୁବନେଶ୍ୱର ସିଲିକନରୁ ବିଟେକରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ଟେକ୍ନୋଲୋଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱିଡେନର ଚାଲମର ୟୁନିଭରସିଟି ଅଫ ଟେକ୍ନୋଲୋଜିରୁ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସ୍ୱିଡେନରେ ସଫଳତାର ସହ ଡିଗ୍ରୀ ହାସଲ କରି ଏବେ ସେ ଜର୍ମାନୀରେ ଗବେଷଣା କ୍ଷେତ୍ରରେ ପାଦ ଥାପିଛନ୍ତି। ତାହାପୁଣି ସାଂପ୍ରତିକ ସମୟର ବେଶୀ ଚର୍ଚ୍ଚାରେ ଥିବା ଆର୍ଟିଫିସିଆଲ ଇଣ୍ଟେଲିଜେନ(ଏଆଇ)ଉପରେ। ଏଆଇ କ୍ଷେତ୍ରରେ ସେ ଜଣେ ଜୁନିୟର ବୈଜ୍ଞାନିକଭାବେ ଜର୍ମାନୀରେ ଯୋଗଦେବେ। ଶିଭାଜିତଙ୍କ ଏହି ସଫଳତା ଯୋଗୁ ବୀରମହାରାଜପୁର ଗର୍ବିତ ହୋଇଥିବା ବେଳେ ତାଙ୍କୁ ଅନୁସରଣ କରି ଅନେକ ତାଙ୍କ ଭଳି ସ୍ଥାନରେ ପହଞ୍ଚିବେ ବୋଲି ବୁଦ୍ଧିଜୀବୀ ଆଶା ପ୍ରକଟ କରିଛନ୍ତି।

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
WORKS DEPARTMENT

**TENDER CALL NOTICE**

E-mail : rbcirclekhurda@gmail.com
Bid Identification No. CCE-Khorda (R&B) Circle-03/2024-25 Memo No. - 1436 Dt. 15.07.2024
No.B-100: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building works as detailed in the table below :

| | | | |
|---|---|---|---|
| 1 | Nature of Work | : | Building Works |
| 2 | No of Work | : | 4 Nos |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | B & A Class |
| 5 | Available of Bid document in the Website | : | From 10.00 AM of Dt. 25.07.2024 up to 05.00 PM of Dt.05.08.2024 up to 5.00 PM |
| 6 | Date of opening of Bid | : | Dt. 06.08.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

OIPR-34127/11/0004/2425 **Sd./- Chief Construction Engineer, Khordha (R&B) Circle, Khordha**

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଅମରପାଲି, ୨୨।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୮ଟି ଗ୍ରହଣ କରାଯାଇଥିବା ବେଳେ ୯ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବୀରମହାରାଜପୁର ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ସମେତ ଜିଲାସ୍ତରରୁ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ପଲ୍ଲବୀ ରାଣୀ ରାଜ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀର ସାମଲ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଉପଖଣ୍ଡ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ବୀରମହାରାଜପୁର ତହସିଲଦାର ପୁନମ ମହାପାତ୍ର, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦାନ କରିଥିଲେ।


ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୃଦ୍ଧଙ୍କ ମୃତ୍ୟୁ

ବାଉଁଶୁଣୀ, ୨୨।୭(ଦେବାଶିଷ ନେପାକ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ରକସା ପଞ୍ଚାୟତର ଚଉଁରିଆପଦର ଗ୍ରାମରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ବୃଦ୍ଧଙ୍କ ବାଉଁଶୁଣୀ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି। ସକାଳେ ଚଉଁରିଆପଦର ଗ୍ରାମର ଅଇଁଠୁ କର୍ଣ୍ଣ (୬୦) ନିଜ ଘରେ କାର୍ଯ୍ୟ କରୁଥିବାବେଳେ ଅସାବଧାନତା ବଶତଃ ଆର୍ଥିଙ୍ଗ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତାଙ୍କୁ ଶକ୍ତ ଝଟକା ଲାଗିଥିଲା ଓ ସେ ଛିଟିକି ପଡିଯାଇଥିଲେ। ପରିବାର ଲୋକେ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅଇଁଠୁଙ୍କୁ ମୃତ ଘୋଷଣା କରିଥିଲେ।

प्रपत्र सं0–1
**कार्यपालक अभियंता का कार्यालय
राष्ट्रीय उच्च पथ प्रमंडल, देवघर।**

**ई–प्रोक्योरमेंट सूचना**

अति अल्पकालीन ई–निविदा प्रसंग सं0– NH/Deoghar/JHR/F2/06 दिनांकः– 20/07/2024

| | | |
|---|---|---|
| 1. | कार्य का नाम | Laying of Paver block on both side of road from (Ch152.00) to Ch 155.350 of NH 333 for the year 2024-25. |
| 2. | प्राक्कलित राशि (लाख में) | 184.630 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।
ह0/–
कार्यपालक अभियंता
PR 330246 (Deoghar) 24-25 (D) राष्ट्रीय उच्च पथ प्रमंडल, देवघर।

प्रपत्र सं0–1
**कार्यपालक अभियंता का कार्यालय
राष्ट्रीय उच्च पथ प्रमंडल, देवघर**

**ई–प्रोक्योरमेंट सूचना**

अति अल्पकालीन ई–निविदा प्रसंग सं0– NH/Deoghar/JHR/F2/03
दिनांकः– 20/07/2024

| | | |
|---|---|---|
| 1. | कार्य का नाम | laying of Paver block on both side of Road from km(Ch143.00) to Ch 146.00 of NH 333 for the year 2024-25. |
| 2. | प्राक्कलित राशि (लाख में) | 177.400 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।
ह0/–
कार्यपालक अभियंता
PR.NO.330253 Deoghar(24-25):D राष्ट्रीय उच्च पथ प्रमंडल, देवघर।

## ସଂକ୍ଷେପରେ

### ପୋଲିସ ସବ୍ ଇନ୍ସପେକ୍ଟରଙ୍କ କାରକୁ ଧକ୍କା ଦେଲା ଟ୍ରକ

ବଡ଼ଗାଁ,୨୨।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାଇବାଇ ଗ୍ରାମର ବାସିନ୍ଦା ତଥା ରିଆମାଲ ଥାନାର ସବ୍ ଇନ୍ସପେକ୍ଟର ବସନ୍ତ ରାଉତରାୟ ରବିବାର ସନ୍ଧ୍ୟାରେ ରାଜଗାଙ୍ଗପୁରରୁ ତାଙ୍କ କାରରେ ପରିବାର ସହିତ ଘରକୁ ଫେରୁଥିବାବେଳେ ବାଇବାଇ ଛକଠାରେ ଏକ ଟ୍ରକ( ସିଏଜି ୧୦ ଏପି ୯୧୭୫) ପଛପଟୁ ଧକ୍କା ଦେଇଥିଲା। ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣା ପରେ ସବ୍ ଇନ୍ସପେକ୍ଟର ରାଉତରାୟ ଗାଡ଼ି ସହିତ ଟ୍ରକ ଡ୍ରାଇଭରଙ୍କୁ ବଡ଼ଗାଁ ଥାନାକୁ ଆଣି ଜିମା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

# ବିପଦପୂର୍ଣ୍ଣ ଅବସ୍ଥାରେ ହାଇଭୋଲଟେଜ୍ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ରାଉରକେଲା,୨୨।୭(ଦିନେଶ ମିଶ୍ର)

ରାଉରକେଲା ଉଦିତନଗର ସ୍ଥିତ ଶୀତଳପଡା ବସ୍ତି ଓ ପାନପୋଷ ଫାଦର କଲୋନୀ ବସ୍ତିରେ ଥିବା ହାଇଭୋଲଟେଜ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମରରେ ଅନାବନ ଲତା ମାଡିଯାଇ ବିପଦକୁ ଆମନ୍ତ୍ରଣ କରୁଛି। ଏନେଇ ବସ୍ତିବାସୀ ବାରମ୍ବାର ବିଦ୍ୟୁତ୍ ବିତରଣ କମ୍ପାନୀ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଉକ୍ତ ବସ୍ତିରେ ଆଜିକୁ ବର୍ଷେ ତଳେ ଏକ ଅଢ଼େଇ ହଜାର ୱାଟର ହାଇଭୋଲଟେଜ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇଥିଲା। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହା ଭଗ୍ନ ଅବସ୍ଥାରେ ପଡି ରହିବା ସହ ଲତାମୟ ହୋଇଯାଇଛି। ଏନେଇ ବସ୍ତିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଟ୍ରାନ୍ସଫର୍ମର ନିକଟରେ ବିଭିନ୍ନ ବସ୍ତିବାସୀମାନେ ନେଇଥିବା ବିଦ୍ୟୁତ୍ ତାର ସଂଯୋଗୀକରଣ ପାଇଁ ଖୁଣ୍ଟିର ବ୍ୟବସ୍ଥା କରାଯାଇନାହିଁ। ବସ୍ତିବାସୀ ବାଉଁଶ ବାନ୍ଧି ବିଦ୍ୟୁତ୍ ତାର ନେଇଛନ୍ତି। ଲଗାଣ ବର୍ଷା କି ଝଡତୋଫାନ ହେଲେ ତାରଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତାରେ ପଡି ରହିଥାଏ। ବସ୍ତି ଭିତରେ ହାଇଭୋଲଟେଜ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିବାବେଳେ ଲୋକଙ୍କୁ ସଚେତନତା କରାଇବା ପାଇଁ କୌଣସି ବିପଦପୂର୍ଣ୍ଣ ସଙ୍କେତ କି ସୂଚନା ଫଳକ ନାହିଁ। ଏହି ଟ୍ରାନ୍ସଫର୍ମର ମୂଳରେ ଅନାବନା ଘାସବୁଦା ଓ ଲତା ଉଠିଥିବାବେଳେ ସ୍ଥାନୀୟ ବୁଲାପଶୁ ଉକ୍ତ ପାଚେରୀର ମୁକୁଳା ଗେଟ୍ ଭିତରେ ପଶି ଚରୁଥିବା ଦେଖିବାକୁ ମିଳିଛି। ଅନାବନା ଲତା ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ବାରମ୍ବାର ସଟ୍‌ସରକିଟ୍ ହେଉଥିବା ନଜିର ରହିଛି। ସେହିଭଳି ପାନପୋଷ ଫାଦର କଲୋନୀ ପ୍ରବେଶ ପଥରେ ଥିବା ହାଇ ଭୋଲଟେଜ୍ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ପ୍ରତିବର୍ଷ ବର୍ଷାଦିନ ଆସିଲେ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ୍ ତାରରେ କୌଣସି ଗଛଡାଳ ନ ଲାଗିବା ଓ ଟ୍ରାନ୍ସଫର୍ମର ନିକଟରେ ଅନାବନା ଗଛ ଓ ଜଙ୍ଗଲମୟ ପରିବେଶ ସୃଷ୍ଟିହେଲେ ତାହାକୁ ସଫେଇ କରାଯାଇ ଥାଏ। ଚଳିତ ବର୍ଷ ବିଦ୍ୟୁତ୍ ବିଭାଗୀୟ ପକ୍ଷରୁ ଏଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ତେଣୁ ଏଥିପ୍ରତି ବିଭାଗୀୟ ଅଧୀକାରୀ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ଉଦିତନଗର ଡିପିଡବ୍ଲ୍ୟୁଓଡିଏଲ ଏସ୍‌ଡିଇଓ ଅନାମିକା ବହିଦାରଙ୍କୁ ପଚାରିବାରୁ, ହାଇଭୋଲଟେଜ୍ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମ ବିଭାଗୀୟ ଅଧିକାରୀଙ୍କୁ ପଠାଇ ଉକ୍ତ ଅଞ୍ଚଳର ଟ୍ରାନ୍ସଫର୍ମର ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଆସନ୍ତା ୪ ଦିନ ଭିତରେ କାମ କରାଯିବ ବୋଲି ସେ କହିଥିଲେ।



ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର।

### ପ୍ରଥମ ସୋମବାରରେ ଶିବାଳୟରେ ଭିଡ଼

ହେମଗିର,୨୨।୭ (ଚୈତନ୍ୟ ପଟେଲ): ଶ୍ରାବଣର ପ୍ରଥମ ସୋମବାରରେ ହେମଗିର ସ୍ଥିତ ଖାଡେଶ୍ୱର ମନ୍ଦିର, ଚନାଖାଇ ଶିବ ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।

**omfed** www.omfed.com
**The Odisha State Co-operative Milk Producers' Federation Limited**
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417, 2540974
Email ID: omfed@yahoo.com

Date: 23.07.2024

**E-TENDER FOR EQUIPMENT FOUNDATION AT BALASORE DAIRY**

No. CAD-625: OMFED invites Techno-Commercial tenders from experienced civil contractors for execution of the **"CIVIL-STRUCTURAL WORK FOR CONSTRUCTION OF FOUNDATION FOR DAIRY EQUIPMENTS TO BE INSTALLED AT BALASORE DAIRY"**. Interested bidders may download the Tender Document from the OMFED website **www.omfed.com** only for reference. Bid document will be available in the **https://tendersodisha.gov.in** from **10.00 AM of 23.07.2024 to 5.00 PM of 08.08.2024** for bidding. Tender cost of Rs.6000/- + 18% GST along with E.M.D. of Rs.21,369/- shall be deposited through online portal at **https://tendersodisha.gov.in**.
The technical bid shall be opened at **03.00 PM on 09.08.2024** at the OMFED Corporate Office in the presence of the interested bidders and tender committee members.
Management reserves the right to accept or reject any or all the bid documents or part thereof without assigning any reason.
OIPR-06063/11/0027/2425 Sd./- Managing Director

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ**
**(ଅବକାରୀ ବିଭାଗ)**
ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ୨୦୨୪-୨୫ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି
ପତ୍ର ସଂଖ୍ୟା: ୧୫୯୫, ୧୫୯୬/ଅ. ତା୧୬।୦୭।୨୦୨୪ରିଖ
No. F-27: ଆର୍ଥିକ ବର୍ଷ ୨୦୨୪-୨୫ର ଅବଶିଷ୍ଟ ସମୟ ପାଇଁ ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଯଥା (୧) ବୌଦ୍ଧ ନଂ.-୨, (୨) ବଘିଆପଡ଼ା, (୩) ରାଧାନଗର, (୪) ଘଣ୍ଟାପଡ଼ା ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ଯଥା **ତଳଗାଁ**ର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **http://stateexcise.odisha.gov.in** ୱେବ୍‌ସାଇଟ୍‌ରେ ଉପଲବ୍ଧ। Form 'B'ରେ ଅନଲାଇନ୍ ମାଧ୍ୟମରେ ତା୨୯।୦୭।୨୦୨୪ରିଖ (ଅପରାହ୍ଣ ୫.୦୦ ଘଟିକା) ମଧ୍ୟରେ ଆବେଦନ କରିପାରିବେ। ଲଟେରି ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୩୧।୦୭।୨୦୨୪ (ବୁଧବାର)ରିଖ ୧୧.୩୦ ଘଟିକାଠାରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧରେ ଆରମ୍ଭ ହେବ।
ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟ୍‌ରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ବୌଦ୍ଧ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ ନୋଟିସ୍ ବୋର୍ଡ଼ରେ ଉପଲବ୍ଧ ଅଟେ।
ବି.ଦ୍ର.: ସେବା ପାଇଁ ଟୋଲ୍ ଫ୍ରି ନମ୍ବର - ୧୮୦୦୩୪୫୬୭୧୩, ସେବା ସମୟ: ସମସ୍ତ କାର୍ଯ୍ୟଦିବସରେ (ସକାଳ ୧୦ରୁ ଅପରାହ୍ଣ ୫ ଘଟିକା ମଧ୍ୟରେ)।
OIPR-36024/11/0001/2425 ସ୍ୱା./- ଜିଲ୍ଲାପାଳ, ବୌଦ୍ଧ

# ରାଉରକେଲାର ବନାନୀଙ୍କ ସଫଳତା

## ଷ୍ଟ୍ରେଙ୍ଗଲିଫ୍ଟିଂ, ଇନକ୍ଲାଇନ୍ ବେଂଚ ପ୍ରେସ୍ ଚାମ୍ପିୟାନଶିପ୍

ରାଉରକେଲା,୨୨।୭ (ସଙ୍ଗୀତା ଜେନା)

୧୧ତମ ବିଶ୍ୱ ଷ୍ଟ୍ରେଙ୍ଗଲିଫ୍ଟିଂ ଓ ଇନ୍‌କ୍ଲାଇନ୍ ବେଂଚ ପ୍ରେସ୍ ଚାମ୍ପିୟନଶିପ୍‌ରେ ରାଉରକେଲା କ୍ରୀଡ଼ାବିତ୍ ସଫଳତା ହାସଲ କରିଛନ୍ତି। ସେ ହେଉଛନ୍ତି ବନାନୀ ବିଶ୍ୱାସ। ସେ ସେକ୍ଟର-୭ରେ ଥିବା ରାଉରକେଲା ୟଙ୍ଗ ମ୍ୟାନ ଆସୋସିଏଶନ୍(ରାୟମା କ୍ଲବ)ରେ ପ୍ରଶିକ୍ଷଣ ନେଇ ଆସୁଛନ୍ତି। ପୂର୍ବ କାଜାଖସ୍ଥାନ ପ୍ରଦେଶର କାଉନସିଲ୍ ଅଫ୍ ସ୍ପୋର୍ଟସ ଭେଟେରାନ୍ ଏବଂ ପିଏ ପୂର୍ବ କାଜାଖସ୍ଥାନ ଷ୍ଟ୍ରେଙ୍ଗଲିଫ୍ଟିଂ ଫେଡେରେଶନ୍ ଦ୍ୱାରା କାଜାଖସ୍ଥାନର କାମେନ୍‌ଗୋରସ୍କ ଠାରେ ଏହି ଚାମ୍ପିଆନଶିପ୍ ଆୟୋଜିତ ହୋଇଥିଲା। ଏଥିରେ ବନାନୀ ସିନିଅର ୬୫କେଜି ବର୍ଗରେ ଉଭୟ ଷ୍ଟ୍ରେଙ୍ଗଲିଫ୍ଟିଂ ଓ ଇନକ୍ଲାଇନ୍ ବେଂଚ ପ୍ରେସ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସବ୍ ଜୁନିଅର, ଜୁନିଅର, ସିନିଅର, ମାଷ୍ଟର ୧,୨,୩ ଓ ଭିନ୍ନକ୍ଷମ ମହିଳା ଓ ପୁରୁଷଙ୍କ ବର୍ଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବନାନୀ ଓଡ଼ିଶା ରାଉରକେଲାରେ ପ୍ରଶିକ୍ଷଣ ନେଉଥିଲେ ମଧ୍ୟ ସେ ପଶ୍ଚିମବଙ୍ଗ ପକ୍ଷରୁ ଉକ୍ତ ଚାମ୍ପିୟାନଶିପରେ ଭାଗ ନେଇଥିଲେ। ସୋମବାର ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରି ସମ୍ବଲପୁରରେ ପହଞ୍ଚିଛନ୍ତି। ଏହିଅବସରରେ ବନାନୀ କହିଛନ୍ତି, ରାଉରକେଲାରେ କୋଚ ତଥା ଗୁରୁ ବାସୁଦେବ ବାନାର୍ଜୀ, ସୁନ୍ଦରଗଡ଼ ୱେଟ ଲିଫ୍ଟିଂର ଦିଲେଶ୍ୱର ସାହୁ ତଥା ପଶ୍ଚିମବଙ୍ଗର କୋଚ୍ ବିଶ୍ୱଜିତ୍ ଶାହାଙ୍କୁ ଏହି ସଫଳତାର ଶ୍ରେୟଦେବାକୁ ଚାହୁଁଛି। ୨୦୨୨ରେ ପାୱାରଲିଫ୍ଟିଂ ଏବଂ ୨୦୨୪ରେ ଷ୍ଟ୍ରେଙ୍ଗଲିଫ୍ଟିଂ ପ୍ରଶିକ୍ଷଣ ସେକ୍ଟର-୭ କୋଚ୍ ବାନାର୍ଜୀଙ୍କ ନିକଟରୁ



ଆରମ୍ଭ କରିଥିଲି। ପିତା ରେଳବାଇର ଅବସରପ୍ରାପ୍ତ କର୍ମଚାରୀ ଥିଲେ। କୋଏଲନଗର ଏ ବ୍ଲକରେ ସପରିବାର ରହି ସରକାରୀ ଅଟୋନୋମସ୍ କଲେଜରୁ ଇଂରାଜୀ ବିଷୟରେ ସ୍ନାତକ କରିବା ସଙ୍ଗେସଙ୍ଗେ ଉକ୍ତ କ୍ରୀଡ଼ାରେ ପ୍ରଶିକ୍ଷଣ ଜାରି ରହିଥିଲା। ଏହି ଚାମ୍ପିୟାନଶିପ୍‌ରେ ଭାରତରୁ ମୋଟ ୫୬ଜଣ ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ମଙ୍ଗୋଲିଆ, ଚୀନ୍, ଆମେରିକା, ନେପାଳ, କାଜାଖସ୍ଥାନ, ତେଜକିସ୍ଥାନ, କିରଗୀସ୍ଥାନ, ପାକିସ୍ଥାନ ସମେତ ୨୦ରୁ ଊର୍ଦ୍ଧ୍ୱ ଦେଶର ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ। ଭବିଷ୍ୟତରେ ଅଲମ୍ପିକ ଓ ଅନ୍ୟ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ପାଇଁ ଗୌରବ ହାସଲ କରିବାକୁ ଲକ୍ଷ୍ୟ ରଖିଛି ବୋଲି ବନାନୀ କହିଥିଲେ। ସୂଚନାଯୋଗ୍ୟ, ବନାନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ରାୟମା କ୍ଲବ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# କଲେଜରେ ଛାତ୍ର ସଂସଦ ନିର୍ବାଚନ କରାଯାଉ

ରାଉରକେଲା,୨୨।୭(ସଙ୍ଗୀତା ଜେନା)

୨୦୧୮ରୁ ରାଜ୍ୟରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଛାତ୍ର ନିର୍ବାଚନ ବନ୍ଦ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କ ସମସ୍ୟା ଗୁଡ଼ିକ ସମାଧାନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଜିଲାରେ ଅଧ୍ୟାପକ ମରୁଡ଼ି ପଡିଛି। ତେଣୁ ଯଥାଶୀଘ୍ର କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ କରାଯାଉ ବୋଲି ଦାବି ହୋଇଛି। ଏ ନେଇ ସୋମବାର ସନ୍ଧ୍ୟାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ( ଏବିଭିପି) ରାଉରକେଲା ଶାଖା ପକ୍ଷରୁ ସେକ୍ଟର-୧୯ ଆମ୍ବାଗାନ୍ ଠାରେ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଏବିଭିପି ଜିଲା ସଂଯୋଜକ ଜ୍ୟୋର୍ତିମୟ ସ୍ୱାଇଁ, ବିଭାଗ ଏସ୍‌ଏଫଡି ପ୍ରମୁଖ ସ୍ୱଦେଶ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶାଳ ରାମ ଓ ମହାନଗର ସହ ସମ୍ପାଦକ ସୋନମ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ସଂଯୋଜକ ସ୍ୱାଇଁ କହିଥିଲେ, ଏବିଭିପି ଶୃଙ୍ଖଳିତ ଓ ଦାୟିତ୍ୱବାନ୍ ଅଣରାଜନୈତିକ ଛାତ୍ର ସଂଗଠନ ଅଟେ। ପ୍ରତ୍ୟେକ ଶିକ୍ଷା ବର୍ଷର ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ। ଚଳିତ ବର୍ଷ ଏବିଭିପି ରାଉରକେଲା ସାଂଗଠନିକ ଜିଲାରେ ୧୨ ହଜାର ସଦସ୍ୟତା ଲକ୍ଷ୍ୟ ରହିଛି। ଜୁଲାଇ ୨୩ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ସ୍ୱାଇଁ କହିଥିଲେ। ସେହିପରି ଏସ୍‌ଏଫ୍‌ଡି ପ୍ରମୁଖ ପଣ୍ଡା କହିଥିଲେ। କଲେଜ ନିର୍ବାଚନ ବନ୍ଦ ହେବା ଯୋଗୁ ଛାତ୍ର ନେତାମାନଙ୍କ ନିର୍ବାଚନ ଅଧିକାର କ୍ଷୁର୍ଣ୍ଣ ହୋଇଛି। ଏଥିପାଇଁ ଏବିଭିପି ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲା। ଏହା କେବଳ ଏକ ନିର୍ବାଚନ ନୁହେଁ ବରଂ ଏଥିରୁ ବାହାରୁ ଥିବା ନେତୃତ୍ୱ ମାନେ ଦେଶ ନିର୍ମାଣରେ ବିଭିନ୍ନକ୍ଷେତ୍ରରେ ନିଜର ପ୍ରତିଭା ଦେଖାଇ ପାରିବେ। ତେଣୁ ଉକ୍ତ ନିର୍ବାଚନ ପ୍ରକ୍ରିୟା ପୁନଃ ଚାଲୁ କରାଯାଉ ବୋଲି ପଣ୍ଡା କହିଥିଲେ। ଶେଷରେ ଛାତ୍ର ସଦସ୍ୟତା ଅଭିଯାନ ପୋଷ୍ଟର ଉନ୍ମୋଚିତ ହୋଇଥିଲା।




ଆୟୋଜିତ ଖବରଦାତା ସମ୍ମିଳନୀରେ ସଦସ୍ୟମାନେ।

# ସଦ୍‌ଭାବନା ଲକ୍ଷେଘର ସମାଜ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ସଭା



ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ କମ୍ୟୁନିଟି ସେଣ୍ଟରଠାରେ ରବିବାର ରାଉରକେଲାର ଅଗ୍ରଣୀ ସାମାଜିକ ସଂଗଠନ ସଦ୍‌ଭାବନା ଲକ୍ଷେଘର ସମାଜ ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ରୋହିତ କୁମାର ମହାନନ୍ଦିଆଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଂଗଠନର ନୂତନ ଭାବେ ପଦ ଗ୍ରହଣ କରିଥିବା ସଦଶ୍ୟମାନେ କର୍ତ୍ତବ୍ୟ ପରାୟଣ ସହକାରେ ନିଜର ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଶପଥ ପାଠ କରିଥିଲେ। ପରେ ସଂଗଠନର ପୁରୁଷ ବର୍ଗରେ ନୂତନ ସଭାପତି ଭାବେ ପ୍ରଦୀପ ସୁରଝଲିଆ, କାର୍ଯ୍ୟକାରୀ ସଭାପତି ଟଙ୍କଧର ବାଗ, ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ଶାସନୀ, କୋଷାଧ୍ୟକ୍ଷ ରାମଚନ୍ଦ୍ର ବୁଖ୍ରା, ଉପସଭାପତି ଅଶୋକ ବୁଡା, ବନମାଳୀ ପ୍ରଧାନ, ବିଜୟ ମହାନନ୍ଦ, ସହ ସମ୍ପାଦକ ଭାବେ ଯାଦବ ତାଜନ, ଲିଙ୍ଗରାଜ ଜୟପୁରୀଆ, ସହ-କୋଷାଧ୍ୟକ୍ଷ ଦିବ୍ୟ ମହାନନ୍ଦିଆ, ସାଂସ୍କୃତିକ ସମ୍ପାଦକ ଶୁଶିଲ କାନ୍ତ, ରାଜଶ୍ରୀ ବୁର୍ଖା, ଖେଳ ସମ୍ପାଦକ ଟିକେଶ୍ୱର ତାଣ୍ଡିଆ ଓ ବସନ୍ତ ଦେହୁରୀଆ ଶପଥ ପାଠ କରିଥିଲେ। ମହିଳାଙ୍କ ମଧ୍ୟରୁ ଉପସଭାପତି ମାନସୀ ତାଣ୍ଡିଆ ଓ ବିନିତା ତାଣ୍ଡିଆ ଏବଂ ସମ୍ପାଦକ ବିଷ୍ଣୁପ୍ରିୟା ମହାନନ୍ଦିଆ ଓ ଅଳୀ ତନ୍ତୀ ଶପଥ ପାଠ କରିଥିଲେ। ପରେ ସଂଗଠନର ଉପଦେଷ୍ଟା ଭାବେ ଅଲେଖ ମହାନନ୍ଦିଆ ଓ ରାଜକିଶୋର ଧରୁଆ ଶପଥ ପାଠ କରିଥିଲେ। ପୂର୍ବତନ ସଭାପତି ଓ ବର୍ତ୍ତମାନର ଉପଦେଷ୍ଟା ରୋହିତ କୁମାର ମହାନନ୍ଦିଆ ସଭାରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଉରକେଲା ନାଗ୍ରା ତନ୍ତୀ ସମାଜ, ସମଲେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ବନ୍ଧମୁଣ୍ଡା, ଲକ୍ଷେଘର ତନ୍ତୀ ପାତ୍ର ସମନ୍ୱିତ ମଞ୍ଚ ଆଦି ସଂଗଠନର ବହୁ କର୍ମକର୍ତ୍ତା ଯୋଗଦେଇ ନୂତନ କର୍ମିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶପଥ ପାଠ ସଭା କାର୍ଯ୍ୟକ୍ରମକୁ ମହିମା ଭକ୍ତି ବେଶନ ସଞ୍ଚାଳନ କରିଥିବା ବେଳେ ନୂତନ କାର୍ଯ୍ୟକାରୀ ସଭାପତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜୟ ହିନ୍ଦ କ୍ଲବ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ବୃକ୍ଷରୋପଣ

ବଡ଼ଗାଁ, ୨୨।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁର ଜୟ ହିନ୍ଦ କ୍ଲବ ପକ୍ଷରୁ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, କେନ୍ଦୁପତ୍ର ବିଭାଗର ବଡ଼ଗାଁ ଫରେଷ୍ଟର ଅମିତ କୁମାର୍ ମହାନ୍ତି, ବଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ଅମ୍ବିକା ପ୍ରସାଦ ପ୍ରଧାନ, କୁତ୍ରା ବ୍ଲକ ଉପାଧ୍ୟକ୍ଷ କସ୍ତୁଭ ହୋତା ଅତିଥି ଭାବେ ଯୋଗଦେଇ କ୍ଲବ ସଦସ୍ୟଙ୍କ ସହିତ ଚାରା ରୋପଣ କରିଥିଲେ। ଏହି ଅବସରରେ ଗତବର୍ଷ ଚାରା ରୋପଣ କରି ଯତ୍ନ ନେଇଥିବା ବଡ଼ଗାଁ ଲିଟିପଡାର ମୁନା ବାଗେଙ୍କୁ କେନ୍ଦୁପତ୍ର ବିଭାଗ ଫରେଷ୍ଟର ମହାନ୍ତି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜା ହାଁସଦା, କିରନ ହାଁସଦା, ସଞ୍ଜୟ ଶୋରେଙ୍ଗ, ଶିବା ସୋରେଙ୍ଗ, ପିୟୁସ ସୋରେଙ୍ଗ, ସଞ୍ଜୀବ ବଗେ, ପିଣ୍ଟୁ ହୋତା, ତିଲକ ହୋତା, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ବଡ଼ଗାଁ ଥାନା କନେଷ୍ଟବଳ ସୁରେଶ ସା, ବିର୍ଣ୍ଣୁ ଗ୍ରାମର ବୀରେନ୍ଦ୍ର କିସାନ ପ୍ରମୁଖ କୃଷକ ମାର୍ଗର ରାସ୍ତା ପାର୍ଶ୍ୱରେ ବର, ପିପଳି, କରଞ୍ଜ, ଛତିୟାନ ଶିଶୁ, ଲିମ୍ବ ଆଦି ୫୦ଟି ଚାରା ରୋପଣ କରିଥିଲେ। ତେବେ ଚଳିତ ବର୍ଷ ବର୍ଷା ଅଭାବ ଯୋଗୁ କାର୍ଯ୍ୟକ୍ରମକୁ ସୀମିତ ରଖାଯାଇଛି।

# ଦେଓନଦୀ ସେତୁ ନିର୍ମାଣ କାମ ସାରିବାକୁ ଦାବି

- ୨୪ରୁ ଧାରଣାରେ ବସିବେ ମୁକ୍ତିକାନ୍ତ ଓ ତାଙ୍କ ସହଯୋଗୀ
- ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)

ବର୍ଷ ପରେ ବର୍ଷ ଗଡି ଚାଲିଛି। ମାତ୍ର ରାଉରକେଲା ସ୍ଥିତ ମିଟିକୁନ୍ଦରୁ ଠାରୁ ସିମରତା ରାସ୍ତାର ଦେଓ ନଦୀ ଉପରେ ସେତୁ ନିର୍ମାଣ କାମ ଦୀର୍ଘ ୬ବର୍ଷ ହେଲା ଶେଷ ହେଉନାହିଁ। ରାଉରକେଲା ସହ ଅଞ୍ଚଳର ୨୦ହଜାର ଲୋକଙ୍କ ଜୀବନ ଜୀବିକାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ତତ୍କାଳୀନ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସୌଜନ୍ୟରେ କାର୍ଯ୍ୟକାରୀ କରିବା ଧାର୍ଯ୍ୟ ଥିଲା। ଦେଓ ନଦୀ ଉପରେ ୧୫୩.୧୫ମିଟର ଦୈର୍ଘ୍ୟ ଓ ୭.୫୦ମିଟର ପ୍ରସ୍ଥ ବିଶିଷ୍ଟ ସେତୁ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ସ୍ଥିର ହେଲା। ନିର୍ମାଣ କାମ ୨୦୧୮ ଜୁନ ୩୦ରୁ ଆରମ୍ଭ ହୋଇ ୨୦୨୨ ଜୁନ ୨୯ରେ ସମ୍ପୂର୍ଣ୍ଣ କରିବା ପାଇଁ ଚୁକ୍ତିକାନ୍ତ ହୋଇଥିଲା। ମାତ୍ର ପରିତାପର ବିଷୟ ଆଜିକୁ ୬ବର୍ଷ ବିତି ସାରିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏଥିସହ ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଥିବା ଜମି ଅଧିଗ୍ରହଣ ମଧ୍ୟ ହେଉନାହିଁ। ଅନ୍ୟପଟେ ଜମି ମାଲିକଙ୍କୁ ଜମି ଅଧିଗ୍ରହଣ ବାବଦୀୟ ସରକାରୀ ଅନୁଦାନ ରାଶି ପ୍ରଦାନ ନ କରି ୭୯୨.୮୫ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ମଧ୍ୟ ଏକ ଜଟିଳ ପ୍ରସଙ୍ଗ ସାଜିବାକୁ ଲାଗିଲାଣି। ତେବେ ଏହା ବିରୋଧରେ ଗତବର୍ଷ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଦିବସରୁ ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳ ଓ ଅଞ୍ଚଳବାସୀ ୨୧ଦିନ ଧାରଣା, ୯ଦିନ ଆମରଣ ଅନଶନ ଓ ଗୋଟିଏ ଦିନ ରାସ୍ତାରୋକ କରିଥିଲେ। ୯୦ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନେଇ ଧାରଣକାରୀଙ୍କୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ଆଜି ପର୍ଯ୍ୟନ୍ତ କାମ ଶେଷ ହୋଇପାରିଲା ନାହିଁ। ତେଣୁ ଆସନ୍ତା ୨୪ରୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁକ୍ତିକାନ୍ତଙ୍କ ସହିତ ତାଙ୍କର ସହଯୋଗୀମାନେ ମିଶି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ନେଇ ନିଷ୍ପତ୍ତି ନେଇଛନ୍ତି। ଏଥିସହ ପାନପୋଷ ଉପଜିଲାପାଳଙ୍କୁ ଧାରଣା ଦେବା ନେଇ ସୋମବାର ଲିଖିତ ପତ୍ର ପ୍ରଦାନ କରିଛନ୍ତି।




ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

**OFFICE OF THE TREASURY OFFICER**
**DISTRICT TREASURY, DHENKANAL**
NO. - 1274 Dt. - 19.07.2024
**ADVERTISEMENT FOR RE-ENGAGEMENT OF RETIRED GROUP-D EMPLOYEES**
No.S-07 : Applications are invited from the willing retired Group-D employees for re-engagement in the office of the District Treasury Office, Dhenkanal against **02 (two) numbers of group-D** vacant posts of **Peon / Choukidar / Sweeper** on contractual basis for a period of two years. The application dully filled in may be sent to the District Treasury Office, Dhenkanal by Regd. / Speed Post only and should be reached on or before **09.08.2024**. The application forms, details of terms and conditions related Government guidelines etc. will be available in the district website **http//dhenkanal.nic.in till 09.08.2024.**
Sd./- Treasury Officer
Dhenkanal
OIPR-05058/11/0001/2425

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
WORKS DEPARTMENT
**TENDER CALL NOTICE**
E-mail : rbcirclekhurda@gmail.com
Bid Identification No. CCE-Khordha (R&B) Circle-03/2024-25 Memo No. - 1436 Dt. 15.07.2024
No.B-100: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building works as detailed in the table below :

| | | | |
|---|---|---|---|
| 1 | Nature of Work | : | Building Works |
| 2 | No of Work | : | 4 Nos |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | B & A Class |
| 5 | Available of Bid document in the Website | : | From 10.00 AM of Dt. 25.07.2024 up to 05.00 PM of Dt.05.08.2024 up to 5.00 PM |
| 6 | Date of opening of Bid | : | Dt. 06.08.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

Sd./- Chief Construction Engineer,
Khordha (R&B) Circle, Khordha
OIPR-34127/11/0004/2425

प्रपत्र सं0–1
**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, देवघर।**
**ई–प्रोक्योरमेंट सूचना**
अति अल्पकालीन ई–निविदा प्रसंग सं0– NH/Deoghar/JHR/F2/06 दिनांक:– 20/07/2024

| | | |
|---|---|---|
| 1. | कार्य का नाम | Laying of Paver block on both side of road from (Ch152.00) to Ch 155.350 of NH 333 for the year 2024-25. |
| 2. | प्राक्कलित राशि (लाख में) | 184.630 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।
ह0/–
कार्यपालक अभियंता
PR 330246 (Deoghar) 24-25 (D) राष्ट्रीय उच्च पथ प्रमंडल, देवघर।

प्रपत्र सं0–1
**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, देवघर**
**ई–प्रोक्योरमेंट सूचना**
अति अल्पकालीन ई–निविदा प्रसंग सं0– NH/Deoghar/JHR/F2/03
दिनांक:– 20/07/2024

| | | |
|---|---|---|
| 1. | कार्य का नाम | laying of Paver block on both side of Road from km(Ch143.00) to Ch 146.00 of NH 333 for the year 2024-25. |
| 2. | प्राक्कलित राशि (लाख में) | 177.400 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।
ह0/–
कार्यपालक अभियंता
PR.NO.330253 Deoghar(24-25):D राष्ट्रीय उच्च पथ प्रमंडल, देवघर।

# ସ୍ୱାଭିମାନ ବ୍ୟକ୍ତିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ



ସମ୍ବଲପୁର ସ୍ଥିତ ଜିଏମ୍‌ୟୁ ମନସ୍ତତ୍ତ୍ୱ ବିଭାଗ ଆୟୋଜିତ ଅନ୍ତର୍ଜାତୀୟ ସମ୍ମାନରେ ଅତିଥି, ବକ୍ତା ଓ ଛାତ୍ରୀଛାତ୍ରମାନେ।

- ଜିଏମ୍‌ୟୁ ମନସ୍ତତ୍ତ୍ୱ ବିଭାଗର ଅନ୍ତର୍ଜାତୀୟ ସମ୍ମାନ
- ସ୍ୱାଭିମାନ, ସାମଗ୍ରିକ ବିକାଶର ଏକ ମାର୍ଗ ଶୀର୍ଷକ ଆଲୋଚନା

**ସମ୍ବଲପୁର,୨୨।୭(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମନସ୍ତତ୍ତ୍ୱ ବିଭାଗର ଅନ୍ତର୍ଜାତୀୟ ସମ୍ମାନ ସମ୍ପନ୍ନ ହୋଇଯାଇଛି। ସ୍ୱାଭିମାନ-ସାମଗ୍ରିକ ବିକାଶର ଏକ ମାର୍ଗ ଶୀର୍ଷକ ଆଲୋଚନାଚକ୍ରରେ ଆମେରିକା ବୋଷ୍ଟନ ସଫୋକ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକନ୍ୟା ରାୟ ଏବଂ ଜାତୀୟ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନର ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ଯୋଗଦେଇଥିଲେ। ଆଲୋଚକମାନେ ସ୍ୱାଭିମାନ ଶବ୍ଦଟି ଆମ ସମସ୍ତଙ୍କ ପାଇଁ କେତେ ଉପାଦେୟ ସେ ଉପରେ କହିଥିଲେ। ଆଲୋଚନାଚକ୍ରକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗାରାଜୁ ଉଦ୍‌ଘାଟନ କରି ସ୍ୱାଭିମାନ କିପରି ବ୍ୟକ୍ତିର ସର୍ବାଙ୍ଗୀନ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ତାହା ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳ ସଚିବ ସନତ କୁମାର ନାଏକ, ଉପକୁଳ ସଚିବ ଡ. ଉମାଚରଣ ପତି, ସ୍ନାତକୋତ୍ତର ଶିକ୍ଷା ପରିଷଦ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ, ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ସଂଯୁକ୍ତା ପାଢ଼ୀ ସଂଯୋଜନା କରିଥିଲେ। ସହକାରୀ ଅଧାପିକା ଡ. ରୂପଶ୍ରୀ ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଅଧାପିକା ଡ. ରୂପଶ୍ରୀ ବ୍ରହ୍ମାକୁମାରୀ ସଭା ପରିଚାଳନା କରିଥିଲେ। ସହକାରୀ ଅଧାପିକା ପୁଷ୍ପା ହେମ୍ବ୍ରମ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା ଓ ଅତିଥି ଅଧାପିକା କୌଶଲ୍ୟା ବେହେରା ଏଥିରେ ସହଯୋଗ କରିଥିଲେ। ସନ୍ତୋଷ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିବାବେଳେ ସୁଶ୍ରୀ ସଙ୍ଗୀତା ବେହେରା ଅନ୍ୟାନ୍ୟ ସହାୟତା ଯୋଗାଇଥିଲେ। ଆଲୋଚନାଚକ୍ରରେ ରାଜ୍ୟ ଓ ଦେଶ ଏବଂ ବିଦେଶର ବହୁ ଛାତ୍ରୀଛାତ୍ର, ଗବେଷିକାଗବେଷକ ଭର୍ଚୁଆଲ ଜରିଆରେ ଯୋଡି ହୋଇଥିଲେ। ସେହିପରି ଜିଏମ୍‌ୟୁ ମନସ୍ତତ୍ତ୍ୱ ବିଭାଗର ସମସ୍ତ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ଲାୟନ୍ସ କ୍ଲବର ୬୨ ତମ ଅଧିଷ୍ଠାନ ସମାରୋହ

**ସମ୍ବଲପୁର,୨୨।୭ (ଭବାନୀ ଶଙ୍କର ଭୋଇ)**

ଲାୟନ୍ସ କ୍ଲବ ସମ୍ବଲପୁର ପକ୍ଷରୁ ଏହାର ୬୨ତମ ନୂତନ ପଦାଧିକାରୀଙ୍କ ଅଧିଷ୍ଠାନ ସମାରୋହ ସୋମବାର ସହର ଉପକଣ୍ଠରେ ଥିବା ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବିଦାୟୀ ସଭାପତି ଲାୟନ୍ସ ସଞ୍ଜୟ ଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଡିଜି ଲାୟନ୍ସ ଦେବେନ୍ଦ୍ର କୁମାର ଲାଠ ୨୦୨୪-୨୫ ବର୍ଷ ପାଇଁ ନୂତନ ପଦାଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇପିଡିଜି ଲାୟନ୍ସ ପ୍ରଭିନ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ଲବର ସମାଜସେବା କାର୍ଯ୍ୟ ପାଇଁ ପଦାଧିକାରୀଙ୍କୁ ପ୍ରଶଂସା କରିବା ସହ ଆଗକୁ ମଧ୍ୟ ଜନସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଲାୟନ୍ସ ସିଦ୍ଧେଶ ଅଗ୍ରୱାଲ, ଲାୟନ୍ସ କ୍ଲବର ରିଜିଓନାଲ ଚେୟାରପର୍ସନ ଲାୟନ୍ସ ମନୋଜ ସିଙ୍ଘାନିଆ,କ୍ଲବର ଚେୟାରମ୍ୟାନ ଲାୟନ୍ସ ରାଜେଶ ଗର୍ଗ, ଲାୟନ୍ସ ରାଜ ଶେଖର ସିହ୍ନା ମଧ୍ୟ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ଅଫ ସମ୍ବଲପୁରର ୨୦୨୪-୨୫ ବର୍ଷ ପାଇଁ ନୂତନ ସଭାପତି ଭାବେ ଲାୟନ୍ସ ନାରାୟଣ ଅଗ୍ରୱାଲ, ସମ୍ପାଦକ ଦୀପକ ବାଙ୍କା, କୋଷାଧକ୍ଷ ଅଭିଷେକ କେଜେରିୱାଲ, ୩ ଜଣ ଉପସଭାପତି ରାଜକିଶୋର ବାଙ୍କା, ରାଜକିଶୋର ମୋଦି, ମହେଶ ସିଙ୍ଘାନିଆ, ଯୁଗ୍ମ ସମ୍ପାଦକ ରାଜେଶ ଅଗ୍ରୱାଲ, ଯୁଗ୍ମ କୋଷାଧକ୍ଷ ନବୀନ ଦଲୱାନିଙ୍କ ସମେତ ସବୁ ନୂତନ ପଦାଧିକାରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାସହ କ୍ଲବର ୧୦ ଜଣ ବୋର୍ଡ ସଭ୍ୟ ମାନେ ମଧ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବବର୍ଷ ୨୦୨୩-୨୪ ବର୍ଷ ପାଇଁ ଉଲ୍ଲେଖନୀୟ ସେବା କାର୍ଯ୍ୟ କରିଥିବା କ୍ଲବର ସବୁ ପଦାଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଲାୟନ୍ସ ରାଜେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।


**omfed** www.omfed.com

**The Odisha State Co-operative Milk Producers' Federation Limited**
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417, 2540974
Email ID: omfed@yahoo.com

Date: 23.07.2024

**E-TENDER FOR EQUIPMENT FOUNDATION AT BALASORE DAIRY**

No. CAD-625: OMFED invites Techno-Commercial tenders from experienced civil contractors for execution of the **"CIVIL-STRUCTURAL WORK FOR CONSTRUCTION OF FOUNDATION FOR DAIRY EQUIPMENTS TO BE INSTALLED AT BALASORE DAIRY"**. Interested bidders may download the Tender Document from the OMFED website **www.omfed.com** only for reference. Bid document will be available in the **https://tendersodisha.gov.in** from **10.00 AM of 23.07.2024 to 5.00 PM of 08.08.2024** for bidding. Tender cost of Rs.6000/- + 18% GST along with E.M.D. of Rs.21,369/- shall be deposited through online portal at **https://tendersodisha.gov.in**.
The technical bid shall be opened at **03.00 PM on 09.08.2024** at the OMFED Corporate Office in the presence of the interested bidders and tender committee members.
Management reserves the right to accept or reject any or all the bid documents or part thereof without assigning any reason.

OIPR-06063/11/0027/2425 Sd./- Managing Director



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ**
**(ଅବକାରୀ ବିଭାଗ)**

ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ୨୦୨୪-୨୫ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି

ପତ୍ର ସଂଖ୍ୟା: ୧୫୯୫, ୧୫୯୬/ଅ. ତା୧୬।୦୭।୨୦୨୪ରିଖ

No. F-27: ଆର୍ଥିକ ବର୍ଷ ୨୦୨୪-୨୫ର ଅବଶିଷ୍ଟ ସମୟ ପାଇଁ ବୌଦ୍ଧ ଜିଲ୍ଲାରେ ୦୪ (ଚାରି ଗୋଟି) ବିଦେଶୀ ଠିପି ବନ୍ଦ ମଦ ଦୋକାନ ଯଥା (୧) ବୌଦ୍ଧ ନଂ.-୨, (୨) ବଘିଆପଡ଼ା, (୩) ରାଧାନଗର, (୪) ଘଣ୍ଟାପଡ଼ା ଏବଂ ଗୋଟିଏ ବାହାର ଭାଟି ମଦ ଦୋକାନ ଯଥା **ତଳଗାଁ**ର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **http://stateexcise.odisha.gov.in** ୱେବ୍‌ସାଇଟ୍‌ରେ ଉପଲବ୍ଧ। Form 'B'ରେ ଅନଲାଇନ୍ ମାଧ୍ୟମରେ ତା୨୯।୦୭।୨୦୨୪ରିଖ (ଅପରାହ୍ନ ୫.୦୦ ଘଟିକା) ମଧ୍ୟରେ ଆବେଦନ କରିପାରିବେ। ଲଟେରି ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୩୧।୦୭।୨୦୨୪ (ବୁଧବାର)ରିଖ ୧୧.୩୦ ଘଟିକାଠାରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧରେ ଆରମ୍ଭ ହେବ।
ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟ୍‌ରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ବୌଦ୍ଧ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ ନୋଟିସ୍ ବୋର୍ଡ଼ରେ ଉପଲବ୍ଧ ଅଟେ।
ବି.ଦ୍ର.: ସେବା ପାଇଁ ଟୋଲ୍ ଫ୍ରି ନମ୍ବର - ୧୮୦୦୩୪୫୬୭୧୩, ସେବା ସମୟ: ସମସ୍ତ କାର୍ଯ୍ୟଦିବସରେ (ସକାଳ ୧୦ରୁ ଅପରାହ୍ନ ୫ ଘଟିକା ମଧ୍ୟରେ)।

OIPR-36024/11/0001/2425 ସ୍ୱା./- ଜିଲ୍ଲାପାଳ, ବୌଦ୍ଧ


## ନ୍ୟାୟ ପାଇଲେ ରଙ୍ଗ କୁସୁମ
### ଗୋଟିଏ ଦିନରେ ୧୯ମାସର ଭତ୍ତା

**କୁଚିଣ୍ଡା,୨୨।୭(ବିରଞ୍ଚି ଦର୍ବା)**

ଦୀର୍ଘ ଦିନର ଲଢେଇ ପରେ ଶେଷରେ ରଙ୍ଗ କୁସୁମ (୫୨)ଙ୍କୁ ନ୍ୟାୟ ମିଳିଛି। ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁ ଦୀର୍ଘ ୧୯ ମାସ ଧରି ଭତ୍ତାରୁ ବଞ୍ଚିତ ହୋଇଥିବା ରଙ୍ଗଙ୍କ ଦୁଃଖଭରା କାହାଣୀ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ ଗୋଟିଏ ଦିନରେ କୁଚିଣ୍ଡା ବ୍ଲକ ପ୍ରଶାସନ ତାଙ୍କ ଘରକୁ ଯାଇ ୧୯ ମାସର ଭତ୍ତା ଟଙ୍କା ପ୍ରଦାନ କରିଛି। କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଠାକୁରନିକ୍ରିମାଲ ଗ୍ରାମର ବିଧବା ରଙ୍ଗ କୁସୁମଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଦିଆଯିବ କହି ୨୦୨୩ ଜାନୁଆରୀରୁ ବନ୍ଦ କରି ଦିଆଯାଇଥିଲା। ସେ ପଞ୍ଚାୟତ ଓ ବ୍ଲକକୁ ଏ ନେଇ ଦୌଡ଼ି ନିରାଶ ହୋଇଥିଲେ। ତେବେ ୪ମାସ ତଳେ ରଙ୍ଗ ପକ୍ଷାଘାତର ଶିକାର ହୋଇ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ। ଅର୍ଥାଭାବରୁ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରୁ ନ ଥିଲା। ଏ ନେଇ ସୋମବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ କୁଚିଣ୍ଡା ପ୍ରଶାସନ ତତ୍ପର ହୋଇଥିଲା। ଉପଜିଲାପାଳ ହେମସାଗର ଭୋଇ ସୋମବାର ରଙ୍ଗ କୁସୁମଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରି ସନ୍ଧ୍ୟା ସୁଦ୍ଧା ତାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିବା ପାଇଁ କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଡିଓଙ୍କ ଆଦେଶ କ୍ରମେ ଅପରାହ୍ନରେ ବକ୍ସମା ପିଇଓ ବର୍ଷାରାଣୀ ବିଶ୍ୱାଳ ରଙ୍ଗଙ୍କ ଠାକୁର ନିକ୍ରିମାଲସ୍ଥିତ ଘରକୁ ଯାଇ ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ ଏବଂ ଏମବିକେ ହୁମାସିନୀ ଠାକୁରଙ୍କ ଉପସ୍ଥିତିରେ ତାଙ୍କୁ ୧୯ ମାସର ଭତ୍ତା ବାବଦକୁ ନଗଦ ୧୨ ହଜାର ୫୦୦ ଟଙ୍କା ପ୍ରଦାନ କରିଛନ୍ତି।

# ପ୍ରାଚୀ, ମାମୁନି ଓ ସୌମ୍ୟା ରିଲ୍ସ କୁଇନ-୨୪ର ବିଜେତା



ରିଲ୍‌ସ କୁଇନ ସିଜନ -୨୦୨୪ର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଓ ବିଜୟିନୀ।

**ସମ୍ବଲପୁର,୨୨।୭(ବି.ଶଙ୍କର)**

ସମ୍ବଲପୁର ସହରସ୍ଥିତ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ରିଲସ କୁଇନ ସିଜନ -୨୦୨୪ର ପୁରସ୍କାର ବିତରଣ ଉତ୍ସବ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମିସେସ ବିଭାଗରେ ରାଜ ଖରିଆରର ପ୍ରାଚୀ ପାଣିଗ୍ରାହୀ, ମିସ୍ ବିଭାଗରେ ମାମୁନି ଯାଦବ ଓ ଲିଟଲ ବିଭାଗରେ ବ୍ରଜରାଜନଗରର ସୌମ୍ୟା ଦାସ ୬ଶହ ପ୍ରତିଯୋଗୀଙ୍କ ମଧ୍ୟରୁ ବିଜେତା ହୋଇଛନ୍ତି। ସେମାନଙ୍କୁ କ୍ରାଉନ, ସେଶ, ଟ୍ରଫି, ମାନପତ୍ର ଓ ନଗଦ ଅର୍ଥ ପ୍ରଦାନ କରାଯାଇଥିଲା। ପାଣିନି ପ୍ରାଙ୍କଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବରେ ଯୁବ ବ୍ୟବସାୟୀ ନାରାୟଣ ଅଗ୍ରୱାଲ, ବସନ୍ତ ବାବୁ, ପିକେ ଏକାଡେମୀର ନିର୍ଦ୍ଦେଶନା ପରିଚାଳକ ପ୍ରକାଶ ଡ଼ାଙ୍ଗ, ଶିବ ମହାରଣା, ପ୍ରାଙ୍କଶ୍ରୀ ସୋଲୁସନର କ୍ଷଣପ୍ରଭା ପ୍ରଧାନ, ଲିଟିଲ ଷ୍ଟାର ପ୍ରଣମ ପ୍ରାଙ୍କ ଏବଂ କମେଡି କିଙ୍ଗ ଯୋଗେଶ ଯୋଜୋ, ଟିଙ୍କୁ ଟିଙ୍ଗାଲୁ, ଅଭିନେତା ପ୍ରମୋଦ ମହାପାତ୍ର, ୟୁଟିବର ଅନୁ ସାହୁ, ରେଶ୍ମା ଦୋରା, ଗାୟିକା ଚେତନା ବେହେରା, ନୂଆଁଖାଇ ନନୀ ସିଜନ-୨ର ବିଜେତା ପ୍ରତୀକ୍ଷା ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

ମିସେସରେ ସୀମା ମହାପାତ୍ର, ମନ୍ଦିରା ପ୍ରଧାନ, ଶ୍ୱେତାରାନି ଉପାଧାୟ, ମିନାକ୍ଷୀ ରାଉତ, ଶିଳ୍ପିମୟୀ ସାହୁ, ରଶ୍ମି ପଟେଲ, ମୋନାଲିସା ପ୍ରଧାନ, ସୀମାରାନୀ ମିଶ୍ର, ଲିଟିଲରେ ମୋନାଲି ଦୋରା, ସିଦ୍ଧି ସମ୍ପନ୍ନା ନାୟକ, କ୍ୟୁଟି ନୈରା , ରେହାଂଶି ଚାନ୍ଦ, ଆୟୁଶି ପ୍ରଧାନ, ଇଶିକା ସାହୁ, ଅନ୍ୱେଷା ଦାସ, ଯଶସ୍ୱୀ ମହାନ୍ତି, ପରିଧି ପଟ୍ଟନାୟକ, ମିସ ବିଭାଗ ରେ ଅର୍ଚ୍ଚିତା ବେହେରା, ସମୃଦ୍ଧି ନାଥ, ପ୍ରାଚୀ ଗୁରୁ, ଅନନ୍ୟା ପ୍ରଧାନ, କୌଶଲ୍ୟା ଉନସନା, ତୁଳସ୍ମିତା ମାଝୀ, ନବସ୍ମିତି ବଘାର, ସୋମ୍ୟାଶ୍ରୀ ଦାସ, ଶ୍ୱେତା ପଣ୍ଡା, ଅର୍ଣ୍ଣପୁର୍ଣ୍ଣା କର ଓ ଲିପସିକା ଦେହୁରୀଙ୍କୁ ମଧ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପାଣିନି ପ୍ରାଙ୍କ ପ୍ରଡକ୍ସନର ମ୍ୟାନେଜର ଶାନ୍ତନୁ ହୋତା, ଟିକେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମରୁଡ଼ି ଘୋଷଣା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**କୁଚିଣ୍ଡା,୨୨।୭(ବିରଞ୍ଚି ଦର୍ବା)**

ସମ୍ବଲପୁର ଜିଲାର କୁଚିଣ୍ଡା ଉପଖଣ୍ଡରେ ଅନାବୃଷ୍ଟି ଯୋଗୁ ଗଜାମରୁଡି ପରିସ୍ଥିତି ଦେଖାଦେଇଛି। କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଚାଷୀମାନେ ସୋମବାର ଉପଜିଲାପାଳଙ୍କୁ ମରୁଡି ଘୋଷଣା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ବିଳମ୍ବରେ ମୌସୁମୀ ଆସିବା ସହ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବକ୍ସମା ପଞ୍ଚାୟତରେ ବୁଣାଧାନ ସବୁ ପାଚି ଲାଲ ହୋଇଗଲାଣି। ଆଷାଢରେ ସେଭଳି ବର୍ଷା ହୋଇ ନ ଥିବାରୁ ଜମି ଫାଟି ଆଁ ହେଲାଣି। ପ୍ରଥମ ବର୍ଷାରେ ବୁଣାଧାନ ଗଜା ହୋଇଥିଲେ ହେଁ ପାଣି ଅଭାବରୁ ମରିବାକୁ ବସିଛି। ବର୍ଷା ଅଭାବରୁ ରୁଆ ପାଇଁ ପ୍ରସ୍ତୁତ ହୋଇଥିବା ତଳିଗୁଡିକ ଲାଲ ହୋଇଯାଇଛି। ନଦୀ, ପୋଖରୀ ଶୁଖିଲା ପଡିଥିବାରୁ ସେଥିରୁ ପାଣି ମଡା ଯାଇପାରୁନି। ଏଭଳି ସ୍ଥିତିରେ ଚାଷୀ ମୁଣ୍ଡରେ ଚଡକ ପଡିଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପଜିଲାପାଳ ହେମସାଗର ଭୋଇ ଏହାର ତଦନ୍ତ କରି ସରକାରଙ୍କୁ ରିପୋର୍ଟ କରିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଧନୀରାମ ପୃଷେଠ, ଲୋକେଶ୍ୱର ନାୟକ, କୁମୁଦବନ୍ଧୁ ପୃଷେଠ, ପ୍ରଶାନ୍ତ ପଟେଲ, ସନ୍ତୋଷ ପଟେଲ ଆଶୁତୋଷ ନାୟକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।


**OFFICE OF THE TREASURY OFFICER**
**DISTRICT TREASURY, DHENKANAL**
NO. - 1274 Dt. - 19.07.2024

**ADVERTISEMENT FOR RE-ENGAGEMENT OF RETIRED GROUP-D EMPLOYEES**

No.S-07 : Applications are invited from the willing retired Group-D employees for re-engagement in the office of the District Treasury Office, Dhenkanal against **02 (two) numbers of group-D** vacant posts of **Peon / Choukidar / Sweeper** on contractual basis for a period of two years. The application dully filled in may be sent to the District Treasury Office, Dhenkanal by Regd. / Speed Post only and should be reached on or before **09.08.2024**. The application forms, details of terms and conditions related Government guidelines etc. will be available in the district website **http//dhenkanal.nic.in till 09.08.2024.**

Sd./- Treasury Officer
Dhenkanal

OIPR-05058/11/0001/2425



GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
WORKS DEPARTMENT
**TENDER CALL NOTICE**

E-mail : rbcirclekhurda@gmail.com

Bid Identification No. CCE-Khorda (R&B) Circle-03/2024-25 Memo No. - 1436 Dt. 15.07.2024
No.B-100: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building works as detailed in the table below :

| | | | |
|---|---|---|---|
| 1 | Nature of Work | : | Building Works |
| 2 | No of Work | : | 4 Nos |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | B & A Class |
| 5 | Available of Bid document in the Website | : | From 10.00 AM of Dt. 25.07.2024 up to 05.00 PM of Dt.05.08.2024 up to 5.00 PM |
| 6 | Date of opening of Bid | : | Dt. 06.08.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

Sd./- Chief Construction Engineer,
Khordha (R&B) Circle, Khordha

OIPR-34127/11/0004/2425


# ସମ୍ବଲପୁରରେ ଶିକ୍ଷା ସପ୍ତାହ ପାଳନ ଆରମ୍ଭ

**ସମ୍ବଲପୁର,୨୨।୭ (ଭବାନୀ ଶଙ୍କର ଭୋଇ)**

ଜାତୀୟ ଶିକ୍ଷା ନୀତି ୨୦୨୦ର ଚତୁର୍ଥ ବାର୍ଷିକୀ ଅବସରରେ ଜୁଲାଇ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଛି। ଜିଲାର ସମସ୍ତ ବିଦ୍ୟାଳୟଗୁଡିକରେ ସପ୍ତାହଯାକ ବିଭିନ୍ନ ବିଷୟରେ ଗୁରୁତ୍ୱ ଦେଇ ପାଠ୍ୟ ଖସଡାକୁ ପ୍ରସ୍ତୁତ କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶିକ୍ଷାକ୍ଷେତ୍ରରେ ଶିକ୍ଷାର୍ଥୀ, ଶିକ୍ଷୟିତ୍ରୀ, ନୀତି ନିର୍ଦ୍ଧାରକ ଏବଂ ଅଂଶୀଦାରଙ୍କ ମଧ୍ୟରେ ସହଯୋଗ ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ସପ୍ତାହ ପାଳନର ଲକ୍ଷ୍ୟ ରହିଛି। ତୃଣମୂଳସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସକାରାତ୍ମକ ଏବଂ ଗଠନାତ୍ମକ ଦୃଷ୍ଟିକୋଣର ବିକାଶ କରିବା, ଉତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରଶସ୍ତ ମାର୍ଗ ନିର୍ଦ୍ଧାରଣ କରିବା ପାଇଁ ଶିକ୍ଷା ସପ୍ତାହ ଅବସରରେ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଚଳିତ ସପ୍ତାହର ପ୍ରତ୍ୟେକ ଦିନ ଏକ ନିର୍ଦ୍ଧିଷ୍ଟ ବିଷୟବସ୍ତୁକୁ ନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ସୋମବାର ପ୍ରଥମ ଦିନକୁ ପାଠ୍ୟ ଉପକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କ ଅକ୍ଷର ଏବଂ ସଂଖ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ତୃତୀୟ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ଦକ୍ଷତା ପରୀକ୍ଷା କରିବା ସହ କ୍ରୀଡା କ୍ଷେତ୍ରରେ ପ୍ରୋତ୍ସାହିତ କରାଯିବ। ଚତୁର୍ଥ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ ଚେତନା ଆଣିବାକୁ ଚେଷ୍ଟା କରାଯିବ ନିଜ ସଂସ୍କୃତି ବିଷୟରେ ଅବଗତ କରାଯିବ। ପଞ୍ଚମ ଦିବସରେ ଦକ୍ଷତା ଏବଂ ଡିଜିଟାଲ ଜ୍ଞାନ ଉପରେ, ଷଷ୍ଠ ଦିବସରେ ପରିବେଶ କ୍ଲବ ଗଠନ ଓ ସପ୍ତମ ଦିବସରେ ସାମାଜିକ ଯୋଗଦାନ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବାର ଯୋଜନା କରାଯାଇଛି। ୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ପାଇଁ କାହାଣୀ କହିବା, ଲୋକକଥା, ଆଙ୍ଗୁଠି ଚିତ୍ରକଳା, ହାତ ଚିତ୍ର କଳା କରାଯାଇଥିଲା। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ କୌଣସି ଥିମ୍, ଫଳ, ପନିପରିବା ଇତ୍ୟାଦିର ଚାର୍ଟ ଓ କାର୍ଡ ତିଆରି କରାଯିବା ସହ ପଶୁପକ୍ଷୀଙ୍କ ମାସ୍କ ତିଆରି, କାହାଣୀ ପଢ଼ିବା ଓ କହିବାରେ ନିୟୋଜିତ କରାଯାଇଥିଲା। ମଧ୍ୟମ ଓ ମାଧ୍ୟମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପଜଲ୍ ଓ ଚ୍ୟାଲେଞ୍ଜ କାର୍ଡ, ଲୁଡୋର ଜରିଆରେ ତିଆରି କରିବା, କାଗଜ ଓ ବାଉଁଶ ବାଡ଼ି ଭଳି ସ୍ଥାନୀୟ ସାମଗ୍ରୀ ବ୍ୟବହାର କରି ଖେଳନା ପ୍ରସ୍ତୁତି, ପୋଷାକ ଓ ବର୍ଜ୍ୟ ବସ୍ତୁରେ ନିର୍ମିତ କଣ୍ଢେଇ, ୫-୬ଟି କାହାଣୀ କାର୍ଡ, ଚାର୍ଟମେକିଂ ଓ ରିଡିଂ କ୍ଲବ୍‌ରେ ଆୟୋଜନ କରାଯାଇଥିଲାଛ ଉଚ୍ଚ ମାଧ୍ୟମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍ଲୋଗାନ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ ଓ ଭାଷା ସମ୍ବନ୍ଧୀୟ ଖେଳ, ମାଟି ଭଳି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ଐତିହାସିକ ସ୍ମାରକୀ ଓ ଜ୍ୟାମିତିକ ଆକୃତିର ଥ୍ରୀଡି ମଡେଲ ତିଆରି କରିବା ଆଦିରେ ନିୟୋଜିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନିଜେ ବିଭିନ୍ନ ପୋଷ୍ଟର ତିଆରି କରି ସୋମବାର ନିଜ ସ୍କୁଲରେ ପ୍ରଦର୍ଶନ କରିଥିଲେ। ଏହିଭଳି ଭାବେ ଜିଲାର ସମସ୍ତ ବିଦ୍ୟାଳୟରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନେଇ ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସୂଚନା ଦେଇଛନ୍ତି।



ସୋମବାର ଛାତ୍ରୀଛାତ୍ରମାନେ ନିଜ କୃତୀ ପ୍ରଦର୍ଶନ କରୁଛନ୍ତି।

## ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି

**ସମ୍ବଲପୁର,୨୨।୭ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରୀ ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅବସରରେ ଆସନ୍ତା ଅଗଷ୍ଟ ୧ରେ ହୀରାକୁଦରେ ସମ୍ବଲପୁରୀ ଦିନ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ମହୋତ୍ସବ କମିଟି ଆନୁକୂଲ୍ୟରେ ହୀରାକୁଦ ବରିଷ୍ଠ ନାଗରିକ ସଂଘ ଭବନରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଡ. ରାଜକୁମାର ବଡପଣ୍ଡା ସଭାପତିତ୍ୱ କରିଥିଲେ। ଗୁରୁ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ସାରା ଜୀବନ ଚେଷ୍ଟା ଚଳାଇଥିବା ବିଷୟରେ ଡ ବଡପଣ୍ଡା କହିଥିଲେ। ବୈଠକରେ ହୀରାକୁଦ ମହୋତ୍ସବ କମିଟି ସମ୍ପାଦକ ଶାନ୍ତନୁ ବଡପଣ୍ଡା ଗତବର୍ଷ କାର୍ଯ୍ୟକ୍ରମର ଅଭିଜ୍ଞତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ସଞ୍ଜିବ ପଣ୍ଡା ଆଗାମୀ ସମ୍ବଲପୁରୀ ଦିନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ସାଂସ୍କୃତିକ ଦଳଗୁଡିକ ବିଷୟରେ ଆଲୋଚନା କରିଥିଲେ। ବୈଠକରେ କୋଷାଧକ୍ଷ ଅନୁପ ମହନ୍ତ କାର୍ଯ୍ୟକ୍ରମର ବ୍ୟୟ ଅଟକଳ ପ୍ରସ୍ତୁତ କରିଥିଲେ। କମିଟି ଉପଦେଷ୍ଟା ଘନଶ୍ୟାମ ବାରତିଆ, ପିଏନ ମହନ୍ତ, ସୁକାନ୍ତ ମହାରଣା, ଅମର ଗୌଡ, ରଞ୍ଜନ ହୋତା, ଶ୍ରୀମନ୍ତ ବେହେରା, ମାନସ ମୁଲୀ, ରିଙ୍କି ସାହୁ କାର୍ଯ୍ୟକ୍ରମ ଆୟୋଜନ ନେଇ ମତ ରଖିଥିଲେ।


प्रपत्र सं0–1
**कार्यपालक अभियंता का कार्यालय राष्ट्रीय उच्च पथ प्रमंडल, देवघर।**

**ई–प्रोक्योरमेंट सूचना**

अति अल्पकालीन ई–निविदा प्रसंग सं0– NH/Deoghar/JHR/F2/06 दिनांकः– 20/07/2024

| | | |
|---|---|---|
| 1. | कार्य का नाम | Laying of Paver block on both side of road from (Ch152.00) to Ch 155.350 of NH 333 for the year 2024-25. |
| 2. | प्राक्कलित राशि (लाख में) | 184.630 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।

ह0/–
कार्यपालक अभियंता
PR 330246 (Deoghar) 24-25 (D) राष्ट्रीय उच्च पथ प्रमंडल, देवघर।



प्रपत्र सं०–1
**कार्यपालक अभियंता का कार्यालय राष्ट्रीय उच्च पथ प्रमंडल, देवघर**

**ई–प्रोक्योरमेंट सूचना**

अति अल्पकालीन ई–निविदा प्रसंग सं0– NH/Deoghar/JHR/F2/03 दिनांकः– 20/07/2024

| | | |
|---|---|---|
| 1. | कार्य का नाम | laying of Paver block on both side of Road from km(Ch143.00) to Ch 146.00 of NH 333 for the year 2024-25. |
| 2. | प्राक्कलित राशि (लाख में) | 177.400 (Inclusive of L.C. & GST) |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 24.07.2024 (11:00 AM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 07.08.2024 (12:00 Noon) |
| 6. | निविदा खोलने की तिथि एवं समय | 08.08.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग,झारखण्ड) | 0651–2402014 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।

ह0/–
कार्यपालक अभियंता
PR.NO.330253 Deoghar(24-25):D राष्ट्रीय उच्च पथ प्रमंडल, देवघर।

## ସଂକ୍ଷେପରେ

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଖଡ଼ିଆଲ,୨୨।୭(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବିଇଓ କାର୍ଯ୍ୟାଳୟ ପରିସରରେ ଜୁନାଗଡ ନେତ୍ର ଚିକିତ୍ସାଳୟ, ଖଡ଼ିଆଲ ବରିଷ୍ଠ ନାଗରିକ ସଂଘ ଓ ୟାର ଅନୁଷ୍ଠାନ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଖଡ଼ିଆଲ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଉଦ୍‌ଘାଟନ କରିଥିଲେ। ଶିବିରରେ ୨ଶହ ଜଣଙ୍କୁ ମାଗଣା ଚିକିତ୍ସା କରିବା ଲକ୍ଷ୍ୟ ରଖାଯାଇଥିବା ବରିଷ୍ଠ ନାଗରିକ ସଂଘ ସଭାପତି ଡୋଳାମଣି ସିଂ ବାବୁ କହିଛନ୍ତି। ଆବଶ୍ୟକ ହେଲେ ଜୁନାଗଡ଼ ନେତ୍ର ଚିକିତ୍ସାଳୟରେ ମାଗଣାରେ ଅପରେଶନ କରାଯିବା ସହ ଚଷମା ପ୍ରଦାନ କରାଯିବ ବୋଲି ୟାର ଅନୁଷ୍ଠାନର ମହେନ୍ଦ୍ର ଜୋଷୀ ପ୍ରକାଶ କରିଛନ୍ତି। ଶିବିର ପାଇଁ ବରିଷ୍ଠ ନାଗରିକ ଡୋଳାମଣି ସିଂହ ବାବୁ, ଜଗବନ୍ଧୁ ବାରିକ, ପ୍ରମୋଦ କୁମାର ଦଣ୍ଡସେନା, ହରିଦାସ ପଟେଲ, କଳାକାହ୍ନୁ ମାଝି, ଦ୍ୱିତୀକୃଷ୍ଣ ବେହେରା, ଦୀନେଶ ଜଗତ, ବେଣୁ ପଟେଲ, ପ୍ରମୋଦ ବାଗ ପ୍ରମୁଖ ସହଯୋଗ କରିଥିଲେ।

### ଖଡ଼ିଆଳରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଦାଲତକୁ ସ୍ୱୀକୃତି

**ଖଡ଼ିଆଳ,୨୨।୭ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍‌କୋର୍ଟ ସ୍ଥାପନ ନେଇ ଦାବି ହୋଇଆସୁଥିଲା। ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଏହାକୁ ବିଚାରକୁ ନେଇ ରାଜ୍ୟରେ ୬ ଗୋଟି ନୂତନ ସ୍ଥାୟୀ ଅତିରିକ୍ତ ଜିଲ୍ଲା ଦୌରା ଜଜ୍‌କୋର୍ଟ ଖୋଲିବା ନେଇ ସ୍ୱୀକୃତି ପ୍ରଦାନ କରିଛନ୍ତି। ଖଡ଼ିଆଳରେ ମଧ୍ୟ ସ୍ଥାୟୀ ଅତିରିକ୍ତ ଜିଲ୍ଲା ଦୌରା ଜଜ୍‌କୋର୍ଟ ସ୍ଥାପନ ନେଇ ବିଜ୍ଞପ୍ତି (ନଂ.୧୦୫୫୦/୨୦।୭।୨୪) ଜାରି କରିଛନ୍ତି। ଉକ୍ତ ବିଜ୍ଞପ୍ତିକୁ ଜିଲ୍ଲା ଦୌରାଜଜ୍ ଅଦାଲତକୁ ପଠାଇ ଦିଆଯାଇଛି। ଏଥିସହ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପଦବୀ ସମେତ ଆବଶ୍ୟକ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏହାକୁ ନେଇ ଖଡ଼ିଆଳ ଓକିଲ ସଂଘ ସମେତ ଖଡ଼ିଆଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଣିକି ଆଉ କୋର୍ଟ କାମ ପାଇଁ ଖଡ଼ିଆଳ, ବୋଡ଼େନ ଓ ସିନାପାଲିର ଜନସାଧାରଣଙ୍କୁ ନୂଆପଡ଼ା ଯାଇ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ।

### ଗାଁ ମଝି କଂକ୍ରିଟ ରାସ୍ତାରେ ଆଣ୍ଠୁଏ ପାଣି



**ଖଡ଼ିଆଳ,୨୨।୭ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ବାଦୀ ପଞ୍ଚାୟତର ପଦ୍ମପୁର ଗ୍ରାମ ମଝି କଂକ୍ରିଟ ରାସ୍ତାରେ ଆଣ୍ଠୁଏ ପାଣି ଜମିରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅଧିକ ବର୍ଷା ହେଲେ ଦୂଷିତ ପାଣି ଘରେ ପଶୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨ଦିନ ହେଲା ଲଗାଣ ବର୍ଷା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନାଥାଉକି ବିଗତ ଦିନରେ ଏହି ବାଦୀ ପଞ୍ଚାୟତ ଖଡ଼ିଆଳ ବ୍ଲକ୍‌ର ଆଦର୍ଶ ପଞ୍ଚାୟତ ମାନ୍ୟତା ପାଇଥିଲା। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାସହ ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# କଳାହାଣ୍ଡି: ୧୦୧ ସିଆର୍‌ସିସି ପଦବୀ ଖାଲି

**ଭବାନୀପାଟଣା, ୨୨।୭ (ଉତ୍ତମ କୁମାର ଦାଶ)**




## ପଦବୀ ପୂରଣ ପାଇଁ ସରିଲା ଭିଜନିଂ ଟେଷ୍ଟ

ପ୍ରାଥମିକ ସ୍କୁଲ ଶିକ୍ଷା ହିଁ ଉଚ୍ଚଶିକ୍ଷା ପାଇଁ ଭିତ୍ତିଭୂମି ବୋଲି କୁହାଯାଏ। ଶିକ୍ଷାବିଭାଗ ଏଭଳି ପରିସ୍ଥିତି ଦେଇ ଗତି କରୁଛି ଯେଉଁଠି ମନୋବଳ ଓ ଉତ୍ସାହ ଧୀରେ ଧୀରେ କମିଯାଉଛି। ବିଦ୍ୟାଳୟରେ ଶିକ୍ଷାଦାନ ପରିବର୍ତ୍ତେ ସ୍କୁଲର ଯାବତୀୟ ରେକର୍ଡ ଓ ରିପୋର୍ଟ ପ୍ରସ୍ତୁତରେ ସମୟ ବିତୁଛି। ଏସବୁ ସରକାରୀ ଚିଠି, ନିର୍ଦ୍ଦେଶନାମା ସହିତ ଶୈକ୍ଷିକ ସହାୟତା ପାଇଁ କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଡ଼ିନେଟର (ସିଆର୍‌ସିସି) ମାନଙ୍କୁ ନିଯୁକ୍ତି ଦିଆଯାଇଛି। କଳାହାଣ୍ଡି ଜିଲାରେ ୧୩ ବ୍ଲକରେ ୧୭୭ ସିଆର୍‌ସିସି ପଦବୀରୁ ବର୍ତ୍ତମାନ ୧୦୧ଟି ଖାଲି ପଡ଼ିଛି। ଗତ ୧୮ ତାରିଖ ଭିଜନିଂ ଟେଷ୍ଟ ସରିଛି। ଏଥିରେ ଜିଲାର ୧୨୩ ଇଚ୍ଛୁକ ଶିକ୍ଷକ ସିଆର୍‌ସିସି ପଦବୀ ପାଇଁ ଆବେଦନ କରିଛନ୍ତି। ଏହି ସପ୍ତାହରେ ଏହାର ଫଳାଫଳ ପ୍ରକାଶ ପାଇବା ସହ ନୂତନ ସିଆର୍‌ସିସି ନିଯୁକ୍ତି ପାଇବେ ବୋଲି ଜିଲା ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଏହା ପୂର୍ବରୁ ସିଆର୍‌ସିସି ପଦବୀରେ ଥିବା ଶିକ୍ଷକମାନେ ଦାୟିତ୍ୱ ତୁଲାଇ ଆସୁଥିଲେ। ବର୍ତ୍ତମାନ କିଛି ସୁବିଧା ଉପଲବ୍ଧ ହେଉଥିବାବେଳେ ଅନେକ ଅସୁବିଧାକୁ ମଧ୍ୟ ସାମ୍ନା କରିବାକୁ ପଡୁଥିବା ଲକ୍ଷ୍ୟ କରାଯାଇଛି। ବିଶେଷ କରି ବିଭାଗୀୟ ଚିଠିପତ୍ର ନିଜ କ୍ଲଷ୍ଟରରେ ଥିବା ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଦେବା ଓ ଠିକ ଭାବେ ଅବଗତ କରାଇବା ହିଁ ସିଆର୍‌ସିସିଙ୍କ ମୂଳ କାର୍ଯ୍ୟ ହୋଇଯାଇଛି। ଏହି ପଦବୀରେ ନିଯୁକ୍ତ ଶିକ୍ଷକଙ୍କୁ କେଉଁଠି ହାଜିରା ଦେବାକୁ ପଡେନାହିଁ। କିନ୍ତୁ ଦୈନିକ ରିପୋର୍ଟ ପ୍ରସ୍ତୁତ ମୁଣ୍ଡବିନ୍ଧାର କାରଣ ସାଜିଥାଏ। ତେବେ ଥୁ. ରାମପୁର, ଲାଞ୍ଜିଗଡ ଓ ଏମ. ରାମପୁର ବ୍ଲକର କେତେଜଣ ସିଆର୍‌ସିସି ନିଜ ଦାୟିତ୍ୱ ଠିକ ରୂପେ ପାଳନ ନ କରି ଅଧିକାଂଶ ସମୟ ଭବାନୀପାଟଣାରେ ରହୁଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଯେଉଁ ଅଳ୍ପସଂଖ୍ୟକ ସିଆର୍‌ସିସି ଦାୟିତ୍ୱରେ ଅଛନ୍ତି ସେମାନେ ଯଦି ଘରେ ବସି ସରକାରୀ କାର୍ଯ୍ୟ ତୁଲାଇବେ ତା'ହେଲେ ଶିକ୍ଷାବ୍ୟବସ୍ଥାରେ କିଏ ଉତ୍ତରଦାୟୀ ହେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଯୁକ୍ତି ପ୍ରକ୍ରିୟାରେ ଯେଉଁ ବିଧି ବିଧାନ ରହିଛି ସେଥିରେ ଦକ୍ଷତାସମ୍ପନ୍ନ ସିଆର୍‌ସିସି ପେଷି ହୋଇଯାଉଥିବା ବେଳେ କେଉଁଠି ନା କେଉଁଠି ଉଚିତ କାର୍ଯ୍ୟ ସମ୍ପାଦନ କରିବାରେ ବିଫଳ ହେଉଛନ୍ତି। ଏଭଳି ମାର୍ଗହୀନ ବ୍ୟବସ୍ଥାର ସୁଧାର ଅଣାଯାଉ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଜିତେନ



@ ପଦ୍ମ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେର୍ନାପଲା ଗାଁକୁ ନାହିଁ ପକ୍କାରାସ୍ତା

**କର୍ଲାମୁଣ୍ଡା,୨୨।୭(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଦର ମହକୁମାଠାରୁ ୨୦କି.ମି. ଦୂରରେ ରହିଛି ବୋରାପଦର ପଞ୍ଚାୟତର କେର୍ନାପଲା ଗାଁ। ଏଠାରେ ୩୫ ପରିବାର ବସବାସ କରନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ଏପରି କି ପିଲା କମ୍ ଥିବା ଦର୍ଶାଇ ୨୦୨୦ରେ ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ସରକାର ବନ୍ଦ କରିଦେଲେ। ଫଳରେ ଏହି ଗାଁର ୧୩ ଛାତ୍ରୀଛାତ୍ର ୨ କି.ମି. ଦୂରରେ ଥିବା ମ. ରାମପୁର ବ୍ଲକ୍ ତୁର୍ଚ୍ଚି ବିଦ୍ୟାଳୟରେ ପାଠ ପଢୁଛନ୍ତି। ସେହିପରି ଜନସଂଖ୍ୟା କମ୍ କାରଣରୁ କେର୍ନାପଲା, ବତୀକୁପା ଓ ପୁରଗୁଡିପଦର ପାଇଁ ବତୀକୁପା ଗାଁରେ ରହିଛି ଅଙ୍ଗନୱାଡି କେନ୍ଦ୍ର। ମ. ରାମପୁର ବ୍ଲକ୍‌ର ତୁର୍ଚ୍ଚିଠାରୁ ମାଟିରାସ୍ତା ୨କି.ମି. ଅତିକ୍ରମ କଲାପରେ କେର୍ନାପଲା ଗାଁ ପଡିଥାଏ। ରାସ୍ତାଟି ଖାଲଖମା ଓ କାଦୁଅ ହୋଇଥିବାରୁ ଅନେକ ସମୟରେ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହେଉଥିବା ଗାଁର ସ୍ୱେଚ୍ଛାସେବୀ ଯୁବକ ବଳଭଦ୍ର ମାଝି ଅଭିଯୋଗ କରିଛନ୍ତ। ଏଣୁ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ ସହିତ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ଓ ପ୍ରାଥମିକ ବିଦ୍ୟାଳୟ ପୁଣି ଥରେ ଖୋଲିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ କର୍ଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ସାଙ୍କୁ ପଚାରିବାରୁ ପୁଣି ଥରେ ବିଦ୍ୟାଳୟ ଖୋଲାଯିବାକୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛୁ ବୋଲି କହିଛନ୍ତି। ସେହିପରି ଆଇସିଡିଏସ୍ ସୁପରଭାଇଜର କୁସୁମ ପଣ୍ଡାଙ୍କୁ ପଚାରିବାରୁ ଗାଁରେ ଆବଶ୍ୟକ ଜନସଂଖ୍ୟା ନ ଥିବାରୁ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ସମ୍ଭବପର ହେଉନାହିଁ। ତଥାପି ଆମେ ଏହି ଗାଁକୁ ଆଇସିଡିଏସ୍‌ର ସୁବିଧା ଠିକ୍ ଭାବେ ଯୋଗାଇ ଦେଇଆସୁଛୁ ବୋଲି କହିଛନ୍ତି।



ଗାଁ ରାସ୍ତା ଶୋଚନୀୟ ହୋଇପଡିଛି।

### ଜର୍ନାଲିଷ୍ଟ ଆସୋସିଏଶନ ଗଠିତ

**କେସିଙ୍ଗା,୨୨।୭(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ନେଇ ଏକ ସାଧାରଣ ବୈଠକ ଉତ୍‌କେଲା ସାପ୍ତାହିକ ବଜାର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଡମ୍ବରୁଧର ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଖବରଦାତାଙ୍କ ଭୂମିକା ଉପରେ ଆଇନଜୀବୀ ସନ୍ତୋଷ ଦାଶ ମତ ରଖିଥିଲେ। ସମାଜ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ସୁଦୃଢ଼ ସଂଗଠନ ଆବଶ୍ୟକ ବୋଲି ଉପସ୍ଥିତ ଖବରଦାତା ମତଦେଇ ନୂତନ ସଂଗଠନ ଗଠନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସର୍ବସମ୍ମତିକ୍ରମେ ଜର୍ନାଲିଷ୍ଟ ଆସୋସିଏଶନ କେସିଙ୍ଗା ନାମରେ ଏକ ନୂତନ ସଂଗଠନ ଗଠନ କରାଯାଇ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ଡମ୍ବରୁଧର ଭୋଇ, ଉପସଭାପତି ନୃପରାଜ ସାହୁ, ସାଧାରଣ ସମ୍ପାଦକ ତୁମେଶ୍ୱର ସାହୁ, ସମ୍ପାଦକ ସତ୍ୟନାରାୟଣ ମହାନନ୍ଦ, କୋଷାଧ୍ୟକ୍ଷ ଗଜିନ୍ଦ୍ର ସାହୁ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଲକ୍ଷ୍ମଣ ବାଗ, କେଶବ ମେହେର, ରୋହିତ କୁମାର ସାହୁ, ପ୍ରଫୁଲ୍ଲ ସାହୁ, ପ୍ରସନ୍ନ ନାଏକ, କେଶବ ତାଣ୍ଡି ପ୍ରମୁଖ ମନୋନୀତ ହୋଇଛନ୍ତି।

# ଥୁଆମୂଳ ରାମପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି



ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

**ଥୁଆମୂଳ ରାମପୁର, ୨୨।୭ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହଠାରେ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଓ ଦୟାମୟ ପାଢୀ, ଏଡିଏମ୍ ତନ୍ମୟ ଧରୁଆ, ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଅତିରିକ୍ତ ଜିଲାପାଳ ବିଶ୍ୱଜିତ ଦାସ, ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ସର୍ବମୋଟ ୧୦୭ ଗୋଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୧୦ଟି ଆର୍‌ଏଚ୍ ଓ ଭତ୍ତା ବାବଦରେ ୧୬ ଅଭିଯୋଗ ଉପରେ ବିଭାଗୀୟ ସ୍ତରରେ ଆପୋସ ଫଇସଲା କରାଯାଇଥିଲା। ବକେୟା ୮୧ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେଇ ସମାଧାନ କରିବାକୁ ଏଡିଏମ୍ ତନ୍ମୟ ଧରୁଆ ପ୍ରକାଶ କରିଥିଲେ।

### ମୁକ୍ତ ବିଦ୍ୟାଳୟ ଦ୍ୱାରା ଦଶମ ବୋର୍ଡ ପରୀକ୍ଷା ଆରମ୍ଭ

#### ୩୦୯ରୁ ପରୀକ୍ଷା ଦେଲେ ୧୪୮ ପରୀକ୍ଷାର୍ଥୀ

**ଲାଞ୍ଜିଗଡ,୨୨।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଓଡିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଲାଞ୍ଜିଗଡ଼ ଏସ୍‌ଏସ୍‌ଡ଼ି ହାଇସ୍କୁଲଠାରେ ଏଥିପାଇଁ ପରୀକ୍ଷା କେନ୍ଦ୍ର ହୋଇଛି। ପ୍ରଥମ ଦିନରେ ଏହି ପରୀକ୍ଷା କେନ୍ଦ୍ରରେ ୩୦୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା କେନ୍ଦ୍ର ପରିଚାଳିକା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି ଦାୟିତ୍ୱ ତୁଲାଇଥିବାବେଳେ ଲାଞ୍ଜିଗଡ ପୋଲିସ ସୁରକ୍ଷା ଦାୟିତ୍ୱରେ ଥିଲେ।

### ଆଦିବାସୀ ଭବନ ପାଇଁ ଜମି ଯୋଗାଇବାକୁ ଦାବିପତ୍ର



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କୋକସରା,୨୨।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଆଦିବାସୀ ସଂଘ ପକ୍ଷରୁ ସୋମବାର ଏକ ପ୍ରତିନିଧି ଦଳ ବ୍ଲକ୍ ସଭାପତି ହେମନ୍ତ କୁମାର ମାଝିଙ୍କ ନେତୃତ୍ୱରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ଆଦିବାସୀ ଭବନ ନିର୍ମାଣ ପାଇଁ ସରକାରୀ ଜମି ଯୋଗାଇଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦରୁ ଭବନ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ ସଂଘର ବ୍ଲକ୍ ସାଧାରଣ ସମ୍ପାଦକ ତ୍ରିନାଥ ଶବର, ଜିଲା ସଂଘ ଉପସଭାପତି ନୀଳକଣ୍ଠ ମାଝି, ବ୍ଲକ୍ ସଂଘ ଉପଦେଷ୍ଟା ଗରୁଡ଼ ଧ୍ୱଜ ମାଝି, ନିରଞ୍ଜନ ମାଝି, ଜୟଲାଲ ନାଏକ, ମନୋଜ କୁମାର ନାଏକ, ଧର୍ମାନନ୍ଦ ନେଗି, କ୍ଷୀରସିନ୍ଧୁ ନେଗି, ବ୍ରଜକିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ୪୯ ଅଭିଯୋଗର ଶୁଣାଣିକଲେ ଜିଲାପାଳ

**ଖଡ଼ିଆଳ,୨୨।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଜିଲାପାଳ ହେମକାନ୍ତ ସାଏ ଯୋଗଦେଇ ୪୯ ଗୋଟି ଅଭିଯୋଗ ଶୁଣାଣିକରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରୁ ୪୩ ଗୋଟି ବ୍ୟକ୍ତିଗତ ଓ ୬ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଏହି ଉପଲକ୍ଷେ ୫ ଜଣ ଦିବ୍ୟାଙ୍ଗ ନାଗରିକଙ୍କ ସନ୍ତାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଶିବିରରେ ନୂଆପଡ଼ା ପୋଲିସ ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡିଆଳ ବିଡିଓ ବୀରସେନ ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।




ଶିବିରରେ ଉଚ୍ଚଶିକ୍ଷା ପାଇଁ ସହାୟତା ପାଇଥିବା ଛାତ୍ରୀଛାତ୍ର।

# ସାମାନ୍ୟ ବର୍ଷାରେ ବିଦ୍ୟାଳୟ ପରିସର ଜଳାର୍ଣ୍ଣବ

**ବେହେରା,୨୨।୭(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ଗ୍ରାମପଞ୍ଚାୟତ ନୁନପାଣି ପ୍ରାଥମିକ ବିଦ୍ୟାଳୟ ପରିସର ଅଳ୍ପ ବର୍ଷାରେ ଜଳାର୍ଣ୍ଣବ ହୋଇପଡ଼ିଛି। ଫଳରେ ଶିକ୍ଷକ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ ପୂର୍ବରୁ ସ୍କୁଲ ପରିସରରୁ ସୁରୁଖୁରୁରେ ପାଣି ନିଷ୍କାସନ ହେଉଥିଲା। କିନ୍ତୁ ସ୍କୁଲକୁ ଲାଗି ଗ୍ରାମର ଜଣେ ବ୍ୟକ୍ତିଙ୍କ ଜାଗା ଥିବାର ସେ ତାହାକୁ ମାଟି ପକାଇ ପୋତିଦେଇଛନ୍ତି। ଫଳରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏହି ସମସ୍ୟାକୁ ଗ୍ରାମପଞ୍ଚାୟତ ଅଧିକାରୀ ଓ ଧର୍ମଗଡ ବ୍ଲକ ଯନ୍ତ୍ରୀ ପ୍ରକାଶ ମେହେର ଅନୁଧ୍ୟାନ କରି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇପାରିନାହିଁ ବୋଲି ପ୍ରଧାନ ଶିକ୍ଷକ ପ୍ରକାଶ କରିଥିଲେ।




ସ୍କୁଲ ପରିସରରେ ପାଣି ଜମିରହିଛି।

ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ଓ ନୁନପାଣି ଗ୍ରାମବାସୀ ଏହାର ତୁରନ୍ତ ସମାଧାନ ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏ ବିଷୟରେ ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ପାତ୍ରଙ୍କୁ ପଚାରିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ, କୌଣସି ମତେ ଛାତ୍ରୀଛାତ୍ରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ: ଦୁର୍ଦ୍ଦଶା ଭୋଗୁଛନ୍ତି ପଡ଼ାବାସୀ



**ପଦ୍ମପୁର,୨୨।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ଏନଏସି ଅଧୀନ ୱାର୍ଡ ନମ୍ବର ୨ ମାଷ୍ଟର କଲୋନୀରେ ଲୋକେ ଆଣ୍ଠୁଏ ପାଣିରେ ଲୋକେ ଯାତାୟାତ କରୁଥିବା ଅଭିଯୋଗ ହେଉଛି। ଏଠାରେ ରାସ୍ତା ନିର୍ମାଣ ହେବା ପରଠାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଏହି ପଡାରେ ନୂତନ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ସ୍ଥାନେ ସ୍ଥାନେ ଖାଲ ହୋଇ ପାଣି ଜମି ରହୁଛି। ଏହା ସହିତ ବର୍ଷା ହେଲେ ଆଣ୍ଠୁଏ ପାଣି ଭରିରହୁଛି। ଫଳରେ ଲୋକଙ୍କ ଯିବା ଆସିବାରେ ବାଧା ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ଏନଏସି ନିର୍ବାହୀ ଅଧିକାରୀ ପରିଦର୍ଶନ କରିଥିଲେ ଏବଂ ମରାମତି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ କୌଣସି କାମ ହୋଇନାହିଁ। ଶୀଘ୍ର ଏହି ରାସ୍ତା ମରାମତି କାର୍ଯ୍ୟ କରିବା ପାଇଁ ପଡାବାସୀ ଦାବି କରିଛନ୍ତି।

### ଶିରିଡି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ

**ବରପାଲି,୨୨।୭(ଚିତ୍ତରଞ୍ଜନ ସାହୁ):** ବରପାଲି କେନାଲ ରୋଡସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ପ୍ରାତଃ ୫ଟାରେ କାକଡ ଆଳତି, ବାବାଙ୍କ ମହାଅଭିଷେକ ପରେ ୧୦ଟାରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ହୋମରେ ବିଜୟ କୁମାର ଅଗ୍ରୱାଲ ଓ ରୀନା ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁ ଭାଗବତ, ଭଜନ, କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବାବାଙ୍କ ପାଲିଙ୍କି ଯାତ୍ରା କରାଯାଇଥିଲା। ଉତ୍ସବରେ ଅନୁଷ୍ଠାନ ସଭାପତି ଦିନବନ୍ଧୁ ପ୍ରଧାନ, ସୁନୀତା ମୁଣ୍ଡ, ପୁଷ୍ପା ତ୍ରିପାଠୀ, ଦିପାଞ୍ଜଳି ସ୍ୱାଇଁ, ଜୁଲି ପାଢ଼ୀ, ମଧୁମିତା ଖାଡଙ୍ଗା, ଗୋକୁଳାନନ୍ଦ ସ୍ୱାଇଁ, ସରୋଜ ତ୍ରିପାଠୀ, ସହଦେବ ପାଢ଼ୀ, ରାଜ କିଶୋର ମହନ୍ତମ, ଧର୍ମେନ୍ଦ୍ର ଭୋଇ, ଅଥିନ୍ଦ୍ରନାଥ ସେନ, ନିତ୍ୟାନନ୍ଦ ଭୋଇଙ୍କ ସମେତ ବହୁ ଭକ୍ତ ଯୋଗଦେଇଥିଲେ। ପଣ୍ଡିତ ରୁଦ୍ର ନାରାୟଣ ଦାଶ, ପଣ୍ଡିତ ଯୁଗଳ ମିଶ୍ର, ପଣ୍ଡିତ ସୌଭାଗ୍ୟ ଷଡ଼ଙ୍ଗୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ।

### ବଟେଶ୍ୱର ମନ୍ଦିରରେ ଗୁରୁପୂର୍ଣ୍ଣିମା

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ:** ବରଗଡ଼ ପୀଠ ପରିଷଦ ଆଦିତ୍ୟ ବାହିନୀ ଏବଂ ଆନନ୍ଦ ବାହିନୀ ପକ୍ଷରୁ ସ୍ଥାନୀୟ ଟାଉନ ଥାନା ପରିସରରେ ରହିଥିବା ବାବା ବଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ଗୁରୁ ପୂର୍ଣ୍ଣିମା ମହୋତ୍ସବ ତଥା ବ୍ୟାସ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି କିଶୋର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତନୁ ପାଣିଗ୍ରାହୀ ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ପୀଠ ପରିଷଦ, ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ସମସ୍ତ ଶିଷ୍ୟା, ଶିଷ୍ୟ ଉପସ୍ଥିତ ରହି ଗୁରୁ ପୂଜନ, ରୁଦ୍ରାଭିଷେକ, ଗୀତା ପଠନ, ଗୁରୁ ବନ୍ଦନା, ଆରତୀ, ପୁଷ୍ପାଞ୍ଜଳି କରିଥିଲେ। ଶେଷରେ ସମସ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ନକଲି ଶିକ୍ଷକ ନିଯୁକ୍ତି, ଚେର ବହୁ ବର୍ଷର

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ନକଲି ଶିକ୍ଷକ ନିଯୁକ୍ତି ଅଭିଯୋଗ ନୂଆ ନୁହେଁ। ଦୀର୍ଘ ବର୍ଷତଳୁ ଏଭଳି ଅଭିଯୋଗ ହୋଇ ଆସୁଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହିତ ନେଉ ନାହିଁ। ଫଳରେ ଏବେ ମଧ ଜିଲାର ବିଭିନ୍ନ ବିଦ୍ୟାଳୟରେ ଅନେକ ନକଲି ଶିକ୍ଷକ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ହାତରେ ପିଲାଙ୍କ ଭବିଷ୍ୟତକୁ ଲଦି ଦିଆଯାଇଛି। ତେବେ ଗତ କିଛିଦିନ ତଳେ ଜିଲାର ଅମ୍ବାଭୋନା ବ୍ଲକରେ କାର୍ଯ୍ୟରତ ୨ ନକଲି ଶିକ୍ଷକ ଧରାପଡ଼ିଥିଲେ। ସେମାନେ ଜେଲ ଯିବା ପରେ ନକଲି ଶିକ୍ଷକ ନିଯୁକ୍ତି ନେଇ ଜିଲା ଉଠୁଛି ଓ ପଡୁଛି। ଜିଲାରେ କର୍ତ୍ତବ୍ୟରତ ନକଲି ଶିକ୍ଷକଙ୍କୁ ଠାବ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଜୋର୍ ଧରି ବସିଛି।

ଜିଲାରେ ନକଲି ଶିକ୍ଷକ ନିଯୁକ୍ତି ବର୍ଷେ କିମ୍ବା ୨ ବର୍ଷତଳର କଥା ନୁହେଁ। ଗତ ୨୦୦୪-୦୫ ଶିକ୍ଷାବର୍ଷରୁ ଏହାର ଚେର ଧୀରେ ଧୀରେ ଲମ୍ବି ଚାଲିଥିବା ସାଧାରଣରେ ଆଲୋଚିତ ହେଉଛି। ସେତେବେଳେ ସମ୍ବଲପୁର ଶିକ୍ଷା ମଣ୍ଡଳ ଅଧୀନରେ ବରଗଡ଼ ଜିଲା ରହିଥିଲା। ଶିକ୍ଷା ମଣ୍ଡଳାଧୀଶ (ସି.ଆଇ)ଙ୍କ ଅଧୀନରେ ଜିଲାରେ ଜଣେ ଜିଲା ଶିକ୍ଷା ନିରୀକ୍ଷକ(ଡିଆଇ) ରହି ଜିଲାର ଶିକ୍ଷା



ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ।

- ଜାଲ ସାର୍ଟିଫିକେଟରେ ଚାକିରି, ଉଠାଉଛନ୍ତି ସରକାରୀ ଦରମା
- ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ

ବ୍ୟବସ୍ଥାକୁ ତଦାରଖ କରୁଥିଲେ। ତେବେ ସେତେବେଳେ ଜିଲା ପରିଷଦ ଏବଂ ସର୍ବଶିକ୍ଷା ଅଭିଯାନ ତତ୍ତ୍ୱାବଧାନରେ ଜିଲାରେ ଶିକ୍ଷକ ନିଯୁକ୍ତି ହୋଇଥିଲା ଏବଂ ସେହି ସମୟରୁ ହିଁ ନିଯୁକ୍ତିରେ ବ୍ୟାପକ ଅନିୟମିତତା ଆରମ୍ଭ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଶିକ୍ଷକ ପଦବୀ ପାଇଁ ସେତେବେଳେ ଆବେଦନ କରିଥିବା ଅନେକ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ହୋଇଥିବାବେଳେ ଜାଲ୍ ଶିକ୍ଷାଗତ, ବିଇଡି ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇ ଆସୁଛି। କେବଳ ସେତିକି ନୁହେଁ, ଶିକ୍ଷକ ନିଯୁକ୍ତ ପାଇଁ ଭିନ୍ନକ୍ଷମ, ଜାତିଗତ ଏବଂ ଆବାସିକ ପ୍ରମାଣପତ୍ରରେ ମଧ ସେତେବେଳେ କେତେକ ଜାଲିଆତି କରିଥିବା ଅଭିଯୋଗ ହେଉଛି। ଏଭଳି ନକଲି ଶିକ୍ଷକ ନିଯୁକ୍ତି ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଧର୍ମକୁ ଆଖିଠାର ଭଳି ବିଭାଗୀୟ କର୍ତ୍ତୃପକ୍ଷ ଲୋକ ଦେଖାଣିଆଁ ତଦନ୍ତ କରୁଛନ୍ତି। ମାତ୍ର ତଦନ୍ତ ଅଧାବାଟରେ ଅଟକି ଯାଉଥିବାବେଳେ ନକଲି ଶିକ୍ଷକମାନେ ଅନାୟାସରେ ସରକାରୀ ଦରମା ଉଠାଇ ଚାଲିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ରାଜ୍ୟ ସରକାର ମଧ ଅନେକ ସମୟରେ ନକଲି ଶିକ୍ଷକ ନିଯୁକ୍ତି ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହିତ ନେଇଥିବା ନଜିର ରହିଛି। ଏହାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ସରକାର ବିଭିନ୍ନ ସମୟରେ ଶିକ୍ଷା ବିଭାଗର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉଚ୍ଚ ନ୍ୟାୟାଳୟ ମଧ ଏଭିଳ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଜବାବ୍ ତଲବ କରିବା ସହିତ ସତ୍ୟପାଠ ଦାଖଲ ପାଇଁ ଆଦେଶ ଦେଇଥିଲେ। ତେବେ ଅଳ୍ପ କିଛି ନକଲି ଶିକ୍ଷକଙ୍କୁ ଠାବ ପରେ ବିଭାଗୀୟ ଅଧିକାରୀମାନେ ପୁଣି ଏହି ପ୍ରସଙ୍ଗଠାରୁ ଦୂରେଇ ଯାଉଥିବା ଅଭିଯୋଗ ହେଉଛି।

ବରଗଡ଼ ଜିଲାରେ ମଧ ସେଭଳି ସମାନ ସ୍ଥିତି ଦେଖାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ବ୍ଲକ ଶିକ୍ଷା ଅଧିକାରୀମାନେ ଚିରାଚରିତ ଢ଼ଙ୍ଗରେ ନକଲି ଶିକ୍ଷକଙ୍କ ପ୍ରମାଣପତ୍ର ଗୁଡ଼ିକୁ ଯାଞ୍ଚ କରିଥିଲେ। ତେବେ ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀଙ୍କ ହାତରେ ୨ ନକଲି ଶିକ୍ଷକ ଧରାପଡ଼ି ପଡ଼ିବା ପରେ ଜିଲାର ଅନ୍ୟ ୧୧ ବ୍ଲକରେ କେହି ନକଲି ଶିକ୍ଷକ ନ ଥିବା ଏବଂ ଏଥିରେ ସମ୍ପୃକ୍ତ ଅଞ୍ଚଳର ବ୍ଲକ ଶିକ୍ଷା ଅଧିକାରୀ, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ଭୂମିକାକୁ ନେଇ ନାନା ସନ୍ଦେହ ଉପୁଜିବାରେ ଲାଗିଛି। ସେହିପରି ବର୍ଷବର୍ଷ ଧରି ସେଥିରେ ଜିଲା ଶିକ୍ଷା ଅଧିକାରୀଙ୍କ ନୀରବତା ମଧ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ସେ ନେଇ ଯାଞ୍ଚ କରିବା ପାଇଁ ଜିଲାର ପ୍ରତ୍ୟେକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।



ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦର୍ବେକେଲା ଗାଁର ଏକ ବିଲରେ ଧାନ ରୁଆ କରାଯାଉଛି।

## ଲଗାଣ ବର୍ଷା ପରେ ଚାଷୀ ଉତ୍ସାହିତ

### ପଦ୍ମପୁର ଉପଖଣ୍ଡରେ ଚାଷକାର୍ଯ୍ୟ ତ୍ୱରାନ୍ୱିତ

**ପଦ୍ମପୁର,୨୨।୭(ପ୍ରଦୀପ୍ତ ଦାଶ)**

ଗତବର୍ଷ ତୁଳନାରେ ଚଳିତ ବର୍ଷ ଖରିଫ ଚାଷ ପ୍ରାରମ୍ଭରେ ଆବଶ୍ୟକ ବର୍ଷା ନ ହେବାରୁ ଚାଷୀମାନେ ଚିନ୍ତାରେ ପଡିଥିଲେ। ରୁଆ ବେଉଷଣ ଠପ୍ ହୋଇଯାଇଥିଲା। ମାତ୍ର ଚଳିତ ୨୧ ଓ ୨୨ ତାରିଖ ଲଗାଣ ବର୍ଷାରେ ପଦ୍ମପୁର ଉପଖଣ୍ଡ ଚାଷୀ ଚାଷ କାମକୁ ତ୍ୱରାନ୍ୱିତ କରିଛନ୍ତି। ସମସ୍ତ ପୋଖରୀ, ନଦୀ, ନାଳରେ ପାଣି ଭର୍ତ୍ତି ହୋଇଛି। ଯେଉଁ ଚଷୀ ଧାନ ବୁଣିଥିଲେ, ଅବା ପଲ୍ଲା ପକାଇଥିଲେ ସେମାନେ ରୁଆ ବିହିଡ଼ା କାମ ଚଳାଇଛନ୍ତି। ଗତ ଦୁଇଦିନରେ ପଦ୍ମପୁରରେ ୧୫୫.୨ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବ୍ଲକର ବିଜେପୁରରେ ୫୩ ମି.ମି., ଗାଇସିଲେଟରେ ୬୯ ମି.ମି., ଝାରବନ୍ଧରେ ୩୯ମି.ମି., ପାଇକମାଳରେ ୭୯ ମି.ମି. ଏବଂ ସୋହେଲାରେ ୫ ମି.ମି. ବର୍ଷା ରେକର୍ଡ ହୋଇଛି। ତେବେ ଏହି ବର୍ଷା ହେବାରୁ ଚାଷୀମାନେ ବେଶ ଉତ୍ସାହିତ ହୋଇଛନ୍ତି। ଉପଖଣ୍ଡରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକ ପାଣିରେ ଭରିରହିଛି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଜିତେନ



@ ପଦ୍ମ



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ

**ବରପାଲି,୨୨।୭(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲିସ୍ଥିତ ଜୟ ଗୋପାଳ କଲ୍ୟାଣ ମଣ୍ଡପଠାରେ ଚଳିତ ବର୍ଷ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳନ ପାଇଁ ଯାଦବ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଯାଦବ ସମାଜ ବ୍ଲକ ସଭାପତି ମନଫୁଲ ଭୋଇଙ୍କ ଅଧକ୍ଷତାରେ ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ଏହା ତିନି ଦିନିଆ କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଆସନ୍ତା ଅଗଷ୍ଟ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ କରାଯିବ। ଯାତ୍ରା ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଗଲା। ଯାତ୍ରା କମିଟି ମୁଖ୍ୟ ପରିଚାଳକ ଭାବେ ସଭାପତି ଭାବେ ରସାନନ୍ଦ ଥପା ମନୋନୀତ ହୋଇଥିବା ବେଳେ ଅକ୍ଷୟ ଭୋଇ, ଖାଡିଆ ବରର୍ତ୍ତି, ପ୍ରତାପ ନାଗ,, ନନ୍ଦ କିଶୋର ବାଗ, ହଜାରୁ ମହାକୁର, ସୁଦାମ ପୋଡ, କୁନୁ ଜାଲ ପ୍ରମୁଖ ଯାତ୍ରା ପରିଚାଳନା



ବୈଠକରେ ଆଲୋଚନା କରାଯାଉଛି।

କମିଟିରେ ରହିଛନ୍ତି। ଚଳିତବର୍ଷ ନନ୍ଦ ରାଜା ଭାବେ କୁଞ୍ଜ ବିହାରୀ ରାଉତ ଓ ବସୁଦେବ ଭାବେ ଧୀରେନ୍ଦ୍ର ଭୋଇ ସପତ୍ନିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ। ପ୍ରସ୍ତୁତି ବୈଠକରେ ଖାଡିଆ ବରର୍ତ୍ତି, ଗୋବିନ୍ଦ ଯୁଆଡ଼ି, ମନୋରଞ୍ଜନ ବରର୍ତ୍ତି, ଦଇତାରୀ ବିଶି, ପୂର୍ଣ୍ଣଚନ୍ଦ୍ର ଭୋଇ, ଭାଗବତ କାଣ୍ଡ, ମନୋଜ ଜାଲ, ଭୀମ ଗଡତିଆ, ଶିବ ପାଣ୍ଡେ, କୈଳାଶ ଗହିର, ବିଷ୍ଣୁ ମିତ୍ର ପୋଡ ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ସଭ୍ୟ କୁଞ୍ଜ ବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ସପ୍ତାହ ଉଦ୍‌ଘାଟିତ

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ରାଣାପ୍ରତାପ ସ୍କୁଲରେ ସୋମବାର ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଦିବସରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ ହୋଇଥିଲା। ସ୍ଥାନୀୟ ୱାର୍ଡ଼ ନଂ.୧ କାଉନସିଲର ବେଦମତୀ ସେଟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଏବଂ ନିଲିମା ପ୍ରଧାନ ଚଳିତ ସପ୍ତାହର କେଉଁ ଦିବସରେ କେଉଁ କାର୍ଯ୍ୟକ୍ରମ ହେବ, ସେ ନେଇ ସୂଚନା ପ୍ରଦାନ କରିଥିଲେ। ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମୁଖ୍ୟଅତିଥି ବୁଲି ଦେଖିଥିଲେ। ଛାତ୍ରୀ ଅଶ୍ଳେଷା ମହାନନ୍ଦ ସ୍ୱାଗତ ଭାଷଣ ପ୍ରଧାନ ଏବଂ ଛାତ୍ରୀ ସାଲିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବିରରେ ୩୬ ଅଭିଯୋଗ ପଞ୍ଜୀକୃତ

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସପି ପି.ଏସ୍ ମୀନାଙ୍କ ସମେତ ବ୍ଲକ ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ଉପ ଜିଲାପାଳ କୁମାର ନାଗଭୂଷଣ, ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ, ଭଟଲି ବିଡିଓ ସରୋଜା ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାଶନ କାର୍ଡ଼, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ନେଇ ଲୋକେ ଅଭିଯୋଗ କରିଥିଲେ। ଶିବିରରେ ସମୁଦାୟ ୩୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୯ ବ୍ୟକ୍ତିଗତ ଏବଂ ୭ ସାମୂହିକ ଅଭିଯୋଗ ରହିଥିଲା। ଉକ୍ତ ଅଭିଯୋଗଗୁଡ଼ିକର ଶୁଣାଣି କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଶ୍ରାବଣ ପ୍ରଥମ ସୋମବାର: ବିଶ୍ୱେଶ୍ୱର ପୀଠରେ ଭକ୍ତଙ୍କ ସମାଗମ

**ସରଣ୍ଡା,୨୨।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ବାବା ବିଶ୍ୱେଶ୍ୱରଙ୍କ ଶୈବ ପୀଠରେ ଶ୍ରାବଣ ମାସ ପ୍ରଥମ ସୋମବାରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଛି। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ଶୈବପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠର ମହିମା ସ୍ୱତନ୍ତ୍ର। ଏଠି ବର୍ଷର ବିଭିନ୍ନ ସମୟରେ ନାନା ପର୍ବ ପାଳନ କରାଯାଏ। ୧୨ ମାସରେ ୧୩ ପର୍ବ ମଧ୍ୟରୁ ଶ୍ରାବଣ ସ୍ନାନ (ଜଳାଭିଷେକ) ଅନ୍ୟତମ। ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ବୋଲବମ ଭକ୍ତଙ୍କ ସହ ଶ୍ରଦ୍ଧାଳୁ ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ କରି ଜଳାଭିଷେକ କରିଥିଲେ। ଲମ୍ବାଧାଡ଼ିରେ ଶାନ୍ତିଶୃଙ୍ଖଳା ସହ ଦୀର୍ଘ ସମୟ ଦର୍ଶନ ପାଇଁ ଅପେକ୍ଷା କରିବା ବାବା ଓ ଭକ୍ତଙ୍କ ମଧ୍ୟରେ ଏକ ଭିନ୍ନ ଆସ୍ଥା ଓ ବିଶ୍ୱାସର ପରିବେଶ ଜାଗ୍ରତ ହୋଇଥିଲା। ବୋଲବମ ଧ୍ୱନିରେ କମ୍ପି ଉଠିଥିଲା ମନ୍ଦିର ପରିସର। ସୋମବାର ଭୋର ୩ଟାରେ ବାବାଙ୍କ ଦ୍ୱାର ଖଲାଯାଇଥିଲା।



ସରଣ୍ଡାର ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ବାବାଙ୍କ ଶୈବପୀଠରେ ଭକ୍ତଙ୍କ ଲମ୍ବାଧାଡି।

ପାଳି ପୂଜକ ବାବାଙ୍କୁ ଗଙ୍ଗାଜଳରେ ସ୍ନାନ କରାଇ ଯଥାରୀତ ପୂଜାପାଠ ପରେ ଭକ୍ତ ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ କରିଥିଲେ। ହଜାର ହଜାର ଭକ୍ତ ନିଜ ମନସ୍କାମନା କରି ବାବାଙ୍କୁ ଜଳାଭିଷେକ କରିଥିଲେ। ବୋଲବମ ଭକ୍ତମାନେ ମଧ ଦୁରଦୂରାନ୍ତରୁ ଆସି ମାନସିକ ଜଳ ଅର୍ପଣ କରିଥିଲେ। ସମସ୍ତ ଭକ୍ତଙ୍କୁ ଖିଚିଡି ଭୋଗ ପ୍ରଦାନ କରାଯାଇଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ଅତାବିରା ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

# ଉଚ୍ଛେଦ ପରେ ଥଇଥାନ କରିନି ପ୍ରଶାସନ

## ଥଇଥାନ କରିବାକୁ ପ୍ରଭାବିତଙ୍କ ସ୍ମାରକପତ୍ର

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲିରେ ଉଚ୍ଛେଦର ୮ ମାସ ପରେ ମଧ ପ୍ରଭାବିତ ଲୋକଙ୍କୁ ଥଇଥାନ କରାଯାଇ ନାହିଁ। ଏହାକୁ ନେଇ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ପ୍ରଭାବିତ ଲୋକେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କୁ ଥଇଥାନ ଦିଗରେ ବିହିତ ପଦକ୍ଷେପ ନେବାକୁ ପ୍ରଭାବିତ ଲୋକେ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୩୦ ତାରିଖରେ ପ୍ରଭାବିତ ଆନନ୍ଦ ଗିରି, ନବୀନ ଗିରି, କମ୍ପାଉଣ୍ଡର ଗିରି, କ୍ୟାଟର ଜାଟ, ଗଣେଶ ଜାଟ ଏବଂ ରାଜେଶ ଜାଟଙ୍କୁ ନୋଟିସ କରି ଜାଗା ଛାଡ଼ିବାକୁ



ଥଇଥାନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ।

ତତ୍କାଳୀନ ବରପାଲି ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସେମାନେ ଦଖଲ କରିଥିବା ସ୍ଥାନରେ ବସଷ୍ଟାଣ୍ଡ ହେବ ବୋଲି ନୋଟିସରେ ସୂଚନା ଦିଆଯାଇଥିଲା। ଏପରିକି ସେହି ଜାଗାରୁ ଉଚ୍ଛେଦ ହେବା ପରେ ସେମାନଙ୍କୁ ଅନ୍ୟତ୍ର ଜମିପଟ୍ଟା ଦିଆଯାଇ ଥଇଥାନ କରାଯିବ ବୋଲି ସେତେବେଳେ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା।

ଏହାପରେ ଉପରୋକ୍ତ ଲୋକେ ସେହି ଜାଗା ଛାଡ଼ିଥିଲେ ଏବଂ ସେହି ଜାଗାରେ ରହିଥିବା ସେମାନଙ୍କ ଘର ଭଙ୍ଗା ଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଜମିପଟ୍ଟା ମିଳି ନାହିଁ କିମ୍ବା କୌଣସି ସ୍ଥାନରେ ଥଇଥାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ସେମାନେ ପଲିଥିନ ଟାଣି ପିଲାଛୁଆ, ପରିବାରର ବୃଦ୍ଧାବୃଦ୍ଧଙ୍କୁ ଧରି ଏଣେତେଣେ ରହୁଥିବା ପ୍ରଭାବିତ ଲୋକେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଫଳରେ ଏଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ଘରଡ଼ିହ ଜମିପଟ୍ଟା ଯୋଗାଇ ଦେବାକୁ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ଉପରୋକ୍ତ ପ୍ରଭାବିତ ଲୋକେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରେଳ ଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ

**ରାଉରକେଲା,୨୨।୭(ଦିନେଶ ମିଶ୍ର):** ରାଉରକେଲା ଜିଆରପି ପୋଲିସ ମାଲଗୋଦାମ ସ୍ଥିତ ରେଳ ଧାରଣାରୁ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ସୋମବାର ଜବତ ହୋଇଛି। ଏନେଇ ଜିଆରପି ପୋଲିସ( ନଂ. ୪୬/୨୪)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ବୃଦ୍ଧଙ୍କ ବୟସ ପାଖାପାଖି ୭୦ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖାହେବା ସୁଦ୍ଧା ରାତି ୯ଟା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ରାଉରକେଲା ରେଳ ଷ୍ଟେଶନର ଡାଉନଲାଇନ୍‌ରୁ ମାଲଗୋଦାମ ରେଳ ଫାଟକ ନିକଟରେ ଜଣେ ବୃଦ୍ଧଙ୍କ ମୃତ ଶରୀର ରେଳ ଧାରଣା ଉପରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ଜିଆରପି ପୋଲିସକୁ ଖବର ଦେଇଥିଲେ।

### ସୀମାନ୍ତରୁ ଆଇଡି ଜବତ

**ରାଉରକେଲା,୨୨।୭(ସଙ୍ଗୀତା ଜେନା):** ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ଟୋଂଟୋ ଥାନା ବନଗ୍ରାମ ପୁରତିଟୋଲା ଏବଂ ଟିଡ଼ିଆବେଡା ମଧ୍ୟରେ ଥିବା ଜଙ୍ଗଲରେ ୫କେଜିର ଏକ ଆଇଇଡି ଜବତ କରିଛି ସୁରକ୍ଷାବଳ। ଏହାକୁ ବମ୍ ନିରୋଧ ଦଳ ନିଷ୍କ୍ରିୟ କରିଛି। ସୋମବାର ସକାଳେ କୋମ୍ବିଂ ଅପରେସନ୍ କରାଯାଉଥିବା ସମୟରେ ଏହି ଆଇଇଡି ଠାବ ହୋଇଥିଲା। ମାଓବାଦୀ ମାନେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଏହା ଖଞ୍ଜି ଥିବା କୁହାଯାଇଛି।

### ଶ୍ରାବଣର ପ୍ରଥମ ସୋମବାର: ବିଭିନ୍ନ ଶୈବପୀଠ ଚଳଚଞ୍ଚଳ

**ରାଉରକେଲା,୨୨।୭(ଦିନେଶ ମିଶ୍ର):** ଶ୍ରାବଣ ମାସର ପ୍ରଥମ ସୋମବାରରେ ରାଉରକେଲା ସହରରେ ଥିବା ବିଭିନ୍ନ ଶୈବପୀଠ ଗୁଡିକରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ହନୁମାନ ବାଟିକା ଶୈବପୀଠ, ଦୂର୍ଗାପୁର ଶୈବପୀଠ, କାଳିମନ୍ଦିର ସ୍ଥିତ ଶୈବପୀଠ ଗୁଡିକରେ ପ୍ରାତଃ ସମୟରେ ବହୁ ଶ୍ରଦ୍ଧାଳୁ ବାବାଙ୍କୁ ଜଳ ଲାଗି କରିଥିଲେ। ଏନେଇ ସ୍ଥାନୀୟ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଟ୍ ସହ ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଦେଓଗାଁ ସ୍ଥିତ ଶୈବ ପୀଠରେ ମଧ୍ୟ ବହୁ ଭକ୍ତଙ୍କ ଭିଡ ଜମିଥିଲା। ଏଠାରେ ବହୁ ଶ୍ରଦ୍ଧାଳୁ ବ୍ରାହ୍ମଣୀନଦୀରୁ ଜଳ ଆଣି ମହାଦେବଙ୍କ ଉପରେ ଜଳାଭିଷେକ କରିଥିଲେ।

### ଟେଷ୍ଟ ହାଉସ ନିର୍ମାଣକୁ ଜବରଦଖଲ ଉଚ୍ଛେଦ

**ରାଉରକେଲା,୨୨।୭(ସଙ୍ଗୀତା ଜେନା):** ଛେଣ୍ଡ କଳିଙ୍ଗବିହାର ଅଞ୍ଚଳ ଟିସକୋ କଲୋନୀରେ ଥିବା ଏକ ଅବୈଧ ନିର୍ମାଣକୁ ସୋମବାର ଉଚ୍ଛେଦ କରାଯାଇଛି। ପୂର୍ବାହ୍ନରେ ରାଉରକେଲା ମହାନଗରନିଗମ(ଆର୍‌ଏମ୍‌ସି) ଲ୍ୟାଣ୍ଡଗାର୍ଡ଼ ବିଭାଗ ଟିମ୍ ସହ ସହାୟକ କମିଶନର ଅଜିତ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅମୂଲ୍ୟ ସାହୁ ପହଞ୍ଚି ଉକ୍ତ ଜବରଦଖଲ ଉଚ୍ଛେଦ କରିଥିଲେ। ଏଠାରେ ଏକ ବେଆଇନ ଟେଷ୍ଟ ହାଉସ ନିର୍ମାଣ କରାଯାଇଥିଲା। ଏହାକୁ ସ୍ଥାନୀୟ ମାନେ ବିରୋଧ କରୁଥିଲେ। ଏହି ଅଭିଯୋଗ ଆଧାରରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା ବୋଲି ଆର୍‌ଏମ୍‌ସି ପକ୍ଷରୁ କୁହାଯାଇଛି।

### ରାଜାମୁଣ୍ଡା ବାଇପାସରେ ନିର୍ମାଣ ହେଲା ହମ୍ପସ

**ଲହୁଣୀପଡା,୨୨।୭(ଦାଶରଥି ପଣ୍ଡା):** ରାଜାମୁଣ୍ଡା ବାଇପାସ ଚାରି ଛକଠାରେ ଲହୁଣୀପଡା ପୋଲିସର ତତ୍ପରତା ଯୋଗୁ ଠିକା ସଂସ୍ଥା ପକ୍ଷରୁ ସୋମବାର ଅପରାହ୍ନରେ ରାସ୍ତା ଉପରେ ହମ୍ପସ ନିର୍ମାଣ କରାଯାଇଛି। ରାଜାମୁଣ୍ଡା ପାଣିକୋଇଲି ୫୨୦ ନମ୍ବର ଜାତୀୟ ରାଜପଥର ରାଜାମୁଣ୍ଡା ବାଇପାସ ଚାରିଛକର କିଛି ଦୂରରେ ଗତ ୧୮ ତାରିଖ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ଉକ୍ତ ଛକରେ ପ୍ରାୟ ୮ମାସ ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟି ୬ ଜଣଙ୍କର ପ୍ରାଣହାନୀ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ଦୁର୍ଘଟଣା ହ୍ରାସ କରିବା ପାଇଁ ଲହୁଣୀପଡା ପୋଲିସ ତତ୍ତ୍ୱାବଧାନରେ ସୋମବାର ଅପରାହ୍ନରେ ଆରକେଡି ଠିକା ସଂସ୍ଥା ପକ୍ଷରୁ ୫୨୦ ନମ୍ବର ଜାତୀୟ ରାଜପଥର ଗୋଟାଏ ପାର୍ଶ୍ୱରେ ଏବଂ୧୪୩ ନମ୍ବର ଜାତୀୟ ରାଜପଥର ୨ଟି ପାର୍ଶ୍ୱରେ ହମ୍ପସ ନିର୍ମାଣ କରାଯାଇଥିବା ଜଣାପଡିଛି।

# ଡେଙ୍ଗୁ ସଂକ୍ରମଣରେ ଲାଗୁନି ବ୍ରେକ୍

**ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)**

- ୧୬ ଡେଙ୍ଗୁ ପଜିଟିଭ ଚିହ୍ନଟ
- ସହରର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ



ସହରରେ ଗଦା ହୋଇଥିବା ଅଳିଆ ଆବର୍ଜନା।

ରାଉରକେଲା ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଡେଙ୍ଗୁ ଆଶଙ୍କାରେ ଗତ ୬ ମାସରେ ଆର୍‌ଜିଏଚରେ ୮୬୫ ଜଣ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ରକ୍ତ ନମୁନା ଡେଙ୍ଗୁ ପଜିଟିଭ ଆସିଛି। ତେଣୁ ତୁରନ୍ତ ଆର୍‌ଏମସି ପକ୍ଷରୁ ମଶା ବଂଶବୃଦ୍ଧି ଉପରେ ନିୟନ୍ତ୍ରଣ ଲଗାଇବା ପାଇଁ ସହରବାସୀ ଦାବି କରିଛନ୍ତି। ମଶା ବଂଶବୃଦ୍ଧି ଓ ବୃଦ୍ଧି ପାଉଥିବା ଡେଙ୍ଗୁ ପଛରେ ସହରର ୪୨ଟି ୱାର୍ଡରେ ବିଭିନ୍ନ ନାଳ ନର୍ଦ୍ଦମା,ଡ୍ରେନ ଏବଂ ଅଳିଆ କୁଣ୍ଡ ଗୁଡିକରେ ଗଚ୍ଛିତ ଥିବା ଅଳିଆ ଏବଂ ଦୂଷିତ ପାଣିର ସଠିକ ପରିଚାଳନା ଅଭାବ ମୁଖ୍ୟ କାରଣ ସାଜୁଥିବା କୁହାଯାଉଛି। ପ୍ରକାଶ ଥାଉକି, ଆର୍‌ଏମସି ପକ୍ଷରୁ ସହରରେ ଆବର୍ଜନା ଜନିତ ପ୍ରଦୂଷଣ ଓ ମଶାମାଛି ବଂଶବୃଦ୍ଧି ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ ୧୧କୋଟି ୧୧ଲକ୍ଷ ୨୦ହଜାର ୧୨ଟଙ୍କା ଖର୍ଚ୍ଚ ହେଉଛି। ଖର୍ଚ୍ଚ ମୁତାବକ ଦୈନିକ ୧୫୦ଏମଟି ଅବର୍ଜନା ସଲିଡ ୱେଷ୍ଟ ପୁନଃଚକ୍ରଣ ହୋଇ ବିଶୋଧନ ଏବଂ ୬୭ ସିୟୁଏମ ସଲିଡୱେଷ୍ଟ ପୁନଃଚକ୍ରଣ ହୋଇ କମ୍ପୋଷ୍ଟ ହେବା କଥା। ପ୍ରତିଦିନ ରୁଟିନ ଅନୁଯାୟୀ ସହରସାରା ମଶାମରା ଯାନ ମାଧ୍ୟମରେ ସହରବ୍ୟାପୀ ଧୂଆଁ ପ୍ରୟୋଗର ନିୟମ ରହିଛି। ମାତ୍ର ଏସବୁ ହେଉ ନ ଥିବା ଯୋଗୁ ସହରରେ ମଶାବଂଶ ବୃଦ୍ଧି ଉପରେ ଲଗାମ ଲାଗି ପାରୁନି। ଅନ୍ୟପଟେ ସହରାଞ୍ଚଳ ଗୁଡିକରେ ମଶାବଂଶ ଦମନ ଏବଂ ଲୋକଙ୍କୁ ଡେଙ୍ଗୁ ମ୍ୟାଲେରିଆରୁ ଆସ୍ୱସ୍ତି କରିବା ପାଇଁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରୁ ବିପୁଳ ଅନୁଦାନ ଆସୁଛି। ଏହି ଅନୁଦାନ ମାଧ୍ୟମରେ ଲୋକଙ୍କୁ ମଶାରୀ ବଣ୍ଟନ, ମଶା ପ୍ରାଦୁର୍ଭାବ ଅଞ୍ଚଳରେ ମଶା ଦମନାକାରୀ ସ୍ପ୍ରେ ସହିତ ଡିଡିଟି ସିଞ୍ଚନ ଧାର୍ଯ୍ୟ ରହିଛି। ମାତ୍ର ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ବାସନ୍ତୀ କଲୋନୀ, ଗୋପବନ୍ଧୁପାଲ୍ଲୀ, କୋଏଲ ନଗର, ସେକ୍ଟର-୬, ହମିରପୁର, ଛେଣ୍ଡ, ମହତାବ ରୋଡ,ବାଲୁଘାଟ,ସେକ୍ଟର-୨୨ ଓ ତିଲକା ନଗର ପ୍ରମୁଖ ୧୦ଟି ସମନ୍ୱିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଅଧୀନ ଅଞ୍ଚଳରେ ସରକାରୀ ସୁବିଧା ଅପହଞ୍ଚ ରହୁଛି। ଚିନ୍ତାର ବିଷୟ ଏପର୍ଯ୍ୟନ୍ତ ଏହା ଉପରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପ୍ରକାର ଆଖି ଦୃଶିଆ ପଦକ୍ଷେପ ଏଯାଏଁ ଗ୍ରହଣ ହୋଇନାହିଁ। ଏନେଇ ଆର୍‌ଏମସି ସାନିଟାଇଜ ବିଶେଷଜ୍ଞ ଅନିଲ ଲାକ୍ରାଙ୍କୁ ପଚାରିବାରୁ, ସହରବାସୀ କିଭଳି ମଶାମାଛି ଜନିତ ସଂକ୍ରମଣରୁ ସୁରକ୍ଷିତ ରହିବେ ସେ ନେଇ ଆପ୍ରାଣ ଉଦ୍ୟମ ଚାଲିଛି। ସହରର ସଲିଡ ୱେଷ୍ଟକୁ ଉଠାଯାଇ ପୁନଃଚକ୍ରଣରେ ବିଶୋଧନ ହେଉଛି। ଆଗକୁ ସହରାଞ୍ଚଳରେ ଯେଉଁଭଳି ସମ୍ପୂର୍ଣ୍ଣ ପରିମଳ ବଜାୟ ରହିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ହେବ ବୋଲି କହିଥିଲେ। ଏନେଇ ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶକ୍ତିପ୍ରସାଦ ପାଢ଼ୀଙ୍କୁ ପଚାରିବାରୁ,ଚଳିତ ବର୍ଷ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଏବଂ ମୂଳପ୍ରାଟନ ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି। ବସ୍ତି ଅଞ୍ଚଳରେ ଏହାର ପ୍ରାଦୁର୍ଭାବ ଅଧିକ ରହୁଛି। ଉକ୍ତ ଅଞ୍ଚଳକୁ ଡେଙ୍ଗୁ ମୁକ୍ତ କରିବା ପାଇଁ ବ୍ୟାପକ ସାନିଟାଇଜ ବ୍ୟବସ୍ଥାମାନ ମଧ୍ୟ ହେଉଛି। ଏଥିସହିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସମସ୍ତ ବ୍ୟବସ୍ଥା ଏବଂ ସୁବିଧା ଉପଲବ୍ଧ ରହୁଛି। ଯେଉଁଠି ଏହି ସବୁ ଖିଲାପ ହେଉଛି ତର୍ଜମା କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଢ଼ୀ କହିଥିଲେ।


## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com




@ ଜିତେନ



@ ପଦ୍ମ



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪୪ ଛାତ୍ରୀଛାତ୍ର ପାଇଲେ ରାଜ୍ୟପାଳ ପୁରସ୍କାର



ରାଜ୍ୟପାଳ ପୁରସ୍କାର ପାଇଥିବା ଛାତ୍ରୀଛାତ୍ର

**ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସପିର ନିଶୁଳ୍କ ବିଦ୍ୟାଳୟ ତଥା ଅଗ୍ରଣୀ ସମାଜିକ ସଂଗଠନ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ହେଉଥିବା ଦୀପିକା ଇସ୍ପାତ ଶିକ୍ଷା ସଦନର ୪୪ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ସର୍ବୋଚ୍ଚ ସ୍କାଉଟ ଗାଇଡରେ ରାଜ୍ୟପାଳ ପୁରସ୍କାର ଅର୍ଜନ କରି ଆର୍‌ଏସପିକୁ ଗୌରାବାନିତ କରିଛନ୍ତି। ଏହି ଖୁସୀରେ ବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ସୀମାଦେବ ଭୈମିକ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ,ପ୍ରଭାତୀ ମିଶ୍ର,ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ୍ ମିତ୍ର.ଏଜିଏମ ଟି.ବି ଟପ୍ପୋ, ଦୀପିକା ମହିଳା ସଂଘତିର ସମ୍ପାଦିକା ନିଧି ସିଂଘଲ, ପରିଚାଳନା ପରିଷଦ ସଦସ୍ୟ ତଥା ସଂଘତିର ବହୁ ସ୍ୱେଚ୍ଛାସେବୀ, ପ୍ରଧାନ ଶିକ୍ଷକ ଏସ. ସାମଲ, ସହକାରୀ ପ୍ରଧାନ ଶିକ୍ଷକ ନିହାରିକ ବଳ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

### ୪ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି ୭୧ ପରୀକ୍ଷାର୍ଥୀ

**ସୁନ୍ଦରଗଡ,୨୨।୭ (ଜୟ ନାରାୟଣ ମେଣ୍ଟୁଲି)**

ହାଇସ୍କୁଲ ସାର୍ଟିଫିକେଟ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହୋଇଛି। ସୁନ୍ଦରଗଡ ଜିଲାରେ ୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୭୧ ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନରେ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପାଇଁ ୮୯ଜଣ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ସେଥିପାଇଁ ମଧ୍ୟରୁ୭୧ଜଣ ପରୀକ୍ଷା ଦେଉଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୯୦୪ଜଣ ଫର୍ମ ପୂରଣ କରିଥିଲା ବେଳେ ସେମାନଙ୍କ ମଧ୍ୟରୁ ୫୭୨ଜଣ ୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତିଓ ୩୩୨ଜଣ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ବିଭାଗ ସୂତ୍ରରୁ ସୂଚନା ମିଳିଛି।

### ଛୁରାମାଡ଼ରେ ଯୁବକ ଗୁରୁତର,ଅଭିଯୁକ୍ତ ଗିରଫ

**ବନ୍ଧମୁଣ୍ଡା,୨୨।୭(ସୁବ୍ରତ ଦେ)**

ଛୁରା ମାଡ଼ ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବନ୍ଧମୁଣ୍ଡା ବି-ସେକ୍ଟର ସ୍ଥିତ ନେପାଳୀ ବସ୍ତିର ହୀରା ଓରାମ(୪୭)। ଜାମିନ ନ ମିଳିବାରୁ ତାଙ୍କୁ ରାଉରକେଲା ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ସାମାନ୍ୟ କଥାକୁ କେନ୍ଦ୍ର କରି ପପୁ ଦାସ(୨୦) ଓ ହୀରାଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ହୀରା ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ପପୁଙ୍କ ମା' ଗୀତା ଏନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ବ୍ରହ୍ମା କୁମାରୀଙ୍କ ଦ୍ୱାରା ନିଶାମୁକ୍ତ ଅଭିଯାନ

**ସୁନ୍ଦରଗଡ,୨୨।୭(ଜୟ ନାରାୟଣ ମେଣ୍ଟୁଲି)**

ସୁନାରୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଜାପିତା ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଦ୍ୱାରା ମୋ'ସୁନ୍ଦରଗଡ଼, ନିଶାମୁକ୍ତ ସୁନ୍ଦରଗଡ଼ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ବ୍ରହ୍ମାକୁମାରୀ ସଂସ୍ଥାର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଜ୍ୟୋତ୍ସା ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୈତିକ ଶିକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷାକୁ କାହାଣୀ ମାଧ୍ୟମରେ ଚରିତ୍ରବାନ ହେବା ସହିତ ନିଶାମୁକ୍ତ ଉପରେ ଆଲୋକପାତ କରିଥିଲେ।



ଗାନ୍ଧିଜୀଙ୍କ ମହାନତା କର୍ମ ଦ୍ୱାରା ତାଙ୍କୁ ମହାତ୍ମାଗାନ୍ଧୀ କୁହାଯାଇଥିଲା ବୋଲି କହି ପିଲାମାନେ ଆଦର୍ଶ ଓ ଚରିତ୍ର ବାନ ହେବାକୁ ପରାମର୍ଶ ଦେଇଥିଲେ। ଯୋଗ ଶିକ୍ଷୟିତ୍ରୀ ବ୍ରହ୍ମା କୁମାରୀ ନିରୁପମା ଯୋଗଦେଇ ଜୀବନରେ ରାଜଯୋଗର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଏହାର ଅଭ୍ୟାସ କରିବାକୁ କହିଥିଲେ। ବ୍ରହ୍ମାକୁମାର ବାଣେଶ୍ୱର ସୁବୁଦ୍ଧି ଚିତ୍ର ମାଧ୍ୟମରେ ନିଶା ବ୍ୟବହାରର କୁ ପରିଣତି ଓ ଏହାର ନିବାରଣ ଉପରେ ଶିକ୍ଷା ଦାନ କରି ନିଶାମୁକ୍ତ ରହିବାକୁ ସଙ୍କଳ୍ପ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିମଳ କୁମାରୀ ପଟେଲ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ।

# ଆରପିଏଫ୍ କର୍ତ୍ତୃପକ୍ଷଙ୍କୁ ଭେଟିଲେ ଦୋକାନୀ



ଆର୍‌ପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ଥିବା ଦୋକାନୀ ମାନେ।

**ରାଉରକେଲା,୨୨।୭(ସଙ୍ଗୀତା ଜେନା)**

**ରେଳବାଇର ଦୋକାନ ଉଚ୍ଛେଦ ନୋଟିସ ମାମଲା**

ରାଉରକେଲା ଷ୍ଟେଶନ ମୁଖ୍ୟ ଦ୍ୱାରର ୨ପାର୍ଶ୍ୱରେ ଥିବା ଚାହାପାନ ଓ ଜଳଖିଆ ଦୋକାନ ଗୁଡ଼ିକୁ ରବିବାର ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ରହିଥିଲା। ପ୍ରାୟ ୪୮ ଜଣ ଉଠାଦୋକାନୀଙ୍କୁ ଏହି ନୋଟିସ ଜାରି କରାଯାଇଛି। ଏ ନେଇ ସୋମବାର ଉକ୍ତ ଦୋକାନୀମାନେ ଆର୍‌ପିଏଫ୍ କାର୍ଯ୍ୟାଳୟରେ ଆସି ଆଲୋଚନା କରିଥିଲେ। ଆର୍‌ପିଏଫ୍ ପକ୍ଷରୁ ଆଗାମୀ ୭୨ ଘଣ୍ଟା ମହଲତ ମଗାଯାଇଥିବା ସୂଚନା ମିଳିଛି। ଭାଜପାର ରଞ୍ଜିତ ନାୟକ, ପ୍ରକାଶ ପାସୱାନ, ରିଙ୍କୁ ସାମଲଙ୍କ ନେତୃତ୍ୱରେ ଦୋକାନୀମାନେ କର୍ତ୍ତୃପକ୍ଷଙ୍କୁ ଭେଟିଥିଲେ।

# ୨୯ରେ ବିଧାନସଭା ଘେରିବେ ୱାର୍ଡକୋଅର୍ଡିନେଟର

**ରାଉରକେଲା,୨୨।୭(ସଙ୍ଗୀତା ଜେନା)**




ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ୱାର୍ଡକୋଅର୍ଡିନେଟର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସହରାଞ୍ଚଳ ନାଗରିକ ମାନଙ୍କୁ ବିଭିନ୍ନ ପ୍ରକାର ସରକାରୀ ସହାୟତା ଯୋଗାଇଦେବା ପାଇଁ ୨୦୨୨ରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଶନ୍ ଶକ୍ତି ଗ୍ରୁପ ଜରିଆରେ ୱାର୍ଡ ଅଫିସ୍ ଗଠନ କରିବାକୁ ଏବଂ ତାର ପରିଚାଳନା ପାଇଁ କର୍ମଚାରୀ ନିଯୁକ୍ତ କରିବାକୁ ରାଜ୍ୟର ସମସ୍ତ ମହାନଗର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କମିଶନର ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରାଞ୍ଚଳରେ ବିଭିନ୍ନ ୱାର୍ଡରେ କାର୍ଯ୍ୟରତ ମିଶନ୍ ଶକ୍ତି ଗ୍ରୁପ ବା ଏସ୍‌ଏଚ୍‌ଜି ମାନେ ୱାର୍ଡ ଅଫିସ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ସାକ୍ଷାତକାର କରି ଚୟନ କରିଥିଲେ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଏସ୍‌ଏଚ୍‌ଜିମାନେ ଦରମା ବାବଦରେ ୨ ହଜାର ଟଙ୍କା( ସର୍ଭିସ ଫି) ରଖି ବଳକା ୧୦ହଜାର ଟଙ୍କା ଏହି କୋଅର୍ଡିନେଟର ମାନଙ୍କୁ ଦେବେ ବୋଲି ନିର୍ଦ୍ଧାରଣ ହୋଇଥିଲା। ଏହି କ୍ରମରେ ରାଉରକେଲା ମହାନଗର ନିଗମର ୪୦ଟି ୱାର୍ଡ ପାଇଁ ୪୦ ଜଣ କୋଅର୍ଡିନେଟର ଚୟନ ଏବଂ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ କୌଣସି ନିଯୁକ୍ତି ମିଳି ନ ଥିଲା। ଏପରିକି ସେମାନଙ୍କ ସପକ୍ଷରେ ତତ୍କାଳୀନ ଶ୍ରମ ମନ୍ତ୍ରୀ ସାରଦା ନାୟକ ଆର୍‌ଏମ୍‌ସି କମିଶନରଙ୍କୁ ପତ୍ର ଲେଖି ନିଯୁକ୍ତି ଦେବାକୁ ଅନୁରୋଧ କରିଥିଲେ। ହେଲେ ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଉକ୍ତ କୋଅଡିନେଟରମାନେ ବାରମ୍ବାର ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଅତିଷ୍ଠ ହୋଇ ରାଜ୍ୟସ୍ତରୀୟ କୋଅଡିନେଟର ସଂଘ ନିଖିଳ ଓଡ଼ିଶା ପୌର ୱାର୍ଡ କୋଅଡିନେଟର ୟୁନିୟନ ଗଠନ କରି ତାହା ଜରିଆରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୟୁନିୟନ୍‌ର ରାଉରକେଲା ଶାଖାର ୪୦ ଜଣ ସଦସ୍ୟ ଉଦିତନଗର ସ୍ଥିତ ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପରେ କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୨୯ରେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସ୍ଥାନୀୟ ଶାଖା ସଭାପତି କୁନ୍ତଳା ବେହେରା, ସାଧାରଣ ସମ୍ପାଦିକା ସୁସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ସୁସ୍ମିତା ବରାଳ, ଶୁଭସ୍ମିତା ବେହେରା, ସଙ୍ଗୀତା ନାୟକ, ସୀମା ସିହ୍ନା, ଅନୁସୂୟା ନାୟକଙ୍କ ସମେତ ୪୦ଜଣ ସଦସ୍ୟ ଏଥିରେ ଯୋଗଦେଇଥିଲେ।

**ଆର୍‌ଏମସି କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ**

ଏହି ଅବସରରେ ସଭାପତି ବେହେରା କହିଥିଲେ, ୟୁନିଅନ୍ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ୟୁଏଲବି (ଅର୍ବାନ ଲୋକାଲ୍ ବଡ଼ି)ୱାର୍ଡ କୋର୍ଡିନେଟର ମାନଙ୍କୁ ତୁରନ୍ତ ବିଧିବଦ୍ଧ ଭାବେ କର୍ମରେ ନିୟୋଜିତ କରାଯାଉ। ସେମାନଙ୍କ ଦରମା ନିୟମିତ କରାଯାଉ ଆଦି ଦାବି ରହିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜୁନ୍ ୨୫ରେ ୟୁନିୟନ୍ ଭେଟି ଦାବି ଉପସ୍ଥାପନ କରିସାରିଛି। ଏହା ପୂରଣ ନ ହେଲେ ୨୯ରେ ବିଧାନସଭା ଘେରାଉ ସୁନିଶ୍ଚିତ କରାଯିବ ବୋଲି ବେହେରା କହିଥିଲେ। ସୂଚନାଯୋଗ୍ୟ, ୟୁଏଲବିର ଅନଔପଚାରିକତା କାର୍ଯ୍ୟ ଯଥା ହୋଲଡିଂ ଟ୍ୟାକ୍ସ ସଂଗ୍ରହ, ପିଏଚଡି ପାଣିବିଲ୍ ସଂଗ୍ରହ, ଟ୍ରେଡ୍ ଲାଇସେନ୍ସ, ମାସିକ ଭତ୍ତା ବଣ୍ଟନ, ନୂତନ ଏସ୍‌ଏଚ୍‌ଜି ଗଠନ ସମେତ ୩୦ରୁ ଉର୍ଦ୍ଧ୍ୱ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହାପାଇଁ ସେମାନଙ୍କୁ କୌଣସି ଦରମା ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

### ଗୃହସ୍ଥି ପକ୍ଷରୁ କର୍ମକର୍ତ୍ତା ବୈଠକ

**ରାଉରକେଲା,୨୨।୭(ଦିନେଶ ମିଶ୍ର)**

ଏକ ଘରୋଇ ହୋଟେଲ ପରିସରରେ ଗୃହସ୍ଥିର ମାସିକ ବ୍ୟବସାୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଆରମ୍ଭ ପୂର୍ବରୁ ଗୋ-ମାତା, ଗୁରୁମାତା ପୂଜାର୍ଚ୍ଚନା କରାଯାଇଥିଲା। ବୈଠକରେ ଗୃହସ୍ଥୀର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଗୃହସ୍ଥିର ବର୍ତ୍ତମାନ ସ୍ଥିତି, ଉତ୍ପାଦନ ବିକାଶ, ଭବିଷ୍ୟତରେ ନୂଆ ଲଞ୍ଚିଙ୍ଗ୍ ଉତ୍ପାଦଗୁଡିକର ଯୋଜନା ଓ ସେମାନଙ୍କ ବିକ୍ରୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ଏରିଆ ସେଲ୍ସ ମୁଖ୍ୟ ଅନୁଜ କୁମାର, ସ୍ୱର୍ଣ୍ଣପ୍ରିୟା ନାୟକ, ସନ୍ଦୀପ ପରମାଣିକ, ଅବିନାଶ ମିଶ୍ର, ରତନ କଂସାରୀ ସହିତ ସମସ୍ତ ବିକ୍ରୟ ଦଳ ଭାଗ ନେଇଥିଲେ। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବାଣିଜ୍ୟ ଉତ୍କୃଷ୍ଟତାକୁ ପ୍ରୋତ୍ସାହନ ଦେବା ଓ ନୂଆ ଉତ୍ପାଦଗୁଡିକ ପାଇଁ ଏକ ରଣନୀତି ରୋଡମ୍ୟାପ୍ ତିଆରି କରିବା। ଏହି ବୈଠକରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ସାମଗ୍ରୀର ନବୀକରଣ ଓ ନିରନ୍ତର ସୁଧାର ଦିଗରେ କମ୍ପାନୀକୁ ଅଧିକ ଧ୍ୟାନ ଦେବା ଦିଗରେ ନିର୍ଣ୍ଣୟ କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳିତ

ଦେବଗଡ଼,୨୨।୭
(ଶଶାଙ୍କ ଶେଖର ଝାଙ୍କର)

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁରଡ଼ରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ପାଳନ ହେଇଯାଇଛି। ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ଉକ୍ତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଏହାର ବ୍ୟବହାର ଓ ଜ୍ଞାନମୂଳକ ଲକ୍ଷ୍ୟ ବିଷୟରେ କହିଥିଲେ। ସମସ୍ତ ଛାତ୍ରୀଛାତ୍ର ଆଗ୍ରହ ସହକାରେ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ୨୨ରୁ ଆରମ୍ଭ ହୋଇ ୨୮ ତାରିଖରେ ସମାପ୍ତ ହେବ। ସରକାରଙ୍କ ଏହା ଏକ ସୁନ୍ଦର ଅଭିନ ଯୋଜନା। ଏହା ଦ୍ୱାରା ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ଜ୍ଞାନ ବୃଦ୍ଧି କରିବାର ସୁଯୋଗ ପାଇବା ସହିତ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ସକାରାତ୍ମକ ହୋଇପାରିବ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଧରିତ୍ରୀ ରାୟ, ମମତା ଶତପଥି, ଜୟନ୍ତୀ ମିଶ୍ର, ଅହଲ୍ୟା ସାହୁ, ନୀଳିମା ବେହେରା, ସୁଶାନ୍ତି ବାସନ୍ତରା, ଶିକ୍ଷକ ତପନ କୁମାର ନାୟକ, ଲିଙ୍ଗରାଜ ପ୍ରଧାନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଟାଇସର କ୍ଲଷ୍ଟର ସିଆରସିସି ଭେନସ କୁମାର ପ୍ରଧାନ ନିରୀକ୍ଷଣ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲ।

### ଗୁରୁପୂର୍ଣ୍ଣିମାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୨।୭(ସଞ୍ଜୟ ମାଲି)

ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଝାରସୁଗୁଡ଼ା ପୂର୍ବତନ ବିଧାୟିକା ସୁଶ୍ରୀ ଦୀପାଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୌର ପରିଷଦ ଅଧକ୍ଷା ରାନୀ ହାତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ନିଜର ଆଶ୍ରି ବଚନ ରଖିଥିଲେ। ବିଦ୍ୟାଳୟର ସମସ୍ତ ପ୍ରକାର ସୁବ୍ୟବସ୍ଥା ଆଗାମୀ ଦିନରେ କରିବା ପାଇଁ ଚେଷ୍ଟା କରିବେ ଏବଂ ପିତାମାତା ହିଁ ଶିଶୁଙ୍କ ପ୍ରକୃତ ଗୁରୁ ବୋଲି ମୁଖ୍ୟଅତିଥି ଦାସ କହିଥିଲେ। ବିଦ୍ୟାଳୟର ଶତ ପ୍ରତିଶତ ସଫଳତା ଆଗାମୀ ଦିନରେ ଶିଶୁଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିବ ବୋଲି ମଧ୍ୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଦାସ, ପଞ୍ଚପଡ଼ା ସିଆର୍‌ସିସି ସୁରଜ ପଟେଲ, ଉଦିତ ପଣ୍ଡା, କ୍ଷମାଶୀଳ ଭୈଷାଲ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝି ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱର୍ଗତ ମନ୍ତ୍ରୀ ନବଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବ୍ୟବସ୍ଥା କରାଇଥିଲେ। ବିଦ୍ୟାଳୟ ବରିଷ୍ଠ ଆଚାର୍ଯ୍ୟ ମନ୍ଦାକିନୀ ମାକର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରଜୁ ପଟେଲ, ତାରିଣୀପ୍ରିୟା ମହାନ୍ତି, ଚନ୍ଦ୍ରିକା କିଷାନ କାର୍ଯ୍ୟକ୍ରମ ବୌଦ୍ଧିକ ବ୍ୟବସ୍ଥା କରାଇଥିଲେ। ଝରଣା ସାହୁ, ବୀଣାପାଣି ପ୍ରଧାନ, ଶାରଦା ପଟେଲ, ବର୍ଷାରାଣୀ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟରେ ଶତାଧିକ ଶିଶୁଭାଇ ଭଉଣୀ ଓ ଅଭିଭାବକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ କୋଷାଧକ୍ଷ ପ୍ରିୟଙ୍କା ସାହୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ବେକାରି ସମସ୍ୟା ଉପରେ ଗୁରୁତ୍ୱ

## ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିଭିନ୍ନ ସମସ୍ୟା ଉପରେ ଆଲୋଚନାଚକ୍ର


ଆଞ୍ଚଳିକ ବିକାଶ ପରିଷଦ ସଦସ୍ୟମାନେ ଆଲୋଚନା କରୁଛନ୍ତି।

ଝାରସୁଗୁଡ଼ା,୨୨।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରର ଏକ ଘରୋଇ ହୋଟେଲ ସଭାଗୃହରେ ଝାରସୁଗୁଡ଼ା ଆଞ୍ଚଳିକ ବିକାଶ ପରିଷଦର ଅଧକ୍ଷ ମନମୋହନ ପଣ୍ଡିତଙ୍କ ଅଧକ୍ଷତାରେ ଜିଲାର ବିଭିନ୍ନ ସମସ୍ୟା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛ। ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳର ପରିବେଶ ପ୍ରଦୂଷଣ ଶିକ୍ଷା, ସ୍ୱାସ୍ଥ୍ୟ, ଟ୍ରାଫିକ, ପାର୍କିଂ, ପରିମଳ ବ୍ୟବସ୍ଥା, ବେକାରି ସମସ୍ୟା, ବିଦ୍ୟୁତ୍‌ର ଲୁଚକାଳି, ଜଳସେଚନ, ଶୀତଳ ଭଣ୍ଡାର ଅଭାବ ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଝାରସୁଗୁଡ଼ା ଜିଲା ୧୯୯୪ ଜାନୁଆରୀ ୧ ତାରିଖରେ ଜିଲା ମାନ୍ୟତା ପାଇଥିବା ସତ୍ତ୍ୱେ ଦୀର୍ଘ ୩୨ ବର୍ଷ ହେବ ଜିଲାର ସର୍ବ ପୁରାତନ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇ ନ ଥିବା ଜିଲା ପାଇଁ ଏହା ଏକ ଦୁଃଖର ବିଷୟ। ଜିଲାରେ ୨୦୦୦ରେ ବିଭିନ୍ନ ଶିଳ୍ପାନୁଷ୍ଠାନ ଗଢ଼ିଉଠିଥିବା ବେଳେ ଦୀର୍ଘ ୨୪ ବର୍ଷ ହେବ ଝାରସୁଗୁଡ଼ାବାସୀ ପ୍ରଦୂଷଣର ଶିକାର ହୋଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ଯାଉଥିବା ପରିଲକ୍ଷିତ ହେଉଛି। ରାତି ୧୦ଟା ପରେ ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡିକ ନିର୍ଗତ ଧୁଆଁ ଛାଡୁଥିବା ବେଳେ ପରିବେଶ ପ୍ରଦୂଷଣ ହେଉଛି। ପ୍ରଦୂଷଣ ବିଭାଗ ଚୁପ ହୋଇ ବସିଛି। ଶିଳ୍ପାନୁଷ୍ଠାନ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ କରୁନାହିଁ। ବିଭିନ୍ନ ଶିଳ୍ପାନୁଷ୍ଠାନରେ ବାହାର ରାଜ୍ୟ ତଥା ବାହାର ଜିଲାର ଯୁବକ ଯୁବତୀ ନିଯୁକ୍ତି ପାଉଥିବା ବେଳେ ଦୀର୍ଘ ୨୫ ବର୍ଷ ହେବ ସ୍ଥାନୀୟ ନିଯୁକ୍ତିକୁ ଉପକ୍ଷେତ କରୁଥିବା ବେଳେ କୌଣସି ସମୀକ୍ଷା କରୁ ନ ଥିବା ପରିଲକ୍ଷିତ ହେଉଛି। ଅନ୍ୟପଟେ ଦେଖିବାକୁ ଗଲେ ଗତ କିଛି ବର୍ଷ ତଳେ ଝାରସୁଗୁଡ଼ା ସହର ଉପକଣ୍ଠରେ କୋଟି କୋଟି ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ସରକାରୀ ଡାକ୍ତରଖାନା ପ୍ରତିଷ୍ଠା ହୋଇଥିବାବେଳେ ବିଭିନ୍ନ ସମୟରେ ଡାକ୍ତର ଆଉଟଡୋର୍‌ରେ ବସୁ ନ ଥିବାରୁ ରୋଗିମାନେ ଉପଯୁକ୍ତ ଚିକିତ୍ସା ପାଇ ପାରୁନାହାନ୍ତି। ଡାକ୍ତରଖାନାରେ ବେଳେ ବେଳେ ଲୋକେ ପାଣି ବୁନ୍ଦାଏ ପାଇଁ ତହଳ ବିକଳ ହେଉଥିବା ବେଳେ ସାମାନ୍ୟ ଚିକିତ୍ସା ପାଇଁ ସମ୍ବଲପୁର ଓ ବୁର୍ଲାକୁ ପଠାଉଛି। ସହରର ମୁଖ୍ୟ ରାସ୍ତା ଉପରେ ଦୀର୍ଘ ବର୍ଷରୁ ଟ୍ରାଫିକ ଓ ପାର୍କିଂ ଅବସ୍ଥା ଗୁରୁତର ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ବାହାର କରିବାରେ ଜିଲା ପ୍ରଶାସନ ଫେଲ ମାରିଛି। ଆଗାମୀ ଦିନରେ ଝାରସୁଗୁଡା ଜିଲା ସମସ୍ୟା ଘେରରୁ କିପରି ବାହାରି ପାରିବ ତାହା ଚର୍ଚ୍ଚା ହୋଇଥିଲା। ଆଲୋଚନାଚକ୍ରରେ ଆଞ୍ଚଳିକ ବିକାଶ ପରିଷଦର ତ୍ରିନାଥ ଗୁଆଲ, ବାଦଲ ଦାସ, ସରୋଜ କୁଅଁର, ତପନ ବାରିକ, ନିମାଇଁ ଚରଣ ବେହେରା, ନିରୋଧ କାନ୍ତ ମିଶ୍ର, ନାରାୟଣ ମହାପାତ୍ର, ନରେନ୍ଦ୍ର ପଣ୍ଡା, ଟନ୍ନୁ ମୋଦୀ, ଭରତ ସାହୁ, ନଟୁ ସଙ୍ଗାଇ, ସମେତ ବିଭିନ୍ନ ସକ୍ରିୟ ସଦସ୍ୟ ଯୋଗଦେଇ ଝାରସୁଗୁଡ଼ାର ବିଭିନ୍ନ ସମସ୍ୟା ଉପରେ ନିଜର ମତାମତ ଦେଇଥିବା ବେଳେ ଆଗାମୀ ଦିନରେ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ପାଇଁ ସହମତି ହୋଇଥିଲା।

## ପ୍ରସିଦ୍ଧ ଗଣେଶ ମେଳା ଉପଲକ୍ଷେ

# 'ଶ୍ରୀ ଗଣେଶ ଲଡୁ ଲକି କୁପନ' ଉନ୍ମୋଚିତ


ଶ୍ରୀଗଣେଶ ଲଡୁ ଲକି କୁପନ ଉନ୍ମୋଚନ କରାଯାଉଛି।

ଦେବଗଡ଼,୨୨।୭
(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟର ଅନ୍ୟତମ ସୁପ୍ରସିଦ୍ଧ ଦେବଗଡ ଗଣେଶ ମେଳା ପାଇଁ ଦେବଗଡ ସାର୍ବଜନୀନ ଗଣେଶ ମେଳା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଅନ୍ୟ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଲକି ଡ୍ର ମାଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ଶ୍ରୀଗଣେଶ ଲଡୁ ପ୍ରାପ୍ତ ହେବ। ତେବେ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଅଧିକ ଆକର୍ଷଣ କରିବା ପାଇଁ ଲକି ଡ୍ର ଜରିଆରେ 'ଶ୍ରୀ ଗଣେଶ ଆଶୀର୍ବାଦ ଲଡୁ'ସହିତ ପ୍ରଥମ ପୁରସ୍କାର ଭାବେ ହୋଣ୍ଡା ସାଇନ ବାଇକ ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ପୁରସ୍କାର ଭାବେ ୪୩ ଇଞ୍ଚର ଏଲଇଡି ଟିଭି ଓ ସାନ୍ତ୍ୱନା ମୂଳକ ପୁରସ୍କାର ଭାବେ ୭ଟି ମିକ୍ସର ଗ୍ରାଇଣ୍ଡର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେମବାର ସନ୍ଧ୍ୟାରେ ଏଥିପାଇଁ 'ଶ୍ରୀ ଗଣେଶ ଲଡୁ ଲକି କୁପନ' ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଛକରେ ସାର୍ବଜନୀନ ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱ ଓ ଉପସଭାପତି ଜନ୍ମାଜୟ ନାୟକଙ୍କ ସଂଯୋଜନାରେ ଉନ୍ମୋଚନ କାର୍ଯ୍ୟକ୍ରମରେ କମିଟି ପୂର୍ବତନ ସଭାପତି ସୁଶୀଳ କୁମାର କପରଦାର, ପୂର୍ବତନ ସଭାପତି ନବୀନ କୁମାର ପାଣି, ଇଂ. ସୁଜିତ କୁମାର ପ୍ରଧାନ, ସତ୍ୟ ନାରାୟଣ ପାଣି, ସିଦ୍ଧାର୍ଥ ଗୁରୁ, ରାଜକିଶୋର ଦାଶ, ସମ୍ଭୁନାଥ ଗୋଏଲ, ବରିଷ୍ଠ ବ୍ୟବସାୟୀ ଗୋପାଳ ଅଗ୍ରୱାଲା, ଅଲେଖ ଚନ୍ଦ୍ର ସାହୁ, ଦୟାନିଧି ସାହୁ, ନେତ୍ରାନନ୍ଦ ସାହୁ, ରାମ ଅବତାର ଅଗ୍ରୱାଲା, ପୂର୍ଣ୍ଣଚନ୍ଦ୍ର ସାହୁ, ମୋହନ ଅଗ୍ରୱାଲା, କ୍ଷୀତିଶ ଚନ୍ଦ୍ର ପ୍ରଧାନ, ଗୌତମ ସାମଲ, ଆଇନଜୀବୀ ଦିଲୀପ କୁମାର ଗୁରୁ ଓ ମନୋଜ କୁମାର ପାଢୀ ପ୍ରମୁଖ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି କପରଦାର କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସେହିପରି କମିଟି ପକ୍ଷରୁ ଉପରୋକ୍ତ ସମସ୍ତ ଅତିଥିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯିବା ପରେ ସଭାପତି ସାହୁ ଓ ସମ୍ପାଦକ ମହାପାତ୍ରଙ୍କ ସମେତ ସମସ୍ତ ଅତିଥିଙ୍କ ଦ୍ୱାରା 'ଶ୍ରୀ ଗଣେଶ ଲଡୁ ଲକି କୁପନ' ଉନ୍ମୋଚିତ ହୋଇଥିଲା। ଶେଷରେ ଆୟୋଜକ ସାର୍ବଜନୀନ ଗଣେଶ ମେଳା କମିଟି ସମ୍ପାଦକ ସୁରଞ୍ଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କମିଟି ସହସମ୍ପାଦକ ପ୍ରଭାତ ସାହୁ, କୋଷାଧକ୍ଷ ପ୍ରଜିତ କୁମାର ଭୋଜ, ସହକୋଷାଧକ୍ଷ କୃଷ୍ଣ ମେହେର, ସୁଶୀଳ କୁମାର ଭୋଇ ଓ ବିରେନ ନାୟକ ସହଯୋଗ କରିଥିଲେ।

### ଶୋକସଭାରେ ରାମଚରଣଙ୍କ ସ୍ମୃତିଚାରଣ

ସମ୍ବଲପୁର,୨୨।୭(ବି.ଶଙ୍କର)

ସେତୁ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ରାମଚରଣ ଗୁରୁଙ୍କ ବିୟୋଗରେ ସୋମବାର ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଏନ ଗୁହା ଲେନ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଡାକ୍ତର ରମାବଲ୍ଲଭ ମିଶ୍ର ଅଧକ୍ଷତା କରିଥିଲେ । ସଭାରେ ସ୍ୱର୍ଗତ ଗୁରୁଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ଶଙ୍କର ପ୍ରସାଦ ପତି, ବିଦ୍ୟାର୍ଣ୍ଣ ପଣ୍ଡା, ଡ. ଶ୍ୟାମ ସୁନ୍ଦର ଧର, ସମ୍ପାଦକ ସୁକାନ୍ତ କର, ସହସମ୍ପାଦକ ଜୟକୃଷ୍ଣ ବେହେରା, ସୁବ୍ରତ ପଟ୍ଟନାୟକ ପ୍ରମୁଖ ସଭ୍ୟମାନେ ତାଙ୍କ ସ୍ମୃତିଚାରଣ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସୁନୀଲ


@ ଜିତେନ


@ ପଦ୍ମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୨।୭
(ଶଶାଙ୍କ ଶେଖର ଝାଙ୍କର)


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼ ଜିଲା ରିଆମାଳ ବ୍ଲକ କଲହବସା କୋଲ୍ହବସା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଆସିଥିବା ୩୭ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୨୦ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୭ଟି ସାମୂହିକ ସମସ୍ୟା ରହିଥିଲା। ରାସ୍ତା ମରାମତି, ନଳକୂପ, ବିଦ୍ୟୁତ୍ ସମସ୍ୟା, ଶିକ୍ଷକ ନିଯୁକ୍ତି, ପ୍ରଧାନମନ୍ତ୍ରୀ ଆବାସିକ ଗୃହ, ୦.୦୪ ଜମିର ପଟ୍ଟା, ରାଶନ କାର୍ଡ, ପାଇଖାନା, ହାତୀ ଉପଦ୍ରବ ରକ୍ଷା ନିମନ୍ତେ ଜନସାଧାରଣମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ବନଖଣ୍ଡ ଅଧିକାରୀ ମଗରଧନାଜୀ ରାଓସ୍ୱ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇଲେରିଆ ନିରାକରଣ ନେଇ ଆଲୋଚନା



ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧକାରୀ ଆଲୋଚନା କରୁଛନ୍ତି।

ଝାରସୁଗୁଡ଼ା,୨୨।୭(ସଞ୍ଜୟ ମାଲି)

ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କିତ ଝାରସୁଗୁଡ଼ା ବ୍ଲକସ୍ତରୀୟ ସମନ୍ୱୟ ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଝାରସୁଗୁଡ଼ା ବ୍ଲକରେ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବୈଠକରେ ବ୍ରଜରାଜନଗର ଓ ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତାଳପଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ପ୍ରୋଗ୍ରାମର, ପିଏଚଇଓ ଅଶୋକ କୁମ୍ଭାର, ଡିଓ-ଏନଟିଡି ଚୌଧୁରୀ ଅଂଶୁମାନ ରାୟ ପ୍ରମୁଖ ଉପସ୍ଥିତ ରହି ଫାଇଲେରିଆ ରୋଗର ନିରାକରଣ ପାଇଁ ସରକାର ପକ୍ଷରୁ ଦିଆଯାଉଥିବା ଔଷଧ ଯେପରି ସମସ୍ତେ ସେବନ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗର୍ଭବତୀ ମହିଳା, ୨ବର୍ଷରୁ କମ ବୟସର ଶିଶୁ ଓ ଅତି ଜଟିଳ ରୋଗରେ ଆକ୍ରାନ୍ତ ହୋଇଥିବା ଲୋକମାନେ ଏହି ଔଷଧ ସେବନ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ରୁଦ୍ର ପ୍ରତାପ ମେହେର ବିଭିଡି ସୁପରଭାଇଜର ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ଭାବେ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ।

# ଶିକ୍ଷକ ମହଲରେ କୋକୁଆ ଭୟ

- ଠିକ୍ ଭାବେ କର୍ତ୍ତବ୍ୟ ସମ୍ପାଦନ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ଭର୍ଚୁଆଲ ବୈଠକ କରି ପ୍ରଧାନଶିକ୍ଷକମାନଙ୍କୁ ସଚେତନ
- ଆକସନ୍ ମୋଡ଼ରେ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ

ଦେବଗଡ଼, ୨୨।୭
(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲାରେ ନିର୍ଦ୍ଦିଷ୍ଟ କେତେକ ବିଦ୍ୟାଳୟର କେତେଜଣ ଶିକ୍ଷକ ନିଜର କର୍ତ୍ତବ୍ୟ ସମ୍ପାଦନରେ ଅବହେଳା କରୁଥିବା ଅଭିଯୋଗ ପରେ ଜିଲା ଶିକ୍ଷା ବିଭାଗ ତତ୍ପର ହୋଇଉଠିଛି। ଜିଲା ଶିକ୍ଷା ଅଧିକାରୀ ରବିବାର ଭର୍ଚୁଆଲ ବୈଠକ କରି ପ୍ରଧାନଶିକ୍ଷକମାନଙ୍କୁ ସଚେତନ ଓ ତାଗିଦ କରିଛନ୍ତି। ଯେଉଁ ବିଦ୍ୟାଳୟରେ ଯେଉଁ ଶିକ୍ଷକ ଠିକ୍ ଭାବେ କର୍ତ୍ତବ୍ୟ ସମ୍ପାଦନ ନ କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କର୍ତ୍ତବ୍ୟ ସମ୍ପାଦନ ଉପରେ ନଜର ରଖିବାକୁ ଜିଲା ଶିକ୍ଷାଧିକାରୀ ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନଙ୍କୁ ତାଗିଦ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ଏହି ତାଗିଦ ପରେ ଶିକ୍ଷକମାନଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଯେଉଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ମନଇଚ୍ଛା ବିଦ୍ୟାଳୟକୁ ଯିବାଆସିବା କରୁଥିଲେ ସେମାନଙ୍କ ମଧ୍ୟରେ ଛନକା ପଶିଯାଇଛି। ଆକସନ୍ ମୋଡ଼ରେ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ଥିବାରୁ କେତେବେଳେ କେଉଁ ବିଦ୍ୟାଳୟକୁ ଅଚାନକ ଯାଞ୍ଚ କରିବାର ସମ୍ଭାବନା ରହିଛି। ଏନେଇ ଜିଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କୁ ପଚାରିବାରୁ କହିଲେ, ଭର୍ଚୁଆଲ ମିଟିଂକରି ସମସ୍ତ ପ୍ରଧାନଶିକ୍ଷକଙ୍କୁ ସଚେତନ କରାଯାଇଛି। ଠିକ୍ ଭାବେ କର୍ତ୍ତବ୍ୟ ସମ୍ପାଦନ ନ କଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଗ୍ରହଣ କରାଯିବ। ଜିଲା ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ଦେବଗଡ଼ ଜିଲାର ଅନେକ ବୁଦ୍ଧିଜୀବୀ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି। 'ପାଠପଢାଇବାରେ କମ, ରାଜନୀତିରେ ବେଶି ଧ୍ୟାନ' ଶୀର୍ଷକରେ ଏକ ଖବର ଧରିତ୍ରୀରେ ରବିବାର ପ୍ରକାଶ ପାଇବା ପରେ ଦେବଗଡ଼ ଜିଲା ଶିକ୍ଷା ବିଭାଗ ତତ୍ପର ହୋଇଉଠିଛି। ଏହି ଖବରରେ ପ୍ରକାଶ ପାଇଥିଲା ଯେ, ଦେବଗଡ଼ ଜିଲାରେ ନିର୍ଦ୍ଦିଷ୍ଟ କେତେକ ଶିକ୍ଷକ ପାଠ ପଢାଇବା ଅପେକ୍ଷା ରାଜନୀତି ପ୍ରତି ବେଶୀ ଧ୍ୟାନ ଦେଉଛନ୍ତି। ଫଳରେ ପାଠପଢାର ମାନ କମିଯାଉଛି। ସେହିପରି କେତେକ ସ୍ଥାନରେ ଶିକ୍ଷକମାନେ ମନଇଚ୍ଛା ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି। ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ଅଚାନକ ଯାଞ୍ଚ କଲେ ଏହି ଶିକ୍ଷକମାନେ ଧରାପଡ଼ନ୍ତେ ବୋଲି କୁହାଯାଉଛି। ଏହି ଖବର ଜିଲାରେ ବେଶ୍ ଚର୍ଚ୍ଚା ହୋଇଥିଲା। ଶିକ୍ଷାବିଭାଗ, ଶିକ୍ଷକ ମହଲରେ ଏହି ଖବରକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା।



ଦେବଗଡ଼ ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ।

# କାଠ, ବାଉଁଶରେ ପୋଲ ତିଆରି କଲେ ଗ୍ରାମବାସୀ

ଭବାନୀପାଟଣା,୨୨।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ରିଷିଗାଁ ପଞ୍ଚାୟତ ଅନ୍ତର୍ଗତ ଟିକ୍ରାପଡା ଗ୍ରାମ ମୁଣ୍ଡାପଲାକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଯୋଗୁ ଶୋଚନୀୟ ହୋଇପଡିଛି। ଯାହାଫଳରେ ଏଠାରେ ବସବାସ କରୁଥିବା ଲୋକମାନେ ଯାତାୟାତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ଯୋଗୁ ମୁଣ୍ଡାପଲାକୁ ସଂଯୋଗ କରୁଥିବା ରାସ୍ତା ବିଚ୍ଛିନ୍ନ ହେବାରୁ ଯାତାୟାତ ବ୍ୟାହତ ହୋଇଥିଲା। ପ୍ରଶାସନକୁ ଜଣାଇବା ପରେ ସୁଫଳ ନ ମିଳିବାରୁ ଏବେ ଗ୍ରାମବାସୀ ଉକ୍ତ ସ୍ଥାନରେ କାଠ ଓ ବାଉଁଶ ସାହାଯ୍ୟରେ ପୋଲ ନିର୍ମାଣ କରିଛନ୍ତି। ଏହି ପୋଲରେ ବର୍ତ୍ତମାନ ସେମାନେ ଯାତାୟାତ କରୁଛନ୍ତି।


କାଠ ଓ ବାଉଁଶ ସାହାଯ୍ୟରେ ପୋଲ ତିଆରି କରୁଛନ୍ତି ଗ୍ରାମବାସୀ।

# ପ୍ରଥମ ସୋମବାରରେ ଶୈବପୀଠ ଚଳଚଞ୍ଚଳ

ନୂଆପଡ଼ା,୨୨।୭ (ମକାରୁ ବେମାଲ)

ଶ୍ରାବଣ ମାସର ପ୍ରଥମ ସୋମବାରରେ ନୂଆପଡ଼ା ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ସଦର ବ୍ଲକ ପତୋରା ଯୋଗେଶ୍ୱର ପୀଠ ଓ ବୋଡେନ ବ୍ଲକ ଐତିହାସିକ ପାତଳଗଙ୍ଗା ତୀର୍ଥ ସ୍ଥଳରୁ ଜଳ ଉଠାଣ ପାଇଁ କାଉଡିଆଙ୍କ ଭିଡ ଲାଗିଥିଲା। କାଉଡିଆ ଜଳ ଉଠାଇ ଶିବ ବାବା ପାର କରେଗା, ତ୍ରିଶୂଳ ଧାରୀ ପାର କରେଗା ଆଦି ଧ୍ୱନି ଦେଇ ରାସ୍ତାରେ ଯାଉଥିବା ଦେଖାଯାଇଥିଲା। କାଉଡିଆମାନଙ୍କୁ ସେବା ଯୋଗାଇଦେବା ପାଇଁ ପାତଳଗଙ୍ଗା ଠାରେ ପ୍ରାଦେଶିକ ମାରୱାଡି ସମ୍ମିଳନ ଓ ପତୋରାଠାରେ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରବିବାର ଓ ସୋମବାର କାଉଡିଆମାନଙ୍କ ପାଇଁ ରହିବା ଓ ଖାଇବା ବନ୍ଦୋବସ୍ତ କରିଛନ୍ତି । କାଉଡିଆଙ୍କ କୌଣସି ଅସୁବିଧା ନ ହେବା ପାଇଁ ଟ୍ରଷ୍ଟ ତରଫରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ମୁରଲୀଧର ପଣ୍ଡା କହିଛନ୍ତି ।

# ଗୁରୁପୂର୍ଣ୍ଣିମା ଅବସରରେ ବୃକ୍ଷରୋପଣ

କୋକସରା,୨୨।୭ (ଦୁଷ୍ମନ୍ତ କୁମାର ପାଢୀଯୋଷୀ): ଗୁରୁପୂର୍ଣ୍ଣିମା ଉପଲକ୍ଷେ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ଜୟପାଟଣା ସମିତି ଆନୁକୂଲ୍ୟରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଁଲୀ ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଲା ସଭାପତି ବେଣୁଧର କୁମାର, ରାଜ୍ୟ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲାର ବିଭିନ୍ନ ସମିତିର କନଭେନର ଓ ସତ୍ୟସାଇ ଅନୁଷ୍ଠାନର ଭଉଣୀଭାଇ ଉପସ୍ଥିତ ଥିଲେ। ଏହି ଅବସରରେ ୧ ହଜାର ଚାରା ରୋପଣ କରାଯାଇଛି।

DIRECT ADMISSION SPOT ADMISSION
IMPERIAL PRESIDENCY HIGHER SECONDARY (+2) COLLEGE
Shanti Nagar, Khariar, Dist-Nuapada
ARTS & SCIENCE
100% Result
Admission 24th to 30th July
For Arts: 15,000/- only
(Including Books & Uniform)
For Science : 20,000/- only (Books & Uniform)
Hostel Facilities for (Boys & Girls)
Contact: 8249908311, 9556711974

# ଭତରା କର୍ମଚାରୀ ସଂଘର ବନ୍ଧୁମିଳନ


ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ ବ୍ୟକ୍ତିବିଶେଷ।

ଜୟପାଟଣା,୨୨।୭ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଉଛୁଲା ଗ୍ରାମ୍ଠାରେ ଜିଲା ଭତରା କର୍ମଚାରୀ ସଂଘର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଦ୍ରୁପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଭତରା ସମାଜର ସଭାପତି କୈଳାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଭତରା ଜନ କଲ୍ୟାଣ ସମିତିର ଉପସଭାପତି ଦୟାନିଧି ପୂଜାରୀ ମୁଖ୍ୟବକ୍ତା, ଜୟପାଟଣା ବ୍ଲକ ସଭାପତି ଦିଗମ୍ବର ମାଝି, ଉଛୁଲା ସରପଞ୍ଚ ହେମନ୍ତ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦନ୍ତେବାଡାରୁ ଅଣାଯାଇଥିବା ମା' ଦନ୍ତେଶ୍ୱରୀଙ୍କ ଫୁଲ ବିନତୀକୁ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଗୋପିଚନ ନାଏକ, ନିଳକଣ୍ଠ ମାଝି, ରାମକୃଷ୍ଣ ମାଝି, ଲୋକନାଥ ମାଝି ଓ କ୍ଷୀରୋଦ ମାଝିଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଦଶମ ଓ ଯୁକ୍ତ ୨ରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

GOVERNMENT OF ODISHA
No.O-129
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE : SUNDARGARH
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No. Tender Online - RWCCESNG - 05 of 2024-25, Letter No - 1573 / Dtd. 19.07.2024
e-Procurement NOTICE
1. Type of the Work : Road (NTPC Deposit)
2. Class of Contractor : As specified in the column - 6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of Seeking Tender Clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 05 of 2024-25 | 29.07.2024 11:00 AM | 17.08.2024 5:00 PM | 16.08.2024 5:00 PM | 20.08.2024 11:00 AM | Will be intimated separately |

Further details can be seen from the website www.tendersodisha.gov.in
Sd./-Chief Engineer (Design & Quality Control)
Chief Construction Engineer (I/C)
Rural Works Circle, Sundargarh
OIPR-25133/11/0010/2425

OFFICE OF THE DISTRICT LEGAL SERVICES AUTHORITY, NABARANGPUR
TENDER CALL NOTICE
Dated, this the 22nd day of July, 2024
Sealed quotations/ tenders are invited from interested reputed Travel Agencies/ Tour Operators/ Private individuals for providing 01 (One) No. of **Tiago/ Bolt/ Celerio/ Dzire/ Etios (Petrol) etc. AC** driven vehicles including driver, which shall conform to the terms and conditions prescribed in **(Annexure-A)** for official use in District Legal Services Authority, Nabarangpur on monthly rent basis:
For details information, applicants are advised to visit our official website i.e. https://oslsa.nic.in/nabarangpur or https://nabarangpur.dcourts.gov.in or https://nabarangpur.odisha.gov.in & it shall also be made available in the notice board of District Court, Nabarangpur & notice board of Collectorate, Nabarangpur. Applications along with relevant documents must reach the Office of the undersigned on or before **07.08.2024** by **01:00 P.M** by **registered/ speed post/ by hand** & shall be opened on the same day at 04:30 P.M at District Court Complex, Nabarangpur.
**Sd./- Secretary,D.L.S.A., Nabarangpur**

# ୨୯ରେ ୱାର୍ଡ କୋଅର୍ଡିନେଟର ୟୁନିୟନର ଭୁବନେଶ୍ୱର ଚାଲ ଡାକରା

ଭବାନୀପାଟଣା,୨୨।୭ (ଉତ୍ତମ କୁମାର ଦାଶ)

ସହରାଞ୍ଚଳର ନାଗରିକମାନଙ୍କୁ ବିଭିନ୍ନ ପ୍ରକାର ସରକାରୀ ସେବା ଯୋଗାଇଦେବା ପାଇଁ ପୂର୍ବ ସରକାର ୨୦୨୨ରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଶନ ଶକ୍ତି ଗ୍ରୁପ ଜରିଆରେ ୱାର୍ଡ଼ ଅଫିସ ଗଠନ ଓ ତା'ର ପରିଚାଳନା ପାଇଁ କର୍ମଚାରୀ ନିଯୁକ୍ତ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପ୍ରକାରେ ସହରାଞ୍ଚଳର ବିଭିନ୍ନ ୱାର୍ଡ଼ରେ କାର୍ଯ୍ୟରତ ମିଶନ ଶକ୍ତି ଗ୍ରୁପ ବା ଏସ୍‌ଏଚ୍‌ଜିମାନେ ୱାର୍ଡ଼ ଅଫିସ ପାଇଁ ଜଣେ ଲେଖାଏ ୱାର୍ଡ଼ କୋଅର୍ଡ଼ିନେଟରଙ୍କୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ସାକ୍ଷାତକାର କରି ଚୟନ କରିଥିଲେ। ହେଲେ ପରିତାପର ବିଷୟ ଚୟନର ୧ ବର୍ଷରୁ ଅଧିକ ପରେ ବି ବିଧିବଦ୍ଧ ଭାବେ କାର୍ଯ୍ୟରେ ନିୟୋଜିତ କରାଯାଇନାହିଁ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ୱାର୍ଡ଼ କୋଅର୍ଡିନେଟରଙ୍କୁ ନୂତନ ଭୋଟର ପରିଚୟ ପତ୍ର ଓ ରାଶନ କାର୍ଡ଼ ପ୍ରସ୍ତୁତି, ଟ୍ରେଡ ଲାଇସେନ୍ସ, ମାସିକ ଭତ୍ତା ବଣ୍ଟନ, ନୂତନ ଏସ୍‌ଏଚ୍‌ଜି ଗଠନ ଆଦି ସରକାରୀ ସେବାରେ ନିୟୋଜିତ କରାଯାଉଥିଲେ ମଧ୍ୟ ପ୍ରତିମାସରେ ନର୍ଦ୍ଧାରିତ ଦରମା ବା ପାରିତୋଷିକ ବାବଦ ଟଙ୍କା ଦିଆଯାଉନି। ଏହି ପରିପ୍ରେକ୍ଷୀରେ ୩ ଦଫା ଦାବି ନେଇ ଆସନ୍ତା ୨୯ରେ ଭୁବନେଶ୍ୱର ବିଧାନସଭା ଚାଲ ଡାକରା ଦେଇଛି କଳାହାଣ୍ଡି ନିଖିଳ ଓଡ଼ିଶା ପୌର ଓଡିଶା ୱାର୍ଡ କୋଅର୍ଡ଼ିନେଟର ୟୁନିୟନ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
A Government of India Undertaking
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍ ୧୪, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଢେଙ୍କାନାଳ ମୁଖ୍ୟ ଶାଖା / ଋଣଗ୍ରହୀତା/ଜାମିନ୍‌ଦାର ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ବି କେ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ଠିକଣା-୧: ସା: ଲକ୍ଷ୍ମୀ ବଜାର, ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୦୧, ଠିକଣା-୨: ସା: ପ୍ଲଟ୍ ନଂ.: ୨୮୦୫/୦୬, ଲକ୍ଷ୍ମୀ ବଜାର, ଢେଙ୍କାନାଳ, ଓଡ଼ିଶା, ପିନ୍- ୭୫୯୦୦୧, ଠିକଣା-୩: ପ୍ଲଟ୍ ନଂ.: ୮୯୧, ତରୁଣ ବଜାର, କାମାକ୍ଷା ନଗର, ଢେଙ୍କାନାଳ, ଓଡ଼ିଶା, ଠିକଣା-୪: ପ୍ଲଟ୍ ନଂ.: ୯୭୪, କାଳି ବଜାର, ଭୁବନ, ଓଡ଼ିଶା, ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ପିତା: ଶ୍ରୀ ଜମ୍ମେଶ୍ୱର ସାହୁ, ସା: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ୱାର୍ଡ ୨୦, ଢେଙ୍କାନାଳ, ଢେଙ୍କାନାଳ ଆର୍.ଏସ୍., ଓଡ଼ିଶା - ୭୫୯୦୧୩/ ଜାମିନ୍‌ଦାର: ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ସା: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ୱାର୍ଡ ୨୦, ଢେଙ୍କାନାଳ, ଢେଙ୍କାନାଳ ଆର୍.ଏସ୍., ଓଡ଼ିଶା - ୭୫୯୦୧୩ | ୨୨.୦୪.୨୦୨୪ ସୁଦ୍ଧା ଟ.୯୫,୪୭,୯୨୦.୦୬ ଏବଂ ସେବାବଦ ସୁଧ ଯୁକ୍ତ ଖର୍ଚ୍ଚ | ୨୩.୦୪.୨୦୨୪ / ୨୨.୦୭.୨୦୨୪ | ୧) ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ଯାହାର ପ୍ଲଟ୍ ନଂ.: ୧୧୯୬/୩୦୫୮, ରେଭିନ୍ୟୁ ଖାତା ନଂ.: ୫୩୫/୧୬୯୦ (ହାଲ୍ ଖାତା ନଂ.: ୫୩୫/୯୮୬), ମୌଜା: ବନମାଳି ପ୍ରସାଦ, ଢେଙ୍କାନାଳ ସଦର (ନଂ. ୨), ଯଦୁପତି ବିହାର କଣ୍ଟନଳି ବାଇ ପାସ୍ ରୋଡ୍, ଢେଙ୍କାନାଳ, ଓଡ଼ିଶା, କ୍ଷେତ୍ର: ୨୦୦ ଡିସିମିଲି କିମ୍ବା ୮୭୧୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାମ ଚନ୍ଦ୍ର ଶତପଥୀ, ପୂର୍ବ: ରାସ୍ତା, ପଶ୍ଚିମ: ବିଜୟ ସାହୁ, ୨) ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୦୧୮/୨୨୩୧୩, ଖାତା ନଂ.: ୩୪୭୦/୩୮୧୦, ତହସିଲ ନଂ.: ୦୧/ଢେଙ୍କାନାଳ ସହର, ଓଡ଼ିଶା, ମୌଜା: ଢେଙ୍କାନାଳ ସହର, କ୍ଷେତ୍ର: ୦.୦୪୬ ଡିସିମିଲି କିମ୍ବା ୨୦୦୩.୭୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦୂର୍ଯ୍ୟୋଧନ ବେହେରା, ଦକ୍ଷିଣ: ଚନ୍ଦ୍ର ଶେଖର ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୨.୦୭.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପୋଖରୀରେ ବୁଡି ବୃଦ୍ଧା ମୃତ

ନୂଆପଡ଼ା,୨୨।୭ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା କେନ୍ଦୁବାହାରା ପଞ୍ଚାୟତ ସନବାହାଲି ଗାଁର ଜଣେ ବୃଦ୍ଧା ସୋମବାର ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଭାଗବତୀ ମାଝି (୮୦)। ସୂଚନା ମୁତାବକ ଭାଗବତୀ ସକାଳେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ଗୋଡ ଖସିଯିବାରୁ ଗଭୀର ପାଣିରେ ବୁଡିଯାଇଥିଲେ। ଅନ୍ୟ ଲୋକମାନେ ଦେଖି ପରିବାର ଲୋକଙ୍କୁ ଖବର କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧରମବନ୍ଧା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ODISHA CONSTRUCTION CORPORATION LIMITED, BHUBANESWAR, ODISHA
Pin : 751012, Tel No. (0674) 2562020, e-Mail : theoccltd@odishaconstruction.com
GSTIN - 21AAACO2571K2ZM
e-Procurement Notice No - 12 / OCCL / 2024-25 (on-line)
No.CAD-620 :On-line percentage rate tenders are invited for the following works ;

| Sl. No. | Name of Work | Name of Division | Bid Identification No | Approx value of work | Bid Security (through on-line transfer/as per DTCN) (in Rs.) | Period of Completion | Availability & Submission of tender (on-line) |
|---|---|---|---|---|---|---|---|
| 1 | Improvement to service road of 10th distributary of RMC in between RD 4500m to RD 14960m connecting NH 59 near village Antei of Rushikulya Irrigation System | Berhampur Irrigation Division | OCCL - GMP/04/24-25 | Rs.11.42 Crore | Rs. 11,42,000/- | 9 (Nine) calendar months | From 23.07.2024, 03.30 PM to 06.08.2024, 5.30 PM |
| 2 | Restoration to right bank service road from 00 Km to 2.04 Km & Jayantipur distributary of Bahuda Irrigation Project | Chikiti Irrigation Division | OCCL - GMP/05/24-25 | Rs. 7.30 Crore | Rs. 7,30,000/- | 6 (Six) Calendar months | |
| 3 | Improvement to periphery road on right side of Kuanria Dam & road to view tower of Kuanria Irrigation Project | Nayagarh Irrigation Division | OCCL - HQP/49/24-25 | Rs. 0.87 Crore | Rs. 87,000/- | | |
| 4 | Improvement to periphery road of left Distributary from RD 1.200 Km to 11.150 Km of Kuanria irrigation project | | OCCL - HQP/50/24-25 | Rs. 1.93 Crore | Rs. 1,93,000/- | | |
| 5 | Improvement to left bank service road of Guando minor from RD 75 M to RD 4500 M & RD 5700 M to 7000 M of BBIP | | OCCL - HQP/51/24-25 | Rs. 1.74 Crore | Rs. 1,74,000/- | | |

Procurement Officer : Managing Director, OCCL
Date of Opening of the Tender 07.08.2024, 12.00 Noon onwards
Further details can be seen from the e-procurement portal : https://www.tendersodisha.gov.in
OIPR-34120/11/0020/2425
Sd./- Managing Director

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି


ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ପଲମ,୨୨।୭(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ସେରଗେଡ ପଞ୍ଚାୟତ ଅଫିସ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାହୁଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ନର୍ଲା ବିଡିଓ ରିପୁନାଥ ସୁନା, ନର୍ଲା ତହସିଲଦାର ବିଶ୍ୱରଞ୍ଜନ କହଁର, ସିଡିପିଓ ବିନୋଦିନୀ ପଣ୍ଡା, ଜିପିଓ ରବି କୁମାର ନାଏକ, ସମିତି ସଭ୍ୟ ଶିବ ବେହେରାଙ୍କ ସମେତ ସମସ୍ତ ଅଧିକାରୀ ଯୋଗଦେଇଥିଲେ। ଶିବିରକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ ପରିଚାଳନା କରିଥିଲେ। ଏଥିରେ ୭୮ଜଣଙ୍କ ଅଭିଯୋଗ ଗ୍ରହଣ କରାଯାଇଥିଲା।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟରେ ଥିବା ବୋର୍ଡ ରୁମ୍, ଗଭର୍ଣ୍ଣର ଚେମ୍ବର ଓ ଡିଜି ଚେମ୍ବର ଗୁଡିକର (ସିଭିଲ୍ କାର୍ଯ୍ୟ) ନବୀକରଣ ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲରେ ଆବେଦନର ଶେଷ ତାରିଖ **ଜୁଲାଇ ୩୧, ୨୦୨୪, ୧୪:୦୦ଟା** ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

रजिस्ट्री सं: डी. एल.-33004/99 REGD. NO. D. L.-33004/99
भारत का राजपत्र
The Gazette of India
सी.जी.-डी.एल.-अ.-04072024-255128
CG-DL-E-04072024-255128
असाधारण
EXTRAORDINARY
भाग II- खण्ड 3 - उप-खण्ड (ii)
PART II - Section 3 - Sub-section (ii)
प्राधिकार से प्रकाशित
PUBLISHED BY AUTHORITY
सं.2407] नई दिल्ली, मंगलवार, जुलाई 2, 2024/आषाढ 11, 1946
No.2407] NEW DELHI, TUESDAY, JULY 02, 2024/ASHADHA 11, 1946

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ
ଅଧିସୂଚନା
ନୂଆ ଦିଲ୍ଲୀ, ୨ ଜୁଲାଇ,୨୦୨୪

ଏସ.ଓ. ୨୫୪୨ (ଡ) -ଯେତେବେଳେ କି ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ବିଜ୍ଞପ୍ତିଟି ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ -୨ ଖଣ୍ଡ ୩, ଉପଖଣ୍ଡ (୨) ଟି ପ୍ରକାଶିତ ହୋଇଥିଲା ଏବଂ ଏହା ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ ର ୪୮) (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ର ଧାରା ୩ଏର ଉପଧାରା (୧) ଅଧିନରେ ଏସ.ଓ ନଂ ୧୮୬୦ ତାରିଖ:୨୬.୦୪.୨୦୨୪ ଅନୁସାରେ ଜାରି କରାଯାଇଥିଲା, କେନ୍ଦ୍ର ସରକାର ଏତଦ୍ୱାରା ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାରେ କିମି ୨୩୯.୬୫୦ରୁ କିମି ୩୬୬.୫୦୦(ତହସିଲଦାର କୋରାପୁଟଙ୍କ କାର୍ଯ୍ୟାଳୟ)ର ବିସ୍ତାରରେ ଥିବା ଜମି ଉପରେ ନୂତନ ପ୍ରସ୍ତାବିତ ରାୟପୁର-ବିଶାଖାପାଟଣା ଏନଏଚ-୧୩୦ ସିଡି ଇକନୋମିକ କରିଡରର ନିର୍ମାଣ (ଛଅ ଲେନିଂ) ର ପରିଚାଳନା,ପ୍ରବନ୍ଧନ ଓ କାର୍ଯ୍ୟକାରୀତା ସକାଶେ କଥିତ ବିଜ୍ଞାପନ ସହିତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମି ଅଧିଗ୍ରହଣ ଅଭିପ୍ରାୟ ଘୋଷଣା କରୁଛି ।
ଏବଂ ଏହି ହେତୁ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାରା ୩ ଏ ର ଉପଧାରା (୩) ଅଧିନରେ ୦୯.୦୫.୨୦୨୪ ତାରିଖରେ ଉଭୟ 'ଓଡ଼ିଶା ପୋଷ୍ଟ' ଓ 'ଧରିତ୍ରୀ'ରେ ପ୍ରକାଶ ପାଇଛି ।
ଏବଂ ଯେହେତୁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଧାରା ୩-ସି ଅଧିନରେ ପ୍ରତିବାଦ ଗୁଡ଼ିକୁ ଗ୍ରହଣ କରାଯାଇଛି ଓ ତାହାର ବିଚାର କରାଯାଇଛି ଏବଂ ସେହି ଅନୁସାରେ ସମାଧାନ କରାଯାଇଛି ।
ଏବଂ ଯେହେତୁ ଉକ୍ତ ଅଧିନିୟମର ଧାରା ୩ ଡି ର ଉପଧାରା (୧)ଅନୁଯାୟୀ ପ୍ରାଧିକୃତ କର୍ତ୍ତୃପକ୍ଷ ଏହାର ରିପୋର୍ଟକୁ କେନ୍ଦ୍ର ସରକାରଙ୍କୁ ଦାଖଲ କରିଛନ୍ତି ।
ବର୍ତ୍ତମାନ ଏହି ପରିପ୍ରେକ୍ଷୀରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କଠାରୁ ଉକ୍ତ ରିପୋର୍ଟ ଗ୍ରହଣ ଉପରେ ଏବଂ ଉକ୍ତ ଅଧିନିୟମର ଧାରା ୩ ଡି ର ଉପଧାରା (୧)ଅନୁଯାୟୀ ପ୍ରାଧିକୃତ ଅଧିକାରୀ ଉପଯୁକ୍ତ କ୍ଷମତା ପ୍ରୟୋଗ ପୂର୍ବକ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏତଦ୍ୱାରା ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ କରାଯାଇଥିବା ସୂଚୀ ଅନୁସାରେ ଉକ୍ତ ଜମିର ଅଧିଗ୍ରହଣ କରିବା ଆବଶ୍ୟକତା ଘୋଷଣା କରୁଛନ୍ତି ।
ଏବଂ ପୁନଶ୍ଚ କଥିତ ଅଧିନିୟମର ଧାରା ୩ ଡି ର ଉପଧାରା (୨)ଅନୁଯାୟୀ କେନ୍ଦ୍ର ସରକାର ଏତଦ୍ୱାରା ଏହି ବିଜ୍ଞପ୍ତିକୁ ବିଭାଗୀୟ ରାଜପତ୍ରରେ ପ୍ରକାଶିତ କରିବାକୁ ଘୋଷଣା କରୁଛନ୍ତି ଓ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିବା ଜମି କେନ୍ଦ୍ର ସରକାରଙ୍କ ଜମି ରୂପେ ସାବ୍ୟସ୍ତ ହେବ ଓ ସମସ୍ତ ଦେୟତାରୁ ମୁକ୍ତ ରହିବ ।
ଏବଂ ଏହି ହେତୁ କଥିତ ବିବରଣୀ ଯାହା ଭାରତ ରାଜପତ୍ର, ଅସାଧାରଣ ଖଣ୍ଡ-୨ ସଂଖ୍ୟା୨୫୪୨ ତା ୦୨.୦୭.୨୦୨୪ କଥିତ ଆକ୍ଟ ର ସେକ୍ସନ୍ ୩-ଡି ଅଧିନସ୍ଥ ଦରକାର ଅନୁସାରେ ପ୍ରକାଶିତ କରାଯାଇଛି ।
ବର୍ତ୍ତମାନ, ଧାରା ୩ ଜି ର ଉପଧାରା (୩) ଅନୁପାଳନ ପୂର୍ବକ ପ୍ରାଧିକୃତ କର୍ତ୍ତୃପକ୍ଷ ଏତଦ୍ୱାରା ଏହି କାର୍ଯ୍ୟକ୍ରମ ଅଧିନରେ ଆବଶ୍ୟକ କରାଯାଉଥିବା ଜମିରେ ସ୍ୱାର୍ଥ ନିହିତ ଥିବା ବ୍ୟକ୍ତି କିମ୍ବା ଜମି ମାଲିକଙ୍କ ଠାରୁ ସେମାନଙ୍କର କୌଣସି ଦାବୀ ରହିଥିଲେ ସାଧାରଣ ନୋଟିସରେ ପ୍ରକାଶନ ତାରିଖ ଠାରୁ ୧୫ ଦିନ ଅବଧି ମଧ୍ୟରେ (ଉଦ୍ଦିଷ୍ଟ ତା୦୭.୦୮.୨୦୨୪ସଂନ୍ଧ୍ୟା ୬.୦୦ଘ.) ମଧ୍ୟରେ ଦିଆଯାଇଥିବା ସୂଚୀରେ ବର୍ଣ୍ଣିତ ଜମି ସମ୍ପର୍କିତ ସେମାନଙ୍କ ଦାବୀକୁ ଏହି କାର୍ଯ୍ୟାଳୟର ପ୍ରାଧିକୃତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ଆବଶ୍ୟକ ଯଥା (ତହସିଲ କୋରାପୁଟ) ।
ଦିଆଯାଇଥିବା ସୂଚୀରେ ନିର୍ଦ୍ଧାରିତ ଜମିରେ (ସ୍ୱାର୍ଥ ନିହିତ ଥିବା ବ୍ୟକ୍ତି (ସମୂହ) ଓ ଜମି ମାଲିକ) ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ କଥିତ ଜମିର ତାଙ୍କର ଅଂଶ, ଜମିର ଏରିଆ, ଏହି ଜମି ସହିତ ସଂଯୁକ୍ତ ଅନ୍ୟ କୌଣସି ସମ୍ପତି ଯଥା ନିର୍ମାଣ/ଗଛ ଇତ୍ୟାଦିର ବିବରଣୀ ଓ ସେ ପ୍ରକାର ଜମି ଉପରେ ତାଙ୍କର ସଂପୃକ୍ତ ସ୍ୱାର୍ଥର ପ୍ରକୃତି ସହିତ ସଂପୃକ୍ତ ରେକର୍ଡ଼କୁ ସେମାନଙ୍କ ଦାବୀ ଆକାରରେ ଦାଖଲ କରିବାକୁ ଆହ୍ୱାନ କରାଯାଉଛି । ଏଥିପାଇଁ ଇଚ୍ଛୁକ ଥିବା କଥିତ ଜମି ମାଲିକ କିମ୍ବା ବ୍ୟକ୍ତି ମଧ କ୍ଷତିପୂରଣ ବାବଦରେ ପାଇବାକୁ ଥିବା ଅର୍ଥ ପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଂଟର ବିବରଣୀ ପ୍ରଦାନ କରିବା ଉଚିତ୍ । ନିମ୍ନରେ ଦିଆଯାଇଥିବା ଫର୍ମାଟ ଆକାରରେ ଦାବୀ ଗୁଡ଼ିକୁ ଦାଖଲ କରାଯିବ ।

| ଗ୍ରାମ/ଟାଉନ୍ ର ନାମ | ଜମି ମାଲିକ/ ଇଚ୍ଛୁକ ବ୍ୟକ୍ତି ର ନାମ | ଖାତ ସର୍ବେକ୍ଷଣ ନଂ. | ତାଙ୍କ ଅଂଶ ଭୁକ୍ତ ଜମିର ଏରିଆ | ଏହି ଜମି ସହିତ ସଂଯୁକ୍ତ ଥିବା କୌଣସି ନିର୍ମାଣ/ ଗଛ ବୃକ୍ଷ/ଜଳକୂପ | ବ୍ୟାଙ୍କର ନାମ ଓ ଏହାର ଶାଖା ଯେଉଁ ଠାରେ ତାଙ୍କ ଆକାଉଂଟ ରହିଛି | ବ୍ୟାଙ୍କ ଆକାଉଂଟ ନଂ-- ବ୍ୟାଙ୍କ ଶାଖା ର ଆଇଏଫଏସସି କୋଡ ବିବରଣୀ |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |

ଅନୁସୂଚୀ
ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାରେ କିମି ୨୩୯.୬୫୦ରୁ କିମି ୩୬୬.୫୦୦(ତହସିଲଦାର କୋରାପୁଟଙ୍କ କାର୍ଯ୍ୟାଳୟ)ର ବିସ୍ତାରରେ ଥିବା ଜମି ଉପରେ ନୂତନ ପ୍ରସ୍ତାବିତ ରାୟପୁର-ବିଶାଖାପାଟଣା ଏନଏଚ-୧୩୦ ସିଡି ଇକନୋମିକ କରିଡରର ସହ ଆସୁଥିବା ନିର୍ମାଣ ସହ କିମ୍ବା ବିନା ନିର୍ମାଣରେ ଅଧିଗ୍ରହୀତ ହେବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ

File No. NHAI/11013/LA/PIU-Sambalpur,Odisha/Newly Proposed/ Notif.(3a)/Koraput/3D1] ABHAY JAIN, Dy. Secy.
District: Koraput
https://egazette.gov.in
Publication date:04.07.2024
https://egazette.gov.in/(S(hrfqyc5ce4mgdwwt1hmvo5as))/ViewPDF.aspx
https://bhoomirashi.gov.in/auth/revamp/show FileDf.cshtml?notification_id=55122&file_id=27323

# ମା'ଙ୍କ ନୀତି,ଆଦର୍ଶରେ ଶିଶୁ ଅନୁପ୍ରାଣିତ ହୋଇଥାଏ

ରାଉରକେଲା,୨୨।୭(ଦିନେଶ ମିଶ୍ର)



ରୋଟାରୀ କ୍ଲବ ଅଫ ରାଉରକେଲା ଭାଇବ୍ରାଣ୍ଟ ପକ୍ଷରୁ ଜନନୀ ଓ ଶିଶୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଫର୍ଟିଲାଇଜର ସ୍ଥିତ ବାଲଯୋଡି ଅଙ୍ଗନୱାଡି କେନ୍ଦ୍ରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରୋଟାରିଆନ ପ୍ରଶାନ୍ତ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଅର୍ଚ୍ଚନା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମାଜରେ ମା' ମାନେ ହେଉଛନ୍ତି ଶ୍ରେଷ୍ଠ ଗୁରୁ । ମା' ମାନଙ୍କ ନୀତି ଓ ଆଦର୍ଶରେ ଏକ ଶିଶୁ ଅଧିକ ଅନୁପ୍ରାଣିତ ହୋଇଥାଏ ବୋଲି ଅତିଥି ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ। ସାଧାରଣ ସମ୍ପାଦକ ରୋଟାରିଆନ ବସନ୍ତ କୁମାର ତନ୍ତୀ ଓ ଅଧକ୍ଷା ମୀନତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ମା ଓ ଶିଶୁମାନଙ୍କୁ ପ୍ରୋଟିନ ନ୍ୟୁଟ୍ରେସନ ପାଉଡର, ଶିଶୁଙ୍କ ପାଇଁ ମଶାରୀ ଓ ଜଳଖିଆ ବିତରଣ କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡି କର୍ମୀ କଂସେଇ ମୁର୍ମୁ, ମନ୍ଦାନୀ ମୁର୍ମୁ, ସୀତା ମୁର୍ମୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସଭପତି ପାତ୍ର ଏହି ସଚେତନତା ଶିବିରର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ସୂଚନା ପ୍ରଦାନ କରିଥିଲେ। ରୋଟାରିଆନ ଅର୍ଚ୍ଚନା ଦେବତା, ଡ. ସଂଯୁକ୍ତା ପତି, କାଜଲ ପାଢ଼ୀ, ସଞ୍ଜୟ ମହାନ୍ତି, ବିଘ୍ନେଶ ପତି, ଅନିତା ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରୋଟାରିଆନ ଅଜିତ ମୋହନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# କାଠ, ବାଉଁଶରେ ପୋଲ ତିଆରି କଲେ ଗ୍ରାମବାସୀ

ଭବାନୀପାଟଣା,୨୨।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ରିଷିଗାଁ ପଞ୍ଚାୟତ ଅନ୍ତର୍ଗତ ଟିକ୍ରାପଡା ଗ୍ରାମ ମୁଣ୍ଡାପଲାକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଯୋଗୁ ଶୋଚନୀୟ ହୋଇପଡିଛି। ଯାହାଫଳରେ ଏଠାରେ ବସବାସ କରୁଥିବା ଲୋକମାନେ ଯାତାୟାତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ଯୋଗୁ ମୁଣ୍ଡାପଲାକୁ ସଂଯୋଗ କରୁଥିବା ରାସ୍ତା ବିଚ୍ଛିନ୍ନ ହେବାରୁ ଯାତାୟାତ ବ୍ୟାହତ ହୋଇଥିଲା। ପ୍ରଶାସନକୁ ଜଣାଇବା ପରେ ସୁଫଳ ନ ମିଳିବାରୁ ଏବେ ଗ୍ରାମବାସୀ ଉକ୍ତ ସ୍ଥାନରେ କାଠ ଓ ବାଉଁଶ ସାହାଯ୍ୟରେ ପୋଲ ନିର୍ମାଣ କରିଛନ୍ତି। ଏହି ପୋଲରେ ବର୍ତ୍ତମାନ ସେମାନେ ଯାତାୟାତ କରୁଛନ୍ତି।

# ଗୁରୁପୂର୍ଣ୍ଣିମା ଅବସରରେ ବୃକ୍ଷରୋପଣ

**କୋକସରା,୨୨।୭ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ):** ଗୁରୁପୂର୍ଣ୍ଣିମା ଉପଲକ୍ଷେ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ଜୟପାଟଣା ସମିତି ଆନୁକୂଲ୍ୟରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ପଞ୍ଚାୟତ ଆଇଁଲୀ ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଲା ସଭାପତି ବେଣୁଧର କୁମାର, ରାଜ୍ୟ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ଜିଲାର ବିଭିନ୍ନ ସମିତିର କନଭେନର ଓ ସତ୍ୟସାଇ ଅନୁଷ୍ଠାନର ଭଉଣୀଭାଇ ଉପସ୍ଥିତ ଥିଲେ। ଏହି ଅବସରରେ ୧ ହଜାର ଚାରା ରୋପଣ କରାଯାଇଛି।

DIRECT ADMISSION SPOT ADMISSION
IMPERIAL PRESIDENCY HIGHER SECONDARY (+2) COLLEGE
Shanti Nagar, Khariar, Dist-Nuapada
ARTS & SCIENCE
Admission 24th to 30th July
100% Result
For Arts: 15,000/- only (Including Books & Uniform)
For Science : 20,000/- only (Books & Uniform)
Hostel Facilities for (Boys & Girls)
Contact: 8249908311, 9556711974

# ଆର୍‌ଏସ୍‌ପି କର୍ମଚାରୀଙ୍କ ପରିବାରକୁ ମିଳିଲା ଅନୁକମ୍ପାମୂଳକ ଚାକିରି



କର୍ତ୍ତୃପକ୍ଷ ମୃତକଙ୍କ ସ୍ତ୍ରୀଙ୍କୁ ଚାକିରି ନିୟୋଜନ ପତ୍ର ପ୍ରଦାନ କରୁଛନ୍ତି।

ରାଉରକେଲା,୨୨।୭ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ମୃତକ ହେଉଛନ୍ତି ରେଲସପ୍ ବିଭାଗର ତ୍ରିଭାନ୍ ମାରାଣ୍ଡି(୫୭)। ଏନେଇ କାରଖାନା କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ଚାକିରି ନିୟୋଜନ ପତ୍ର ସୋମବାର ପ୍ରଦାନ କରିଛନ୍ତି। ତ୍ରିଭାନଙ୍କ ଅକାଳ ବିୟୋଗରେ ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକ ଶୋକପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ଆର୍‌ଏସ୍‌ପି ପରିବାର ପକ୍ଷରୁ ଯଥାସମ୍ଭବ ସହଯୋଗ କରାଯିବ ବୋଲି କହିଥିଲେ। ସେହିପରି କାରଖାନାରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍‌ର ସଦସ୍ୟମାନେ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ମୃତକଙ୍କ ପରିବାରବର୍ଗଙ୍କ ସହ ଭେଟି ଆଲୋଚନା କରିଥିଲେ। ସଂଗଠନର ଉପସଭାପତି ଦିଲୀପ ମହାପାତ୍ର, ଅକ୍ଷୟ ଜେନା, ନିହାର ଦାସ, ସୁରେଶ ପାଣିଗ୍ରାହୀ, ଦୁର୍ଗା ଜେନା, ସମେତ ରୋଲ୍ ସପ୍‌ର କର୍ମକର୍ତ୍ତାମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଅନରୂପ ଭାବେ ବିଏମ୍‌ଏସ୍ ପକ୍ଷରୁ କର୍ମକର୍ତ୍ତାମାନେ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ନୂଆପଡ଼ା,୨୨।୭ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା କେନ୍ଦୁବାହାରା ପଞ୍ଚାୟତ ସନବାହାଲି ଗାଁର ଜଣେ ବୃଦ୍ଧା ସୋମବାର ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଭାଗବତୀ ମାଝି (୮୦)। ସୂଚନା ମୁତାବକ ଭାଗବତୀ ସକାଳେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ଗୋଡ ଖସିଯିବାରୁ ଗଭୀର ପାଣିରେ ବୁଡିଯାଇଥିଲେ। ଅନ୍ୟ ଲୋକମାନେ ଦେଖି ପରିବାର ଲୋକଙ୍କୁ ଖବର କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜଗାଙ୍ଗପୁର ଓକିଲ ସଂଘ ଦ୍ୱାରା ଡିଷ୍ଟ୍ରିକ୍ଟ ଜଜ୍‌ଙ୍କୁ ସମ୍ବର୍ଦ୍ଧିତ




ରାଜଗାଙ୍ଗପୁର,୨୨।୭(ଅଶୋକ ପାଣି)

ସୁନ୍ଦରଗଡ ଜିଲାରେ ନୂତନ ଭାବେ ଯୋଗଦେଇ ଥିବା ଡିଷ୍ଟ୍ରିକ୍ଟ ଜଜ ଶିକ୍ଷାରାଣୀ ରଥ ସୋମବାର ରାଜଗାଙ୍ଗପୁର କ୍ୟାମ୍ପ କୋର୍ଟ କରିବା ପାଇଁ ଆସିଥିଲେ। ସେଠାରେ ରାଜଗାଙ୍ଗପୁର ଓକିଲସଂଘ ଦ୍ୱାରା ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଅଶୋକ ପାଣି ସ୍ୱାଗତ ଭାଷଣ ରଖିଥିଲେ ଓ ସଂଘର ସଦସ୍ୟଙ୍କ ସହିତ ପରିଚୟ କରାଇ ସମ୍ୟକ ସୂଚନା ଦେଇଥିଲେ। ସଂଘ ପକ୍ଷରୁ ଡିଷ୍ଟ୍ରିକ୍ଟ ଜଜଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଡିଷ୍ଟ୍ରିକ୍ଟ ଜଜ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମ ପାଇଁ ସଂଘକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଉପସଭାପତି ଅର୍ଚ୍ଚନା ମୁଦୁଲି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସବ୍‌ଜଜ ସସ୍ମିତା ନାୟକ, ଜେଏମଏଫସି ଋତୁପର୍ଣ୍ଣା ସାହୁ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ସମ୍ପାଦକ ବିକାଶ ସରପଟିଆ, ବିକ୍ରମ ପୃଷ୍ଠେଠ, ରାଜେନ୍ଦ୍ର ଗିରି, ମୁରଲିଧର ଦାସ, ବିରେନ ରାଉତରାୟ,ସୁନିତା ଡୁଙ୍ଗଡୁଙ୍ଗ, ସିଦ୍ଧାର୍ଥ ପାଣିଗ୍ରାହୀ,ପ୍ରଳୟ ହାଜରା, ରବୀନ୍ଦ୍ର ଦାସ ପ୍ରମୁଖଙ୍କ ସହ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE : SUNDARGARH
No.O-129
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No. Tender Online - RWCCESNG - 05 of 2024-25, Letter No - 1573 / Dtd. 19.07.2024
e-Procurement NOTICE
1. Type of the Work : Road (NTPC Deposit)
2. Class of Contractor : As specified in the column - 6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 05 of 2024-25 | 29.07.2024 11:00 AM | 17.08.2024 5:00 PM | 16.08.2024 5:00 PM | 20.08.2024 11:00 AM | Will be intimated separately |

Further details can be seen from the website www.tendersodisha.gov.in
Sd./-Chief Engineer (Design & Quality Control)
Chief Construction Engineer (I/C)
Rural Works Circle, Sundargarh
OIPR-25133/11/0010/2425

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍ ୧୪, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)
ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ଢେଙ୍କାନାଳ ମୁଖ୍ୟ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଢେଙ୍କାନାଳ ମୁଖ୍ୟ ଶାଖା / ଋଣଗ୍ରହୀତା/ଜାମିନ୍‌ଦାର ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ବି କେ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ଠିକଣା-୧: ସା: ଲକ୍ଷ୍ମୀ ବଜାର, ଢେ଼ଙ୍କାନାଳ, ଓଡ଼ିଶା, ପିନ୍- ୭୫୯୦୦୧, ଠିକଣା-୨: ସା: ପ୍ଲଟ୍ ନଂ.: ୨୮୦୫/୦୬, ଲକ୍ଷ୍ମୀ ବଜାର, ଢେ଼ଙ୍କାନାଳ, ଓଡ଼ିଶା, ପିନ୍- ୭୫୯୦୦୧, ଠିକଣା-୩: ପ୍ଲଟ୍ ନଂ.: ୮୯୧, ତରୁଣ ବଜାର, କାମାକ୍ଷା ନଗର, ଢେ଼ଙ୍କାନାଳ, ଓଡ଼ିଶା, ଠିକଣା-୪: ପ୍ଲଟ୍ ନଂ.: ୯୭୪, କାଳି ବଜାର, ଭୁବନ, ଓଡ଼ିଶା, ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ପିତା: ଶ୍ରୀ ଜଗନ୍ନେଶ୍ୱର ସାହୁ, ସା: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ୱାର୍ଡ ୨୦, ଢେ଼ଙ୍କାନାଳ, ଢେ଼ଙ୍କାନାଳ ଆର୍.ଏସ୍., ଓଡ଼ିଶା - ୭୫୯୦୧୩/ ଜାମିନ୍‌ଦାର: ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ସା: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ୱାର୍ଡ ୨୦, ଢେ଼ଙ୍କାନାଳ, ଢେ଼ଙ୍କାନାଳ ଆର୍.ଏସ୍., ଓଡ଼ିଶା - ୭୫୯୦୧୩ | ୨୨.୦୪.୨୦୨୪ ସୁଦ୍ଧା ଟ.୯୫,୪୭,୯୨୦.୦୬ ଏବଂ ସେବାବଦ ସୁଧ ଯୁକ୍ତ ଖର୍ଚ୍ଚ | ୨୩.୦୪.୨୦୨୪ / ୨୨.୦୭.୨୦୨୪ | ୧) ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ଯାହାର ପ୍ଲଟ୍ ନଂ.: ୧୧୯୬/୩୦୫୮, ରେଭିନ୍ୟୁ ଖାତା ନଂ.: ୫୩୫/୧୬୯୦ (ହାଲ୍ ଖାତା ନଂ.: ୫୩୫/୯୮୬), ମୌଜା: ବନମାଳି ପ୍ରସାଦ, ଢେ଼ଙ୍କାନାଳ ସଦର (ନଂ. ୨), ଯଦୁପତି ବିହାର କଣ୍ଟନଳି ବାଇ ପାସ୍ ରୋଡ଼୍, ଢେ଼ଙ୍କାନାଳ, ଓଡ଼ିଶା, କ୍ଷେତ୍ର: ୨୦୦ ଡିସିମିଲି କିମ୍ବା ୮୭୧୨ ବର୍ଗଫୁଟ, ଏହାର ଚଉପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାମ ଚନ୍ଦ୍ର ଶତପଥୀ, ପୂର୍ବ: ରାସ୍ତା, ପଶ୍ଚିମ: ବିଜୟ ସାହୁ, ୨) ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୦୧୮/୨୨୩୧୩, ଖାତା ନଂ.: ୩୪୭୦/୩୮୧୦, ତହସିଲ ନଂ.: ୦୧/ଢେ଼ଙ୍କାନାଳ ସହର, ଓଡ଼ିଶା, ମୌଜା: ଢେ଼ଙ୍କାନାଳ ସହର, କ୍ଷେତ୍ର: ୦.୦୪୬ ଡିସିମିଲି କିମ୍ବା ୨୦୦୩.୭୬ ବର୍ଗଫୁଟ, ଏହାର ଚଉପାର୍ଶ୍ୱରେ ଉତ୍ତର: ଦୂର୍ଯ୍ୟୋଧନ ବେହେରା, ଦକ୍ଷିଣ: ଚନ୍ଦ୍ର ଶେଖର ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୨.୦୭.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ODISHA CONSTRUCTION CORPORATION LIMITED, BHUBANESWAR, ODISHA
Pin : 751012, Tel No. (0674) 2562020, e-Mail : theoccltd@odishaconstruction.com
GSTIN - 21AAACO2571K2ZM
e-Procurement Notice No - 12 / OCCL / 2024-25 (on-line)
No.CAD-620 :On-line percentage rate tenders are invited for the following works ;

| Sl. No. | Name of Work | Name of Division | Bid Identification No | Approx value of work | Bid Security (through on-line transfer/as per DTCN) (in Rs.) | Period of Completion | Availability & Submission of tender (on-line) |
|---|---|---|---|---|---|---|---|
| 1 | Improvement to service road of 10th distributary of RMC in between RD 4500m to RD 14960m connecting NH 59 near village Antei of Rushikulya Irrigation System | Berhampur Irrigation Division | OCCL - GMP/04/24-25 | Rs.11.42 Crore | Rs. 11,42,000/- | 9 (Nine) calendar months | From 23.07.2024, 03.30 PM to 06.08.2024, 5.30 PM |
| 2 | Restoration to right bank service road from 00 Km to 2.04 Km & Jayantipur distributary of Bahuda Irrigation Project | Chikiti Irrigation Division | OCCL - GMP/05/24-25 | Rs. 7.30 Crore | Rs. 7,30,000/- | 6 (Six) Calendar months | |
| 3 | Improvement to periphery road on right side of Kuanria Dam & road to view tower of Kuanria Irrigation Project | Nayagarh Irrigation Division | OCCL - HQP/49/24-25 | Rs. 0.87 Crore | Rs. 87,000/- | | |
| 4 | Improvement to periphery road of left Distributary from RD 1.200 Km to 11.150 Km of Kuanria irrigation project | | OCCL - HQP/50/24-25 | Rs. 1.93 Crore | Rs. 1,93,000/- | | |
| 5 | Improvement to left bank service road of Guando minor from RD 75 M to RD 4500 M & RD 5700 M to 7000 M of BBIP | | OCCL - HQP/51/24-25 | Rs. 1.74 Crore | Rs. 1,74,000/- | | |

Procurement Officer : Managing Director, OCCL
Date of Opening of the Tender 07.08.2024, 12.00 Noon onwards
Further details can be seen from the e-procurement portal : https://www.tendersodisha.gov.in
OIPR-34120/11/0020/2425
Sd./- Managing Director

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟରେ ଥିବା ବୋର୍ଡ ରୁମ୍, ଗଭର୍ଣ୍ଣର ଚେମ୍ବର ଓ ଡିଜି ଚେମ୍ବର ଗୁଡିକର (ସିଭିଲ୍ କାର୍ଯ୍ୟ) ନବୀକରଣ ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲରେ ଆବେଦନର ଶେଷ ତାରିଖ **ଜୁଲାଇ ୩୧, ୨୦୨୪, ୧୪:୦୦ଟା** ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

OFFICE OF THE DISTRICT LEGAL SERVICES AUTHORITY, NABARANGPUR
TENDER CALL NOTICE
Dated, this the 22nd day of July, 2024
Sealed quotations/ tenders are invited from interested reputed Travel Agencies/ Tour Operators/ Private individuals for providing 01 (One) No. of **Tiago/ Bolt/ Celerio/ Dzire/ Etios (Petrol) etc. AC** driven vehicles including driver, which shall conform to the terms and conditions prescribed in **(Annexure-A)** for official use in District Legal Services Authority, Nabarangpur on monthly rent basis:
For details information, applicants are advised to visit our official website i.e. https://oslsa.nic.in/nabarangpur or https://nabarangpur.dcourts.gov.in or https://nabarangpur.odisha.gov.in & it shall also be made available in the notice board of District Court, Nabarangpur & notice board of Collectorate, Nabarangpur. Applications along with relevant documents must reach the Office of the undersigned on or before **07.08.2024** by **01:00 P.M** by **registered/ speed post/ by hand** & shall be opened on the same day at 04:30 P.M at District Court Complex, Nabarangpur.
Sd./- Secretary,D.L.S.A., Nabarangpur

रजिस्ट्री सं: डी. एल.-33004/99 REGD. NO. D. L.-33004/99
भारत का राजपत्र
The Gazette of India
सी.जी.-डी.एल.-अ.-04072024-255128
CG-DL-E-04072024-255128
असाधारण
EXTRAORDINARY
भाग II- खण्ड 3 - उप-खण्ड (ii)
PART II - Section 3 - Sub-section (ii)
प्राधिकार से प्रकाशित
PUBLISHED BY AUTHORITY
सं.2407] नई दिल्ली, मंगलवार, जुलाई 2, 2024/आषाढ 11, 1946
No.2407] NEW DELHI, TUESDAY, JULY 02, 2024/ASHADHA 11, 1946
ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ
ଅଧିସୂଚନା
ନୂଆ ଦିଲ୍ଲୀ, ୨ ଜୁଲାଇ,୨୦୨୪
ଏସ.ଓ. ୨୫୪୨ (ଙ) -ଯେତେବେଳେ କି ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ବିଜ୍ଞପ୍ତିଟି ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ -୨ ଖଣ୍ଡ ୩, ଉପଖଣ୍ଡ (୨) ଟି ପ୍ରକାଶିତ ହୋଇଥିଲା ଏବଂ ଏହା ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ ର ୪୮) (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ର ଧାରା ୩ଏର ଉପଧାରା (୧) ଅଧିନରେ ଏସ.ଓ ନଂ ୧୮୬୦ ତାରିଖ: ୨୬.୦୪.୨୦୨୪ ଅନୁସାରେ ଜାରି କରାଯାଇଥିଲା, କେନ୍ଦ୍ର ସରକାର ଏତଦ୍ୱାରା ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାରେ କିମି ୨୩୯.୬୫୦ରୁ କିମି ୩୬୬.୫୦୦(ତହସିଲଦାର କୋରାପୁଟଙ୍କ କାର୍ଯ୍ୟାଳୟ)ର ବିସ୍ତାରରେ ଥିବା ଜମି ଉପରେ ନୂତନ ପ୍ରସ୍ତାବିତ ରାୟପୁର-ବିଶାଖାପାଟଣା ଏନଏଚ-୧୩୦ ସିଡି ଇକନୋମିକ କରିଡରର ନିର୍ମାଣ (ଛଅ ଲେନିଂ) ର ପରିଚାଳନା,ପ୍ରବନ୍ଧନ ଓ କାର୍ଯ୍ୟକାରୀତା ସକାଶେ କଥିତ ବିଜ୍ଞାପନ ସହିତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମି ଅଧିଗ୍ରହଣ ଅଭିପ୍ରାୟ ଘୋଷଣା କରୁଛି ।
ଏବଂ ଏହି ହେତୁ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାରା ୩ ଏ ର ଉପଧାରା (୩) ଅଧିନରେ ୦୯.୦୫.୨୦୨୪ ତାରିଖରେ ଉଭୟ 'ଓଡ଼ିଶା ପୋଷ୍ଟ' ଓ 'ଧରିତ୍ରୀ'ରେ ପ୍ରକାଶ ପାଇଛି ।
ଏବଂ ଯେହେତୁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଧାରା ୩-ସି ଅଧିନରେ ପ୍ରତିବାଦ ଗୁଡ଼ିକୁ ଗ୍ରହଣ କରାଯାଇଛି ଓ ତାହାର ବିଚାର କରାଯାଇଛି ଏବଂ ସେହି ଅନୁସାରେ ସମାଧାନ କରାଯାଇଛି ।
ଏବଂ ଯେହେତୁ ଉକ୍ତ ଅଧିନିୟମର ଧାରା ୩ ଡି ର ଉପଧାରା (୧)ଅନୁଯାୟୀ ପ୍ରାଧିକୃତ କର୍ତ୍ତୃପକ୍ଷ ଏହାର ରିପୋର୍ଟକୁ କେନ୍ଦ୍ର ସରକାରଙ୍କୁ ଦାଖଲ କରିଛନ୍ତି ।
ବର୍ତ୍ତମାନ ଏହି ପରିପ୍ରେକ୍ଷୀରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କଠାରୁ ଉକ୍ତ ରିପୋର୍ଟ ଗ୍ରହଣ ଉପରେ ଏବଂ ଉକ୍ତ ଅଧିନିୟମର ଧାରା ୩ ଡି ର ଉପଧାରା (୧)ଅନୁଯାୟୀ ପ୍ରାଧିକୃତ ଅଧିକାରୀ ଉପଯୁକ୍ତ କ୍ଷମତା ପ୍ରୟୋଗ ପୂର୍ବକ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏତଦ୍ୱାରା ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ କରାଯାଇଥିବା ସୂଚୀ ଅନୁସାରେ ଉକ୍ତ ଜମିର ଅଧିଗ୍ରହଣ କରିବା ଆବଶ୍ୟକତା ଘୋଷଣା କରୁଛନ୍ତି ।
ଏବଂ ପୁନଶ୍ଚ କଥିତ ଅଧିନିୟମର ଧାରା ୩ ଡି ର ଉପଧାରା (୨)ଅନୁଯାୟୀ କେନ୍ଦ୍ର ସରକାର ଏତଦ୍ୱାରା ଏହି ବିଜ୍ଞପ୍ତିକୁ ବିଭାଗୀୟ ରାଜପତ୍ରରେ ପ୍ରକାଶିତ କରିବାକୁ ଘୋଷଣା କରୁଛନ୍ତି ଓ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିବା ଜମି କେନ୍ଦ୍ର ସରକାରଙ୍କ ଜମି ରୂପେ ସାବ୍ୟସ୍ତ ହେବ ଓ ସମସ୍ତ ଦେୟତାରୁ ମୁକ୍ତ ରହିବ ।
ଏବଂ ଏହି ହେତୁ କଥିତ ବିବରଣୀ ଯାହା ଭାରତ ରାଜପତ୍ର, ଅସାଧାରଣ ଖଣ୍ଡ-୨ ସଂଖ୍ୟା ୨୫୪୨ ତା ୦୨.୦୭.୨୦୨୪ କଥିତ ଆକ୍ଟ ର ସେକ୍ସନ୍ ୩-ଡି ଅଧିନସ୍ଥ ଦରକାର ଅନୁସାରେ ପ୍ରକାଶିତ କରାଯାଇଛି ।
ବର୍ତ୍ତମାନ, ଧାରା ୩ ଜି ର ଉପଧାରା (୩) ଅନୁପାଳନ ପୂର୍ବକ ପ୍ରାଧିକୃତ କର୍ତ୍ତୃପକ୍ଷ ଏତଦ୍ୱାରା ଏହି କାର୍ଯ୍ୟକ୍ରମ ଅଧିନରେ ଆବଶ୍ୟକ କରାଯାଉଥିବା ଜମିରେ ସ୍ୱାର୍ଥ ନିହିତ ଥିବା ବ୍ୟକ୍ତି କିମ୍ବା ଜମି ମାଲିକଙ୍କ ଠାରୁ ସେମାନଙ୍କର କୌଣସି ଦାବୀ ରହିଥିଲେ ସାଧାରଣ ନୋଟିସରେ ପ୍ରକାଶନ ତାରିଖ ଠାରୁ ୧୫ ଦିନ ଅବଧି ମଧ୍ୟରେ (ଉଦ୍ଦିଷ୍ଟ ତା୦୭.୦୮.୨୦୨୪ସନ୍ଧ୍ୟା ୬.୦୦ଘ.) ମଧ୍ୟରେ ଦିଆଯାଇଥିବା ସୂଚୀରେ ବର୍ଣ୍ଣିତ ଜମି ସମ୍ପର୍କିତ ସେମାନଙ୍କ ଦାବୀକୁ ଏହି କାର୍ଯ୍ୟାଳୟର ପ୍ରାଧିକୃତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ଆବଶ୍ୟକ ଯଥା (ତହସିଲ କୋରାପୁଟ) ।
ଦିଆଯାଇଥିବା ସୂଚୀରେ ନିର୍ଦ୍ଧାରିତ ଜମିରେ (ସ୍ୱାର୍ଥ ନିହିତ ଥିବା ବ୍ୟକ୍ତି (ସମୂହ) ଓ ଜମି ମାଲିକ) ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ କଥିତ ଜମିର ତାଙ୍କର ଅଂଶ, ଜମିର ଏରିଆ, ଏହି ଜମି ସହିତ ସଂଯୁକ୍ତ ଅନ୍ୟ କୌଣସି ସମ୍ପତ୍ତି ଯଥା ନିର୍ମାଣ/ଗଛ ଇତ୍ୟାଦିର ବିବରଣୀ ଓ ସେ ପ୍ରକାର ଜମି ଉପରେ ତାଙ୍କର ସଂପୃକ୍ତ ସ୍ୱାର୍ଥର ପ୍ରକୃତି ସହିତ ସଂପୃକ୍ତ ରେକର୍ଡ଼କୁ ସେମାନଙ୍କ ଦାବୀ ଆକାରରେ ଦାଖଲ କରିବାକୁ ଆହ୍ୱାନ କରାଯାଉଛି । ଏଥିପାଇଁ ଇଚ୍ଛୁକ ଥିବା କଥିତ ଜମି ମାଲିକ କିମ୍ବା ବ୍ୟକ୍ତି ମଧ କ୍ଷତିପୂରଣ ବାବଦରେ ପାଇବାକୁ ଥିବା ଅର୍ଥ ପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଂଟର ବିବରଣୀ ପ୍ରଦାନ କରିବା ଉଚିତ୍ । ନିମ୍ନରେ ଦିଆଯାଇଥିବା ଫର୍ମାଟ ଆକାରରେ ଦାବୀ ଗୁଡ଼ିକୁ ଦାଖଲ କରାଯିବ ।

| ଗ୍ରାମ/ଟାଉନ୍ ର ନାମ | ଜମି ମାଲିକ/ ଇଚ୍ଛୁକ ବ୍ୟକ୍ତି ର ନାମ | ଖାତ ସର୍ବେକ୍ଷଣ ନଂ. | ତାଙ୍କ ଅଂଶ ଭୁକ୍ତ ଜମିର ଏରିଆ | ଏହି ଜମି ସହିତ ସଂଯୁକ୍ତ ଥିବା କୌଣସି ନିର୍ମାଣ/ ଗଛ ବୃକ୍ଷ/ନଳକୂପ | ବ୍ୟାଙ୍କର ନାମ ଓ ଏହାର ଶାଖା ଯେଉଁ ଠାରେ ତାଙ୍କ ଆକାଉଣ୍ଟ ରହିଛି | ବ୍ୟାଙ୍କ ଆକାଉଣ୍ଟ ନଂ-- ବ୍ୟାଙ୍କ ଶାଖା ର ଆଇଏଫ -ଏସସି କୋଡ ବିବରଣୀ |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |

ଅନୁସୂଚୀ
ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାରେ କିମି ୨୩୯.୬୫୦ରୁ କିମି ୩୬୬.୫୦୦(ତହସିଲଦାର କୋରାପୁଟଙ୍କ କାର୍ଯ୍ୟାଳୟ)ର ବିସ୍ତାରରେ ଥିବା ଜମି ଉପରେ ନୂତନ ପ୍ରସ୍ତାବିତ ରାୟପୁର-ବିଶାଖାପାଟଣା ଏନଏଚ-୧୩୦ ସିଡି ଇକନୋମିକ କରିଡରର ସହ ଆସୁଥିବା ନିର୍ମାଣ ସହ କିମ୍ବା ବିନା ନିର୍ମାଣରେ ଅଧିଗ୍ରହୀତ ହେବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ
File No. NHAI/11013/LA/PIU-Sambalpur,Odisha/Newly Proposed/ Notif.(3a)/Koraput/3D1] ABHAY JAIN, Dy. Secy.
District: Koraput
https://egazette.gov.in
Publication date:04.07.2024
https://egazette.gov.in/(S(hrfqyc5ce4mgdwwt1hmvo5as))/ViewPDF.aspx
https://bhoomirashi.gov.in/auth/revamp/show FileDf.cshtml?notification_id=55122&file_id=27323

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଚିରାକୁ ନେଇ ଥାନାରେ ଏତଲା**

**ବାଲିଶଙ୍କରା, (ହୃଦାନନ୍ଦ ବାରିକ):** ସୁନ୍ଦରଗଡ ଜିଲା ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଲୱେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହୋର୍ଡିଂ ଭାଜପା ପକ୍ଷରୁ ଲଗାଯାଇଥିଲା। ଏକ କମ୍ପାନୀର କର୍ମକର୍ତ୍ତାମାନେ ଉକ୍ତ ପୋଷ୍ଟର ଚିରି ସେହି ହୋର୍ଡିଂରେ ନିଜର ଏକ ପୋଷ୍ଟର ଲଗାଇଛନ୍ତି। ଭାଜପା କୃଷକ ମୋର୍ଚ୍ଚା ସଭାପତି ରବିନ୍ଦ୍ର ପଟେଲ ତଲସରା ଥାନାରେ ଅଭିଯୋଗ କରିଛନ୍ତି।

# ନା ମାରେ ମେରେ ଦିୱାନେ କୋ

**ଭୁବନେଶ୍ୱର,୨୨।୭(ଅନିଲ ଦାସ)**

ହିନ୍ଦୀ ଚଳଚ୍ଚିତ୍ର 'ଲୈଲା ମଜ୍‌ନୁ'ର ଏକ ଲୋକପ୍ରିୟ ସଙ୍ଗୀତ 'କୋଇ ପଥର ସେ ନା ମାରେ ମେରେ ଦିୱାନେ କୋ'ରେ ଲୈଲା (ରଞ୍ଜିତା କୌର) ତାଙ୍କ ନାୟକ ମଜ୍‌ନୁ (ଋଷି କପୁର)ଙ୍କ ଉଦ୍ଦେଶ୍ୟରେ ଏହି ଗୀତ ଗାଇଥିଲେ। ଏହି ସିନେମାରେ ଲୈଲାଙ୍କର ମଜ୍‌ନୁଙ୍କ ପ୍ରତି ଗଭୀର ପ୍ରେମର ନିଦର୍ଶନ ଦେଖିବାକୁ ମିଳିଥିଲା। ଓଡ଼ିଶାରେ ଏବେ ଚର୍ଚ୍ଚା ହେଉଛି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିବା ଭି.କେ. ପାଣ୍ଡିଆନ୍‌ଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ରହିଆସିଥିବା ଅନାବିଳ ସମ୍ପର୍କ ଏବେ ବି ଅତୁଟ ରହିଛି। ପାଣ୍ଡିଆନ୍‌ଙ୍କ ପ୍ରତି ଯେଉଁଠାରେ ଯିଏ ବି ସମାଲୋଚନାମୂଳକ ମନ୍ତବ୍ୟ ଦେଉଛନ୍ତି, ସେତେବେଳେ ତାଙ୍କୁ ସୁରକ୍ଷା ଦେବାକୁ ନବୀନ ଆଗେଇ ଆସୁଛନ୍ତି। ସଦ୍ୟ ଘଟଣା ଏହିପରି।

ଗତ କିଛି ସପ୍ତାହ ଧରି ଜଣେ କେନ୍ଦ୍ରମନ୍ତ୍ରୀଙ୍କ ସହାୟତାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବାକୁ ପାଣ୍ଡିଆନ ଉଦ୍ୟମ କରୁଥିବା ନେଇ ଏକ ଜାତୀୟ ଇଂଲିଶ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କେବଳ ଏତିକି ନୁହେଁ, ବିଜେଡିରେ ଫାଟ ସୃଷ୍ଟି କରିବା ସହ ରାଜ୍ୟରେ ଭାଜପା ସଙ୍ଗଠନକୁ ଶକ୍ତିଶାଳୀ କରିବାରେ ସହଯୋଗ କରିବେ ବୋଲି ଭାଜପା ନେତୃବୃନ୍ଦଙ୍କୁ ପ୍ରସ୍ତାବ ଦେଇଥିବା ନେଇ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକାଗଜରେ ପାଣ୍ଡିଆନ ଓ ବିଜେଡିକୁ ନେଇ ପ୍ରକାଶିତ ଏହି ଖବରକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଖଣ୍ଡନ କରିଛନ୍ତି। ନବୀନ ସୋମବାର ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି ଏହା ସମ୍ପୂର୍ଣ୍ଣ ମିଥ୍ୟା, ଉଦ୍ଦେଶ୍ୟ ପ୍ରଣୋଦିତ, ବିଭ୍ରାନ୍ତକାରୀ ଏବଂ ମାନହାନି କଲାଭଳି ଖବର। ପାଣ୍ଡିଆନ ନିଜର ଦକ୍ଷତା, ନିଷ୍ଠା, ସମର୍ପଣ ଭାବନା ନେଇ ଉଭୟ ରାଜ୍ୟ ଓ ଦଳ ପାଇଁ କାମ କରିଛନ୍ତି। ଏହି ସେବା ମନୋବୃତ୍ତି ପାଇଁ ପାଣ୍ଡିଆନ ଜଣାଶୁଣା ବୋଲି ନବୀନ ଉଲ୍ଲେଖ କରିଛନ୍ତି। ଏହାପୂର୍ବରୁ ବିଜେଡିର ପରାଜୟ ପାଇଁ ପାଣ୍ଡିଆନଙ୍କୁ ଦାୟୀ କରାଯାଉଥିବା ବେଳେ ନବୀନ ସାମ୍ନାକୁ ଆସି କ୍ଲିନଚିଟ୍ ଦେଇଥିଲେ। ତେବେ ବାରମ୍ବାର ପାଣ୍ଡିଆନଙ୍କ ପ୍ରତି ନବୀନଙ୍କ ପ୍ରେମଭାବ ବଢ଼ୁଥିବାରୁ ଏହା ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଉଛି।

ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ଇଂଲିଶ ଖବରକାଗଜରେ ଉପରଲିଖିତ ଖବର ପ୍ରକାଶ ପାଇବା ପରେ ସୋମବାର ଲେଖକ ସୋସିଆଲ ମିଡିଆରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି।

# ବିଜେଡି ଆୟୁଷ ବେଶିଦିନ ନୁହେଁ

## ଜୟନାରାୟଣଙ୍କ ଜ୍ୟୋତିଷୀ ଆକଳନ

**ଭୁବନେଶ୍ୱର, ୨୨।୭(ସୁନିତ୍ ମିଶ୍ର)**

ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ କଥାରେ ମନ୍ତବ୍ୟ ଦେଇଥିବା ଦେଖିବାକୁ ମିଳିଛି। ବିଜେଡି ଭବିଷ୍ୟତକୁ ନେଇ ଶାସକ ଦଳର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ସିଧାସଳଖ ବିରୋଧୀ ଦଳକୁ ଟାର୍ଗେଟ କରିଥିବା ଦେଖିବାକୁ ମିଳିଛି। ଭାଜପା-ବିଜେଡି ଗୋଟିଏ ଦଳ କି ବୋଲି ପଚରାଯିବାରୁ ଜୟନାରାୟଣ କହିଛନ୍ତି, ଆମେ ଯେତେବେଳେ ବିରୋଧୀ ଦଳରେ ଥିଲୁ ସେତେବେଳେ ଭାଜପା ଓ ବିଜେଡି ଗୋଟିଏ ବୋଲି କୁହାଯାଉଥିଲା। ଏବେ ଆମେ ସରକାରୀ ଦଳରେ ଥିବା ବେଳେ ବି ସେହି ସମାନ କଥା କୁହାଯାଉଛି। ଯଦି ଉଭୟ ଗୋଟିଏ ଦଳ ହେଲେ, ତେବେ ସେଇଟା ଆମ ଯୋଗ୍ୟତା। କିଏ କାହା ଆଡ଼କୁ ଢଳୁଛି, ତାହା ଜଣାନାହିଁ। କିନ୍ତୁ ଗୋଟିଏ କଥା ବିଜେଡିର ଆୟୁଷ ବହୁତ କମ୍ ଦିନ। ଜଣେ ଜ୍ୟୋତିଷୀ ଭଳି ଏହି ଭବିଷ୍ୟବାଣୀ କଲି ବୋଲି ସେ କହିଛନ୍ତି।


ଜୟନାରାୟଣ ମିଶ୍ର

ଜୟନାରାୟଣ ଆହୁରି କହିଛନ୍ତି, ବିଜେଡି ପୁଣିଥରେ ସରକାର କରିବା ପର୍ଯ୍ୟନ୍ତ ଦଳ ବଞ୍ଚିଥିଲେ ଯାଇ ହବ। ଅନ୍ୟପକ୍ଷରେ ବଜେଟ ଅଧିବେଶନ ପୂର୍ବରୁ ରବିବାର ସର୍ବଦଳୀୟ ବୈଠକରେ ଯୋଗଦେବା ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମନ୍ତ୍ରଣ କରିଥିଲେ। ଏହାକୁ ନେଇ ବିଜେଡି ପ୍ରତି ଭାଜପା ନରମ ଆଭିମୁଖ୍ୟ ପୋଷଣ କରୁଥିଲା ଭଳି ମନେ ହେଉଛି କି ବୋଲି ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ଜୟନାରାୟଣ ମିଶ୍ର ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କିଛି ନରମ ଆଭିମୁଖ୍ୟ ଦେଖାଯାଉ ନାହିଁ, ସେମିତି କିଛି ଘଟିନି। କଥା ହେଉଛି-ଆମେ ରାଜନୀତିକ ଶିଷ୍ଟାଚାର ଜାଣୁ। ସେଭଳି ଶିଷ୍ଟାଚାରକୁ ଆମେ ଅବଲମ୍ବନ କରୁଛୁ। ନବୀନ ପଟ୍ଟନାୟକଙ୍କୁ ରାଜନୈତିକ ଶିଷ୍ଟାଚାର ଜଣା ନ ଥିଲା। ସେ କେବେ କାହାକୁ କେୟାର କରୁ ନ ଥିଲେ। ତାଙ୍କୁ ଶିଷ୍ଟାଚାର ଜଣା ନ ଥିବାରୁ ସେ ସେଭଳି ଭୁଲ୍ କରୁଥିଲେ। ଆମେ ସେଭଳି ରାଜନୀତିକ ଶିଷ୍ଟାଚାରବିହୀନ କାମ କରିବୁ ନାହିଁ। ବିରୋଧୀ ଦଳ ଗଠନମୂଳକ ପ୍ରସ୍ତାବ ଦେବା କଥା। ସରକାରୀ ଓ ବିରୋଧୀ ଦଳ ମିଶିକି ଦେଶଟାକୁ ଚଲାଇବେ। ବିରୋଧୀ ଦଳ ଆମ ଦୁର୍ବଳତା ଦେଖିବେ, ଆମେ ତାକୁ ସୁଧାରିବୁ ବୋଲି ଜୟନାରାୟଣ କହିଛନ୍ତି।


ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ସୋମବାର ଯୋଗ ଦେବାକୁ ଯାଉଥିବା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ଦଳୀୟ ସାଂସଦ।

# ବିଜେଡିର ୧୬ ଜଣିଆ ନୂଆ ମିଡିଆ ଟିମ୍

**ଭୁବନେଶ୍ୱର,୨୨।୭ (ଅନିଲ ଦାସ)**

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦଳର ୧୬ ଜଣିଆ ନୂଆ ମିଡିଆ ଟିମ୍ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହି ଟିମ୍‌ରେ ପ୍ରଶାନ୍ତ ମୁଦୁଲିଙ୍କ ସହ ବ୍ୟୋମକେଶ ରାୟ, ସୁବାସ ସିଂ, ଗୌତମବୁଦ୍ଧ ଦାସ, ସାରଦା ଜେନା, ଲତିକା ପ୍ରଧାନ, ରମେଶ ବେହେରା, ମନ୍ମଥ ରାଉତରାୟ, ତୁମ୍ବନାଥ ପଣ୍ଡା, ମିହିର ରାୟ, ଚିନ୍ମୟ ସାହୁ, ଈପ୍‌ସିତା ସାହୁ, ସୋଫିଆ ଆଲାମ୍, ଇରାନୀ ରାୟ, ବିଶ୍ୱନାଥ ପ୍ରତାପ ସାହୁ ଏବଂ ଯୁବନେତା ଅରୁପ ଶ୍ରୀଚନ୍ଦନଙ୍କୁ ସାମିଲ କରାଯାଇଛି। ଏହି ୧୬ ଜଣ ସଦସ୍ୟ ଦଳ ପକ୍ଷରୁ ବିଭିନ୍ନ ଇଲେକ୍ଟ୍ରୋନିକ ମିଡିଆ ଡିବେଟ୍‌ରେ ଯୋଗଦେଇ ଦଳର ମତ ରଖିପାରିବେ।

# କେନ୍ଦୁଝରରେ ବୃହତ୍ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ଦାବି କଲେ ଏମ୍‌ପି

**କେନ୍ଦୁଝର,୨୨।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାଏକ ଜିଲାରେ ଏକ ବୃହତ୍ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ସୋମବାର ଲୋକସଭାର ବଜେଟ ଅଧିବେଶନରେ ଦାବି ରଖିଛନ୍ତି। ଏମ୍‌ପି ଲୋକସଭାରେ ରୁଲ୍ ୩୭୭ରେ ଜିଲାର ସମସ୍ୟା ନେଇ ନିଜର ବିବୃତ୍ତି ଦେବା ସମୟରେ ଏଭଳି ଦାବି ଉପସ୍ଥାପନ କରିଛନ୍ତି।

ଅନନ୍ତ ତାଙ୍କ ବକ୍ତବ୍ୟରେ କହିଛନ୍ତି, ଦକ୍ଷିଣ ଝାଡ଼ଖଣ୍ଡର ସିଂହଭୂମ-କେନ୍ଦୁଝର-ବଣେଇ ଲୁହାପଥର କରିଡରର କେନ୍ଦୁଝରରେ ଅଧିକ ଖଣିଜପଥର ରହିଛି। ଏହି କରିଡରରେ ଆସୁଥିବା କେନ୍ଦୁଝରରେ ଏସିଆର ସର୍ବାଧିକ ଲୁହାପଥର (୨୫ ହଜାର


ଅନନ୍ତ ନାଏକ

ମିଲିୟନ ଟନ୍) ଗଚ୍ଛିତ ରହିଛି। ବହୁ ପରିମାଣର ଉଚ୍ଚମାନର ଲୁହାପଥର ଥିଲେ ହେଁ କେନ୍ଦୁଝର ସବୁକ୍ଷେତ୍ରରେ ଅବହେଳିତ ହୋଇରହିଛି। ଜିଲାରେ ନିଯୁକ୍ତି ସୁଯୋଗ କମ୍ ରହିଥିବାରୁ ଶ୍ରମଜୀବୀ ବାହାର ରାଜ୍ୟକୁ କାମ କରିବାକୁ ପଳାଉଛନ୍ତି। ଏଠାରେ ଉଚ୍ଚ ମାନର ଲୁହାପଥରର ସଦୁପଯୋଗ କରିବା ପାଇଁ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏହା ପ୍ରତିଷ୍ଠା ହେଲେ ଜିଲାର ସର୍ବାଙ୍ଗୀନ ବିକାଶ ହେବା ସହ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ। ସେହିପରି ଏଠାରେ ବୃହତ୍ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ରେଳପଥ, ଜାତୀୟ ରାଜପଥ ଓ ବନ୍ଦର ସଂଯୋଗୀକରଣ ଭଳି ଭିତ୍ତିଭୂମୀ ରହିଛି। ତେଣୁ କେନ୍ଦ୍ର ସରକାର ଏକ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା କଲେ କେନ୍ଦୁଝରର ବିକାଶ ହେବା ସହ ଜିଲାବାସୀ ଉପଯୁକ୍ତ କର୍ମନିଯୁକ୍ତି ପାଇପାରିବେ ବୋଲି ଏମ୍‌ପି କହିଥିଲେ।

ସୂଚନାଯୋଗ୍ୟ, କେନ୍ଦୁଝରରେ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଛି। ଏଥିସହ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ ମଧ୍ୟ ହୋଇଛି।

# ଭାରତର ଇନୋଭେଶନ ବିଶ୍ୱସ୍ତରରେ ପହଞ୍ଚିଛି: ଧର୍ମେନ୍ଦ୍ର

## ଅଟଳ ଇନୋଭେଶନ ମିଶନ ଏବଂ ୱିପୋ ମଧ୍ୟରେ ଏଲ୍‌ଓଆଇ ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୨।୭(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଇନୋଭେଶନକୁ ପ୍ରୋତ୍ସାହିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଅଟଳ ଇନୋଭେଶନ ମିଶନ ଏବଂ ୱିପୋ(ୱାର୍ଲ୍ଡ ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ଅର୍ଗାନାଇଜେଶନ) ମଧ୍ୟରେ ଏକ ଏଲ୍‌ଓଆଇ(ଲେଟର ଅଫ୍ ଇଣ୍ଟେଣ୍ଟ) ସ୍ୱାକ୍ଷରିତ ହୋଇଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ଭାରତର ଇନୋଭେଶନ ଇକୋସିଷ୍ଟମ ବିଶ୍ୱସ୍ତରରେ ପହଞ୍ଚିଛି। ବିଶେଷତଃ ଗ୍ଲୋବାଲ ସାଉଥ୍ ସମୂହ ଦେଶଗୁଡ଼ିକ କଲ୍ୟାଣ ପାଇଁ ଉଦ୍ଭାବନ, ଉଦ୍ୟମିତା ଏବଂ ବୌଦ୍ଧିକ କ୍ଷମତା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଏଲ୍‌ଓଆଇ ସ୍ୱାକ୍ଷରିତ ହୋଇଛି। ଇନୋଭେଶନ କ୍ଷେତ୍ରରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ନବସୃଜନ ହେଉଛି ଭାରତର ଶକ୍ତି। ଅଟଳ ଇନୋଭେଶନ ମିଶନ ଏବଂ ୱିପୋ ମଧ୍ୟରେ ଏହି ଭାଗୀଦାରି ଅନ୍ୟ ରାଷ୍ଟ୍ର ପାଇଁ ପଥପ୍ରଦର୍ଶକ ସାଜିବ। ଶିକ୍ଷା କ୍ଷେତ୍ରରେ ଭାରତର ଅଭିନବ ମଡେଲଗୁଡ଼ିକ ବିକାଶଶୀଳ ରାଷ୍ଟ୍ରରେ ଉପଯୋଗ ହେବ। ବିଦ୍ୟାଳୟ ସ୍ତରରୁ ଆଇପିଆର୍ (ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ରାଇଟ୍ସ) ବିଷୟରେ ବୁଝାମଣା ଏବଂ ସଚେତନତା ବ୍ୟାପକ ହେବ। ବିଶ୍ୱରେ ଇନୋଭେଶନ କ୍ଷେତ୍ରରେ ଥିବା ସମ୍ଭାବନାର ଅନ୍ୱେଷଣ କରିବ। ସ୍ଥାୟୀ ଏବଂ ସମାବେଶୀପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି ପାଇଁ ଉଭୟ ସଂସ୍ଥା କାର୍ଯ୍ୟ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।


ଅଟଳ ଇନୋଭେଶନ ମିଶନ ଏବଂ ୱିପୋ ମଧ୍ୟରେ ଏଲ୍‌ଓଆଇ ସ୍ୱାକ୍ଷରିତ ହୋଇଛି। ଏଥିରେ ଉପସ୍ଥିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।




ରାଜ୍ୟରେ ଭାଜପା ସରକାରର ପ୍ରଥମ ବଜେଟ ଅଧିବେଶନରେ ସୋମବାର ବିଧାନସଭା ଭିତରକୁ ପ୍ରବେଶ କରିବାବେଳେ ୨ ବିଧାୟକଙ୍କ ଅଭିନବ ପ୍ରଦର୍ଶନ।

# ବିଧାୟକ ସାରଦାଙ୍କୁ ହାଇକୋର୍ଟ ନୋଟିସ

## ନିର୍ବାଚନ ଅନିୟମିତତା ମାମଲା

**କଟକ,୨୨।୭ (କାର୍ତ୍ତିକ ସାହୁ)**

ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟରେ ଦାଏର ନିର୍ବାଚନୀ ଅନିୟମିତତା ମାମଲାର ଶୁଣାଣି ସୋମବାର ହୋଇଛି। ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ସାରଦାଙ୍କୁ ଏନେଇ ଜବାବ ରଖିବା ନିମନ୍ତେ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଅଗଷ୍ଟ ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ରାଉରକେଲା ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ଭାଜପା ନେତା ଦିଲୀପ ରାୟ ଗତ ଜୁନ୍ ୨୧ରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ବିଧାୟକ ନାୟକ ପ୍ରାର୍ଥିପତ୍ର ଦାଖଲବେଳେ ସତ୍ୟପାଠରେ ସମସ୍ତ ସୂଚନା ପ୍ରଦାନ କରିନାହାନ୍ତି। ସେ ଅନେକ ସୂଚନାକୁ ଚପାଇ ଦେଇ ଅନିୟମିତତା କରିଥିବା ଦିଲୀପ ରାୟ ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ସେହିପରି ଗତ ଜୁନ୍ ୧୦ରେ ସାରଦାଙ୍କ ପାଇଁ ପ୍ରଥମ ଅଡୁଆ ଆଣିଥିଲେ ପରାଜିତ ଏନ୍‌ସିପି ପ୍ରାର୍ଥୀ ରାଜ କୁମାର ଯାଦବ। ଯାଦବ ବିଧାୟକ ନାୟକଙ୍କ ବିରୋଧରେ ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ପିଟିଶନ୍ ଦାଖଲ କରିଥିଲେ। ନାୟକ ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ଦେଇଥିବା ଯାଦବ ପିଟିଶନ୍‌ରେ ଦର୍ଶାଇଥିଲେ। ସେଥିରେ ସେ ନିଜ ସମ୍ପତ୍ତି ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିନାହାନ୍ତି। ଏଥିସହ ତାଙ୍କ ନାମରେ ରହିଥିବା ବିଭିନ୍ନ ଆପରାଧିକ ମାମଲାର ଠିକ୍ ତଥ୍ୟ ମଧ୍ୟ ସେ ଦେଇନାହାନ୍ତି। ତେଣୁ ସାରଦାଙ୍କ ସଭ୍ୟପଦ ରଦ୍ଦ କରାଯିବା ନେଇ ସେ ହାଇକୋର୍ଟଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ହାଇକୋର୍ଟ ଏହି ଆବେଦନକୁ ବିଚାର ପାଇଁ ଗ୍ରହଣ କରିବା ସହ ତାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ଆବେଦନକାରୀ ନିଜର ଯୁକ୍ତି ଦର୍ଶାଇଛନ୍ତି। ୨ଟି ଯାକ ଆବେଦନର ଏକତ୍ର ଶୁଣାଣି ହୋଇଥିବା ଜଣାପଡ଼ିଛି।

# କଂଗ୍ରେସ ବିଧାୟକ ଦଳ ବୈଠକରେ ତାରାଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

- ଆଜି ପୁଣିଥରେ ବସିବ ବିଧାୟକମାନଙ୍କ ବୈଠକ
- କେଉଁ ପ୍ରସଙ୍ଗ ଦଳ ଉଠାଇବ ଆଜି ଚୂଡାନ୍ତ ହେବ: ଦାଶରଥି

**ଭୁବନେଶ୍ୱର, ୨୨।୭(ସୁନିତ୍ ମିଶ୍ର)**

କଂଗ୍ରେସ ବିଧାୟକ ଦଳ ବୈଠକ ସୋମବାର ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ନୂତନ ଭାବେ ନିଯୁକ୍ତ ହୋଇଥିବା ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ସାମିଲ ହୋଇ ନାହାନ୍ତି। ତାଙ୍କ ବଦଳରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କୁ ବିଧାୟକ ଦଳ ନେତା କରାଯାଇଥିବାରୁ ତାରା ଅସନ୍ତୁଷ୍ଟ ହୋଇ ବୈଠକରେ ସାମିଲ ହୋଇ ନ ଥିବା ଚର୍ଚ୍ଚା ହେଉଛି। ତେବେ ବରିଷ୍ଠତା ଦୃଷ୍ଟିରୁ ତାଙ୍କୁ ଏହି ପଦ ମିଳିବ ବୋଲି କୁହାଯାଉଥିଲା। ଅନ୍ୟପକ୍ଷରେ ବିଧାୟକ ଦଳ ବୈଠକ ନେଇ ସେ କିଛି ଜାଣି ନ ଥିବା ଏବଂ ତାଙ୍କୁ କେହି ଡାକି ନ ଥିଲେ ବୋଲି ତାରା କହିଛନ୍ତି। ସେ କହିଛନ୍ତି, ଆଜି ବିଧାୟକ ଦଳ ବୈଠକ ବସିବ ବୋଲି ତାଙ୍କ ପାଖକୁ କୌଣସି ଫୋନ୍ ଆସି ନ ଥିଲା। ବୈଠକ ବସିବ ବୋଲି ତାଙ୍କୁ କୁହାଯାଇନି। ତେବେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ବିଳମ୍ବରେ ଆସି ବୈଠକରେ ଯୋଗ ଦେଇଥିଲେ। ହେଲେ ବିଧାନସଭା କାର୍ଯ୍ୟରେ ତାରାପ୍ରସାଦ ବାହିନୀପତି ସାମିଲ ହୋଇଥିଲେ। ଅନ୍ୟପଟେ କାଡାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରଙ୍କୁ କାଉଣ୍ଟର କରିବା ପାଇଁ ଦଳ ନିଜର ରଣନୀତି ପ୍ରସ୍ତୁତି କରିଛି। ତେବେ ରାଜ୍ୟପାଳଙ୍କ ପୁଅ କାର୍ଯ୍ୟରତ ଏଏସ୍‌ଓଙ୍କୁ ଆକ୍ରମଣ କରିବା ଘଟଣାକୁ ନେଇ ଦଳ ପ୍ରଥମ ଦିନ ସରକାରକୁ ଘେରିବା ସହିତ କକ୍ଷତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିଲା। ସେହିକ୍ରମରେ ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ଆଗକୁ କେଉଁ ପ୍ରସଙ୍ଗରେ ଦଳ ସରକାରଙ୍କୁ ଘେରିବ ସେନେଇ ମଙ୍ଗଳବାର ଅଧିବେଶନ ଆରମ୍ଭ ହେବାର ଘଣ୍ଟାଏ ପୂର୍ବରୁ ଆଉଥରେ ବିଧାୟକ ଦଳ ବୈଠକ କରି ନିଷ୍ପତ୍ତି ନେବ ବୋଲି ବିଧାୟକ ଦାଶରଥି ଗମାଙ୍ଗ ସୂଚନା ଦେଇଛନ୍ତି।


କଂଗ୍ରେସ ବିଧାୟକ ଦଳ ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ନେତୃବୃନ୍ଦ।

ସୂଚନାଯୋଗ୍ୟ, ପୂର୍ବରୁ ବିଧାୟକ ଦଳ ନେତା ପଦବୀକୁ ନେଇ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଏବଂ ରାମଚନ୍ଦ୍ର କାଡାମଙ୍କ ନାଁ ଚର୍ଚ୍ଚାରେ ଥିଲା। ତାରା ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ କାଡାମ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ଦଳ କାଡାମଙ୍କ ଉପରେ ଭରସା କରିଛି।

# କମିଶନରେଟ୍ ପୋଲିସ ପଞ୍ଝାରେ କଟୁରି ଗ୍ୟାଙ୍ଗ

## ଶଳା, ଭିଣୋଇଙ୍କ ସମେତ ୩ ଗିରଫ

■ଜେଲ୍‌ରୁ ବାହାରି ଗଢ଼ିଥିଲେ ଗ୍ୟାଙ୍ଗ
■୫ ଛିଣ୍ଡା ସୁନାଚେନ୍, କଟୁରି, ବାଇକ୍ ଜବତ

ଭୁବନେଶ୍ୱର,୨୨।୭(ସତ୍ୟଜିତ୍ ରାଉତ)


ଗିରଫ ଅଭିଯୁକ୍ତଙ୍କ ସମେତ ଜବତ ମାରଣାସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ।

ଗୋଟିଏ ବାଇକ୍‌ରେ ୩ଜଣ ଆସୁଥିଲେ। ପ୍ରାତଃଭ୍ରମଣ କରୁଥିବା ମହିଳାଙ୍କୁ ଟାର୍ଗେଟ କରୁଥିଲେ। ସୁଯୋଗ ଦେଖି ମହିଳାଙ୍କୁ ଅଟକାଇ କଟୁରି ଦେଖାଇ ସୁନା ଅଳଙ୍କାର, ଟଙ୍କା ଆଦି ଲୁଟୁଥିଲେ। ଏପରିକି ଆକ୍ରମଣ କରିବାକୁ ମଧ୍ୟ ପଛାଉ ନ ଥିଲେ। କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଏହି ଗ୍ୟାଙ୍ଗକୁ ଧରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ମସଜିଦ୍ କଲୋନୀରେ ରହୁଥିବା ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ନପୁର ଅଞ୍ଚଳର ଏସ୍‌କେ ନୟାମଦ୍ ଓରଫ ଛୋଟୁ (୨୮), ଶହୀଦନଗର ଥାନା ଅନ୍ତର୍ଗତ ଆଖଣ୍ଡଳମଣି ବସ୍ତିରେ ରହୁଥିବା ବାଲେଶ୍ୱର ଜିଲା ସାହାଜାନ ନଗର ଅଞ୍ଚଳର ଗଣେଶ ପୃଷ୍ଟି(୨୮) ଓ ଯାଜପୁର ଜିଲା କୋରେଇ ଅଞ୍ଚଳର ଶଙ୍କର ଦାସ (୨୯)। ସେମାନଙ୍କଠାରୁ ୫ଟି ଛିଣ୍ଡା ସୁନାଚେନ୍, ଗୋଟିଏ ମୁଦି, ୩ଟି ମୋବାଇଲ, ଗୋଟିଏ ବାଇକ୍, ଗୋଟିଏ କଟୁରି ଓ କତା ଜବତ ହୋଇଛି। ଏୟାରପୋର୍ଟ ଥାନା ପକ୍ଷରୁ ସୋମବାର ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱରର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ ଫେଜ୍-୧ ଅଞ୍ଚଳର ପୁଷ୍ପଲତା ନାୟକ ଜୁଲାଇ ୮ରେ ନଣନ୍ଦଙ୍କ ସହ ପଳାସପଲ୍ଲୀସ୍ଥିତ ବିଡିଏ ପାର୍କ ନିକଟରେ ପ୍ରାତଃଭ୍ରମଣ କରୁଥିବାବେଳେ ଅଭିଯୁକ୍ତମାନେ ଏକ ବାଇକ୍‌ରେ ପିଛା କରିଥିଲେ। ସକାଳ ପ୍ରାୟ ୫ଟା ୩୦ରେ ସେମାନେ ପୁଷ୍ପଲତାଙ୍କୁ ଅଟକାଇ କଟୁରି ଦେଖାଇ ସୁନା ଚେନ୍, କାନଫୁଲ, ମୁଦି, ଲକେଟ୍ ଝାମ୍ପି ନେଇଥିଲେ। ଏନେଇ ପୁଷ୍ପଲତାଙ୍କ ଏତଲାକ୍ରମେ ଏୟାରପୋର୍ଟ ଥାନା ପୋଲିସ ଏକ ମାମଲା (ନଂ.୧୮୯/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିଦିନ ତମାଣ୍ଡୋ ଥାନା ଅନ୍ତର୍ଗତ କେ-୪ ଅଞ୍ଚଳର ପଦ୍ମଲୋଚନ ସାହୁଙ୍କ ମା'ଙ୍କୁ ସକାଳ ପ୍ରାୟ ୫ଟା ୪୫ରେ ତାଙ୍କ ଘର ନିକଟରେ ଆକ୍ରମଣ କରି କରି ସୁନାଚେନ୍ ଝାମ୍ପି ନେଇଥିଲେ। ଏନେଇ ଏତଲାକ୍ରମେ ତମାଣ୍ଡୋ ଥାନା ପୋଲିସ ଏକ ମାମଲା (ନଂ.୨୬୯/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ସେହିପରି ଦୁର୍ବୃତ୍ତମାନେ ଜୁଲାଇ ୧୩ରେ ତମାଣ୍ଡୋ, ଜୁନ ୨୮ରେ କଟକ ସଦର ଓ ଜୁଲାଇ ୬ରେ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ସମାନ ଧରଣର ୩ଟି ଲୁଟ୍‌ପାଟ ଘଟାଇଥିଲେ।

### କଟକ, ଭୁବନେଶ୍ୱରରେ ଘଟାଇଛନ୍ତି ୮୨ରୁ ଊର୍ଦ୍ଧ୍ୱ ଅପରାଧ

ଅଭିଯୁକ୍ତମାନେ କଟକ, ଖୋର୍ଦ୍ଧା, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲାରେ ସକ୍ରିୟ ଥିଲେ। ଗତ ୩ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ୩ଟି ଓ କଟକରେ ୨ଟି ଅପରାଧ ଘଟାଇ ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଥିଲେ। ଏହି ଦୁଇ ସହରରେ ଗଣେଶ ୪୪ଟି ମାମଲାରେ ସମ୍ପୃକ୍ତ ଥିବାବେଳେ ଛୋଟୁ ୫ଟି ଓ ଶଙ୍କର ୩୩ରୁ ଊର୍ଦ୍ଧ୍ୱ ଅପରାଧ ଘଟାଇଛନ୍ତି। ଗଣେଶ ଓ ଶଙ୍କର ସମ୍ପର୍କରେ ଶଳା ଭିଣୋଇ। ଉଭୟ ସିରିଜ୍ ଲୁଟ୍ କରି ୨୦୨୧ ଜାନୁଆରୀରେ ଭୁବନେଶ୍ୱର ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ପରେ କଟକ ସହରାଞ୍ଚଳ ପୋଲିସ ଜିଲାର ଏକ ମାମଲାରେ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ହୋଇ ଚୌଦ୍ୱାର ଜେଲରେ ରହିଥିଲେ। କିଛିମାସ ତଳେ ଉଭୟ ହାଇକୋର୍ଟରୁ ସର୍ତ୍ତମୂଳକ ବେଲରେ ମୁକୁଳିଥିଲେ। ପରେ ଉଭୟ ଛୋଟୁ ସହ ମିଶି ଗ୍ୟାଙ୍ଗ ଗଢ଼ି ପୁଣି ଅପରାଧ ଘଟାଇଥିଲେ। ଅପରାଧ ଘଟାଇବା ପରେ ପୋଲିସକୁ ଚକ୍‌ମା ଦେବା ପାଇଁ ସେମାନେ ସହର ଛାଡ଼ି ଆଉ ଏକ ସହରକୁ ଚାଲିଯାଉଥିଲେ। ଚୋରି ସୁନା ଅଳଙ୍କାରକୁ ସେମାନେ କୋଲକାତାରେ ବିକ୍ରି କରି ପୁଣି ୬ରୁ ୭ ଦିନ ମଧ୍ୟରେ ଫେରି ଲୁଟପାଟ୍ ଆରମ୍ଭ କରୁଥିଲେ।

# ବର୍ଷେ ପରେ ଧରାପଡ଼ିଲେ ଶିକାରୀ

## ଶିମିଳିପାଳରେ କଲରାପତରିଆ ବାଘ ଶିକାର

ବାରିପଦା,୨୨।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟରୁ କଲରାପତରିଆ ବାଘ ଶିକାର ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ବର୍ଷକ ପରେ ବନ ବିଭାଗ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଖୁଣ୍ଟା ଥାନା ଅଧୀନ ବହଳଦା ଅଞ୍ଚଳର ନେତ୍ରା ସିଂ। ଏନେଇ ୱାଇଲ୍ଡ ଲାଇଫ ପ୍ରୋଟେକ୍ସନ ଆକ୍ଟ ୧୯୭୨ ଅନୁଯାୟୀ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ୨୦୨୩ ଜୁଲାଇ ୨୩ରେ ଶିମିଳିପାଳ ଅଭୟାରଣ୍ୟରୁ ୪ଟି କଲରାପତରିଆ ବାଘ ଶିକାର କରାଯାଇଥିଲା। ଏହି ବାଘ ଛାଲକୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଡିଲ୍ ଚାଲିଥିବା ସମୟରେ ବନ ବିଭାଗ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ନେତ୍ରା ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ତେବେ ବିଶ୍ୱସ୍ତସୂତ୍ରରୁ ଖବରପାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ ଓ ବାରିପଦା ବନଖଣ୍ଡ ପକ୍ଷରୁ ମିଳିତ ଚଢ଼ାଉ ପରେ ସୋମବାର ସେ ଧରାପଡ଼ିଛନ୍ତି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ମଧ୍ୟ ଧରିବା ପାଇଁ ଚଢ଼ାଉ ଜାରି ରହିଥିବା ବନ ବିଭାଗ କହିଛି।


ଗିରଫ ଅଭିଯୁକ୍ତ ନେତ୍ରା ସିଂ।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କୁଚିଣ୍ଡା,୨୨।୭(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଞ୍ଚଳର ଜଣେ ୬୪ବର୍ଷିଆ ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମହୁଲପାଲି ଥାନା ସୋଡାଲୋଇ ଗ୍ରାମର ଶିବ ମୁଣ୍ଡା(୩୦)। ଏନେଇ ପୋଲିସ ମହୁଲପାଲି ଥାନାରେ ବିଏନଏସ ୬୪(୧) (ନଂ.୧୨୬/୨୪)ଏକ ବଳାତ୍କାର ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ବୃଦ୍ଧା ଜଣକ କୌଣସି କାମରେ ଜର୍ଡା ଗ୍ରାମକୁ ଯାଇ ଅପରାହ୍ନ ସାଢେ ୪ଟାରେ ଚାଲିଚାଲି ଘରକୁ ଫେରୁଥିଲେ। ଅଳାପୋଷି ଛକ ନିକଟରେ ଶିବ ତାଙ୍କୁ ଟାଣି ନେଇ ବଳାତ୍କାର କରିଥିଲେ। ଚିତ୍କାର କରିବାରୁ ଘଟଣାସ୍ଥଳରୁ ଅଭିଯୁକ୍ତ ଶିବ ଫେରାର ହୋଇଯାଇଥିଲେ। ଅଳାପୋଷି ଗ୍ରାମବାସୀ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକଟ ନ ଥିଲେ ଆପଣ ମରି**
**କୁଳ କୁଟୁମ୍ବକୁ ଉଚ୍ଛନ୍ନ କରି।**

ଭୁଲ ସୁଧାରିବା ପାଇଁ ଛୋଟ ଛୋଟ ପିଲାମାନଙ୍କୁ ବାରଣ ବା ଆକଟ କରାଯାଇଥାଏ। ଏପରି କରିବା ଦ୍ୱାରା ସେମାନଙ୍କ ଚରିତ୍ରରେ କିଛିଟା ସୁଧାର ଆସିପାରିଥାଏ। ପରନ୍ତୁ ଆକଟ ନ କଲେ ସେମାନଙ୍କ ଚରିତ୍ର ଓ ଚାଲିଚଳନ ଖରାପ ହେବା ସହ ଭବିଷ୍ୟତରେ ସେମାନେ ଉଚ୍ଛୃଙ୍ଖଳ ହୋଇ ପରିବାରର କ୍ଷତି ଘଟାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ଘରର ଖବର ନ ରଖି**
**ପରକୁ କହନ୍ତି ବାଛି**
**ନିଜ ଦୋଷ କେହି ନ କହନ୍ତି ଭଲା**
**ପରକୁ କହନ୍ତି ଲେଛି।**

କେତେକ ବ୍ୟକ୍ତି ନିଜ ଘରର ହାନିଲାଭ ବିଷୟରେ କୌଣସି ଖୋଜ ଖବର ନ ରଖି ସର୍ବଦା ପର ଘର ବିଷୟରେ ମୁଣ୍ଡ ପୂରାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତି କେବେ ବି ନିଜର ଦୋଷକୁ ସ୍ୱୀକାର କରୁନଥିବାବେଳେ ପର ପ୍ରତି ଦୋଷାରୋପ କରିଥାନ୍ତି। ଏପରି ଚରିତ୍ରର ବ୍ୟକ୍ତି ଆମ ସମାଜରେ ପ୍ରାୟତଃ ଦେଖିବାକୁ ମିଳୁଥିବାବେଳେ ସେମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାଇକ୍‌ରେ ଆସି ଗୁଳିମାଡ଼, ଯୁବକ ମୃତ

## ଜଣଙ୍କୁ ଧରିଲା ପୋଲିସ, ଜଣେ ଫେରାର

ଢେଙ୍କାନାଳ ଅଫିସ,୨୨।୭(ରତନ ନାୟାର)/ ସାତମାଇଲ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ନୂଆବଗ ଗ୍ରାମ ରାସ୍ତାରେ ସୋମବାର ଅପରାହ୍ନରେ ଗୁଳିମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲିମି ଥାନା ମହାଲୁଣ୍ଡା ଗ୍ରାମର ତୀର୍ଥ ସାହୁଙ୍କ ପୁଅ ସୁବାସ ସାହୁ(୨୬)।

ପ୍ରକାଶ ଯେ, ରାସୋଳସ୍ଥିତ ୱାଟର ସେଡ୍ କାର୍ଯ୍ୟାଳୟରୁ ନୂଆବଗଦେଇ ପାଞ୍ଚମାଇଲ ରାସ୍ତାରେ ସୁବାସ ଆସୁଥିବା ସମୟରେ ଅପରାହ୍ନ ପ୍ରାୟ ୪ଟା ବେଳେ ବାଇକ୍‌ରେ ଥିବା ୨ ଯୁବକ ନୂଆବଗ ଶନିମନ୍ଦିର ନିକଟରେ ତାଙ୍କୁ ଅଟକାଇ ମାରପିଟ କରିଥିଲେ। ଏଥିସହ ତାଙ୍କ ନିକଟରେ ଥିବା ବ୍ୟାଗ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ସୁବାସ ପ୍ରତିରୋଧ କରିବାରୁ ୨ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଗୁଳିମାଡ଼ କରିଥିଲେ। ଏହି ସମୟରେ ହିନ୍ଦୋଳରୁ ଫେରୁଥିବା ଅନ୍ୟ ୨ ଯୁବକ ପାଟି କରିବାରୁ ଦୁର୍ବୃତ୍ତ ଦ୍ୱୟ ବାଇକ୍‌ରେ ସ୍ଥାନୀୟ କନ୍ତକୁଳ ଗ୍ରାମ ଅଭିମୁଖେ ପଳାଇଥିଲେ। ଖବରପାଇ ଗ୍ରାମବାସୀ ସେମାନଙ୍କୁ ଧରିବାକୁ ଉଦ୍ୟମ କରିବାରୁ ସେମାନେ ସେଠାରୁ ଫେରି ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ପୋଲିସ ଜଙ୍ଗଲକୁ ଘେରିଯାଇଥିଲେ। ଖବରପାଇ ତୁରନ୍ତ ହିନ୍ଦୋଳ ଓ ରସୋଳ ପୋଲିସ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ସୁବାସଙ୍କୁ ହିନ୍ଦୋଳ ଡାକ୍ତରଖାନା ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପୋଲିସ ଜଙ୍ଗଲରୁ ଜଣେ ଦୁର୍ବୃତ୍ତଙ୍କୁ ଧରିବା ସହ ତାଙ୍କଠାରୁ ବନ୍ଧୁକ ଜବତ କରିଥିଲା। ଅନ୍ୟ ଜଣଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ସୁବାସଙ୍କୁ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଭାବି ଟଙ୍କା ଛଡ଼ାଇନେବା ଉଦ୍ଦେଶ୍ୟରେ ଦୁର୍ବୃତ୍ତ ଦ୍ୱୟ ଗୁଳି କରିଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ କହିଛନ୍ତି, ଜଣେ ଅଭିଯୁକ୍ତଙ୍କୁ ପୋଲିସ ଧରିସାରିଛି। ଅନ୍ୟ ଜଣଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ କରାଯାଉଛି। ଖୁବ୍‌ଶୀଘ୍ର ଏଥିରେ ସଫଳତା ହାସଲ ସହ ଘଟଣାର ପର୍ଦ୍ଦାଫାସ କରାଯିବ।


ଗୁଳିମାଡ଼ କରିଥିବା ୨ ଜଣଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି।


ଗୁଳିମାଡ଼ରେ ରାସ୍ତା ପାର୍ଶ୍ୱରେ ଟଳି ପଡ଼ିଛନ୍ତି ସୁବାସ ସାହୁ।

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଲୁହା ପାଇପ ଚୋରି ଘଟଣା, ୩ ଗିରଫ

ଜମନକିରା,୨୨।୭(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡପାଲି ଫାଣ୍ଡି ଜାତୀୟ ରାଜପଥ ୫୩ର କଦଳିପାଳ ନିକଟରେ ଜୁଲାଇ ୧୬ତାରିଖ ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ୫୫ଟି ଲୁହା ପାଇପ ଚୋରି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜମନକିରା ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଧନକଉଡ଼ାର ଉମାଶଙ୍କର ସାହୁ(୨୮), ହୀରାକୁଦ କୁଦୋପଡ଼ା ଲାରପାଙ୍କର ଅଜୟ କିଷାନ (୩୨) ଏବଂ ଯୁଜୁମୁରା ପଟୁଆବାହାଲର ମନବୋଧ ପ୍ରଧାନ (୩୨)। ସେମାନଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ଟୟୋଟା ଏଟିଅସ, ଚଲାଣ ଓ ସମ୍ପୃକ୍ତ କାଗଜାତ୍ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଛି।



ପୋଲିସ ସୂଚନା ଅନୁଯାୟୀ, ଗତ ୧୬ ତାରିଖ ଏକ ଟ୍ରକ ମେଶର୍ଷ ରଶ୍ମି ମେଟଲିକ୍ସର ଲୁହା ପାଇପ ନେଇ ଖଡ଼ଗପୁର ଯାଉଥିଲା। ଗୌଡପାଲି ଫାଣ୍ଡି କଦଳିପାଲଠାରେ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଟ୍ରକରେ ଲୁହା ପାଇପ ଲୋଡ ହୋଇଥିଲା। ଉମାଶଙ୍କର, ମନବୋଧ ଏବଂ ଅଜୟ ମିଶି ଅନ୍ୟ ଏକ ଟ୍ରକରେ ନିଜ ମାଲ କହି ନେଇ ବିକ୍ରି କରି ଦେଇଥିଲେ।

# ବିବାହ ଭୋଜିରୁ ବରକୁ ଉଠାଇଲା ପୋଲିସ

ଫୁଲବାଣୀ,୨୨।୭(ରାକେଶ କୁମାର ରାଉତ)

ବାହାଘର ସରିଥିଲା। ବର ଘରକୁ କନିଆ ଆସିସାରିଥିଲା। ବିଧି ମୁତାବକ ଘରେ ସବୁ କାର୍ଯ୍ୟ ଚାଲିବା ସହ ଭୋଜିର ଆୟୋଜନ ହୋଇଥିଲା। ଗ୍ରାମବାସୀ, ବନ୍ଧୁ ବାନ୍ଧବ ଏବଂ ଝିଅ ଘର ଲୋକେ ଭୋଜିରେ ମଧ୍ୟ ସାମିଲ ହୋଇଥିଲେ। ଖାଇପିଇ ସାରିବା ପରେ ଖୁସିର ମାହୋଲରେ ହଠାତ୍ ବରକୁ ଉଠାଇ ନେଇଗଲା ପୋଲିସ। ଜଣେ ଝିଅକୁ ପ୍ରେମ କରି ପ୍ରତାରଣା କରିବା ଅଭିଯୋଗରେ ସୋମବାର ବରକୁ କୋର୍ଟ ଚାଲାଣ କରାଯାଇଛି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ବାରିକୁମ୍ପା ଅଞ୍ଚଳରେ।

ପ୍ରକାଶ ଯେ, ବାରିକୁମ୍ପା ଗ୍ରାମର ସୌରଭ ପ୍ରଧାନଙ୍କ ସହ ଫିରିଙ୍ଗିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ୨୦୧୧ରୁ ଦେଖା ସାକ୍ଷାତ ହୋଇଥିଲା। ଏହାପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ବିବାହର ନିଷ୍ପତ୍ତି ନେଇ କଟକର ଏକ ମନ୍ଦିରରେ ଲୁଚି ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଦୁହିଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିଚ୍ଛେଦ ହୋଇଥିଲା। ଗତ ୧୪ ତାରିଖରେ ସୌରଭ ଗଞ୍ଜାମ ଅଞ୍ଚଳର ଜଣେ ଝିଅକୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ନିଜ ବାସଭବନରେ ରବିବାର ରାତିରେ ଭୋଜନର ଆୟୋଜନ କରିଥିଲେ। ଏହି ସମୟରେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ପୂର୍ବରୁ ପ୍ରେମ କରୁଥିବା ଯୁବତୀ ଜଣକ ଏ ନେଇ ଖଜୁରିପଡ଼ା ଥାନାରେ ଏତଲା ଦେଇଥିଲେ। ଏ ନେଇ ନଂ.୧୧୩/୨୪ରେ ମାମଲା ରୁଜୁ ହୋଇଛି। ସୌରଭଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଚାପଧାରୀ ପ୍ରଧାନ ସୂଚନା ଦେଇଛନ୍ତି ।

## ପ୍ରେମ ପରେ ପ୍ରତାରଣା

# ଅଟୋରୁ ଗଞ୍ଜେଇ ଜବତ, ୩ ଗିରଫ

ସୋନପୁର,୨୨।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ନଳିନୀ ଛକରେ ଅବକାରୀ ବିଭାଗର ସୋନପୁର ରେଞ୍ଜ ପକ୍ଷରୁ ସୋମବାର ଚଢାଉ କରାଯାଇଛି। ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା ଏକ ଅଟୋ ରିକ୍ସା ନଂ ଓଡି୩୧ଡି-୯୨୪୪କୁ ସନ୍ଦେହରେ ଅଟକ ରଖି ତନଖି କରାଯାଇଥିଲା। ଅଟୋ ତନଖି ସମୟରେ ୮ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ପୁରୁଣାପାଣି ଅଞ୍ଚଳର ସୁଶାନ୍ତ ସାହୁ(୪୩), ମଧ୍ୟପ୍ରଦେଶର ନରସିଂହପୁର ଜିଲା କେନକ୍ରା ଅଞ୍ଚଳର ବ୍ରଜଲାଲ କଟିୟା(୫୫) ଓ ମନୋଜ ଯାଦବ(୨୫)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବ୍ରଜଲାଲ ଓ ମନୋଜ ବୌଦ୍ଧ ଜିଲା ମନମୁଣ୍ଡା ଥାନା ପୁରୁଣାପାଣି ଅଞ୍ଚଳରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏ ସମ୍ପର୍କରେ ଅବକାରୀ ସୋନପୁର ରେଞ୍ଜ ପକ୍ଷରୁ ଏକ ମାମଲା(୬୧/୨୪) ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ, ବ୍ୟବହୃତ ଅଟୋ ଓ ୨ଟି ମୋବାଇଲ ଜବତ କରାଯାଇଛି।

# ଜମି ବିବାଦରୁ ହଣାକଟା

■ବାପ,ପୁଅ ଗୁରୁତର
■ଆକ୍ରମଣ ସମୟର ଭିଡିଓ ଭାଇରାଲ୍

ଉଦଳା,୨୨।୭(ସନ୍ତୋଷ କୁମାର ବାଞ୍ଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ନୁଦଡିହା ଗ୍ରାମରେ ଜମି ବିବାଦରୁ ରକ୍ତାକ୍ତ ସଂଘର୍ଷ ଘଟିଛି। ଗୋଟିଏ ପକ୍ଷର ମରଣାନ୍ତକ ଆକ୍ରମଣରେ ଅନ୍ୟପକ୍ଷର ବାପ, ପୁଅ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ଉଭୟଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଆକ୍ରମଣ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି।

ସୂଚନା ଅନୁଯାୟୀ, ଗ୍ରାମର ପରମାନନ୍ଦ ନାୟକ ଏବଂ ତାଙ୍କ ପୁଅ ସତ୍ୟସାଇ ସୋମବାର ନିଜ ବିଲରେ କାମ କରୁଥିଲେ। ଏହି ସମୟରେ ସମ୍ପର୍କୀୟ ଭାଇ ଜଗବନ୍ଧୁ ନାୟକ ଏବଂ ତାଙ୍କ ପୁଅ ତପନ ଓ ଶ୍ରୀନାଥ ସେଠାରେ ପହଞ୍ଚି କାମ କରିବାକୁ ବିରୋଧ କରିଥିଲେ। ଏନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଜଗବନ୍ଧୁ ଓ ତାଙ୍କ ପୁଅ ସାଙ୍ଗରେ ଆଣିଥିବା କଟୁରି ଓ କୋଦାଳରେ ପରମାନନ୍ଦ ଏବଂ ତାଙ୍କ ପୁଅଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି।


ଆକ୍ରମଣରେ ଗୁରୁତର ବାପ ପୁଅ।

## ନାବାଳିକା ବଳାତ୍କାର ମାମଲା

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ୨୦ ହଜାର ଜରିମାନା

ଜୟପୁର, ୨୨।୭ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ଅଞ୍ଚଳରେ ଘଟିଥିବା ୪ ବର୍ଷର ନାବାଳିକା ବଳାତ୍କାର ମାମଲାର ସୋମବାର ଶୁଣାଣି ହୋଇଛି । ଜୟପୁରସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଏହି ମାମଲାର ବିଚାର କରି ୨୨ଟି ସାକ୍ଷ୍ୟ ପ୍ରମାଣ ଓ ୨୭ଟି ଦସ୍ତାବିଜକୁ ଭିତ୍ତିକରି ଉପରୋକ୍ତ ରାୟ ଦେଇଛନ୍ତି। ଦଣ୍ଡିତ ହୋଇଥିବା ଅଭିଯୁକ୍ତ ହେଲେ କାକିରିଗୁମ୍ମା ପରଜାସାହିର ରାଜାରାମ ମୁଦୁଲି (୨୪)। ତାଙ୍କୁ କୋର୍ଟ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ଅନାଦାୟ ହେଲେ ୬ମାସ ଅଧିକ କାରାଦଣ୍ଡ ଭୋଗିବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ପୀଡ଼ିତାଙ୍କୁ ଆଇନସେବା ପ୍ରାଧିକରଣ ମାଧ୍ୟମରେ ୧୦ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ରୁଜୁ ସମୟରେ ପୀଡ଼ିତାଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅବଶିଷ୍ଟ ୭ଲକ୍ଷ ଟଙ୍କା ଦେବାକୁ କୋର୍ଟ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ସମ୍ପୃକ୍ତା ନାବାଳିକା ଗତ ୧୯।୫।୨୦୨୦ରେ ମଧ୍ୟାହ୍ନ ୧୨ଟା ବେଳେ ଘର ପିଣ୍ଡାରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ଅଭିଯୁକ୍ତ ରାଜାରାମ ତାଙ୍କୁ ଚକୋଲେଟ ଦେବା ବାହାନାରେ ଜଙ୍ଗଲକୁ ନେଇଯାଇ ବଳାତ୍କାର କରିଥିଲେ। ବଳାତ୍କାର ପରେ ଅଚେତ ଅବସ୍ଥାରେ ତାଙ୍କୁ ସେଠାରେ ଛାଡ଼ି ଚାଲି ଆସିଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଅନେକ ଖୋଜାଖୋଜି କରି ନିକଟରେ ଥିବା ନୀଳଗିରି ଜଙ୍ଗଲରୁ ରକ୍ତ ଜୁଡୁବୁଡୁ ଓ ଅଚେତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି କାକିରିଗୁମ୍ମା ମେଡିକାଲ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଅଭିଯୋଗ ପରେ କାକିରିଗୁମ୍ମା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ରାଜାରାମଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ. ଗାୟତ୍ରୀ ଦେବୀ ମାମଲା ପରିଚାଳନା କରୁଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ଗୁଡୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୦ ସୁଦ୍ଧା ବାର୍ଷିକ ୭୮.୫ ଲକ୍ଷ ନିଯୁକ୍ତି ସୃଷ୍ଟି ଆବଶ୍ୟକ

**ଭୁବନେଶ୍ୱର, ୨୨।୭(ଅନୁରାଧା ମହାରଣା)**

ସଂସଦରେ 'ଅର୍ଥନୈତିକ ସମୀକ୍ଷା ୨୦୨୩-୨୪' ଉପସ୍ଥାପନ କରି କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ଚତୁର୍ଥ ଶିଳ୍ପ ବିପ୍ଳବ ବିଶ୍ୱର ଶ୍ରମ ବଜାରକୁ ବ୍ୟାଘାତ ଏବଂ କ୍ରମାଗତ ଭାବରେ ପରିବର୍ତ୍ତନ କରୁଛି ଏବଂ ଭାରତ ମଧ୍ୟ ଏହାର ପରିବର୍ତ୍ତନରୁ ବର୍ତ୍ତିବ ନାହିଁ। ରିପୋର୍ଟ ମୁତାବକ ଶ୍ରମଶକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୩୦ ସୁଦ୍ଧା ଭାରତୀୟ ଅର୍ଥନୀତି ବାର୍ଷିକ ହାରାହାରି ୭୮.୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ଆବଶ୍ୟକ। ଏଥିପାଇଁ ୫ ବର୍ଷରେ ୬୦ ଲକ୍ଷ ନିଯୁକ୍ତି ସୃଷ୍ଟି, ମିତ୍ର ଟେକ୍ସଟାଇଲ ସ୍କିମ ଅଧୀନରେ ୨୦ ଲକ୍ଷ ନିଯୁକ୍ତି ସୃଷ୍ଟି, ମୁଦ୍ରା ଆଦି ଯୋଜନାଗୁଡିକୁ ପରିପୂର୍ଣ୍ଣ କରିବାର ପରିସର ରହିଛି। ନ୍ୟାଶନାଲ ଲେବର ଫୋର୍ସ ସର୍ଭେ ତଥ୍ୟକୁ ଆଧାର କରି ନୀତି ଆୟୋଗଙ୍କ ସୂଚନାନୁସାରେ, ୨୦୨୦-୨୧ ମସିହାରେ ୭୭ ଲକ୍ଷ (୭.୭ ନିୟୁତ) ଶ୍ରମିକ ଗିଗ ଇକୋନୋମିରେ ନିୟୋଜିତ ହୋଇଥିଲେ ଏବଂ ଅର୍ଥନୈତିକ ସର୍ଭେ ୨୦୨୩-୨୪ ଅନୁଯାୟୀ, ୨.୩୫% ଗିଗ୍ ୱାର୍କଫୋର୍ସ ଆଶା କରାଯାଉଛି। ୨୦୨୯-୩୦ ସୁଦ୍ଧା ନିଯୁକ୍ତି ସୃଷ୍ଟି ଦ୍ୱାରା ଏହା ୨.୩୫ କୋଟି ଟଙ୍କାକୁ ବୃଦ୍ଧି ହୋଇପାରେ। ୨୦୨୯-୩୦ ସୁଦ୍ଧା କୃଷକମାନେ ଅଣ କୃଷି ଶ୍ରମିକଙ୍କ ୬.୭% କିମ୍ବା ଭାରତରେ ମୋଟ ଜୀବିକାର ୪.୧% ସୃଷ୍ଟି କରିବେ ବୋଲି ଆଶା କରାଯାଉଛି। ସେହିପରି ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ ଦିଗ ହେଉଛି ସବୁଜ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରି ସବୁଜ ଶକ୍ତି ବିକଳ୍ପକୁ ପରିବର୍ତ୍ତନ କରି ଏହାର ପ୍ରଭାବ ହ୍ରାସ କରିବାକୁ ପ୍ରୟାସ କରାଯାଉଛି। ତେବେ ଆର୍ଥିକବର୍ଷ ୨୦୨୩-୨୪ ରେ ଭାରତର ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ୧୫ ବର୍ଷ ମଧ୍ୟରେ ସର୍ବାଧିକ ରହିଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଏଥିରେ କୁହାଯାଇଛି ଯେ ପୁଞ୍ଜି ଏବଂ ଶ୍ରମ ନିଯୁକ୍ତି ମଧ୍ୟରେ ସନ୍ତୁଳନ ସ୍ଥାପନ କରିବା ବ୍ୟବସାୟର ଦାୟିତ୍ୱ ରହିଛି। ଅନ୍ୟପଟେ ଭାରତ ଏକ କୃଷିଭିତ୍ତିକ ସମୃଦ୍ଧ ଦେଶ ହୋଇଥିବାରୁ ଏହାର ବିଭିନ୍ନ ଏଗ୍ରୋ-ଜଳବାୟୁ ଜୋନ ଦ୍ୱାରା ଦିଆଯାଉଥିବା ଉତ୍ପାଦର ପରିସରକୁ ଉପଯୋଗ କରିପାରିବ ଏବଂ ବହୁ ସଂଖ୍ୟାରେ ଗ୍ରାମୀଣ ଶ୍ରମିକ ସୃଷ୍ଟି କରିପାରିବ। ସେହିପରି କୃଷି ଏବଂ ସହଯୋଗୀ ଶିଳ୍ପଗୁଡିକ ଗ୍ରାମୀଣ ଅର୍ଥନୀତିର ମୂଳଦୁଆ ହୋଇଥିବାରୁ ନିଯୁକ୍ତି ସୃଷ୍ଟି ପାଇଁ ଏହି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିବା ଜରୁରୀ ଅଟେ। ଶ୍ରମ, ଲଜିଷ୍ଟିକ୍ସ, କ୍ରେଡିଟ ଏବଂ ମାର୍କେଟିଂ ପାଇଁ ମେଗା ଫୁଡ ପାର୍କ, ସ୍କିଲ ଇଣ୍ଡିଆ, ମୁଦ୍ରା, ଗୋଟିଏ ଜିଲା-ଏକ ଉତ୍ପାଦ ଇତ୍ୟାଦି ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି କ୍ଷେତ୍ର ଉପକୃତ ହୋଇପାରିବ ବୋଲି ଆଶା କରାଯାଉଛି।




# ଦିନିକିଆ ବାୟୋମେଡିକାଲ ଆଣ୍ଡ ରିସର୍ଚ୍ଚ ୱାର୍କଶପ




**ଭୁବନେଶ୍ୱର,୨୨।୭ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ସରକାରୀ ପ୍ରତିଷ୍ଠାନ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ବା ପିଆର୍ଏମ୍ଏମ୍ସିଏଚ୍ ବାରିପଦା ଏବଂ ଆଇସିଏମ୍ଆର୍-ଆର୍ଏମ୍ଆର୍ସି ଭୁବନେଶ୍ୱରର ମିଳିତ ସହଭାଗିତାରେ ଏକ ଦିନିକିଆ କର୍ମଶାଳା 'ବାୟୋମେଡିକାଲ ଆଣ୍ଡ ରିସର୍ଚ୍ଚ' ଶୀର୍ଷକ ଆଲୋଚନା ଚକ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ପିଆର୍ଏମ୍ଏମ୍ସିଏଚ୍ର ଡିନ୍ ପ୍ରଫେସର ଡା. ପ୍ରତିଭା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ହସ୍ପିଟାଲର ଫାର୍ମାକୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରୀତି ଦାସ ଏବଂ ସର୍ଜରି ବିଭାଗର ମୁଖ୍ୟ ଡା. ଏଲ୍. ଭି. ଗୌରୀ ପ୍ରମୁଖ ସହଯୋଗ କରିଥିଲେ। ଏତଦ୍ବ୍ୟତୀତ ଆଇସିଏମଆର୍-ଆରଏମ୍ଆର୍ସି ଭୁବନେଶ୍ୱରର ଡା. ସିଦ୍ଧାର୍ଥ ଗିରି ଓ ଡା. ଜୟା ସିଂହ ଖତ୍ରିଙ୍କ ସମେତ ଏମ୍ସ ଭୁବନେଶ୍ୱରର ଡା. ଅରବିନ୍ଦ କୁମାର ଏବଂ ପିଆରଏମ୍ଏମ୍ସିଏଚର ପ୍ରଫେସର ଡା. ପ୍ରୀତି ଦାସ ପ୍ରମୁଖ ଜୈବ ଚିକିତ୍ସା ଓ ଗବେଷଣା ତଥା ଔଷଧ ଏବଂ ଚିକିତ୍ସାଳୟ ପରୀକ୍ଷଣ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ଏହି କର୍ମଶାଳା ପିଆର୍ଏମ୍ଏମସିଏଚ୍ର ଫାର୍ମାକୋଲୋଜି ଏବଂ ବହୁମୁଖୀ ଗବେଷଣା ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଇଥିଲା। ଅପରପକ୍ଷରେ ପିଆର୍ଏମ୍ଏମସିଏଚ୍ର ଅଧୀକ୍ଷକ ପ୍ରଫେସର ଡା. ରବୀନ୍ଦ୍ର କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ଛାତ୍ରୀଛାତ୍ରଙ୍କ ସହ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଅନ୍ୟମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଡ୍ରିମ୍ସରେ ଏଆଇଏମ୍ଏସ୍ର ରାଜ୍ୟ ସମ୍ମିଳନୀ

**ଭୁବନେଶ୍ୱର,୨୨।୭ (ଅଭୟ ଦାଶ)**

ଆସୋସିଏଶନ୍ ଅଫ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ସ୍କୁଲ(ଏଆଇଏମ୍ଏସ୍)ର ଓଡ଼ିଶା ରାଜ୍ୟ ଶାଖାର ଏକ ଦିନିକିଆ ସମ୍ମିଳନୀ ଓ ଆଲୋଚନାଚକ୍ର ସୋମବାର କଟକର ଟାଙ୍ଗିସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏଆଇଏମ୍ଏସ ଦ୍ୱାରା 'ଗବେଷଣା ଓ ପ୍ରକାଶନର ସାମ୍ପ୍ରତିକ ଧାରା ଏବଂ ଦୃଷ୍ଟିକୋଣ'ଶୀର୍ଷକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି,ଶୈକ୍ଷିକ ଅଭିମୁଖୀକରଣ ଆଧାରିତ ଏହି ଆଲୋଚନା ଚକ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ବିଜ୍ନେସ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ଡ.ପଦ୍ମଲିତା ରାଉତରାୟ ଏବଂ ଶ୍ରୀ ଶ୍ରୀ ୟୁନିଭର୍ସିଟି ମ୍ୟାନେଜମେଣ୍ଟ ଷ୍ଟଡିଜ୍ର ଡିନ୍ ଡ.ଦୀନ୍ଦୟାଲ ସ୍ୱାଇଁ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ମ୍ୟାନେଜମେଣ୍ଟ ଶିକ୍ଷା ଓ ଗବେଷଣା ଏବଂ ପ୍ରକାଶନର ଧାରା ସହିତ ସମାଜ ପାଇଁ ଏହାର ଉପଯୋଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏଆଇଏମ୍ଏସ୍ର ଓଡ଼ିଶା ଶାଖା ସମ୍ପାଦକ ଇଂ. ସରୋଜ କୁମାର ସାହୁ ସମ୍ମିଳନୀର ଆଭିମୁଖ୍ୟ ଓ ବିବରଣୀ ଉପସ୍ଥାପନ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ ସମ୍ମିଳନୀକୁ ନିମନ୍ତ୍ରିତ ଅତିଥି, ବକ୍ତା ଓ ଏଆଇଏମ୍ଏସର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏଆଇଏମ୍ଏସ୍ର ଉପାଧ୍ୟକ୍ଷ ପ୍ରଫେସର ଅନୁପ ସାମନ୍ତରାୟ ଉକ୍ତ ସମ୍ମିଳନୀର ସଫଳ ଆୟୋଜନ ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥଙ୍କୁ ପ୍ରତିଷ୍ଠାନ ପକ୍ଷରୁ ସାଧୁବାଦ ଜଣାଇବା ସହ ସମ୍ବର୍ଦ୍ଧିତ କରାଯାଥିଲା। ଡ୍ରିମ୍ସ ସ୍କୁଲ ଅଫ୍ ମ୍ୟାଜେମେଣ୍ଟର ଡିନ୍ ଡ. ଶ୍ରୀତା ଭୋଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ପ୍ରାଧ୍ୟାପିକା ଡ.ଶ୍ୱେତପଦ୍ମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ଡ.ହିମାଂଶୁ ଭୂଷଣ ଗୋଚ୍ଛାୟତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୨୨।୭ (ଅଭୟ ଦାଶ)**

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୦୦ (୧୦୦.୨୪) ପଏଣ୍ଟ କମି ୮୦,୫୦୪(୮୦,୫୦୪.୪୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୪୨ (୪୨.୧୫) ପଏଣ୍ଟ ହ୍ରାସ ଘଟି ୨୪,୪୮୯(୨୪,୪୮୮.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## Birthday Wish



**Divyashree Debarchana**
(DD, Guduni, Dhana)
"HAPPY BIRTHDAY" DD. May God bless you abundantly with love, peace, joy and good health forever. Bou& Maa with lots of love, hugs and kisses.....
Bou-Minakumari, Maa-Binapani.
Khandagiri Bari, Bhubaneswar
ଧ-୮୨୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍ ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍ ନଂ.-୧୫୬୬/୨୦୧୮

ଶ୍ରୀମତୀ ପ୍ରଣତୀ ହରିଚନ୍ଦନ ....ବାଦୀ
ବନାମ
ଭାଗ୍ୟଧର ବେହେରା ଏବଂ ଅନ୍ୟମାନେ ....ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୩। ବିଦ୍ୟାଧର ବେହେରା, ପିତା- ସ୍ୱର୍ଗତ କନ୍ଦୁରୀ ବେହେରା, ସା/ପୋଷ୍ଟ- ସିଜୁପୁଟ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ୪। ଲମ୍ବୋଦର ନନ୍ଦ, ପିତା- ସ୍ୱର୍ଗତ ରଘୁନାଥ ନନ୍ଦ, ୫। ଫକିର ଚରଣ ବେହେରା, ପିତା- ଅର୍ଜୁନ ବେହେରା ଉଭୟଙ୍କର ସା/ପୋଷ୍ଟ- ଘାଟିକିଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.- ୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.- ୩ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୭।୦୮।୨୪ ଦିବା ୩:୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଶଙ୍କରପୁର, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.- ୧୦୯, ସାବକ ପ୍ଲଟ୍ ନଂ.-୭୨, ଏରିଆ- ଏ୦.୦୫୫ଡି., ସବ୍-ପ୍ଲଟ୍ ନଂ.-୬୩, ହାଲ୍ ଖାତା ନଂ.-୫୬୮, ହାଲ୍ ପ୍ଲଟ୍ ନଂ.- ୨୧୨୭, ୨୧୨୮, ୨୧୩୦, ଏରିଆ- ଏ୦.୦୦୬ଡି., ଏ୦.୦୨୦ଡି., ଏ୦.୦୦୩ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୮୧୦

# Classified Everyday 0674-2580101, 2549949



## REAL ESTATE
### SALE

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାଡି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 I D-75977

30ft. Road, Boundary, Gharabari plot sale, East College, Nakhara. 9776866520. D-75978

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-812

Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226. D-756




Monalisa Massage Club: All types body massage with hiprofile smart lady rooms service available. 9708545108. D-811

Relax refreshment body massage therapy by experience lady therapist. 7008773793. D-76133

Fully relaxed body massage trained therapist. Central SPA. 9556483961. D-75763

Relax, refresh your body, mind by expert therapist. Contact: 9938843929. D-768

## AFFIDAVIT

I, Hitherto known as SANTOSH HARIJAN S/o- PARADESHI HARIJANA, employed as Mahanadi Coalfields Ltd., Kulda OCP, Basundhara Area, R/o- 64D, Athagharia R Kadopali Bundia Colony Kudopali R Kudanpali, Jharsuguda, Odisha-768225, have changed my name and shall hereafter be SANTOSH KUMAR. D-813

By virtue of an affidavit sworn before Notary Public, Cuttack dated 11th July 2024, I, BAIKUNTHA KUMAR SAHOO, Address- HIG B/106, Phase-3, Stage-B, Kalinga Vihar, Chhend, Rourkela (M), Dist.- Sundergarh, PIN-769015 declare that I have changed my name from "T.P. BAIKUNTHA KUMAR SAHOO". to BAIKUNTHA KUMAR SAHOO. Henceforth, I shall be known as "BAIKUNTHA KUMAR SAHOO" for all purposes. D-824

I, Ramesh Chandra Behera alias Gopal Behera(39), S/o– Akshay Behera, Vill/P.O.- Korua, P.S.- Dhusuri, Dist.- Bhadrak. In my LIC Policy bearing No.- 586548618 mentioned my nick name Ramesh Chandra Behera. But my actual name is Gopal Behera as per Aadhaar Card. I declare that Ramesh Chandra Behera and Gopal Behera same and one person. D-821

By affidavit before the Executive Magistrate, Malkangiri, I, Vemula Sai Priya, Aged about 20 years, D/o- Vemula Shankar Rao, Permanent resident of Village Satyamguda, Malkangiri, Post/P.S./ Dist.- Malkangiri to state that my name is wrongly mentioned in National Savings Certificate as A. Sai Priya of Mukhya Dak Ghar, Malkangiri. That, A. SAI PRIYA and VEMULA SAI PRIYA is one and same person i.e. myself.
Deponent D-822

By affidavit before the Executive Magistrate, Malkangiri, I, Vemula Maunika, Aged about 22 years, D/o- Vemula Shankar Rao, Permanent resident of Village Satyamguda, Malkangiri, Post/P.S./ Dist.- Malkangiri to state that my name is wrongly mentioned in National Savings Certificate as A. Maunika of Mukhya Dak Ghar, Malkangiri. That, A. MAUNIKA and VEMULA MAUNIKA is one and same person i.e. myself.
Deponent D-823

## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରମାକାନ୍ତ ସାହୁ**
ଜଗନ୍ନାଥ ପ୍ରସାଦ, ସମ୍ବଲପୁର
ଆବିର୍ଭାବ : ୦୧.୧୦.୧୯୫୧
ତିରୋଧାନ : ୧୪.୦୭.୨୦୧୪
(ଶ୍ରାବଣ ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୮୧୬

### ଦଶମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରଜନୀକାନ୍ତ ସାହୁ**
ଜଗନ୍ନାଥ ପ୍ରସାଦ, ସମ୍ବଲପୁର
ଆବିର୍ଭାବ : ୦୨.୦୪.୧୯୬୩
ତିରୋଧାନ : ୧୪.୦୭.୨୦୧୪
(ଶ୍ରାବଣ ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୮୧୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଭଗବାନ ରାଉତ**
ଖଟଖୁରା, କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ: ୦୮।୦୪।୧୯୫୩
ତିରୋଧାନ: ୨୩।୦୭।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନ ଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ଶ୍ରୀଜଗନ୍ନାଥ ତୁମ ପବିତ୍ର ଆତ୍ମାଙ୍କୁ ଶାନ୍ତି ଦିଅନ୍ତୁ।
ତୁମର ହତଭାଗା ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ଢୁଗୁ, ଚିଣ୍ଟୁ, ରାଉତ ପରିବାର ଓ ବନ୍ଧୁ, ପରିବାରବର୍ଗ।
ଧ-୭୫୪୪୦

### ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପ୍ରଭାତ କୁମାର ବେହେରା (ଶିକ୍ଷକ)**
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
କଡ଼ାମଲ୍ଲ, ବାଙ୍କୀ, କଟକ
ଆବିର୍ଭାବ: ୦୮।୦୨।୧୯୮୨
ତିରୋଧାନ: ୦୨।୦୮।୨୦୧୫
ଚାହୁଁ ଚାହୁଁ ଆପଣ ଧରାପୃଷ୍ଠ ଛାଡ଼ିଯିବାର ନଅ ବର୍ଷ ବିତିଗଲାଣି। ପ୍ରତି ମୁହୂର୍ତ୍ତ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ଆପଣଙ୍କ ଅଦୃଶ୍ୟ ହାତର ଆଶୀର୍ବାଦ ଆମ ମଥା ଉପରେ ସେମିତି ଝରି ପଡୁଥାଉ। ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର: ଆଦରର ପତ୍ନୀ: ସବିତା, ଝିଅ: ଶୁଭସ୍ମିତା, ଭଉଣୀ: ଲିପା ଏବଂ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୮୧୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ



**୰ ଡାଃ. ଅମ୍ବିକା ପ୍ରସାଦ ମହାନ୍ତି**
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ। ତୁମର ପବିତ୍ର ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର
ଶ୍ରଦ୍ଧାଞ୍ଜଳି ସହ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୮୧୫

### ଏକାଦଶାହ ଉପଲକ୍ଷେ



**୰ ଜଗତମୋହନ ପଟ୍ଟନାୟକ**
ତିଗିରିଆ, କଟକ
ଆବିର୍ଭାବ : ୦୫/୦୩/୧୯୪୮
ତିରୋଧାନ : ୧୩/୦୭/୨୦୨୪
ତୁମକୁ ହରାଇ ଆମେ ଆଜି ନିଃସ୍ୱ। ପ୍ରତିମୁହୂର୍ତ୍ତରେ ତୁମକୁ ଅନୁଭବ କରୁଛୁ। ତୁମ ପବିତ୍ର ଆତ୍ମାର ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ : ପତ୍ନୀ-ସରୋଜିନୀ, ପୁତ୍ର-ସୁଦୀପ୍ତ, ମିହିର, ଅଶିତ, ପ୍ରଦୀପ, ସ୍ୱରୂପ, ସୋଭନ, ଦେବାଶିଷ ଏବଂ ପଟ୍ଟନାୟକ ପରିବାର
ଧ-୮୧୪

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚିକନକରୀ ଫ୍ୟାଶନ

ଯଦିଓ ଚିକନକରୀ ଲକ୍ଷ୍ନୌର ଏକ ପାରମ୍ପରିକ ପୋଷାକ, ହେଲେ ଏହାର ଡିମାଣ୍ଡ ସବୁଠାରେ ରହିଛି । ଏହାର ବିଭିନ୍ନ ରଙ୍ଗ ସାଙ୍ଗକୁ ଭଳିକି ଭଳି ଡିଜାଇନର ଆଉଟ୍‌ଫିଟ୍ ସବୁବେଳେ ଟ୍ରେଣ୍ଡରେ ରହିଛି। ଯଦି ଆପଣଙ୍କୁ ବି ଚିକନକରୀ ପିନ୍ଧିବାକୁ ଭଲ ଲାଗେ ତେବେ ନିଜ ଆଉଟ୍‌ଫିଟ୍‌କୁ ଅଧିକ ଆଟ୍ରାକ୍ଟିଭ୍ କରିବା ପାଇଁ ଜାଣିରଖନ୍ତୁ ଟିପ୍ସ...



- ଚିକନ୍‌କରୀ କୁର୍ତ୍ତୀ ସହ ଲେଗିଙ୍ଗ୍ସ ବଦଳରେ ପ୍ଲାଜୋ କିମ୍ବା ଧୋତି ପ୍ୟାଣ୍ଟ ପିନ୍ଧିଲେ ଷ୍ଟାଇଲିଶ ଲୁକ୍ ମିଳିବ।
- ଫର୍ମାଲ କିମ୍ବା ଷ୍ଟ୍ରେଟ୍ ପ୍ୟାଣ୍ଟ ସହ ଏହାକୁ ପେୟାରକଲେ ଖୁବ୍ ସୁନ୍ଦର ଲାଗିଥାଏ।
- ଚିକନ୍‌କରୀ କୁର୍ତ୍ତୀ ସହିତ ସିଲ୍‌ଭର ଜୁଏଲେରି, ଚାନ୍ଦବାଲୀ ଇୟରିଂ ଏଲିଗାଣ୍ଟ ଲୁକ୍ ଦେଇଥାଏ।
- ଅଫିସ୍ ଆଉଟ୍‌ଫିଟ୍ ହେଉକି କାଜୁଆଲ୍ ଆଉଟିଂ ପାଇଁ ଚିକନ୍‌କରୀ ଟପ୍ ସବୁଠୁ ଭଲ ଅପ୍ସନ। ଏହାକୁ ଡେନିମ୍ ଜିନ୍ସ, ଲାଇଟ୍ କଲର ଫର୍ମାଲ ପ୍ୟାଣ୍ଟ ସହ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲାଗିବେ।
- ହ୍ୱାଇଟ୍ କଲର ଚିକନ୍‌କରୀ ଡ୍ରେସ୍ ସହିତ ସିଲ୍‌ଭର, ଅକ୍ସିଡାଇଜଡ୍, ମଲ୍ଟିକଲର ଜଙ୍କ୍ କିମ୍ବା ଟ୍ରାଇବାଲ୍ ଜୁଏଲେରି ପିନ୍ଧନ୍ତୁ ଖୁବ୍ ସୁନ୍ଦର ଲାଗିବେ।
- ଚିକନ୍‌କରୀ କୁର୍ତ୍ତୀ ଏବଂ ପ୍ଲାଜୋ ସେଟ୍ ସହ ଗ୍ଲାଡିଏଟର ସ୍ୟାଣ୍ଡାଲ, ସ୍ଲିଙ୍ଗ୍ ବ୍ୟାଗ୍ ବ୍ୟବହାର କଲେ ଫ୍ୟାଶନେବଲ ଲାଗିବେ।
- ମନେରଖନ୍ତୁଚିକନ୍‌କରୀ ଡ୍ରେସ୍ ସହ ଅଧିକ ପ୍ରିଣ୍ଟେଡ୍ ପ୍ୟାଣ୍ଟ କିମ୍ବା ଦୁପଟା ପେୟାରକଲେ ଭଲ ଲାଗି ନ ଥାଏ।

# ମଶା ଦାଉରୁ ରକ୍ଷା



ବର୍ଷାଦିନେ ମଶାଙ୍କ ସଂଖ୍ୟା ବଢ଼ିଯାଏ ଏବଂ ମ୍ୟାଲେରିଆ, ଡେଙ୍ଗୁ, ଚିକେନଗୁନିଆ ଭଳି ରୋଗ ବ୍ୟାପିବା ଆଶଙ୍କା ବଢ଼ିଯାଏ। ତେଣୁ ଏ ଦିନେ କେତେକ ଦିଗ ପ୍ରତି ସଚେତନ ରହିବା ଦ୍ୱାରା ନିଜ ସହ ପରିବାରକୁ ମଶାଙ୍କ ଦାଉରୁ ସୁରକ୍ଷା ପ୍ରଦାନ କରିପାରିବେ...

- ମଶାମାନେ ସାଧାରଣତଃ ଓଦା ଓ ଅପରିଷ୍କାର ସ୍ଥାନରେ ଅଣ୍ଡା ଦିଅନ୍ତି। ତେଣୁ ବର୍ଷାଦିନେ ମଶା ବଂଶ ବିସ୍ତାର ନ ହେବା ଲାଗି ଘର ଭିତରୁ ଆରମ୍ଭକରି ବାହାର ତଥା ଆଖପାଖ ସ୍ଥାନକୁ ଭଲଭାବେ ସଫା ରଖନ୍ତୁ।
- ଏଦିନେ ଘର ଭିତରେ ଫୁଲକୁଣ୍ଡ ରଖନ୍ତୁ ନାହିଁ। ଯଦି ବାଲ୍‌କୋନିରେ ଫୁଲକୁଣ୍ଡ ରଖିଛନ୍ତି ତେବେ ନିୟମିତ ରୂପେ ମଶାମରା ଔଷଧ ସ୍ପ୍ରେ କରନ୍ତୁ।
- ଘର ପାଖରେ କିମ୍ବା ଛାତ ଉପରେ କୌଣସି ଡବା, ନଡ଼ିଆ ଶଢ଼େଇ, ଗାଡ଼ିର ଟାୟାର ଆଦିରେ ପାଣି ଜମିଥିଲେ ତାକୁ ସଫାକରନ୍ତୁ। ଅନ୍ୟ କୌଣସି ସ୍ଥାନରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- ମଶା ଅଧିକ ହେଉଥିଲେ ଶୋଇବା ବେଳେ ମଶାରି ଟାଙ୍ଗିବାକୁ ଆଦୌ ଭୁଲନ୍ତୁ ନାହିଁ। ସେହିପରି କବାଟ ଏବଂ ଝରକାରେ ନେଟ୍ ଲଗାନ୍ତୁ।
- ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଫୁଲ୍ ସ୍ଲିଭ୍ ଡ୍ରେସ୍ ପିନ୍ଧନ୍ତୁ। ଆବଶ୍ୟକ ସ୍ଥଳେ ଦେହରେ ମସ୍କିଟୋ ରିପେଲାଣ୍ଟ ସ୍ପ୍ରେ କିମ୍ବା ଲୋଶନ ଲଗାନ୍ତୁ।
- ଯଦି ଆଖପାଖ ଅଞ୍ଚଳରେ ମଶାଜନିତ କୌଣସି ରୋଗ ବ୍ୟାପୁଥାଏ ତେବେ ଜରୁରୀ କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ।
- ପିଲାମାନଙ୍କୁ ମଧ୍ୟ ପାର୍କ କିମ୍ବା ମଶା ହେଉଥିବା ଭଳି ଖେଳ ପଡ଼ିଆକୁ ନିଅନ୍ତୁ ନାହିଁ।

# ଅଫିସ୍‌ରେ ନିଦ....



କର୍ମଜୀବୀ ମହିଳାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ଏତେ ସହଜ ନୁହେଁ। କାରଣ ସେମାନଙ୍କୁ ଘର ସହ ଅଫିସ୍ କାର୍ଯ୍ୟ ମଧ୍ୟ ଠିକ୍ ଭାବେ ତୁଲାଇବାକୁ ହୋଇଥାଏ। ହେଲେ କେବେ କେବେ ଘର କାମ ଚାପରେ ଥକିପଡ଼ିଥିବାରୁ ଅଫିସ୍‌ରେ ଆସିଯାଏ ନିଦ। ଏହା ନା କେବଳ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ବରଂ ଏଥିପାଇଁ କେବେ ସମୟ ଭିତରେ କାମ ସାରିବା କଷ୍ଟ ହୁଏ ତ ଆଉ କେବେ ସହକର୍ମୀଙ୍କ ଗହଣରେ ପରିହାସର ପାତ୍ର ହେବାକୁ ପଡ଼ିଥାଏ। ଏଭଳି ସମସ୍ୟାଠୁ ଦୂରେଇ ରହିବା ଲାଗି କେତେକ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...

ଜଣେ କର୍ମଜୀବୀ ମହିଳାଙ୍କ ଉପରେ ଥାଏ ଉଭୟ ପରିବାର ଏବଂ ଅଫିସ୍ କାର୍ଯ୍ୟର ଭାର। ଏଥିପାଇଁ ଅନେକ ସମୟରେ ଥକା ଲାଗିବା ସହ ଆଖିକୁ ନିଦ ଚାଲିଆସେ। ହେଲେ ଏହି ନିଦ ଯଦି ଅଫିସ୍‌ରେ ଆସେ ତେବେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ଏମିତିରେ କେତେକ ଦିଗ ପ୍ରତି ବିଶେଷ ଧ୍ୟାନଦେଲେ ଶରୀରକୁ ଥକା ନ ଲାଗିବା ସହ ଉଭୟ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇବା ସହଜ ହୋଇପାରିବ...

**ସକାଳ ଜଳଖିଆ ଗୁରୁତ୍ୱପୂର୍ଣ୍ଣ:** ଯେହେତୁ କର୍ମଜୀବୀ ମହିଳାଙ୍କୁ ଅଳ୍ପ ସମୟରେ ଅଧିକ କାମ କରିବାର ଚାପ ଥିବାରୁ ଅନେକେ ସକାଳୁ ଘର କାମ ସାରି ସକାଳ ଜଳଖିଆ ନ ଖାଇ ତରବର ହୋଇ ଅଫିସ ଚାଲିଯାଆନ୍ତି। ହେଲେ ଶରୀରକୁ ଆବଶ୍ୟକ ମାତ୍ରାରେ ଏନର୍ଜି ନ ମିଳିଲେ ମଧ୍ୟ ଶରୀର ଥକା ଅନୁଭବ କରିଥାଏ ଏବଂ କାମ କରିବା ସମୟରେ ନିଦ ଆସିଥାଏ। ତେଣୁ ସକାଳ ଜଳଖିଆ ଭଲ ଭାବେ ଖାଇବା ନିହାତି ଆବଶ୍ୟକ। ହେଲେ ମଧ୍ୟାହ୍ନ ଖାଦ୍ୟକୁ ଯଥାସମ୍ଭବ ହାଲୁକା ଏବଂ ପୁଷ୍ଟିକର କରିବାକୁ ଚେଷ୍ଟା କରନ୍ତୁ।

**ଟାଇମ୍ ଟେବୁଲ କରନ୍ତୁ:** ନିଜ ଦୈନନ୍ଦିନର ପ୍ରତ୍ୟେକ କାର୍ଯ୍ୟ ପାଇଁ ଏକ ଟାଇମ୍ ଟେବୁଲ ପ୍ରସ୍ତୁତ କରିନେଲେ କାହା ପରେ କେଉଁ କାମ କରିବା ଚିନ୍ତା କରିବାକୁ ପଡ଼ି ନ ଥାଏ କିମ୍ବା ଭୁଲ୍‌ବଶତଃ କେଉଁ ଜରୁରୀ କାମ ବାକି ମଧ୍ୟ ରହିଯାଇ ନ ଥାଏ। ଫଳରେ ନିଜ ଖାଇବା ଓ ଶୋଇବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥାଏ। ଏହାଦ୍ୱାରା ଅଫିସ୍‌ରେ କାମ କରିବା ବେଳେ ନିଦ ଆସିବା ବଦଳରେ ଆକ୍ଟିଭ୍ ଲାଗିଥାଏ।

**ଶୋଇବା ସମୟ ଠିକ୍ ରଖନ୍ତୁ:** ରାତିରେ ଭଲ ନିଦ ନ ହେବା କିମ୍ବା କମ୍ ସମୟ ଶୋଇବା ମଧ୍ୟ ଅଫିସ୍‌ରେ ନିଦ ଲାଗିବାର ଏକ କାରଣ। ତେଣୁ ଦୈନିକ ଶୋଇବା ଏବଂ ଉଠିବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ନିର୍ଦ୍ଧାରିତ ସମୟରେ କେଉଁ ସବୁ କାର୍ଯ୍ୟ ଏକ ସଙ୍ଗେ କରି ହେବ ଦେଖନ୍ତୁ। ବିଶେଷକରି ଘରେ ଛୋଟ ପିଲା ଥିଲେ ସେମାନଙ୍କ କାମରେ ଅଧିକ ସମୟ ଲାଗିଥାଏ। ତେଣୁ ଏ ପରିସ୍ଥିତିରେ ମଲ୍ଟି ଟାସ୍କିଂ ହେଲେ ହିଁ କାମ ସାରି ପର୍ଯ୍ୟାପ୍ତ ନିଦ୍ରା ନେବାକୁ ସମୟ ପାଇପାରିବେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଧିକ ରାତିଯାଏ ଟିଭି, ଲାପ୍‌ଟପ୍, ମୋବାଇଲରେ ବ୍ୟସ୍ତ ନ ରହି ଶୀଘ୍ର ଶୁଅନ୍ତୁ। ଏହାଦ୍ୱାରା ଶୀଘ୍ର ଉଠି ଯଥା ସମୟରେ ଘର କାମ ସାରି ଅଫିସ୍‌ରେ କାର୍ଯ୍ୟ କରିବା ଲାଗି ଫୁର୍ତ୍ତି ଯୋଗାଇବ।

**ଯୋଗ ଓ ବ୍ୟାୟାମ:** ଯେତେ କାମର ଚାପ ଥାଉ ନା କାହିଁକି ପ୍ରତିଦିନ କିଛି ସମୟ ଯୋଗ ଏବଂ ବ୍ୟାୟାମ ଅଭ୍ୟାସ କରନ୍ତୁ। ଏହାଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଫିଟ୍ ରଖିବା ସହ ଅଫିସ୍‌ରେ ଅଳସୁଆ ନ ଲାଗି କାମ କରିବା ଲାଗି ଉର୍ଜା ଯୋଗାଇବ।

**ଏମିତି ଦୂରାନ୍ତୁ ନିଦ: ଅଫିସ୍‌ରେ କାମ କରିବା ବେଳେ ଯଦି କୌଣସି କାରଣରୁ ନିଦ ଲାଗୁଛି ତେବେ ଏହାକୁ ଦୂରକରିବା ଲାଗି କେତୋଟି ସାଧାରଣ ଉପାୟ ଆପଣାଇପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ...**

- କାମ ବେଳେ ନିଦ ଦୂରକରିବା ଲାଗି ପାଣି ପିଇବା ସବୁଠୁ ସହଜ ଓ ଭଲ ଉପାୟ। କାରଣ ଶରୀରରେ ପାଣିର ମାତ୍ରା କମ୍ ହେଲେ ମଧ୍ୟ ମସ୍ତିଷ୍କକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ପହଞ୍ଚିପାରେ ନାହିଁ । ଫଳରେ ହାଇ ଏବଂ ନିଦ ଆସେ।
- ତଥାପି ନିଦ ଲାଗୁଥିଲେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ନ ରହି କିଛି ସମୟ ଉକ୍ତ ସ୍ଥାନରୁ ଉଠି ଯାଆନ୍ତୁ। ମୁହଁକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। କିଛି ହାଲୁକା ଜଳଖିଆ ବା ସ୍ନାକ୍ସ ଖାଇଲେ ବି ନିଦ ଛାଡିଯିବ।
- ବସିବାର ସ୍ଥିତି ମଧ୍ୟ ନିଦ ଆସିବା ପାଇଁ କେତେକାଂଶରେ ଦାୟୀ। ତେଣୁ ଅଳସୁଆ ବା ମାନ୍ଦା ଲାଗିବା ମାତ୍ରେ ଆରାମଦାୟକ ପୋଜିଶନ୍‌ରେ ନ ବସି ସିଧା ହୋଇ ବସନ୍ତୁ।
- ଅଫିସ୍‌ରେ କ୍ୟାଣ୍ଟିନ୍ ଥିଲେ ନଚେତ୍ ପାଖରେ ଦୋକାନ ଥିଲେ ଚା' କିମ୍ବା କଫି ପିଇ ପାରିବେ। ଏହାଦ୍ୱାରା ମୁଡ୍ ଫ୍ରେଶ୍ ଲାଗିବ ଏବଂ ନିଦ ଛାଡ଼ିଯିବ। ହେଲେ ଏହାକୁ ଅଭ୍ୟାସରେ ପରିଣତ କରିବା ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ।
- ବ୍ୟାଗ୍‌ରେ ଚକ୍‌ଲେଟ୍ ବା ଚୁଇଙ୍ଗମ୍ ରଖନ୍ତୁ। ନିଦ ଆସିବା ମାତ୍ରେ ଏଥିରୁ ଗୋଟିଏ ପାଟିରେ ପକାଇଲେ ସଙ୍ଗେ ସଙ୍ଗେ ନିଦ ଛାଡ଼ିଯିବ।
- ନିଦ ଲାଗୁଥିଲେ ୧୦–୧୫ ମିନିଟ୍‌ର ବିରତି ନେଇ ମୋବାଇଲରେ କିଛି କାମ କରିପାରିବେ କିମ୍ବା ଭିଡିଓ ଦେଖିପାରିବେ। ଏହାଦ୍ୱାରା ନିଦରୁ ଧ୍ୟାନ ଦୂରହୋଇ ମସ୍ତିଷ୍କ ଆକ୍ଟିଭ୍ ହୋଇ କାମରେ ମନ ଲାଗିବ। ମନେରଖନ୍ତୁ, ଅଫିସ୍‌ରେ ଆବଶ୍ୟକରୁ ଅଧିକ ସମୟ ମୋବାଇଲ୍ ବ୍ୟବହାର ବି ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।







## ଏମାନେ କ'ଣ କୁହନ୍ତି



**ନର୍ମଦା ଜେନା(ଶିକ୍ଷୟିତ୍ରୀ, ଫୁଲନଖରା, କଟକ)–** ଦୈନନ୍ଦିନ କାର୍ଯ୍ୟବ୍ୟସ୍ତତା ଭିତରେ ଶରୀର ଥକିଯିବା ଆଉ ଏଥିପାଇଁ କେବେ କେବେ ଦିନ ବେଳା ବି ନିଦ ଲାଗିବା ଏକ ସାଧାରଣ କଥା। ହେଲେ ସ୍କୁଲ୍‌ରେ ପିଲାଙ୍କୁ ପଢାଇବା ବେଳେ ଯେପରି ନିଦ ନ ଆସେ ଅବା ଅଜାଣତରେ ପିଲାଙ୍କୁ ଭୁଲ୍ ପାଠ ନ ପଢାଇ ଦିଏ ସେଥିପାଇଁ ବିଶେଷ ସଜାଗ ରହିଥାଏ। ସବୁ କାମ ଭିତରେ ନିଜକୁ ଫିଟ୍ ରଖିବା ଲାଗି ରାତିରେ ଠିକ୍ ସମୟରେ ଶୋଇବା, ସନ୍ତୁଳିତ ଖାଦ୍ୟ ଖାଇବା ଆଦିରେ ଅବହେଳା କରେନାହିଁ। ପ୍ରତିଦିନ ଅତି କମ୍‌ରେ ଅଧ ଘଣ୍ଟା ଯୋଗ କରିଥାଏ। ତଥାପି କେବେ ସ୍କୁଲ୍‌ରେ ସାମାନ୍ୟ ନିଦ ଆସିଲେ ଏହାକୁ ଦୂର କରିବା ଲାଗି ତୁରନ୍ତ ଉଠି ଟିକେ ଚାଲିଥାଏ, ପାଣି ପିଇଥାଏ ଏବଂ ଆବଶ୍ୟକସ୍ଥଳେ ଚା କିମ୍ବା କଫି ପିଇଥାଏ।



**ରୋଜାଲିନ୍ ସେନାପତି(କର୍ମଜୀବୀ, ଭୁବନେଶ୍ୱର)–** ଶରୀରକୁ ସୁସ୍ଥ ଓ ଆକ୍ଟିଭ୍ ରଖିବା ଲାଗି ସୁଷମ ଖାଦ୍ୟ ସହ ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ନେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ରାତିରେ ଭଲ ଭାବେ ନିଦ ହୋଇଥିଲେ ଦିନରେ ଅଫିସ୍‌ରେ କାମ କରିବା ବେଳେ ଏନର୍ଜେଟିକ୍ ଫିଲ୍ ହୋଇଥାଏ। ହେଲେ ଝିଅ ଛୋଟ ହୋଇଥିବାରୁ ତା'ପାଇଁ ଦିନେ ଦିନେ ରାତି ଅନିଦ୍ରା ହେବାକୁ ପଡେ। ଆଉ ଦିନରେ ନିଦ ଆସିବା ଯୋଗୁ ଅଫିସ୍ କାମରେ ଯେପରି କୌଣସି ଅବହେଳା ନ ହୁଏ ସେଥିପାଇଁ ବ୍ୟାଗ୍‌ରେ କିଛି ଚକ୍‌ଲେଟ୍, ଲାଇଟ୍ ସ୍ନାକ୍ସ ରଖିଥାଏ। ମଝିରେ ମଝିରେ ପାଣି ପିଇବା ସହ କ୍ୟାମ୍ପସ୍ ଭିତରେ ଅଳ୍ପ ଚଲାବୁଲା କରେ ଏବଂ ସହକର୍ମୀଙ୍କ ସହ କିଛି ସମୟ ଗପସପ କରେ।

## ସୌନ୍ଦର୍ଯ୍ୟ

# ତ୍ୱଚାର ଯତ୍ନ ପାଇଁ ତେଲ



ବାରମ୍ବାର ବର୍ଷାପାଣି ପଡ଼ିଲେ କେବେ କେବେ ତ୍ୱଚା ଏବଂ କେଶରେ ବ୍ୟାକ୍ଟେରିଆଲ ଏବଂ ଫଙ୍ଗାଲ ଇନ୍‌ଫେକ୍ସନ ସମସ୍ୟା ଦେଖାଦିଏ। ହେଲେ କେତେକ ପ୍ରାକୃତିକ ତେଲର ବ୍ୟବହାର ଦ୍ୱାରା ଏଭଳି ସମସ୍ୟା ଦୂରକରି ତ୍ୱଚାକୁ ସୁନ୍ଦର ଓ ସୁସ୍ଥ ରଖିହେବ। ଜାଣିରଖନ୍ତୁ ଏହା ସମ୍ପର୍କରେ...

**କୋକୋନଟ୍ ଅଏଲ:** ତ୍ୱଚା ହେଉ ଅବା କେଶ ପାଇଁ ନଡ଼ିଆ ତେଲ ସବୁଠୁ ଭଲ। ଏଥିରେ ଭରି ରହିଛି ଆଣ୍ଟି–ବ୍ୟାକ୍ଟେରିଆଲ, ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଯାହାକି ବର୍ଷାଦିନେ ଉପୁଜୁଥିବା ବିଭିନ୍ନ ସମସ୍ୟାଠାରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିଥାଏ। ଏହା ଏକ ପ୍ରାକୃତିକ ଉପାୟରେ ତ୍ୱଚାକୁ ମଶ୍ଚରାଇଜ୍ ରଖିବାରେ ସାହାଯ୍ୟକରେ। ଘରେ ପ୍ରସ୍ତୁତ ରନ୍ଧା ନଡ଼ିଆତେଲ ଏଥିପାଇଁ ସବୁଠୁ ବେଷ୍ଟ।

**ଟି ଟ୍ରି ଅଏଲ :** ଏହି ତେଲ ବ୍ରଣ, ଦାଗ ଆଦି ସମସ୍ୟା ଦୂରକରିବାରେ ଯେତିକି ସାହାଯ୍ୟକରେ କେଶକୁ ମଜଭୁତ କରିବାରେ ମଧ୍ୟ ସେତିକି ସାହାଯ୍ୟ କରିଥାଏ। ଏହାକୁ କେଶରେ ଲଗାଇବା ଦ୍ୱାରା ରୁପି ଏବଂ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ। ଏହାକୁ ଅଧିକ ଫଳପ୍ରଦ କରିବା ଲାଗି ଏଥିରେ କିଛି ବୁନ୍ଦା ଜୋଜୋବା ଅଏଲ୍ ମଧ୍ୟ ମିଶାଇପାରିବେ।

**କଶ୍ମୀରୀ ଲାଭେଣ୍ଡର ଅଏଲ:** ଏହି ତେଲରେ ଭରିରହିଛି ଉଭୟ ଆଣ୍ଟିଫଙ୍ଗାଲ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ; ଯାହାକି ବିଭିନ୍ନ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଦୂରକରିବାରେ ସାହାଯ୍ୟ କରିଥାଏ। ଏହାର ମିଠା ସୁଗନ୍ଧ ମୁଡ୍ ଫ୍ରେସ୍ ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ସେରମ୍, ଫେସ୍ ଅଏଲ, କ୍ରିମ୍‌ରେ ଏହି ତେଲ କିଛି ବୁନ୍ଦା ମିଶାଇ ଲଗାଇବା ଦ୍ୱାରା କଳା ଦାଗ, ଛାଇ ଦାଗ ଦୂରକରି ତ୍ୱଚାକୁ ସୁନ୍ଦର ଏବଂ ଗ୍ଲୋଇଂ କରିବାରେ ସାହାଯ୍ୟକରେ।

**ପୋମୋଗ୍ରାନେଟ୍ ଅଏଲ:** ବର୍ଷାଦିନେ ଅନେକଙ୍କ କେଶ ବାରମ୍ବାର ପାଣି ସଂସ୍ପର୍ଶରେ ଆସିବା ଯୋଗୁ ଶୁଷ୍କ ଲାଗିବା ସହ ଏହାର ଚମକ କମିଯାଏ। ଏମିତିରେ ଏହି ତେଲ ଆପଣଙ୍କ ଲାଗି ବେଶ୍ ଉପକାରୀ ହୋଇପାରିବ। ଏହାକୁ ଆଙ୍ଗୁଳି ଟିପ ସାହାଯ୍ୟରେ କେଶ ମୂଳରେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ତେଲ କେଶ ମୂଳରେ ଭଲ ଭାବେ ଭେଦିଗଲେ ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇଦିଅନ୍ତୁ। ମନେରଖନ୍ତୁ, ତେଲକୁ କେଶରେ ଲଗାଇ ଆଦୌ ରଗଡ଼ନ୍ତୁ ନାହିଁ।

**ଜୋଜୋବା ଅଏଲ:** ଏହାକୁ ଲଗାଇବା ଲାଗି ପ୍ରଥମେ କିଛି ବୁନ୍ଦା ତେଲକୁ ଦୁଇ ପାପୁଲିରେ ଭଲ ଭାବେ ଘଷନ୍ତୁ ଏବଂ ତେଲ ଗରମ ଲାଗିଲେ ଏହାକୁ ମୁହଁରେ ସାର୍କୁଲାର ମୋଶନରେ ହାଲୁକା ମସାଜ କରନ୍ତୁ। ଏହା ତ୍ୱଚାକୁ କୋମଳ, ବେଦାଗ ଏବଂ ଗ୍ଲୋଇଂ କରିବା ସହ ବ୍ରଣ ସମସ୍ୟା ଦୂରକରିଥାଏ।



## ଖାଦ୍ୟରୁଚି

# ଚଟ୍‌ପଟା ଛୋଲେ ଚାଟ୍

**ଆବଶ୍ୟକ ସାମଗ୍ରୀ:** ଛୋଲେ(ବୁଟ) ୨କପ୍, ଅଧା ଚାମଚ କଶ୍ମୀର ଲଙ୍କା, ଅଧା ଚାମଚ ଜିରା ପାଉଡର, ୧ ଚାମଚ କଟା ଧନିଆପତ୍ର, ଅଧା ଚାମଚ ଚାଟ୍ ମସଲା, ୨ ଚାମଚ ତେନ୍ତୁଳି ରସ, ୨ ଚାମଚ ଲେଖାଏ କଟା ପିଆଜ, ଟମାଟୋ, କାକୁଡ଼ି, ୨ଟି ମଧ୍ୟମ ଆକାରର ସିଝା ଆଳୁ , ୧ଟି ଛୋଟ କଟାହୋଇଥିବା କଞ୍ଚାଲଙ୍କା, ଛଣା ସେଓ ଗାଣ୍ଠିଆ, ୧ ଚାମଚ ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ବୁଟକୁ ୨–୩ ଘଣ୍ଟା ଭିଜାଇଦିଅନ୍ତୁ। ଏହାକୁ ପାଣି ଓ ଆବଶ୍ୟକ ଲୁଣ ଦେଇ ସିଝାଇ ଦିଅନ୍ତୁ। ସିଝା ଆଳୁକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଚୁଲାରେ ପ୍ୟାନ୍ ବସାଇ ତେଲ ପକାନ୍ତୁ । ତେଲ ଗରମ ହୋଇଗଲେ କଟା ପିଆଜ ପକାଇ ଲାଲ୍‌ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ କଟା ଧନିଆପତ୍ର, ଟମାଟୋ, ଲଙ୍କା, ଜିରା ପାଉଡର ପକାଇ ଭାଜନ୍ତୁ। ବର୍ତ୍ତମାନ ସିଝା ଆଳୁ ପକାଇ ଘାଣ୍ଟନ୍ତୁ। ଅଳ୍ପ ପାଣି ଓ ତେନ୍ତୁଳି ରସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଆବଶ୍ୟକ ମାତ୍ରାରେ ଲୁଣ, ଚାଟ ମସଲା ପକାଇ ଗୋଳାନ୍ତୁ। ଭଲ ଭାବେ ମିଶିଗଲା ପରେ ଚୁଲା ବନ୍ଦକରି ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଏହା ଉପରେ କଟାହୋଇଥିବା ପିଆଜ, କାକୁଡ଼ି ଏବଂ ସେଓ ଗାଣ୍ଠିଆ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ଛୋଲେ ଚାଟ୍। ବର୍ଷାଦିନିଆ ଥଣ୍ଡା ପାଗରେ ଏହାକୁ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୩/୨୦୨୪ Bhubaneswar, Tuesday, July 23/ 2024

# ପ୍ରଥମ ଭାରତୀୟ ଭାବେ ଓସିଏ ମୁଖ୍ୟ ହେବେ ରଣଧୀର

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**

ଭେଟେରାନ କ୍ରୀଡ଼ା ପ୍ରଶାସକ ରଣଧୀର ସିଂ ପ୍ରଥମ ଭାରତୀୟ ଭାବେ ଅଲିମ୍ପିକ କାଉନ୍ସିଲ ଅଫ୍ ଏସିଆ (ଓସିଏ)ର ମୁଖ୍ୟ ପଦବୀ ଅଳଙ୍କୃତ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୮ରେ ଏହି ପଦବୀ ପାଇଁ ହେବାକୁଥିବା ନିର୍ବାଚନ ଲାଗି ସେ ଏକମାତ୍ର ପ୍ରାର୍ଥୀ ରହିଛନ୍ତି। ୭୭ ବର୍ଷୀୟ ରଣଧୀର ଅନ୍ତର୍ଜାତୀୟ ଅଲିମ୍ପିକ କାଉନ୍ସିଲର ଜଣେ ପୂର୍ବତନ ସଦସ୍ୟ। ଭାରତୀୟ ଅଲିମ୍ପିକ ଆସୋସିଏଶନର ସେ ପୂର୍ବତନ ସେକ୍ରେଟାରୀ ଜେନେରାଲ। କଣ୍ଟିନେଣ୍ଟାଲ ସ୍ପୋର୍ଟ୍ସ ଆପେକ୍ସ ବଡିର ସେ ବର୍ତ୍ତମାନ କାର୍ଯ୍ୟକାରୀ ମୁଖ୍ୟ ଅଛନ୍ତି। ଓସିଏ ନିର୍ବାଚନ କମିଶନ ଆସନ୍ତା ସେପ୍ଟେମ୍ବର ୮ରେ ଓସିଏ ଜେନେରାଲ ଆସେମ୍ବ୍ଲିରେ ବିଧିବଦ୍ଧ ଭାବେ ରଣଧୀର ନିର୍ବାଚିତ ବୋଲି ଘୋଷଣା କରିବେ।

# ଶୁଭ୍ରାଂଶୁଙ୍କୁ ଏନ୍‌ଓସି ଦେଲା ଓସିଏ

**ଭୁବନେଶ୍ୱର, ୨୨।୭ (ତପନ ସ୍ୱାଇଁ)**

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ପ୍ରଥମଶ୍ରେଣୀ କ୍ରିକେଟ ଖେଳାଳି ଶୁଭ୍ରାଂଶୁ ସେନାପତି ଆଗାମୀ ସିଜନରେ ବାହାର ରାଜ୍ୟରୁ ଘରୋଇ କ୍ରିକେଟ ଖେଳିବା ପଥ ପରିଷ୍କାର ହୋଇଛି। ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ତାଙ୍କୁ ଏନ୍‌ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ) ପ୍ରଦାନ କରାଯାଇଛି। ଫଳରେ ସେ ଆଗାମୀ ସିଜନରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ''ମଧ୍ୟପ୍ରଦେଶ ଓ ବିଦର୍ଭ ଆଦି କେତେକ ବାହାର ଆସୋସିଏଶନରୁ ମୋତେ ଅଫର ମିଳିଛି। ଏହାକୁ ମୁଁ ଏକ ଚ୍ୟାଲେଞ୍ଜଭାବେ ନେଉଛି। ବାହାର ରାଜ୍ୟରୁ ଖେଳିବା ନିଷ୍ପତ୍ତି ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ'' ବୋଲି ଗୋଟିଏ ଦିନ ପୂର୍ବରୁ ଶୁଭ୍ରାଂଶୁ ପ୍ରକାଶ କରିଥିଲେ। କୌଣସି ଖେଳାଳି ବାହାର ରାଜ୍ୟରୁ ଖେଳିବାକୁ ଚାହିଁଲେ ଘରୋଇ ଆସୋସିଏଶନରୁ ଏନ୍‌ଓସି ଆଣିବା ବାଧ୍ୟତାମୂଳକ ହୋଇଥାଏ। ଓସିଏ ପକ୍ଷରୁ ତାଙ୍କୁ ଏନ୍‌ଓସି ପ୍ରଦାନ କରାଯିବା ସହ ଭବିଷ୍ୟତରେ ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଫଳରେ ଶୁଭ୍ରାଂଶୁ ଏବେ ଯେ କୌଣସି ରାଜ୍ୟ ଏବଂ ଆସୋସିଏଶନ ପକ୍ଷରୁ ଖେଳିପାରିବେ। ଶୁଭ୍ରାଂଶୁ ୨୦୧୬-୧୭ ସିଜନରେ ଓଡ଼ିଶା ପକ୍ଷରୁ ରଣଜୀ ଟ୍ରଫିରେ ଡେବ୍ୟୁ କରିଥିଲେ। ସେହିବର୍ଷ ସେ ଆନ୍ତଃ ରାଜ୍ୟ ଟି୨୦ ଟୁର୍ନାମେଣ୍ଟରେ ଟି୨୦ ଏବଂ ବିଜୟ ହଜାରେ ଟ୍ରଫିରେ ଲିଷ୍ଟ-ଏ ପଦାର୍ପଣ କରିଥିଲେ।

**ପୂର୍ବାଞ୍ଚଳ ସବ୍‌ଜୁନିୟର ହକି**

# ଓଡ଼ିଶା ବାଳିକା, ବାଳକ ଦଳ ଘୋଷିତ

**ଭୁବନେଶ୍ୱର, ୨୨।୭ (ତପନ ସ୍ୱାଇଁ)**

ଗୁଆହାଟୀରେ ହେବାକୁଥିବା ପୂର୍ବାଞ୍ଚଳ ସବ୍‌ଜୁନିୟର ହକି ପ୍ରତିଯୋଗିତା ପାଇଁ ସୋମବାର ଓଡ଼ିଶା ବାଳିକା ଓ ବାଳକ ହକିଦଳ ଘୋଷଣା କରାଯାଇଛି। ଚଳିତ ମାସ ୨୪ରୁ ୩୧ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଯୁବ ହକି ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଓଡ଼ିଶା ବାଳିକା ଦଳ ବେଙ୍ଗଲ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସୁଜିତ ଲାକ୍ରା ବାଳିକା ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ଓଡ଼ିଶା ବାଳକ ଦଳ ଏହି ପ୍ରତିଯୋଗିତାରେ ବେଙ୍ଗଲ, ଆସାମ, ମଣିପୁର, ଝାଡ଼ଖଣ୍ଡ ଓ ବିହାର ସହିତ ମୁକାବିଲା କରିବ। ପ୍ରଫୁଲ୍ଲ ତିର୍କୀ ଦଳର ମୁଖ୍ୟ କୋଚ୍ ଅଛନ୍ତି।

**ଓଡ଼ିଶା ବାଳିକା ଦଳ:** ଗୋଲକିପର୍ସ- ପ୍ରିୟାଂଶୀ ମିଞ୍ଜ୍, କରିଷ୍ମା ଓରାମ। ଡିଫେଣ୍ଡର୍ସ: ଆଶିକା ସମଦ, ସୁଦୀପା ବା, ନିକିତା ବାର୍ଲା, ଅର୍ମିତା ତିର୍କୀ, ସଞ୍ଜନା କୁଜୁର, କିରନ ଏକ୍କା। ମିଡ୍‌ଫିଲ୍ଡର୍ସ: ଆନନ୍ଦିନୀ କେର୍କେଟା, ରୁବିନା ବାଖଲା, ସୋନିମା ଗୌଡ଼, ଖୁସବୁ କୁଜୁର, ଗୀତା ଲାକ୍ରା। ଫରୱାର୍ଡ୍ସ: ସଞ୍ଜନା କିରୋ, ପ୍ରିୟଙ୍କା ମିଞ୍ଜ, ଏଲିନା ବୁର୍, ରଶ୍ମି କୁଜୁର, ସ୍ୱିଟି କୁଜୁର।

**ଓଡ଼ିଶା ବାଳକ ଦଳ:** ଗୋଲକିପର୍ସ- ଶୁଭମ୍ ନାଏକ, ଜଗଦୀପ ବାର୍ଲା। ଡିଫେଣ୍ଡର୍ସ: ଦିଲୀପ ହେମ୍ବ୍ରମ, ସେଲେଷ୍ଟିନ ଏକ୍କା, ଅମନଦୀପ ଡାଙ୍ଗ, ଲେଲସନ ମିଞ୍ଜ, ରୋହିତ ଏକ୍କା, ନିଶାନ୍ତ କୁଜୁର। ମିଡ୍‌ଫିଲ୍ଡର୍ସ-ଅସିତ ମାଝି, ମିଥଲେସ କେର୍କେଟା, ଦିବିତ ମାଡ୍‌କି, ରଞ୍ଜିତ କେର୍କେଟା, ଅର୍ମାନ ସୋରେଙ୍ଗ। ଫରୱାର୍ଡ୍ସ: ସୁବୋଧ ଲାକ୍ରା, ଅକଲେଶ୍ ଲାକ୍ରା, ମନଦୀପ କେର୍କେଟା, ସଞ୍ଜିତ ରାଜ ଲାକ୍ରା, ସଲମାନ ଲାକ୍ରା।

# ୨୦୨୭ ପାଇଁ ଆବଶ୍ୟକ ରୋହିତ, କୋହଲି



ଖବରଦାତା ସମ୍ମିଳନୀରେ ଗୌତମ ଗମ୍ଭୀର ଓ ଅଜିତ ଅଗରକର।

**ମୁମ୍ବାଇ, ୨୨।୭ (ପି.ଟି.)**

ଭାରତୀୟ ଦଳର ମୁଖ୍ୟ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସହ ସୋମବାର ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଷୟକୁ ନେଇ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତର ଦେବା ସହ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ରୋହିତ ଶର୍ମା ଓ ବିରାଟ କୋହଲି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି କହିଛନ୍ତି ଗମ୍ଭୀର। ଉଭୟ ଖେଳାଳି ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇ ସାରିଛନ୍ତି। ତେଣୁ ଉଭୟ ଖେଳାଳିଙ୍କୁ ସେ ସମସ୍ତ ଦିନିକିଆ ଓ ଟେଷ୍ଟ ମ୍ୟାଚ୍ ଖେଳୁଥିବାର ଦେଖିବାକୁ ଚାହୁଁଛନ୍ତି। ୨୦୨୭ ବେଳକୁ ଫର୍ମ ଓ ଫିଟନେସକୁ ଦେଖି ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ଗମ୍ଭୀର କହିଛନ୍ତି। ଶ୍ରୀଲଙ୍କା ସିରିଜ୍ ପାଇଁ ଉଭୟ ଖେଳାଳିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି। ଆସନ୍ତା ଚାମ୍ପିୟନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ଏହି ଟିମ୍ ଘୋଷଣା କରାଯାଇଛି। ସେହିପରି ୱାର୍କଲୋଡ ମ୍ୟାନେଜମେଣ୍ଟ ଜରିଆରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଫିଟ୍ ରଖିବା ତାଙ୍କର ମୁଖ୍ୟ ଚ୍ୟାଲେଞ୍ଜ ବୋଲି ଗମ୍ଭୀର କହିଛନ୍ତି। ଟି୨୦ ଟିମରୁ ସିନିୟର ଖେଳାଳି ମାନେ ଅବସର ନେଇଥିବା ବେଳେ ଟି୨୦ ଦଳ ବର୍ତ୍ତମାନ ଟ୍ରାଞ୍ଜିସନ ପର୍ଯ୍ୟାୟରେ ରହିଛି। ତେବେ ଦିନିକିଆ ଓ ଟେଷ୍ଟରେ ଅଧିକ ସ୍ଥିର ପ୍ରଦର୍ଶନ ଉପରେ ଧ୍ୟାନ ରହିବ ବୋଲି ଗମ୍ଭୀର କହିଛନ୍ତି।

ଫିଟନେସ୍ ପାଇଁ କ୍ୟାପଟେନ୍ସି ହରାଇଲେ ହାର୍ଦ୍ଦିକ: ଟି୨୦ ଦଳରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ କରାଯାଇଥିବା ବେଳେ ଏହାକୁ ନେଇ ସ୍ପଷ୍ଟୀକରଣ ଦେଇଥିଲେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର। ହାର୍ଦ୍ଦିକଙ୍କ ଫିଟନେସ କାରଣରୁ ସେ ନିୟମିତ ଭାରତୀୟ ଦଳର ଅଂଶ ରହିବା ସମ୍ଭବ ନୁହେଁ ତେଣୁ ସୂର୍ଯ୍ୟକୁମାରଙ୍କୁ ଅଧିନାୟକ କରିବାକୁ ନିଷ୍ପତ୍ତି ନିଆଗଲା ବୋଲି ଅଗରକର ମତ ରଖିଥିଲେ। ତେବେ ହାର୍ଦ୍ଦିକ ଭାରତ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ବୋଲି ସେ କହିଛନ୍ତି। ସେହିପରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଶ୍ରୀଲଙ୍କା ସିରିଜରୁ ବିଶ୍ରାମ ଦିଆଯାଇଛି ବୋଲି ଅଗରକର କହିଛନ୍ତି।

## କୋହଲିଙ୍କ ସହ ସମ୍ପର୍କ ବ୍ୟକ୍ତିଗତ: ଗମ୍ଭୀର

ଭାରତୀୟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହେବା ପରେ ଗୌତମ ଗମ୍ଭୀର ପ୍ରଥମ ଥର ସିନିୟର ଖେଳାଳି ବିରାଟ କୋହଲିଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି। କୋହଲିଙ୍କ ସହ ତାଙ୍କ ସମ୍ପର୍କ ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ଏହା ଆମ ଦୁଇ ଜଣଙ୍କ ମଧ୍ୟରେ ରହିବା ଉଚିତ୍ ଟିଭି ଚ୍ୟାନେଲର ଟିଆରପି ପାଇଁ ଏହାର ବ୍ୟବହାର ଠିକ୍ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି। ତେବେ ଭାରତର ପ୍ରତିନିଧିତ୍ୱ କରିବା ସମୟରେ ଉଭୟ ଏକ ହୋଇ ନିଷ୍ପତ୍ତି ନେବେ ବୋଲି ଗମ୍ଭୀର କହିଛନ୍ତି। ସୋମବାର ଶ୍ରୀଲଙ୍କା ଗସ୍ତ ପୂର୍ବରୁ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ଗମ୍ଭୀର। ଏହି ଅବସରରେ ବିଭିନ୍ନ ବିଷୟକୁ ନେଇ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତର ଦେଇଥିଲେ। ଆଇପିଏଲ୍‌ରେ ଗମ୍ଭୀର-କୋହଲିଙ୍କ ମଧ୍ୟରେ ବିବାଦ ବେଶ ଚର୍ଚ୍ଚାରେ ରହିଥିଲା। ଗମ୍ଭୀର ଭାରତୀୟ ଦଳର କୋଚ୍ ଦାୟିତ୍ୱ ସମ୍ଭାଳିବା ପରେ ପ୍ରଥମ ଥର ପାଇଁ ବିରାଟ କୋହଲି ତାଙ୍କ ଅଧୀନରେ ଖେଳିବାକୁ ଯାଉଛନ୍ତି। ଆସନ୍ତା ୨୭ ତାରିଖରୁ ଶ୍ରୀଲଙ୍କା ବିପକ୍ଷ ସିରିଜ ପାଇଁ ଉଭୟ ଏକତ୍ର କାମ କରିବାକୁ ଯାଉଛନ୍ତି।

ଗଣମାଧ୍ୟମର ଟିଆର୍‌ପି ପାଇଁ ଏହା ଏକ ରୋଚକ ଖବର। ତେବେ କୋହଲିଙ୍କ ସହ ମୋର ସମ୍ପର୍କ ସମ୍ପୂର୍ଣ୍ଣ ଠିକ୍ ରହିଛି। ୨ ଜଣ ଅଭିଜ୍ଞ ବ୍ୟକ୍ତି ଯେଉଁ ଭଳି ପରସ୍ପର ସହ ସମ୍ପର୍କ ରଖନ୍ତି କୋହଲି ଓ ମୋ ସମ୍ପର୍କ ଠିକ୍ ସେମିତି ବୋଲି କହିଛନ୍ତି ଗମ୍ଭୀର। ଆଇପିଏଲରେ ବିବାଦକୁ ନେଇ ଗମ୍ଭୀର କହିଥିଲେ 'ପିନ୍ଧିଥିବା ଜର୍ସିକୁ ଜିତାଇବାକୁ ଲଢ଼ିବାର ଅଧିକାର ସମସ୍ତ ଖେଳାଳିଙ୍କ ପାଖରେ ରହିଛି ଓ ସମସ୍ତେ ଏକ ବିଜୟୀ ଡ୍ରେସିଂ ରୁମ୍‌ର ଅଂଶ ହେବାକୁ ଚାହାନ୍ତି'। ମାତ୍ର ବର୍ତ୍ତମାନ ଆମେ କୌଣସି ଫ୍ରାଞ୍ଚାଇଜର ନୁହେଁ ବରଂ ୧୪୦ କୋଟି ଭାରତୀୟଙ୍କ ପ୍ରତିନିଧିତ୍ୱ କରୁଛୁ। ତେଣୁ ଏକତ୍ର ଖେଳି ଭାରତକୁ ଗର୍ବିତ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। କୋହଲିଙ୍କ ସହ ସେ କଥା ବି ହୁଅନ୍ତି ଓ ମେସେଜ୍ ମଧ୍ୟ କରନ୍ତି ତେବେ ଏହା ବ୍ୟକ୍ତିଗତ ରହିବା ଉଚିତ୍ ବୋଲି କହିଛନ୍ତି ଗମ୍ଭୀର।

ଭାରତୀୟ ଅଲରାଉଣ୍ଡର ଅଭିଷେକ ନାୟାର ଓ ନେଦରଲାଣ୍ଡର ର୍ୟାନ୍ ଟେନ୍ ଡୋଶ୍ଚାଟେ ଗମ୍ଭୀରଙ୍କ ସହକାରୀ କୋଚ୍ ରହିଛନ୍ତି। ଉଭୟ କୋଲକାତା ନାଇଟ ରାଇଡର୍ସରେ ଗମ୍ଭୀରଙ୍କ ସହ କାମ କରିଛନ୍ତି। ଶ୍ରୀଲଙ୍କା ସିରିଜ ପରେ ସମ୍ପୂର୍ଣ୍ଣ ସପୋର୍ଟ ଷ୍ଟାଫଙ୍କ ତାଲିକା ଜଣା ପଡିବ ବୋଲି ଗମ୍ଭୀର କହିଛନ୍ତି। ଏହି ଦୁଇ ଜଣଙ୍କ ବ୍ୟତୀତ ଟି. ଦିଲୀପ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଓ ସାଇରାଜ ବାହୁତୁଲେ ଅନ୍ତରୀଣ ବୋଲିଂ କୋଚ ଦାୟିତ୍ୱ ସମ୍ଭାଳିବେ।

# ଅଲିମ୍ପିକ୍ସ ପରେ ଶ୍ରୀଜେସଙ୍କ ଅବସର



**ନୂଆଦିଲ୍ଲୀ, ୨୨।୭ (ପି.ଟି.)**

ଭାରତର ଅଭିଜ୍ଞ ହକି ଗୋଲକିପର ପ୍ୟାରିସ ଅଲିମ୍ପିକ୍ସ ପରେ ଖେଳରୁ ଅବସର ନେବେ। ସେ ସୋମବାର ଏ ବିଷୟ ଘୋଷଣା କରିଛନ୍ତି। ଶ୍ରୀଜେସ ତାଙ୍କ ୧୮ ବର୍ଷର ଲମ୍ବା କ୍ୟାରିଅରରେ ଭାରତୀୟ ହକି ଦଳର ଅନେକ ଐତିହାସିକ ମୁହୂର୍ତ୍ତ ସହ ସଂଶ୍ଲିଷ୍ଟ। ୩୬ ବର୍ଷୀୟ ଏହି ଭେଟେରାନ ଖେଳାଳି ଇତି ମଧ୍ୟରେ ୩୨୮ ଅନ୍ତର୍ଜାତୀୟ ଗେମ୍ସ ଖେଳି ସାରିଛନ୍ତି। ତନ୍ମଧ୍ୟରେ ତାଙ୍କର ତିନୋଟି ଅଲିମ୍ପିକ ଗେମ୍ସ, ଏକାଧିକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ବିଶ୍ୱକପ୍ ରହିଛି। ଜୁଲାଇ ୨୬ରୁ ପ୍ୟାରିସରେ ସେ ତାଙ୍କର ଚତୁର୍ଥ ଅଲିମ୍ପିକ୍ସ ଖେଳିବେ। ପ୍ୟାରିସରେ ସେ ତାଙ୍କ ଅନ୍ତିମ ଗେମ୍ ଖେଳିବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସେ ଦେଶ ପାଇଁ ଗୌରବ ଆଣି ଫେରିବେ ବୋଲି ଦୃଢ଼ତାର ସହିତ ଆଶା ପ୍ରକାଶ କରି କହିଛନ୍ତି। ସେ କହିଛନ୍ତି, ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଏପର୍ଯ୍ୟନ୍ତ ତାଙ୍କର ସବୁଠାରୁ ବଡ଼ ସ୍ମରଣୀୟ ମୁହୂର୍ତ୍ତ ରହିଛି। ୨୦୦୬ ସାଉଥ ଏସିଆନ ଗେମ୍ସରେ ତାଙ୍କ ପଦାର୍ପଣ ପରଠାରୁ ଶ୍ରୀଜେସ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୮ ଜାକର୍ତ୍ତା-ପାଲେମବାଙ୍ଗ ଏସିଆଡ୍‌ରେ ବ୍ରୋଞ୍ଜ ପଦକ ମ୍ୟାଚରେ ଭାରତର ସ୍ମରଣୀୟ ବିଜୟରେ ତାଙ୍କର ଏକ ବଡ଼ ଭୂମିକା ରହିଛି। ସେ ଆହୁରି ମଧ୍ୟ ୨୦୧୮ରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ବିଜୟୀ ଦଳ ଏବଂ ଭୁବନେଶ୍ୱରରେ ୨୦୧୯ ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ଚାମ୍ପିୟନ ଦଳର ଅନ୍ୟତମ ସଦସ୍ୟ ଥିଲେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ବିଜୟରେ ଏହି ପ୍ରବୀଣ ଗୋଲକିପରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ପରିପ୍ରେକ୍ଷୀରେ ଭାରତର ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି, ଟୋକିଓ ଅଲିମ୍ପିକ୍ସରେ ଭାରତର ଐତିହାସିକ ବ୍ରୋଞ୍ଜ ପଦକ ହାସଲ ପଛରେ ଶ୍ରୀଜେସ ଅନ୍ୟତମ ମୁଖ୍ୟ ସ୍ଥପତି ଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ଆଉ ଏକ ପଦକ ଜିତି ଶ୍ରୀଜେସଙ୍କ ଅନ୍ତିମ ଟୁର୍ନାମେଣ୍ଟକୁ ଆମେ ସ୍ମରଣୀୟ କରିବାକୁ ଚେଷ୍ଟା କରିବୁ।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୩ ଦିନ**

# ଆମେରିକାରୁ ପୁଣି ଖେଳିବେ ଗ୍ରିନର




ୟୁଏସ୍ଏ ଜର୍ସିରେ ବ୍ରିଟନୀ ଗ୍ରିନର।

**ଫୋନିକ୍ସ (ୟୁଏସ), ୨୨।୭ (ଏପି)**

ଦିନଥିଲା ବ୍ରିଟନୀ ଗ୍ରିନର ୟୁଏସ୍ଏ ବାସ୍କେଟବଲ୍ ଜର୍ସି ପୁଣି ପିନ୍ଧିବେ ଏକଥା ତାଙ୍କ କଳ୍ପନା ବାହାରେ ଥିଲା। ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ପାଖରେ ଡ୍ରଗ୍ସ ରଖିବା ଓ ସ୍ମଗଲିଂ କରିବା ଅଭିଯୋଗରେ ୨୦୨୨ରେ ରୁଷିଆର ଏକ ବନ୍ଦୀଶାଳାରେ ଥିଲେ। ମାତ୍ର ୧୦ମାସ ପରେ ଏକ ହାଇ ପ୍ରୋଫାଇଲ ବନ୍ଦୀ ବିନିମୟରେ ସେ ଜେଲ୍‌ରୁ ଖଲାସ ହେବାପରେ ତାଙ୍କ ଦେଶ ତରଫରୁ ଖେଳିବା ପାଇଁ ସେ ପୁଣି ସୁଯୋଗ ପାଇଛନ୍ତି। ବର୍ତ୍ତମାନ ୧୯ମାସ ଅତିକ୍ରମ କରିବା ପରେ ସେ ଆମେରିକା ତରଫରୁ ପ୍ୟାରିସ ଗେମ୍ସରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ରୁଷିଆରୁ ଫେରିବା ପରେ ପ୍ରଥମ ଥର ସେ ବିଦେଶରେ ଖେଳିବାକୁ ଯାଉଛନ୍ତି। ଶନିବାର ତାଙ୍କ ଦଳ ଅଲ୍-ଷ୍ଟାର ଗେମ୍‌ରେ ଖେଳିବା ପୂର୍ବରୁ ସେ ତାଙ୍କ ଜର୍ସି ନମ୍ବର-୧୫ ୟୁଏସ୍ ପରିଧାନ କରିଥିଲେ। ଗ୍ରିନର ତାଙ୍କ ଓମେନ୍ସ ନ୍ୟାଶନାଲ ବାସ୍କେଟବଲ୍ ଆସୋସିଏଶନ (ଡବ୍ଲ୍ୟୁଏନ୍‌ବିଏ)ର ଆୟ ପାଇଁ ବାସ୍କେଟବଲ ଖେଳିବା ପାଇଁ ରୁଷିଆ ଯାଇଥିଲେ। ସେ ବର୍ଷବର୍ଷ ଧରି ଏହି କାର୍ଯ୍ୟ କରି ଆସୁଥିଲେ। ୩୩ ବର୍ଷୀୟ ଏହି ଖେଳାଳି କହିଥିଲେ, ୟୁଏସ୍ଏ ବାସ୍କେଟବଲ୍ ଯେ ପର୍ଯ୍ୟନ୍ତ ତାଙ୍କୁ ଖେଳିବା ଲାଗି ନ କହିଛି, ସେ ପର୍ଯ୍ୟନ୍ତ ସେ ଖେଳିବେ ନାହିଁ। ଗ୍ରିନର ଆମେରିକା ଦଳ ସହିତ ଖେଳିବା ପାଇଁ ବହୁ ସମୟ ଦେଇଛନ୍ତି। ବର୍ତ୍ତମାନ ସେ ଶତ ପ୍ରତିଶତ ଫିଟ୍ ଥିବା କହିଛନ୍ତି। ଜୁଲାଇ ୮ରେ ଗ୍ରୀନରଙ୍କ ସମଲିଙ୍ଗୀ ସ୍ତ୍ରୀ ଚାର୍ଲି ପୁତ୍ର ସନ୍ତାନ ବାଶକୁ ଜନ୍ମ ଦେଇଛନ୍ତି। ଗ୍ରୀନର କହିଛନ୍ତି, ଅଲିମ୍ପିକ୍ସ ପାଇଁ ତାଙ୍କୁ କିଛି ସପ୍ତାହ ସନ୍ତାନଠାରୁ ଦୂରରେ ରହିବାକୁ ପଡ଼ିବ ଯାହାକି କଷ୍ଟଦାୟକ।

# ମହିଳା ଆନ୍ତଃଜିଲା କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୨୨।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ମହିଳା ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ କଟକର ବିଭିନ୍ନ ଗ୍ରାଉଣ୍ଡରେ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୬ଟି ମ୍ୟାଚରେ ଭୁବନେଶ୍ୱର, କଟକ, କିଟ୍, ସମ୍ବଲପୁର, ଗଞ୍ଜାମ ଓ ଜଗତ୍‌ସିଂହପୁର ଦଳ ବିଜୟୀ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର ୭୮ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଭୁବନେଶ୍ୱର ୨୦ ଓଭରରେ ୩ ଉଇକେଟ ହରାଇ ୧୩୮ ରନ୍ କରିଥିବାବେଳେ ଝାରସୁଗୁଡ଼ା ୨୦ ଓଭରରେ ୯ ଉଇକେଟ ହରାଇ ୬୦ ରନ୍‌ରେ ସୀମିତ ରହିଥିଲା। ବିଜୟୀ ଦଳର ପ୍ରିୟଙ୍କା ଶ୍ରୀ ମୁଦୁଲି (୫୫) ଅର୍ଦ୍ଧଶତକ ହାସଲ କରିଥିଲେ। ବିଡ଼ାନାସୀ ପଡ଼ିଆରେ କଟକ ୧୦ ଉଇକେଟରେ ସୁନ୍ଦରଗଡ଼କୁ ହରାଇ ଦେଇଛି। ସୁନ୍ଦରଗଡ଼ ମାତ୍ର ୪୧ ରନରେ ଅଲ୍‌ଆଉଟ ହୋଇଥିବାବେଳେ କଟକ ୭.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ନିଜ ୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେଇ ମାତ୍ର ୪ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଡ୍ରିମ୍ସ ଷ୍ଟାଡିୟମରେ କିଟ୍ (୯୬/୯) ୩୯ ରନ୍‌ରେ ବାଲେଶ୍ୱର (୫୭/୭)କୁ ହରାଇଥିବାବେଳେ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ବୌଦ୍ଧକୁ ୭ ଉଇକେଟରେ ପରାସ୍ତ କରିଛି ସମ୍ବଲପୁର। ସେହିପରି ବିଡ଼ାନାସୀ ପଡ଼ିଆରେ ଗଞ୍ଜାମ ୫୦ ରନରେ ପୁରୀକୁ ଏବଂ ଡ୍ରିମ୍ସରେ ଜଗତ୍‌ସିଂହପୁର ୧୨ ରନରେ ମୟୂରଭଞ୍ଜକୁ ହରାଇ ଦେଇଛି।



ଶୁଭ୍ରା ନିର୍ଝରିଣୀ ସ୍ୱାଇଁ

# ଟୋକିଓ ରୌପ୍ୟ ବିଜେତା ଭୋନ୍ଦ୍ରୋସୋଭା ଅଲିମ୍ପିକ୍ସରୁ ଓହରିଲେ

**ପ୍ୟାରିସ, ୨୨।୭ (ଏପି):** ହାତରେ ଆଘାତପ୍ରାପ୍ତ ଯୋଗୁ ଟୋକିଓ ଅଲିମ୍ପିକ୍ସ ଟେନିସ ରୌପ୍ୟ ବିଜେତା ମାର୍କେଟା ଭୋନ୍ଦ୍ରୋସୋଭା ସୋମବାର ପ୍ୟାରିସ ଗେମ୍ସରୁ ଓହରିଯାଇଛନ୍ତି। ଚେକ୍‌ରିପବ୍ଲିକର ଏହି ୨୫ ବର୍ଷୀୟା ଖେଳାଳି ଗତ ବର୍ଷ ଅଣସିଡ ମାନ୍ୟତା ସତ୍ତ୍ୱେ ୱିମ୍ବେଲଡନ ଜିତିଥିଲେ। ଏବଂ ରୋଲାଣ୍ଡ ଗାରୋସଠାରେ ଅନୁଷ୍ଠିତ ଫ୍ରେଞ୍ଚ ଓପନରେ ରନରଅପ୍ ହୋଇଥିଲେ। ଚଳିତ ମାସରେ ସେ ୱିମ୍ବେଲଡନ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଅଲ ଇଂଲଣ୍ଡ କ୍ଲବରେ ଟାଇଟଲ ଜିତିବାର ବର୍ଷକ ପରେ ଏହି ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେବା ୧୯୯୪ ପରେ ସେ ପ୍ରଥମ ମହିଳା। ଭୋନ୍ଦ୍ରୋସୋଭା ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟରେ ଅଲିମ୍ପିକ୍ସରୁ ସେ ଓହରିଯିବା କାରଣ ସମ୍ପର୍କରେ ଦର୍ଶାଇଛନ୍ତି। ବର୍ତ୍ତମାନ ସେ ୟୁଏସ୍ ଓପନ ଉପରେ ମନୋନିବେଶ କରିବେ, ଯାହାକି ଅଗଷ୍ଟ ଶେଷ ଭାଗରେ ଆରମ୍ଭ ହେବାକୁ ଯାଉଛି।

# ଭାରତ ଆଜି ନେପାଳକୁ ଭେଟିବ

**ମହିଳା ଟି୨୦ ଏସିଆ କପ୍**

**ଦାମ୍ବୁଲା, ୨୨।୭ (ପି.ଟି.)**

ମହିଳା ଟି୨୦ କ୍ରିକେଟ ଏସିଆକପ୍‌ରେ ଭାରତ ମଙ୍ଗଳବାର ଗ୍ରୁପ୍ 'ଏ'ରେ ଏହାର ଶେଷ ମ୍ୟାଚ ନେପାଳ ବିପକ୍ଷରେ ଖେଳିବ। ଏହି କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟରେ ଭାରତ ପାକିସ୍ତାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ଏହାର ପ୍ରଥମ ଦୁଇଟି ମ୍ୟାଚ ଯଥାକ୍ରମେ ୭ ଉଇକେଟ ଏବଂ ୭୮ରନରେ ସହଜ ବିଜୟ ହାସଲ କରିସାରିଛି। ଅନ୍ୟପକ୍ଷରେ ନେପାଳ ରବିବାର ଏହାର ପୂର୍ବ ମ୍ୟାଚରେ ପାକିସ୍ତାନଠାରୁ ପରାଜିତ ହୋଇଛି। ଭାରତ ସେହି ଦିନ ୟୁଏଇ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲା। ଦଳ ମଙ୍ଗଳବାର ମ୍ୟାଚ ଜିତିଲେ ସେମିଫାଇନାଲରେ ଏହାର ସ୍ଥାନ ପକ୍କା ହୋଇଯିବ। ପାକିସ୍ତାନ ନେପାଳ ବିପକ୍ଷରେ ବିପୁଳ ବିଜୟ ସହ ନେଟ୍ ରନ ରେଟ୍‌ରେ ଉନ୍ନତି ଆଣିବା ସହ ଗ୍ରୁପ୍ 'ଏ'ରେ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଭାରତ ଅନ୍ୟ ଦଳଗୁଡ଼ିକର ପ୍ରଦର୍ଶନ ଉପରେ ନଜର ଦେଉ ନାହିଁ। ଦୁଇଟି ସହଜ ବିଜୟ ପରେ ଏହି ଧାରାକୁ ବଜାୟ ରଖି ସେମିଫାଇନାଲରେ ପ୍ରବେଶ ପାଇଁ ଲକ୍ଷ୍ୟ ରଖିଛି। ଟୁର୍ନାମେଣ୍ଟରେ ଭାରତର ଉଭୟ ବ୍ୟାଟିଂ ଓ ବୋଲିଂ ଜବରଦସ୍ତ ରହିଛି। ଏହା ମଙ୍ଗଳବାର ମ୍ୟାଚରେ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ**

# ରେଷ୍ଟ ଅଫ୍ ଓଡ଼ିଶା 'ଏ' ଚାମ୍ପିୟନ

**ଭୁବନେଶ୍ୱର, ୨୨।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲରେ ଖୋର୍ଦ୍ଧାକୁ ଡକ୍‌ୱର୍ଥ ଲୁଇସ ପଦ୍ଧତି (ଡିଏଲ୍‌ଏସ୍)ରେ ୭ ଉଇକେଟରେ ହରାଇ ରେଷ୍ଟ ଅଫ୍ ଓଡ଼ିଶା 'ଏ' ଚାମ୍ପିୟନ ହୋଇଛି। ଟସ୍‌ଜିତି ବ୍ୟାଟିଂ କରିଥିବା ଖୋର୍ଦ୍ଧା ୩୧.୪ ଓଭରରେ ୯୭ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଅମିତାଂଶୁ ମଲିକ ୮ ଓଭରରେ ମାତ୍ର ୧୮ ରନଦେଇ ୫ ଉଇକେଟ ସଫଳତା ପାଇଥିଲେ। ଗୋଗେଶ୍ୱର ବାଗ୍‌ଙ୍କୁ ୩ ଉଇକେଟ ମିଳିଥିଲା। ଜବାବରେ ରେଷ୍ଟ ଅଫ୍ ଓଡ଼ିଶା 'ଏ' ୨୭.୨ ଓଭରରେ ୩ ଉଇକେଟ ହରାଇ ୯୯ ରନ ସଂଗ୍ରହ କରି ନେଇଥିଲା। ପ୍ରୟାନ ପି. ସାମିଲ ସର୍ବାଧିକ ୩୬ ରନ କରିଥିଲେ। ପ୍ରତିଯୋଗିତାର ପ୍ରିଲିମନାରି ଲିଗ୍ ଗତ ଏପ୍ରିଲ ୧୫ରୁ ଜୁନ୍ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାପରେ ଯୋଗ୍ୟ ୧୦ ଦଳକୁ ନେଇ ସୁପରଲିଗ୍ ଖେଳା ଯାଇଥିଲା। ଏହାର ଶୀର୍ଷ ୨ ସ୍ଥାନ ଅଧିକାର କରିଥିବା ରେଷ୍ଟ ଅଫ୍ ଓଡ଼ିଶା 'ଏ' ଓ ଖୋର୍ଦ୍ଧାକୁ ନେଇ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଇ, କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ପ୍ରଧାନ, ସଦସ୍ୟ ସୁଶାନ୍ତ କୁମାର ମହାନ୍ତି ଓ ଅମିତ ବେହେରା ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିଲେ। ୧୯ ବର୍ଷରୁ କମ୍ ଦଳର କୋଚ୍ ପ୍ରଭଞ୍ଜନ ମଲିକ ଓ ଜୁନିୟର ଚୟନ କମିଟି ମୁଖ୍ୟ ନଟରାଜ ବେହେରା ଉପସ୍ଥିତ ଯୁବ ଖେଳାଳିଙ୍କୁ ମୂଲ୍ୟବାନ ପରାମର୍ଶମାନ ଦେଇଥିଲେ।




ଟ୍ରଫି ସହ ଉଲ୍ଲସିତ ରେଷ୍ଟ ଅଫ୍ ଓଡ଼ିଶା 'ଏ' ଦଳ। (ଫଟୋ: ରାଜକିଶୋର ମହାନ୍ତି)




ବଡବିଲଠାରେ ଗତ ୨୦ ଓ ୨୧ ତାରିଖ ଦୁଇଦିନଧରି ଅନୁଷ୍ଠିତ 'ଓଡ଼ିଶା କପ ପେନ୍‌ଚାକ୍ ସିଲାଟ' ପ୍ରତିଯୋଗିତାରେ ମୋଟ ୨୩ଟି ପଦକ ହାସଲ କରିଥିବା ଖୋର୍ଦ୍ଧା ଦଳ। ଏହା ମଧ୍ୟରେ ୧୦ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ସାମିଲ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ